# ସଂଚାର
THE SANCHAR

Website: sanchar.live mail Id: sanchorodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 135 ଭାଗ ୩୪ | ସଂଖ୍ୟା ୧୩୫ | Wednesday 5 August 2026 | Page 8 Rs. 5.00 | ଭୁବନେଶ୍ୱର ବୁଧବାର,୫ ଅଗଷ୍ଟ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ଏହା ବୁଝାମଣାର ଶେଷ ସୁଯୋଗ: ଟ୍ରମ୍ପ୍

ପୃଷ୍ଠା ୫

# ଦେଶକୁ ଫେରିଛନ୍ତି ୨୭୪ ପଳାତକ

## ମୋଦି ଓ ଶାହଙ୍କ ଦମ୍ଦାର ପଦକ୍ଷେପ

## ୫୦୧ ପଳାତକଙ୍କୁ ରେଡ୍ କର୍ଣ୍ଣର ନୋଟିସ

## ଦେଶରେ ଭାରତ-ପୋଲ୍‌ର ଶୁଭାରମ୍ଭ ହୋଇଛି

ନୂଆଦିଲ୍ଲୀ,୪।୮: ୨୦୧୯ରୁ ୨୦୨୬ ମଧ୍ୟରେ ୩୬ଟି ଦେଶରୁ ଭାରତ ୨୭୪ ଜଣ ପଳାତକ ଅପରାଧୀ ପ୍ରତ୍ୟର୍ପିତ ହୋଇଥିବା ମଙ୍ଗଳବାର ଗୃହ ମନ୍ତ୍ରଣାଳୟ ଘୋଷଣା କରିଛି। ଏହି ପଳାତକମାନଙ୍କ ମଧ୍ୟରେ ଆତଙ୍କବାଦୀ, ଗ୍ୟାଙ୍ଗଷ୍ଟର, ଆର୍ଥିକ ଓ ନିଶା କାରବାରକାରୀ ତଥା ହତ୍ୟା, ଦୁଷ୍କର୍ମ ଅଭିଯୁକ୍ତ ଏବଂ ମନି ଲଣ୍ଡରିଂ ନିବାରଣ ଆଇନ ଅଧୀନରେ ପଳାୟନ କରୁଥିବା ଅଭିଯୁକ୍ତମାନେ ଅନ୍ତର୍ଭୁକ୍ତ। ମନି ଲଣ୍ଡରିଂ ନିବାରଣ ଆଇନକୁ କଡ଼ାକଡ଼ି କରାଯାଇ ଗତ ୨୦୧୯ରୁ ୨୦୨୬ ମଧ୍ୟରେ ପଳାତକ ଅପରାଧୀଙ୍କ ୧୭,୮୭୪ କୋଟି ଟଙ୍କାର ସମ୍ପତ୍ତି ଜବତ କରାଯାଇଛି ବୋଲି ଆଜି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦମ୍ଦାର ନେତୃତ୍ୱ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଠୋସ୍ ପଦକ୍ଷେପରେ ଏହି ସଫଳତା ମିଳିଛି।

ରିପୋର୍ଟରେ କୁହାଯାଇଛି ଯେ ଭାରତରୁ ପଳାୟନ କରିଥିବା ଆର୍ଥିକ ଅପରାଧୀଙ୍କ ସହ ଜଡିତ ମାମଲାରେ ୧୮,୭୬୨ କୋଟି ଟଙ୍କା ଉଦ୍ଧାର କରାଯାଇଛି। ଏଥିରେ ଏହା ମଧ୍ୟ କୁହାଯାଇଛି ଯେ ୨୦୨୨ରେ ମୋଟ ୪୦ଟି ରେଡ୍ କର୍ଣ୍ଣର ନୋଟିସ୍, ୨୦୨୩ରେ ୧୦୦ଟି, ୨୦୨୪ରେ ୧୦୭ଟି, ୨୦୨୫ରେ ୧୧୨ଟି ଓ ୨୦୨୬ରେ ଅଦ୍ୟାବଧି



୧୮୨ଟି ରେଡ୍ କର୍ଣ୍ଣର ନୋଟିସ୍ ଜାରି କରାଯାଇଛି। ଏଥିମଧ୍ୟରୁ ଗତ ତିନି ବର୍ଷ ମଧ୍ୟରେ ୫୦୧ ଜଣ ପଳାତକ ଅପରାଧୀଙ୍କ ବିରୋଧରେ ରେଡ୍ କର୍ଣ୍ଣର ନୋଟିସ୍ ଜାରି କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ୨୦୦୯ରୁ ଭାରତକୁ ଫେରାଇ ଅଣାଯାଇଥିବା ୨୭୪ ଜଣ ପଳାତକଙ୍କ ମଧ୍ୟରୁ ଗତ ଜୁଲାଇ ସୁଦ୍ଧା ମୋଟ ୪୫ ଜଣ ପଳାତକଙ୍କୁ ଫେରାଇ ଅଣାଯାଇଥିଲା, ଯେତେବେଳେ ୨୦୨୫ରେ ୭୦ ଜଣ, ୨୦୨୪ରେ ୪୩ ଜଣ, ୨୦୨୩ରେ ୩୭ ଜଣ, ୨୦୨୨ରେ ୪୦ ଜଣ, ୨୦୨୧ରେ ୨୩ ଜଣ, ୨୦୨୦ରେ ୭ ଜଣ ଓ ୨୦୧୯ରେ ୯ ଜଣ ପଳାତକଙ୍କୁ ଫେରାଇ ଅଣାଯାଇଥିଲା।

ପଳାତକ ଅପରାଧୀଙ୍କ ବିରୋଧରେ ଦେଶର ରଣନୀତି ତିନୋଟି ପ୍ରମୁଖ ସ୍ତମ୍ଭ ଉପରେ ନିର୍ମିତ ହୋଇଛି ଯଥା- ବିଶ୍ୱସ୍ତରୀୟ କାର୍ଯ୍ୟାନୁଷ୍ଠାନ, ସୁଦୃଢ଼ ସମନ୍ୱୟ ଓ ସ୍ମାର୍ଟ କୂଟନୀତି। ପଳାତକ ଅପରାଧୀଙ୍କ ପ୍ରସଙ୍ଗ ଦେଶର ସାର୍ବଭୌମତ୍ୱ, ଆର୍ଥିକ ସ୍ଥିରତା, ଆଇନଶୃଙ୍ଖଳା ଏବଂ ଜାତୀୟ ପୃଷ୍ଠା-୬

### ଆସାମରେ ଛାତିଥରା କାଣ୍ଡ

# ନାବାଳିକାଙ୍କୁ ଦୁଷ୍କର୍ମ ପରେ ବର୍ବରୋଚିତ ହତ୍ୟା



## ନାବାଳକ ସମେତ ୩ ଅଭିଯୁକ୍ତ ଗିରଫ

## ସାବାଳକ ଭାବେ ବିଚାର କରିବାକୁ ପୁଲିସର ଆବେଦନ

ଗୁଆହାଟି,୪।୮: ଆସାମର ହାଇଲାକାଣ୍ଡି ଜିଲ୍ଲାରେ ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ଗଣଦୁଷ୍କର୍ମ ଓ ବୀଭତ୍ସ ଭାବେ ହତ୍ୟା କରାଯିବା ଘଟଣାରେ ଆସାମ ପୁଲିସ୍ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ବୟସ ୧୭ରୁ ୧୯ ବର୍ଷ ମଧ୍ୟରେ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ୧୭ ବର୍ଷ ୫ ମାସର ନାବାଳକ ରହିଛି। ଅପରାଧର ଭୟାବହତା ଓ ନୃଶଂସତାକୁ ଦୃଷ୍ଟିରେ ରଖି ଉକ୍ତ ନାବାଳକ ଅଭିଯୁକ୍ତକୁ ବାଳକ ପରିବର୍ତ୍ତେ ସାବାଳକ ଭାବେ ପୃଷ୍ଠା-୬

### ଆବାସିକ ବିଦ୍ୟାଳୟରେ ଫୁଡ୍ ପଏଜନିଂ

# ୯୨ ଛାତ୍ରୀ ଅସୁସ୍ଥ ପ୍ରଧାନଶିକ୍ଷୟିତ୍ରୀ ନିଲମ୍ବିତ



ମୟୂରଭଞ୍ଜ,୪।୮(ସଂଚାର ବ୍ୟୁରୋ): ଆବାସିକ ବିଦ୍ୟାଳୟ ହଷ୍ଟେଲ୍‌ରେ ବିଷ ହେଲା ଖାଦ୍ୟ। ୯୨ ଛାତ୍ରୀ ଅସୁସ୍ଥ। ଘଟଣାରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କୁ ନିଲମ୍ବିତ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାର କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟରେ ଏପରି ଅଘଟଣ ଘଟିଛି। ଏହି ଘଟଣାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ସ୍ୱରୂପ ପ୍ରଧାନଶିକ୍ଷୟିତ୍ରୀଙ୍କୁ ନିଲମ୍ବିତ କରାଯିବା ସହ ମାମଲାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ବାମନଘାଟି ସବ୍‌ଡିଭିଜନ୍ ଅଧୀନସ୍ଥ ବିଜାତଳା ବ୍ଲକ୍‌ର ସରଗଡ଼ା ଗ୍ରାମସ୍ଥିତ ଉକ୍ତ ଆବାସିକ ବିଦ୍ୟାଳୟ ହଷ୍ଟେଲ୍‌ର ଛାତ୍ରୀମାନେ ଭୋଜନ କରିବାର କିଛି ସମୟ ପରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଆକ୍ରାନ୍ତ ଛାତ୍ରୀଙ୍କ ମଧ୍ୟରୁ ଗୁରୁତର ହୋଇପଡ଼ିଥିବା ଛାତ୍ରୀମାନଙ୍କୁ ରାଇରଙ୍ଗପୁର ସବ୍‌ଡିଭିଜନାଲ୍ ହସ୍ପିଟାଲ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଏଥିସହ ଏକ ମେଡିକାଲ୍ ପୃଷ୍ଠା-୬



# ମା' କନ୍ଧୁଣୀ ଦେବୀଙ୍କ ଦର୍ଶନ କଲେ ରାଷ୍ଟ୍ରପତି

## ଅଞ୍ଚଳର ବିକାଶ ଦ୍ୱିଗୁଣିତ ହେବା ନେଇ ଆଶା

## ସ୍ୱତନ୍ତ୍ର ଟ୍ରେନରେ ବ୍ରହ୍ମପୁରରେ ପହଞ୍ଚିଲେ

ଆସିକା,୪।୮(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ଗସ୍ତରେ ଆସିଛନ୍ତି ମହାମହିମ ରାଷ୍ଟ୍ରପତି। ଭୁବନେଶ୍ୱରରୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ବ୍ରହ୍ମପୁରରେ ପହଞ୍ଚିବା ପରେ ସେଠାରୁ ସଡ଼କପଥ ଦେଇ ସାନଖେମୁଣ୍ଡି ତପ୍ତପାଣିରେ ରାଷ୍ଟ୍ରପତିଙ୍କ କାରକେଡ୍ ପହଞ୍ଚିଥିଲା। ତପ୍ତପାଣି ପାନ୍ଥ ନିବାସରେ କିଛି ସମୟ ବିଶ୍ରାମ କରିବା ପରେ ରାଷ୍ଟ୍ରପତି ଉଷ୍ମପ୍ରସ୍ରବଣରେ ସ୍ନାନ ସାରି ମା' କନ୍ଧୁଣୀ ଦେବୀ ପୀଠରେ ପହଞ୍ଚି ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଆଜି ସେ ଗୋପାଳପୁର ଗୋଲାବନ୍ଧ ଆର୍ମି ଏଡି କଲେଜରେ ରାତ୍ରିଯାପନ କରୁଛନ୍ତି। ଆସନ୍ତାକାଲି ସକାଳେ ସେ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି।

ଏହି ପବିତ୍ର ଆଦିବାସୀ ଆସ୍ଥା କେନ୍ଦ୍ରକୁ ଗସ୍ତ କରିବାରେ ସେ ଦେଶର ପ୍ରଥମ କାର୍ଯ୍ୟରତ ରାଷ୍ଟ୍ରପତି ଭାବେ ସେ ଇତିହାସ ସୃଷ୍ଟି କରିଥିବା ବେଳେ ରାଷ୍ଟ୍ରପତିଙ୍କ ଏହି ଗସ୍ତକୁ ନେଇ ଲୋକଙ୍କ ମନରେ ଉତ୍ସାହ ସୃଷ୍ଟି କରିଛି। ରାଷ୍ଟ୍ରପତିଙ୍କୁ ପାରମ୍ପରିକ ସାଂସ୍କୃତିକ ନାଚଗୀତ ମାଧ୍ୟମରେ ଅଞ୍ଚଳବାସୀ ସ୍ୱାଗତ ଜଣାଇଥିବା ବେଳେ ତାଙ୍କୁ ସ୍ୱାଗତ ଜଣାଇବା ପାଇଁ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ଆସିକା ସାଂସଦ ଓ ସାନଖେମୁଣ୍ଡି ବିଧାୟକ ମଧ୍ୟ ପହଞ୍ଚିଥିଲେ।

ରାଷ୍ଟ୍ରପତିଙ୍କୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଲୋକ ଏକାଠି ହୋଇଥିଲେ। ସମସ୍ତଙ୍କ ମନରେ ଏକ ପ୍ରକାର ଉତ୍ସାହ ଓ ଉତ୍କଣ୍ଠା ଦେଖିବାକୁ ମିଳିଥିଲା। ଅପର ପକ୍ଷରେ ରାଷ୍ଟ୍ରପତି ମା' କନ୍ଧୁଣୀ ଦେବୀ ପୀଠରେ ପୂଜାର୍ଚ୍ଚନା ସାରି ପୃଷ୍ଠା-୬

### ପାଠ୍ୟପୁସ୍ତକ ତ୍ରୁଟି ମାମଲା

# ୨୦୦ରୁ ୨୫୦ ଜଣଙ୍କର ସମ୍ପୃକ୍ତି ରହିଛି

ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ): ସ୍କୁଲ ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ କ୍ରାଇମବ୍ରାଞ୍ଚ ଟିମ୍ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ଏହି ଘଟଣାରେ ଆଜି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ଏହି ମାମଲାରେ ପ୍ରାୟ ୨୦୦ରୁ ୨୫୦ ଜଣ ବ୍ୟକ୍ତି ସମ୍ପୃକ୍ତ ଅଛନ୍ତି ବୋଲି କ୍ରାଇମବ୍ରାଞ୍ଚ ଡିଜି କହିଛନ୍ତି।

## ପ୍ରମାଣ ସଂଗ୍ରହ କରୁଛି କ୍ରାଇମବ୍ରାଞ୍ଚ

ଏହି ମାମଲାରେ ସମସ୍ତଙ୍କ ଭୂମିକା କ'ଣ ରହିଛି ତାହା ସ୍ପଷ୍ଟ ହୋଇନାହିଁ। ସେନେଇ ତରବରିଆ ଭାବେ ଆମେ କୌଣସି ପଦକ୍ଷେପ ନେବାକୁ ଚାହୁଁନାହୁଁ। ଏହି ମାମଲାରେ ଆମେ ଏକ ପ୍ରକ୍ରିୟାରେ ଯାଉଛୁ। ପୁଲିସ ଟିମ୍ ଗଠନ କରାଯାଇଛି। ସେମାନେ ଏକ ପ୍ରକ୍ରିୟାରେ ଯାଉଛନ୍ତି। ତଥ୍ୟ ଓ ପ୍ରମାଣ ସଂଗ୍ରହ କରି ତଦନ୍ତ ଜାରି ରଖିଛନ୍ତି ବୋଲି ସେ କହିଛନ୍ତି। ପୂର୍ବରୁ ଏହି ଘଟଣାରେ କ୍ରାଇମବ୍ରାଞ୍ଚ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ପୂର୍ବତନ ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀଙ୍କୁ ଗିରଫ କରିଛି। ତେବେ ଆଉ କିଛି ଅଧିକାରୀଙ୍କର ସମ୍ପୃକ୍ତି ନେଇ ସନ୍ଦେହ ବଢ଼ିଛି। କ୍ରାଇମବ୍ରାଞ୍ଚ ପୃଷ୍ଠା-୬

# ବନ୍ୟା ପରେ ସରକାରଙ୍କ ସ୍ୱାସ୍ଥ୍ୟସେବା ଓ ଦରବୃଦ୍ଧି ଚିନ୍ତା



## ଗ୍ରାଉଣ୍ଡରେ ରହିବେ ଡାକ୍ତରୀ ଟିମ୍

## ସ୍ୱାସ୍ଥ୍ୟ ସେବା ଓ ପାନୀୟ ଜଳକୁ ଫୋକସ୍

ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ): ରାଜ୍ୟରେ ବନ୍ୟା ପରିସ୍ଥିତି ଓ ବନ୍ୟା ପରବର୍ତ୍ତୀ ମରାମତି କାର୍ଯ୍ୟକୁ ନେଇ ସ୍ଥାନୀୟ ଖାରବେଳ ଭବନଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ସବୁ ବିଭାଗର ସଚିବମାନେ ଉପସ୍ଥିତ ରହି ବନ୍ୟା ପରିଚାଳନା ଓ ଉନ୍ନୟନମୂଳକ କାର୍ଯ୍ୟସୂଚୀ ଉପରେ ଆଲୋଚନା କରିଛନ୍ତି।

ବନ୍ୟା ପାଣି କମିବା ପରେ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟକୁ ତୁରନ୍ତ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ସମସ୍ତ ବିଭାଗୀୟ ସଚିବଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ସ୍ୱାସ୍ଥ୍ୟ ସେବା ଓ ବିଶୁଦ୍ଧ ପିଇବା ପାଣି ଯୋଗାଣ ଉପରେ ସର୍ବାଧିକ ଗୁରୁତ୍ୱ କୁହାଯାଇଛି। ବନ୍ୟା ପରବର୍ତ୍ତୀ ରୋଗବ୍ୟାଧି ରୋକିବା ପାଇଁ ଗ୍ରାଉଣ୍ଡ ସ୍ତରରେ ଯଥେଷ୍ଟ ସଂଖ୍ୟକ ଡାକ୍ତରୀ ଟିମ୍ ପୃଷ୍ଠା-୬

## ବଜାର ଉପରେ ନଜର ରଖିବାକୁ ଯୋଗାଣ ପ୍ରମୁଖ ସଚିବଙ୍କ ତାଗିଦ



ଭୁବନେଶ୍ୱର,୪।୮ (ସଂଚାର ବ୍ୟୁରୋ): ରାଜ୍ୟର ବନ୍ୟା ପ୍ରଭାବିତ ଜିଲ୍ଲାଗୁଡିକରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ଶୃଙ୍ଖଳ ବଜାୟ ରଖିବା ଓ ଏହାର ସହଜ ଉପଲବ୍ଧତା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଏ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପରାମର୍ଶ କ୍ରମେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସବିଶେଷ ଆଲୋଚନା ହୋଇଛି। ବୈଠକରେ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ବିଭାଗୀୟ ପ୍ରମୁଖ ଅଧିକାରୀଙ୍କ ସମେତ ଭିଡ଼ିଓ କନଫରେନ୍ସିଂରେ ସମସ୍ତ ଜିଲ୍ଲାର ଯୋଗାଣ ଅଧିକାରୀମାନେ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀର ସହଜ ଉପଲବ୍ଧତା ଓ ଏହାର ଦରଦାମ ବୃଦ୍ଧି ନିୟନ୍ତ୍ରଣ ଉପରେ ସବିଶେଷ ଆଲୋଚନା ହୋଇଛି। ଏଥିପ୍ରତି ସଜାଗ ରହିବାକୁ ଯୋଗାଣ ଅଧିକାରୀମାନଙ୍କୁ ଶ୍ରୀ ସିଂହ ପରାମର୍ଶ ଦେଇଛନ୍ତି। ଆବଶ୍ୟକ ପଡ଼ିଲେ ଏ ସଂକ୍ରାନ୍ତୀୟ ଅଭିଯୋଗ ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ସହ ଚଢ଼ାଉ ଜୋରଦାର କରିବାକୁ କୁହାଯାଇଛି। ଏହାଛଡ଼ା ଖାଦ୍ୟ ସୁରକ୍ଷା ଅନ୍ତର୍ଗତ ହିତାଧିକାରୀଙ୍କୁ ବଣ୍ଟନ କରାଯାଉଥିବା ପୃଷ୍ଠା-୬

### ଆଜିଠାରୁ ଭୁବନେଶ୍ୱରରେ ବ୍ରିକ୍ସ ଶିକ୍ଷା ମନ୍ତ୍ରୀ ବୈଠକ

# ଯୋଗଦେବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ



ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ): ଭାରତ ୨୦୨୬ରେ ବ୍ରିକ୍ସ ରାଷ୍ଟ୍ର ଗୋଷ୍ଠୀର ଅଧ୍ୟକ୍ଷତା କରୁଛି। ଏହି କ୍ରମରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତାକାଲିଠାରୁ ୭ ତାରିଖ ପର୍ଯ୍ୟନ୍ତ ଏଠାରେ ବ୍ରିକ୍ସ ଶିକ୍ଷା ମନ୍ତ୍ରୀମାନଙ୍କ ତ୍ରୟୋଦଶ ବୈଠକ ଅନୁଷ୍ଠିତ ହେବ। ଏଥିସହ ବ୍ରିକ୍ସ ବରିଷ୍ଠ ଅଧିକାରୀଙ୍କ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକଗୁଡ଼ିକରେ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକର ଶିକ୍ଷା ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଓ ପ୍ରତିନିଧିମାନେ ଯୋଗଦେବେ। ଏହି ବୈଠକଗୁଡ଼ିକରେ ପ୍ରାରମ୍ଭିକ ଶୈଶବ ଯତ୍ନ ଓ ଶିକ୍ଷା (ଇସିସିଇ)କୁ ସୁଦୃଢ଼ କରିବା ଓ ବ୍ରିକ୍ସ ଟିଭିଇଟି ସହଯୋଗ ସଂଘ (ଟିସିଏ) ଅଧୀନରେ ଦକ୍ଷତା ବିକାଶ ଏବଂ ବର୍ଦ୍ଧିତ ସହଯୋଗକୁ ସୁଦୃଢ଼ କରିବା ନେଇ ଆଲୋଚନା ହେବ। ଆହୁରି ସହଯୋଗୀ ଗବେଷଣା, ଉଦ୍ଭାବନ ଓ ଷ୍ଟାର୍ଟ-ଅପ୍‌ସକୁ ପ୍ରୋତ୍ସାହନ, ଯୋଗ୍ୟତାର ଆପୋସ ଚିହ୍ନଟ (ଏମଆରକ୍ୟୁ)କୁ ସୁଦୃଢ଼ କରିବା ଓ ଶୈକ୍ଷିକ ନେତୃତ୍ୱ ପାଇଁ କ୍ଷମତା ନିର୍ମାଣ ବିଷୟରେ ମଧ୍ୟ ବିଚାରବିମର୍ଶ କରାଯିବ। ଭାରତର ବ୍ରିକ୍ସ ଅଧ୍ୟକ୍ଷତା 'ଦୀର୍ଘସ୍ଥାୟିତ୍ୱ, ଉଦ୍ଭାବନ, ସହଯୋଗ ଓ ସ୍ଥିରତା ପାଇଁ ଆଗକୁ ବଢ଼ିବା'ର ବାର୍ତ୍ତା ଦ୍ୱାରା ପରିଚାଳିତ। ଏହା ରିଓ ଡି' ଜେନେରିଓରେ ଅନୁଷ୍ଠିତ ୨୦୨୫ ବ୍ରିକ୍ସ ଶିଖର ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପ୍ରତିପାଦିତ ଲୋକ-କୈନ୍ଦ୍ରିକ ଓ ମାନବତା-ପ୍ରଥମ ଆଭିମୁଖ୍ୟକୁ ପ୍ରତିଫଳିତ କରେ। ଭାରତ ଅଧ୍ୟକ୍ଷତାରେ ବ୍ରିକ୍ସ ଶିକ୍ଷା ଟ୍ରାକ ଅଧୀନରେ ଅନୁଷ୍ଠିତ ବିଭିନ୍ନ ଆଲୋଚନା ଉପରେ ଶିକ୍ଷାମନ୍ତ୍ରୀମାନଙ୍କ ତ୍ରୟୋଦଶ ବୈଠକ ଓ ତୃତୀୟ ବରିଷ୍ଠ ଅଧିକାରୀଙ୍କ ବୈଠକ ଆଧାରିତ ହେବ। ପ୍ରଥମ ଓ ଦ୍ୱିତୀୟ ବ୍ରିକ୍ସ ବରିଷ୍ଠ ଅଧିକାରୀଙ୍କ ବୈଠକ ପୂର୍ବରୁ ଏପ୍ରିଲ୍ ୭ ଓ ୨୮ରେ ଅନୁଷ୍ଠିତ ହୋଇଥିଲା। ଏହାପରେ ଗତ ଜୁଲାଇ ୨୦ ଓ ୨୧ରେ ବ୍ରିକ୍ସ ନେଟୱାର୍କ ବିଶ୍ୱବିଦ୍ୟାଳୟ ସମ୍ମିଳନୀ ଓ ଅନ୍ତର୍ଜାତୀୟ ଗଭର୍ଣ୍ଣିଂ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ବିଚାରବିମର୍ଶକୁ ଆଗକୁ ବଢ଼ାଇବା ପୃଷ୍ଠା-୬



### କାନ ଡେରିଥା

ରାମାୟଣ ଆଉ ଶୁଭୁନାହିଁ ଏଠି
ଗାଁ ଠୁ ସହର ପରା
ଶ୍ରାବଣ ମାସରେ ଆମିଷ
ଖାଇଲେ
ଭୁଲିଗଲେ ପରମ୍ପରା
ବରଷା ଦେଉନି ଧରା...
ଏଇ ପରିସ୍ଥିତି ଆଗକୁ ରହିଲେ
କଲବଲ ହେବା ସାରା।

■ ଦେବାଶିଷ

# ଟାଟା ପାୱାରର ସିଏଜି ଅଡିଟ୍ କେବେ ?

## କାର୍ଯ୍ୟକାରୀ ହେଉନି ଓଇଆରସିଙ୍କ ନିଷ୍ପତ୍ତି

## ନିରବ ରହୁଛି ଶକ୍ତି ବିଭାଗ




ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ): ଓଡିଶାରେ ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେଇଥିବା ଟାଟା ପାୱାରର ଆର୍ଥିକ କାରବାରର ସିଏଜି ଅଡିଟ୍ କେବେ ହେବ? ଲକ୍ଷାଧିକ ବିଦ୍ୟୁତ ଉପଭୋକ୍ତାଙ୍କ ମନରେ ଏବେ ଏହି ପ୍ରଶ୍ନ। ବିତରଣ ସଂସ୍ଥା କାହିଁକି ସିଏଜି ଅଡିଟ୍ ପରିସରକୁ ଆସୁନାହିଁ ଓ ଶକ୍ତି ବିଭାଗ କାହିଁକି ଏ କ୍ଷେତ୍ରରେ ଆଗ୍ରହ ଦେଖାଉନାହିଁ, ତାହାକୁ ନେଇ ବି ଆଲୋଚନା ଆରମ୍ଭ ହୋଇଛି। ବିଜୁଳି ଭିତ୍ତିଭୂମିର ବିକାଶ ପାଇଁ ଟାଟା ପାୱାର ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କଠାରୁ ବିଭିନ୍ନ ଯୋଜନାରେ ଅର୍ଥ ନେଉଛି। ଗ୍ରାହକଙ୍କ ଘରେ ସ୍ମାର୍ଟ ମିଟର ବସାଇବା ପାଇଁ ବି ରାଜ୍ୟ ସରକାର ୭୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ଯୋଗାଇ ଦେଉଛନ୍ତି। ବିପୁଳ ପରିମାଣର ସରକାରୀ ଅର୍ଥ ପାଉଥିଲେ ମଧ୍ୟ ଟାଟା ପାୱାର ଆର୍ଥିକ କାରବାରର ସିଏଜି ଅଡିଟ୍ ନ ହେବା ଏବେ ନୂଆ ବିବାଦ ସୃଷ୍ଟି କରିଛି।

ଉଲ୍ଲେଖନୀୟ ଯେ ଦିଲ୍ଲୀ ସରକାର ଇତିମଧ୍ୟରେ ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ବେସରକାରୀ ସଂସ୍ଥାର ସିଏଜି ଅଡିଟ୍ ଆରମ୍ଭ କରିଛନ୍ତି। ଏହାଦ୍ୱାରା ଟାରିଫ ନିର୍ଣ୍ଣୟ ପ୍ରକ୍ରିୟା ଅଧିକ ସ୍ୱଚ୍ଛ ଓ ସୁଲଭ ହୋଇପାରିବ ବୋଲି ମତ ପ୍ରକାଶ ପାଉଛି। ସିଏଜି ଆଇନର ୧୯୭୧ ଧାରା ୨୦ ଅନୁସାରେ ଘରୋଇ ବିତରଣ କମ୍ପାନିଗୁଡିକ ସିଏଜି ଅଡିଟ୍ ପରିସରଭୁକ୍ତ ହେବେ। କାରଣ ବିତରଣ କମ୍ପାନୀଗୁଡିକ ସରକାରୀ ଅନୁଦାନରେ ଭିତ୍ତିଭୂମି ନିର୍ମାଣ କରୁଛନ୍ତି ଓ ଟାରିଫ ନିର୍ଣ୍ଣୟ ପ୍ରକ୍ରିୟା ଜନସ୍ୱାର୍ଥ ସମ୍ବଳିତ ବିଷୟ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି।

ଟାଟା ପାୱାରର ବିତରଣ କମ୍ପାନୀଗୁଡିକୁ ସିଏଜି ଅଡିଟ୍ କରିବା ପାଇଁ ବିଦ୍ୟୁତ ଆଇନ, ୨୦୦୩ର ଧାରା ୮୬(୨) ଅନୁସାରେ ଓଇଆରସି ଗତ ମାର୍ଚ୍ଚ ୨୪ରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଏହାକୁ ଇତିମଧ୍ୟରେ ୪ ମାସ ବିତିଯାଇଥିଲେ ବି ଶକ୍ତି ବିଭାଗ ଏହି ଘଟଣାରେ ନୀରବତା ଅବଲମ୍ବନ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତେଣୁ ଏବେ ସମସ୍ତଙ୍କ ନଜର ଶକ୍ତି ବିଭାଗ ଓ ସିଏଜିଙ୍କ ଉପରେ।

ଉଲ୍ଲେଖନୀୟ ଯେ ଟାଟା ପାୱାର ଆର୍ଥିକ କାରବାରର ସିଏଜି ଅଡିଟ୍ ପାଇଁ ନିର୍ଦ୍ଦେଶ ଦେବା ପରେ ପରେ ଓଇଆରସି ଅଧ୍ୟକ୍ଷ ଅତ୍ୟନ୍ତ ରହସ୍ୟମୟ ଭାବେ ତାଙ୍କ ପଦବୀ ଛାଡ଼ିଥିଲେ। ସେବେଠାରୁ ବର୍ତ୍ତମାନ ସୁଦ୍ଧା ଓଇଆରସିରେ ନୂଆ ଅଧ୍ୟକ୍ଷ ନିଯୁକ୍ତି ହୋଇନାହିଁ। ଫଳରେ ଓଇଆରସିଙ୍କ ସିଏଜି ଅଡିଟ୍ ନିର୍ଦ୍ଦେଶ ଏକପ୍ରକାର ଶୀତଳଭଣ୍ଡାରରେ ରହିଯାଇଛି। ଶକ୍ତି ବିଭାଗ କୋଟି କୋଟି ଟଙ୍କା ଦେଉଥିଲେ ମଧ୍ୟ ଅଡିଟ୍ ନେଇ ଆଗ୍ରହ ପ୍ରକାଶ କରୁନାହାନ୍ତି।

# ୪ ଘଣ୍ଟା ବନ୍ଦ ରହିବ ଶ୍ରୀବଳଦେବଜୀଉଙ୍କ ଦର୍ଶନ



କେନ୍ଦ୍ରାପଡ଼ା,୪।୮ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀ ସିଦ୍ଧବଳଦେବଜୀଉ ମହାପ୍ରଭୁଙ୍କ ଶ୍ରୀମୁଖ ସିଂହାର ନିମନ୍ତେ ଚାରି ଘଣ୍ଟା ଧରି ଶ୍ରୀ ଜୀଉଙ୍କ ଦର୍ଶନ ବନ୍ଦ ରହିବ । ୫ତାରିଖ ବୁଧବାର ଦିନ ମହାପ୍ରଭୁଙ୍କ ଶ୍ରୀମୁଖ ସିଂହାର ନୀତି ଅନୁଷ୍ଠିତ ହେବ । ଏହି କାର୍ଯ୍ୟ ଚିତ୍ରକର ସେବାୟତଙ୍କ ଦ୍ୱାରା ଅନୁଷ୍ଠିତ ହେବ । ଜୟ ମଙ୍ଗଳା ଆଳତି ସମ୍ପନ୍ନ ପରେ ଚିତ୍ରକର ସେବାୟତ ରତ୍ନ ସିଂହାସନକୁ ଯାଇ ଏହି ସେବା କାର୍ଯ୍ୟ କରିବେ । ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ସେହି ସମୟରେ ସର୍ବ ସାଧାରଣ ଦର୍ଶନ ସକାଳ ସାତଟାରୁ ଏଗାର ଟା ଚାରି ଘଣ୍ଟା ଧରି ବନ୍ଦ ରହିବ ବୋଲି ଦେବୋତ୍ତର ନ୍ୟାସର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି ।

# ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲିଲେ ଉପମୁଖ୍ୟମନ୍ତ୍ରୀ

କେନ୍ଦ୍ରାପଡ଼ା,୪।୮ (ସଂଚାର ବ୍ୟୁରୋ)ଃ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ବିଭାଗ ମନ୍ତ୍ରୀ କେ.ଭି. ସିଂହଦେଓ ଆଜି କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ବନ୍ୟା ପରିସ୍ଥିତି, ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଏବଂ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଓ ପଦକ୍ଷେପ ସମ୍ପର୍କରେ ସ୍ଥିତି ସମୀକ୍ଷା କରିଛନ୍ତି ।

ଆଜି ସକାଳେ ଉପମୁଖ୍ୟମନ୍ତ୍ରୀ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦାଣ୍ଡିସାହି ଛକ, କୃଷ୍ଣଦାସପୁର (ସିଂହଗାଁ), ଅଣ୍ଡରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନଦୀକୂଳ ହରିଜନସାହି ଏବଂ ଅମୃତମଣୋହୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ ବନ୍ୟା ପ୍ରଭାବିତ ଅଳର ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଛନ୍ତି ।

ଏହାପରେ ଆଜି ବ୍ଲକ୍ ଅନ୍ତର୍ଗତ ଭୂଇଁପୁର, ମାନପୁର, ମଙ୍ଗରାଜପୁର, ଠାକୁରପାଟଣା ପେଟପଡା



ପରିଦର୍ଶନ କରି ଉପମୁଖ୍ୟମନ୍ତ୍ରୀ ବନ୍ୟା ପରିସ୍ଥିତିର ସମୀକ୍ଷା କରିଥିଲେ ଏବଂ ବନ୍ୟା ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରିଥିଲେ । ପରିଦର୍ଶନ ସମୟରେ ଉପମୁଖ୍ୟମନ୍ତ୍ରୀ ଲୋକଙ୍କ ସ୍ଥାନାନ୍ତରଣ, ରିଲିଫ୍ ବଣ୍ଟନ, ପାନୀୟ ଜଳ ଯୋଗାଣ, ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ଯୋଗାଯୋଗ ବ୍ୟବସ୍ଥା, କୃଷି କ୍ଷୟକ୍ଷତି ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବା ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରିଥିଲେ ।

ଅପରାହ୍ନ ୩ଟା ସମୟରେ କେନ୍ଦ୍ରାପଡ଼ା ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ବନ୍ୟା ପରିସ୍ଥିତି ସମ୍ପର୍କିତ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ଜିଲ୍ଲାର ସାମଗ୍ରିକ ବନ୍ୟା ପରିସ୍ଥିତି, ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ, ସ୍ଥାନାନ୍ତରଣ ବ୍ୟବସ୍ଥା, ରିଲିଫ୍ କେନ୍ଦ୍ର ଓ ମାଗଣା ରନ୍ଧା ଖାଦ୍ୟର ପରିଚାଳନା, ଅତ୍ୟାବଶ୍ୟକ ସାମଗ୍ରୀର ଉପଲବ୍ଧତା, ସ୍ୱାସ୍ଥ୍ୟ ଓ ପ୍ରାଣୀ ଚିକିତ୍ସା ସେବା, ରାସ୍ତା ଓ ଯୋଗାଯୋଗ ବ୍ୟବସ୍ଥାର ପୁନରୁଦ୍ଧାର ଏବଂ କ୍ଷୟକ୍ଷତି ଆକଳନର ସ୍ଥିତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ।

ବନ୍ୟା ପ୍ରଭାବିତ ପରିବାରଗୁଡ଼ିକୁ ସମୟୋଚିତ ଓ ପ୍ରଭାବଶାଳୀ ସହାୟତା ଯୋଗାଇବା ସହ ସ୍ୱାଭାବିକ ପରିସ୍ଥିତିର ଶୀଘ୍ର ପୁନରୁଦ୍ଧାର ନିମନ୍ତେ ବିଭିନ୍ନ ବିଭାଗର ପ୍ରସ୍ତୁତି, ପରସ୍ପର ସମନ୍ୱୟ ଏବଂ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ବନ୍ୟା ପ୍ରଭାବିତ ଅଞ୍ଚଳରେ ଆବଶ୍ୟକ ରିଲିଫ୍, ଉଦ୍ଧାର, ସ୍ୱାସ୍ଥ୍ୟସେବା ଓ ଅତ୍ୟାବଶ୍ୟକ ସେବା ତ୍ୱରିତ ଭାବେ ପହଞ୍ଚାଇବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ।

ଅନ୍ୟ ମାନଙ୍କ ମଧ୍ୟରେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ ନାୟକ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବଙ୍କ ସମେତ ଜିଲ୍ଲାପାଳ ରଘୁରାମ ଆର. ଆୟର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# କୁଆଡ଼େ ଗଲା ୫ମ ଏସ୍ଏଫ୍ସି ଅନୁଦାନ ?

## ବିଦ୍ୟାଳୟ କହୁଛି ଟଙ୍କା ମିଳିନି, ପିଇଓଙ୍କୁ ପେମେଣ୍ଟ ହୋଇଛି - ପୋର୍ଟାଲ

ମହାକାଳପଡ଼ା, ୪।୮ (ସଂଚାର ବ୍ୟୁରୋ)ଃ ମହାକାଳପଡ଼ା ବ୍ଲକ ଯଦୁପୁରସ୍ଥିତ ଶ୍ରୀ ସତ୍ୟ ସାଇ ବିଦ୍ୟା ବିହାରକୁ ୫ମ ରାଜ୍ୟ ଅର୍ଥ କମିଶନ ଅନୁଦାନ ରାଶି ପ୍ରଦାନକୁ ନେଇ ବିବାଦ ଦେଖାଦେଇଛି। ଏକପଟେ ବିଦ୍ୟାଳୟ କର୍ତ୍ତୃପକ୍ଷ ଅନୁଦାନ ମିଳିନଥିବା ଅଭିଯୋଗ କରି ବିଡିଓଙ୍କୁ ଲିଖିତ ଭାବେ ଅବଗତ କରାଇଥିବା ବେଳେ ଅନ୍ୟପଟେ ପଞ୍ଚାୟତର ସରକାରୀ ପୋର୍ଟାଲରେ ସେହି ପ୍ରକଳ୍ପ ବାବଦରେ ୨ ଲକ୍ଷ ୩୧ ହଜାର ୯୭୬ ଟଙ୍କା ତତ୍କାଳୀନ ପିଇଓ ସୁକୁମାର ମଣ୍ଡଳଙ୍କ ନାମରେ ପଇଠ ହୋଇଥିବା ଦର୍ଶାଯାଇଛି। ଏହାକୁ ନେଇ ପ୍ରକୃତରେ ଅନୁଦାନ କେଉଁଠି ଗଲା ତାହା ଉପରେ ପ୍ରଶ୍ନ ଉଠିଛି।

ବିଦ୍ୟାଳୟର ସମ୍ପାଦକ କୈଳାଶ ଚନ୍ଦ୍ର ନାୟକ ବିଡିଓଙ୍କୁ ଦେଇଥିବା ଚିଠିରେ ଦର୍ଶାଇଛନ୍ତି ଯେ, ଅଞ୍ଚଳରେ ଲୁଣିଆ ଭୂତଳ ଜଳ ସମସ୍ୟା ଥିବାରୁ ଶ୍ରୀ ସତ୍ୟ ସାଇ ଟ୍ରଷ୍ଟ, ଓଡ଼ିଶା ପକ୍ଷରୁ ବିଦ୍ୟାଳୟ ପରିସରରେ ଗ୍ରାମବାସୀଙ୍କ ପାଇଁ ଏକ ଆରଓ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ଏହି ପ୍ରକଳ୍ପ ପାଇଁ ମଜବୁତ ଭିତ୍ତିଭୂମି, ଆରଓ କକ୍ଷ ଏବଂ ପ୍ରଥମ ମହଲାକୁ ସିଡ଼ି ନିର୍ମାଣ କରି ପରବର୍ତ୍ତୀ ସମୟରେ ଏକ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ଲକ୍ଷ୍ୟ ରଖାଯାଇଥିଲା। ଚିଠିରେ ଆହୁରି ଉଲ୍ଲେଖ ରହିଛି



MERI PANCHAYAT 1.0.78 - 0605
Gram Panchayat: Jadupur
LGD Code :119134
ପରିବର୍ତ୍ତନ କରନ୍ତୁ ।
ଦେୟ ଅର୍ଡର ।
2025-2026
ଉଦ୍ଦେଶ୍ୟ :
Paid To Sukumar Mandal Peo Towards Cons Of Drinking Waterproject Infront Of Sai Mandir School
ପରିମାଣ : ₹ 2,31,976
SUKUMAR MANDAL
*******8990
ifsc କୋଡ୍ :
NA
5THSFC/2025-26/P/16
[ 31/Mar/2026 ]
Sukumar Mandal [1 mon 6 days ago]
Sanjukta Jena [1 mon 6 days ago]
1 mon 6 days ago
1 mon 6 days ago
(1 mon 6 days ago)
PFMS ପ୍ରକ୍ରିୟା ।
(1 mon 4 days ago)

ଯେ, ଯଦୁପୁର ଗ୍ରାମପଞ୍ଚାୟତ ପକ୍ଷରୁ ୨ ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ଦେବାକୁ ଆଶ୍ୱାସନ ଦିଆଯାଇଥିଲା। ଏହି ଆଶ୍ୱାସନକୁ ଆଧାର କରି ଭିତ୍ତିଭୂମି କାମ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟ ଖାତାକୁ କୌଣସି ଅନୁଦାନ ଆସିନଥିବାରୁ ପ୍ରଥମ ମହଲା ଓ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ କାମ ଆରମ୍ଭ ହୋଇପାରୁନାହିଁ। ଚଳିତ ଶିକ୍ଷାବର୍ଷରେ ଛାତ୍ରଛାତ୍ରୀଙ୍କ ନାମଲେଖା ବୃଦ୍ଧି ପାଇଥିବାରୁ ନୂତନ ଶ୍ରେଣୀଗୃହର ଆବଶ୍ୟକତା ଜରୁରୀ ହୋଇପଡ଼ିଥିବା ମଧ୍ୟ ବିଦ୍ୟାଳୟ ପକ୍ଷରୁ କୁହାଯାଇଛି।

ତେବେ ଏହି ଘଟଣାରେ ନୂଆ ମୋଡ଼ ଆସିଛି। ପଞ୍ଚାୟତର ସରକାରୀ ୱେବସାଇଟରେ ଉପଲବ୍ଧ ତଥ୍ୟ ଅନୁଯାୟୀ, ସମ୍ପୃକ୍ତ ପ୍ରକଳ୍ପ ପାଇଁ ୨,୩୧,୯୭୬ ଟଙ୍କା ତତ୍କାଳୀନ ପିଇଓ ସୁକୁମାର ମଣ୍ଡଳଙ୍କ ନାମରେ ପଇଠ ହୋଇଥିବା ଦର୍ଶାଯାଇଛି। ଫଳରେ ବିଦ୍ୟାଳୟ କହୁଛି ଅର୍ଥ ପାଇନି, ଆଉ ସରକାରୀ ପୋର୍ଟାଲରେ ଅର୍ଥ ପଇଠ ହୋଇଥିବା ତଥ୍ୟ ଦର୍ଶାଯାଉଛି। ଏପରି ପରିସ୍ଥିତିରେ ପ୍ରକୃତରେ ଏହି ଅର୍ଥ କାହାକୁ ପ୍ରଦାନ କରାଗଲା, କେଉଁ କାର୍ଯ୍ୟରେ ବ୍ୟୟ ହେଲା ଏବଂ ବିଦ୍ୟାଳୟକୁ କାହିଁକି ପହଞ୍ଚିଲା ନାହିଁ, ତାହାକୁ ନେଇ ନାନା ପ୍ରଶ୍ନ ସୃଷ୍ଟି ହୋଇଛି।

ତେବେ ପୂର୍ବରୁ ପିଇଓଙ୍କ ନାମରେ ଅନେକ ଦୁର୍ନୀତିର ଅଭିଯୋଗ ଆସିଥିବା ବେଳେ ଏହି ଘଟଣାର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ପାଇଁ ଜିଲ୍ଲା ପ୍ରଶାସନ ଓ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ନିରପେକ୍ଷ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ମହାକାଳପଡ଼ାରେ ସ୍ୱଚ୍ଛ ଭାରତ ଅଡିଟ୍ ଟିମ୍‌ର ପରିଦର୍ଶନ



ମହାକାଳପଡ଼ା,୪।୮ (ସଂଚାର ବ୍ୟୁରୋ)ଃ ସ୍ୱଚ୍ଛ ଭାରତ ମିଶନର କାର୍ଯ୍ୟକାରିତାର ମୂଲ୍ୟାଙ୍କନ ପାଇଁ ଆସିଥିବା କେନ୍ଦ୍ରୀୟ ଅଡିଟ୍ ଟିମ୍ ମଙ୍ଗଳବାର ମହାକାଳପଡ଼ା ବ୍ଲକ ଅଧୀନ ରାମନଗର- ପେଟଛେଲା ଗ୍ରାମ ପଞ୍ଚାୟତର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଟିମ୍ ସ୍ୱଚ୍ଛତା ବ୍ୟବସ୍ଥାର ସ୍ଥିତି ଯାଞ୍ଚ କରିବା ସହ ସ୍ଥାନୀୟ ପ୍ରଶାସନକୁ ଆବଶ୍ୟକ ପରାମର୍ଶ ଦେଇଥିଲେ। ଅଡିଟ୍ ଟିମ୍ ରାମନଗର ବଜାର, ରାମନଗର ଘାଟ, ମା' ରାମଚଣ୍ଡୀ ମନ୍ଦିର, ପିତାପାଟ ମାଣିକେଶ୍ୱର ମନ୍ଦିର, ଗୋଷ୍ଠୀ ଶୌଚାଳୟ ଏବଂ ବିଭିନ୍ନ ସ୍ଥାନରେ ସ୍ଥାପିତ ଡଷ୍ଟବିନ୍‌ର ସ୍ଥିତି ବୁଲି ଦେଖିଥିଲେ। ବଜାର ଓ ସାର୍ବଜନୀନ ସ୍ଥାନରେ ଅଳିଆ- ଆବର୍ଜନା ପଡ଼ିରହିଥିବା ଦେଖି ଟିମ୍ ଅସନ୍ତୋଷ ପ୍ରକାଶ କରିଥିଲେ। ପରିଦର୍ଶନ ପରେ ଟିମ୍ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ପ୍ରତ୍ୟେକ ସାର୍ବଜନୀନ ସ୍ଥାନରେ ପର୍ଯ୍ୟାପ୍ତ ଡଷ୍ଟବିନ୍ ସ୍ଥାପନ କରିବା, ଲୋକମାନଙ୍କୁ ଡଷ୍ଟବିନ୍ ବ୍ୟବହାର ପାଇଁ ସଚେତନ କରିବା ଏବଂ ଡ୍ରେନ୍‌ଗୁଡ଼ିକୁ ପ୍ରତି ତିନି ଦିନରେ ଥରେ ସଫା କରିବାକୁ ପରାମର୍ଶ ଦେଇଥିଲେ।

# କୁମ୍ଭୀର ଆକ୍ରମଣର ଶିକାର ମହିଳାଙ୍କ ମୃତଦେହ ଉଦ୍ଧାର

ପଟ୍ଟାମୁଣ୍ଡାଇ,୪।୮ (ସଂଚାର ବ୍ୟୁରୋ)ଃପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଂଚାୟତ ଦାମୋଦରପାଟଣା ଗ୍ରାମର ସୁଚିତ୍ରା ଦାସ (୪୬) ଗତକାଲି ସକାଳ ୫ଟା ସମୟରେ ସବୁ ଦିନ ପରି ବ୍ରାହ୍ମଣୀ ନଦୀକୁ ଶୌଚ ହେବାକୁ ଯାଇଥିଲେ । ମାତ୍ର ଦୀର୍ଘ ସମୟ ପରେ ସେ ଘରକୁ ନଫେରିବାରୁ ପରିବାର ଓ ଗ୍ରାମବାସୀ ନଦୀକୂଳରେ ଖୋଜାଖୋଜି କରି ନପାଇବାରୁ ପଟ୍ଟାମୁଣ୍ଡାଇ ଦମକଳ ବାହିନୀକୁ ଖବର ଦେଇଥିଲେ । ଏହି ଖବର ପ୍ରଚାରିତ ହେବା ପରେ ନଦୀ କୂଳ ଲୋକାରଣ୍ୟ ହୋଇ ପଡିଥିଲା । ପଟ୍ଟାମୁଣ୍ଡାଇ ପ୍ରଶାସନିକ ଅଧିକାରୀ ପୋଲିସ ଓ ବନ ବିଭାଗ ଅଧିକାରୀଙ୍କ ସହିତ ଅଗ୍ନିଶମ ବାହିନୀ ସୁବାଷ ନନ୍ଦଙ୍କ ନେତୃତ୍ୱରେ ବ୍ରାହ୍ମଣୀ ନଦୀ ମଧ୍ୟରେ ବୋଟ ସହାୟତା ରେ ନିଖୋଜ ମହିଳାଙ୍କ ଖୋଜାଖୋଜି ଆରମ୍ଭ କରିଥିଲେ । ମାତ୍ର ଗତକାଲି ଉକ୍ତ ମହିଳାଙ୍କ କୌଣସି ପତ୍ତା ମିଳିନଥିଲା । ଆଜି ପୁନଃରାୟ ଅଗ୍ନିଶମ ବାହିନୀ ଖୋଜାଖୋଜି କରିବା ପରେ ଆଜି ଦିନ ୧. ୧୫ ମିନିଟ ସମୟରେ ରାମନାହାକଡିଆ ଝାଡ଼ ମହାପୁରୁଷଙ୍କ ନିକଟରେ ଥିବା ନଦୀରୁ ମହିଳାଙ୍କ ମୃତ ଦେହ ମିଳିଥିଲା । କୁମ୍ଭୀର ଆକ୍ରମଣରେ ମୃତ ମହିଳା ସୁଚିତ୍ରା ଦାସ ସ୍ଥାନୀୟ ଦାମୋଦର ପାଟଣା ନୋଡାଲ ସ୍କୁଲରେ ପାଚିକା ଭାବେ କାମ କରନ୍ତି । ସ୍ୱାମୀ ଖଗେଶ୍ୱର ଦାସ ଅତ୍ୟନ୍ତ ଗରିବ । ମୃତ ପରିବାରକୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବୀ ହେଉଛି ।

# ମଣିକୁଣ୍ଡାରେ ଘରୋଇ କଳିରୁ ରକ୍ତାକ୍ତ କାଣ୍ଡ ଘଟଣାଃ ୨ ମହିଳା ଗିରଫ



କେନ୍ଦ୍ରାପଡ଼ା,୪।୮ (ସଂଚାର ବ୍ୟୁରୋ)ଃ ମାର୍ଶାଘାଇ ଥାନା ଅନ୍ତର୍ଗତ ମଣିକୁଣ୍ଡା ଗ୍ରାମରେ ଘରୋଇ କଳିକୁ କେନ୍ଦ୍ର କରି ରକ୍ତାକ୍ତ କାଣ୍ଡ ଘଟିଛି। ପଡୋଶୀଙ୍କ ଆକ୍ରମଣରେ ଏକ ପରିବାରର ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ, ଗତ ଜୁଲାଇ ୩୦ ତାରିଖରେ ମଣିକୁଣ୍ଡା ଗ୍ରାମରେ ଘରୋଇ କଳହକୁ ନେଇ ଦୁଇ ପଡୋଶୀ ପରିବାର ମଧ୍ୟରେ ବଚସା ହୋଇଥିଲା। ପରେ ବଚସା ଉଗ୍ରରୂପ ନେଇଥିଲା ଏବଂ ଆକ୍ରମଣରେ ଗୋଟିଏ ପରିବାରର ୩ ଜଣ ସଦସ୍ୟ ଗୁରୁତର ଭାବେ ଆହତ ହୋଇଥିଲେ। ଆହତମାନଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ମେଡିକାଲ ଏବଂ ପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ପୀଡିତ ପରିବାର ପକ୍ଷରୁ ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଜଣ ମହିଳା ମମତା ସ୍ୱାଇଁ, ଶାଶୁ ସୁଲଚନା ସ୍ୱାଇଁଙ୍କୁ ଗିରଫ କରିଛି। ଗିରଫ ମହିଳା ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟ ମୁଖ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସର ଚଢାଉ ଜାରି ରହିଛି।

# ପ୍ରେସ କ୍ଲବ୍ ପକ୍ଷରୁ ଓଡ଼ିଆ ସାମ୍ବାଦିକତା ଦିବସ ପାଳିତ



ମାର୍ଶାଘାଇ,୪।୮ (ସଂଚାର ବ୍ୟୁରୋ)ଃ ଅଗଷ୍ଟ ୪ ରେ ଓଡ଼ିଆ ସାମ୍ବାଦିକତା ଦିବସ ଅବସରରେ ମାର୍ଶାଘାଇ ପ୍ରେସ କ୍ଲବ ପକ୍ଷରୁ ମାର୍ଶାଘାଇ ଡାକବଙ୍ଗଳା ଠାରେ ଓଡ଼ିଆ ସାମ୍ବାଦିକତା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ସୁବାସ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିବା ବେଳେ ସାମ୍ବାଦିକ ସଙ୍ଘ ସମ୍ପାଦକ ପ୍ରମୋଦ କୁମାର ଦାସ ଦୈନିକ ଓଡ଼ିଆ ଖବର କାଗଜର ଆରମ୍ଭ ଦିବସ ଏବଂ ଓଡ଼ିଆ ସାମ୍ବାଦିକତା ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ । ସାମ୍ବାଦିକତା ବୃତ୍ତିରେ ଅତୀତ ସମୟ ଏବଂ ବର୍ତ୍ତମାନ ସମୟରେ ଥିବା ପାର୍ଥକ୍ୟ ସମ୍ପର୍କରେ ମତ ବ୍ୟକ୍ତ କରଥିଲେ ଶୁଭେନ୍ଦୁ ପ୍ରକାଶ ପ୍ରସାଦ ଚୌଧୁରୀ । ଅନ୍ୟମାନଙ୍କ ମଧ୍ୟରେ ବିଚିତ୍ରାନନ୍ଦ ବେହେରା, ହିମାଂଶୁ ଶେଖର ନାୟକ, ଶୁଭେନ୍ଦୁ ପ୍ରକାଶ ଦାସ,ମନ୍ମଥନାଥ ସାହୁ, ରନେନ୍ଦ୍ର କୁମାର ନାୟକ, ମନୋଜ କୁମାର ଦାସ, ବିଶ୍ୱଜିତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।

### ଭଦ୍ରେଶ୍ୱର ବରୁଣେଇ ୟୁଜିଏମଇ ବିଦ୍ୟାଳୟର ନୂତନ ଗୃହ ଛାତ ନିମ୍ନମାନର ଘଟଣା

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ବିଡିଓଙ୍କ ତଦନ୍ତ

ମାହାଙ୍ଗା,୪।୮ (ସଂଚାର ବ୍ୟୁରୋ)ଃ ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭଦ୍ରେଶ୍ୱର ପଞ୍ଚାୟତ ସ୍ଥିତ ପୁରୁଷୋତମପୁର ଗ୍ରାମରେ ପ୍ରତିଷ୍ଠିତ ବରୁଣେଇ ୟୁ.ଜି. ଏମଇ ବିଦ୍ୟାଳୟର ନୂତନ ଗୃହ କାର୍ଯ୍ୟରେ ନିମ୍ନମାନର କାର୍ଯ୍ୟ ହୋଇଥିବା ନେଇ ଗ୍ରାମବାସୀମାନେ ବନ୍ଦ କରିଥିଲେ।



ସୂଚନା ମୁତାବକ ଏହି ବିଦ୍ୟାଳୟର ନୂତନ ଗୃହ ନିମନ୍ତେ ୮ ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁର କରାଯାଇ ନିର୍ମାଣ କାର୍ଯ୍ୟ କରାଯାଉଥିଲା। ପ୍ରଥମେ ପୁରୁଣା ଗୃହ ଭଙ୍ଗା ଯାଇଥିଲା। ପରେ ନୂତନ ଗୃହ ଆରମ୍ଭ ହୋଇଥିବା କାର୍ଯ୍ୟରେ ପୁରୁଣା ଗୃହର ଇଟା ଲଗାଯିବା ସହ ସହ ନିମ୍ନମାନର ଗୃହ କାର୍ଯ୍ୟ କରାଯାଇଥିଲା। ଏହି ବିଦ୍ୟାଳୟର ନୂତନ ଗୃହର ଛାତ କାର୍ଯ୍ୟ ଚାଲୁଥିବା ସମୟରେ ଦାୟିତ୍ୱରେ ଥିବା ଯନ୍ତ୍ରୀ ଅନୁପସ୍ଥିତି ଥିବାରୁ ଏହାର ସୁଯୋଗ ନେଇ ଠିକାଦାର ନିମ୍ନମାନର କାର୍ଯ୍ୟ କରିଥିଲେ। ଯାହାକୁ ନେଇ ସ୍ଥାନୀୟ ଗ୍ରାମବାସ ମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ।।

ଜିଲ୍ଲାପାଳ ଅଭିଯୋଗ ପାଇବା ପରେ ଏହି କାର୍ଯ୍ୟର ତଦନ୍ତ ନିମନ୍ତେ ମାହାଙ୍ଗା ବିଡିଓ ତିଳୋତମା ପୃଷ୍ଟିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ବିଡିଓ ଶ୍ରୀମତୀ ପୃଷ୍ଟି ବିଦ୍ୟାଳୟରେ ପହଞ୍ଚି ଅଭିଯୋଗକାରୀଙ୍କ ଠାରୁ ସମସ୍ତ ବିଷୟ ପଚାରି ବୁଝିବା ସହ ହୋଇଥିବା କାର୍ଯ୍ୟର ତଦନ୍ତ କରିଥିଲେ। ଏ ନେଇ ବିଡିଓ ଶ୍ରୀମତୀ ପୃଷ୍ଟିଙ୍କୁ ଯୋଗାଯୋଗ କରିବାରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମୁତାବକ ଅଭିଯୋଗର ତଦନ୍ତ ଚାଲିଛି ବୋଲି କହିଥିଲେ। ଏହି ତଦନ୍ତ ସମୟରେ ପଞ୍ଚାୟତ ପିଇଓ ରଜନୀକାନ୍ତ ଦାସ ଉପସ୍ଥିତ ଥିଲେ।

# ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସହାୟତା ପ୍ରଦାନ

ଯାଜପୁର,୪।୮ (ସଂଚାର ବ୍ୟୁରୋ)ଃ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅଂଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଗରିବ ଲୋକମାନଙ୍କୁ ସଦାସର୍ବଦା ସହାୟାତ ଯୋଗାଇ ଦିଆଯାଉଛି । ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଟ୍ରଷ୍ଟର ସଦସ୍ୟ ମାନେ ବିଭିନ୍ନ ସ୍ଥାନକୁ ଯାଇ ଅସହାୟ ଲୋକମଙ୍କୁ ସହାୟତା ଯୋଗାଇ ଦେଉଛନ୍ତି ।

ଏହି କ୍ରମରେ ପ୍ରଭାରୀ ଚୈତନ୍ୟ ନାୟାକଙ୍କ ସୁପାରିଶ କ୍ରମେ ବିଧାୟକ ଶ୍ରୀ ସାହୁଙ୍କ ନିର୍ଦ୍ଦେଶମତେ ଟ୍ରଷ୍ଟ ପକ୍ଷରୁ ଚିକିତ୍ସା ନିମନ୍ତେ ନଠୁଆବର ପଂଚାୟତ ନଗୁଆଁ ଗ୍ରାମର ଗୌରୀବାଳା ଦାସ,ଝିଅର ବିବାହ ଲାଗି ନଠୁଆବର ଗ୍ରାମର ନିରୁପମା ପରିଡା, ପୁଅର ଚିକିତ୍ସା ନିମନ୍ତେ ନଠୁଆବର ଗ୍ରାମର ସଞ୍ଜୁଲତା ବାରିକ, ପିଲାଙ୍କ ପାଠପଢା ନିମନ୍ତେ ନଠୁଆବର ପଂଚାୟତ ଟାକୁଠେଙ୍ଗ ଗ୍ରାମର ଓମପ୍ରକାଶ ପରିଡା, ପୁଅକୁ ନିଶାନିବାରଣ କେନ୍ଦ୍ରରୁ ଆଣିବା ଲାଗି ନଠୁଆବର ପଂଚାୟତ ଆଦମପୁର ଗ୍ରାମର ବେଣୁଧର ଦାସ, ଚିକିତ୍ସା ନିମନ୍ତେ ଆଦମପୁର ଗ୍ରାମର ତୁଳସୀ ଦାସ ,ଗୋଡ ଭଙ୍ଗା ଚିକିତ୍ସା ନିମନ୍ତେ ନଠୁଆବର ଗ୍ରାମର ଇନ୍ଦ୍ରମଣି ବେଜ,



ପୁଅର ଅସ୍ତ୍ରୋପଚାର ନିମନ୍ତେ ନଠୁଆବର ପଂଚାୟତ ଟାକୁଠେଙ୍ଗ ଗ୍ରାମର ରଶ୍ମି ପଣ୍ଡାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ଟ୍ରଷ୍ଟର ସଦସ୍ୟମାନେ ସମ୍ପୃକ୍ତ ଲୋକମାନଙ୍କ ପାଖରେ ପହଂଚି ଆର୍ଥିକ ସହାୟତା ଦେଇଛନ୍ତି ।

୨୦୨୦ ମସିହା କରୋନା ସମୟରୁ ଟ୍ରଷ୍ଟ ପକ୍ଷରୁ ଗରିବ, ଦିନମଜୁରିଆ ଓ ଅସହାୟ, ଦଳିତ ଓ ନିଷ୍ପେଶିତ ଲୋକମାନଙ୍କ ପାଇଁ ଆରମ୍ଭ ହୋଇଥିବା ସହାୟତା ପ୍ରଦାନ ଅଦ୍ୟାବଧି ଜାରିରହିଛି । ଆଗକୁ ଅସହାୟ, ଅବହେଳିତ ଓ ନିଷ୍ପେଶିତ ଲୋକମାନଙ୍କ ପାଇଁ ଏଭଳି ସହାୟତା ଜାରିରହିବ ବୋଲି ଟ୍ରଷ୍ଟର ନିର୍ଦ୍ଦେଶକ ତଥା ଧର୍ମଶାଳା ବିଧାୟକ ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

# ରହସ୍ୟଘେରରେ କନଷ୍ଟେବଲଙ୍କ ମୃତ୍ୟୁ

ବାରିପଦା,୪।୮ (ସଂଚାର ବ୍ୟୁରୋ)ଃ ଜାତୀୟ ରାଜପଥ କଡ଼ରେ ଥିବା ଏକ ନାଲି ରଙ୍ଗର କାର ଭିତରୁ ଜଣେ ଲୋକଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଅଛି । ଏହିଭଳି ଏକ ଘଟଣା ଘଟିଛି ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ ନମ୍ବର ଜାତୀୟ ରାଜପଥର ପଦ୍ମନାଭପୁର ଛକ ନିକଟରେ । ଗତକାଲି ସନ୍ଧ୍ୟା ସମୟରେ ସ୍ଥାନୀୟ ଲୋକମାନଙ୍କ ପାଖରୁ ଖବର ପାଇ ବୈଶିଙ୍ଗା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି କାର ଭିତରୁ ଜଣେ ବ୍ୟକ୍ତିର ମୃତଦେହକୁ ଉଦ୍ଧାର କରିଛି। ତେବେ ମୃତ ବ୍ୟକ୍ତି ଜଣକ ବସନ୍ତ ମହାନ୍ତ ବୋଲି ଜଣାପଡିଛି। ତାଙ୍କ ଘର ମୟୁରଭଞ୍ଜ ଜିଲ୍ଲା ଝାରପୋଖରିଆ ଅଞ୍ଚଳରେ। ସିଏ ବୈଶିଙ୍ଗା ଥାନାରେ କନେଷ୍ଟବଳ ଭାବେ କାର୍ଯ୍ୟରତ ଅଛନ୍ତି । ଅନ୍ୟପଟେ ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ଦେଖାଦେଇଛି । ଏହା ସ୍ୱାଭାବିକ ମୃତ୍ୟୁ ନା ଆଉ କଣ ତାହାକୁ ନେଇ ପରିବାରବର୍ଗଙ୍କ ପକ୍ଷରୁ ସନ୍ଦେହ ଜାତ ହୋଇଛି। ଘଟଣାସ୍ଥଳରୁ ଅନତି ଦୂରରେ ଏକ ଟୋଲଗେଟ ଥିଲେ ମଧ୍ୟ ଏତେ ସମୟ ଧରି ଗୋଟିଏ ସ୍ଥାନରେ କାରଟି ଛିଡା ହୋଇରହିଥିଲା କିପରି କେହି ଜାଣିପାରିନଥିଲେ । ସିଏ କେଉଁଠାରୁ ଆସୁଥିଲେ ଏବଂ କେଉଁଠାକୁ ଯାଉଥିଲେ ତାହା ମଧ୍ୟ ସଠିକ ଜଣା ପଡିନାହିଁ। ତେବେ ପୁଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଅଛି । ପ୍ରକୃତ ତଥ୍ୟ ଶବ ବ୍ୟବଛେଦ ରିପୋର୍ଟ ଆସିଲେ ଜଣାପଡିବ ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ଡେରାବିଶ,୪।୮ (ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଯଅଁରାବାରିମୂଳ ସ୍ଥିତ ପଞ୍ଚାୟତ ନୋଡାଲ ଉଚ୍ଚବିଦ୍ୟାଳୟ ସଭାକକ୍ଷରେ ପ୍ରଧାନ ଶିକ୍ଷକ ମଦନ ମୋହନ ଦାସଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

ଏହି ଉପଲକ୍ଷେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିବା ବେଳେ ଯଅଁରାବାରିମୂଳ ପଞ୍ଚାୟତର ସରପଞ୍ଚ ଶଙ୍କର୍ଷଣ ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଡେରାବିଶ ମଣ୍ଡଳ ଶିକ୍ଷାଧିକାରୀ ମଦନ ମୋହନ କର, ସମ୍ମାନିତ ଅତିଥିଭାବରେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ବିଆରସିସି ଦେବଦତ ଶତପଥି, ଅବସରପ୍ରାପ୍ତ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସଚିକାନ୍ତ ମିଶ୍ର, ବିଦ୍ୟାଳୟର ପୂର୍ବତନ ସଭାପତି ରଜତ କୁମାର ବଳ, ପଞ୍ଚସଖା ଶିକ୍ଷାସେତୁର ସଭାପତି ରଞ୍ଜନ କୁମାର ରାଉତ, ହରିଅଙ୍କ ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତି, ପୂର୍ବତନ ଅବସରପ୍ରାପ୍ତ ଶିକ୍ଷକ ମୁରଲିଧର ବଳ, ପୂର୍ବତନ ସଂସ୍କୃତ ଶିକ୍ଷକ ପ୍ରଭାକର ମହାନ୍ତି ପ୍ରମୁଖ ଯୋଗଦେଇ ସେବାନିବୃତ ପ୍ରଧାନ ଶିକ୍ଷକ ଶ୍ରୀ ଦାସ ଜଣେ ସରଳ, ନିଷ୍କପଟ, ଅମାୟିକ ଓ ଛାତ୍ରବତ୍ସଳ ପ୍ରଧାନ ଶିକ୍ଷକ ଥିଲେ ବୋଲି ସେମାନଙ୍କ ବକ୍ତବ୍ୟରେ କହିଥିଲେ। ବିଦ୍ୟାଳୟ ତରଫରୁ ସେବାନିବୃତ ଶିକ୍ଷକ ଶ୍ରୀ ଦାସଙ୍କୁ ମାନପତ୍ର, ଉପଢ୍ୌକନ, ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

# ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର କଲମ ଛାଡ଼ ଆନ୍ଦୋଳନ

ଢେଙ୍କାନାଳ,୪।୮ (ସଂଚାର ବ୍ୟୁରୋ)ଃ ଢେଙ୍କାନାଳ ଜିଲ୍ଲାରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ବିଭିନ୍ନ ଦାବିକୁ ନେଇ କଲମ ଛାଡ଼ ଆନ୍ଦୋଳନ ଜାରି ରହିଛି। କର୍ମଚାରୀଙ୍କ ସୁରକ୍ଷା, କାର୍ଯ୍ୟକ୍ଷେତ୍ରରେ ନିରାପଦ ପରିବେଶ ଏବଂ ଦାବିପତ୍ରର ଶୀଘ୍ର ସମାଧାନ ଦାବିରେ ଆଜି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଗଣଧାରଣା ଦେଇଛନ୍ତି ସଂଘର ସଦସ୍ୟମାନେ।

ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ସଂଘର ଆହ୍ୱାନ କ୍ରମେ କଲମ ଛାଡ଼ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଆନ୍ଦୋଳନର ଅଂଶ ସ୍ୱରୂପ ଆଜି ଢେଙ୍କାନାଳ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସେମାନେ ଶାନ୍ତିପୂର୍ଣ୍ଣ ଭାବେ ଗଣଧାରଣାରେ ବସି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ସଂଘର କହିବା ଅନୁଯାୟୀ, ପଞ୍ଚାୟତ ସ୍ତରରେ କାର୍ଯ୍ୟ କରୁଥିବା ନିର୍ବାହୀ ଅଧିକାରୀମାନେ ବିଭିନ୍ନ ସମୟରେ ଚାପ, ଧମକ ଓ ଅସୁରକ୍ଷିତ




ପରିବେଶରେ କାମ କରିବାକୁ ବାଧ୍ୟ ହେଉଛନ୍ତି। ଏଭଳି ପରିସ୍ଥିତିରେ ସରକାର କର୍ମଚାରୀଙ୍କ ସୁରକ୍ଷା ପାଇଁ ସ୍ପଷ୍ଟ ନୀତି ପ୍ରଣୟନ କରିବା ସହ ଦୋଷୀଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବା ଦରକାର ବୋଲି ସେମାନେ ଦାବି କରିଛନ୍ତି।

ଏହି କଲମ ଛାଡ଼ ଆନ୍ଦୋଳନ ଯୋଗୁଁ ପଞ୍ଚାୟତ ସ୍ତରର କେତେକ ପ୍ରଶାସନିକ କାର୍ଯ୍ୟ ପ୍ରଭାବିତ ହୋଇଥିବାବେଳେ, ଦାବି ପୂରଣ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

### ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଘଟଣା

# ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଲେ ଜିଲ୍ଲାପାଳ

କୋରାପୁଟ,୪।୮ (ସଂଚାର ବ୍ୟୁରୋ)ଃ କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ "ପେଟୁର" ଉଚ୍ଚ ବିଦ୍ୟାଳୟକୁ ନେଇ ଉଠିଥିବା ଦୁର୍ନୀତି ଓ ଅନିୟମିତତା ଅଭିଯୋଗ ଏବେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ଅଭିଯୋଗର ଗୁରୁତ୍ୱ ସତ୍ତ୍ୱେ ପ୍ରଶାସନିକ ନିଷ୍କ୍ରିୟତାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି।

ଗତ ଜୁଲାଇ ୨୦ ତାରିଖରେ ପେଟୁର ଗ୍ରାମବାସୀ ପଟ୍ଟାଙ୍ଗିରେ ଆୟୋଜିତ ମିଳିତ ଜନଶୁଣାଣିରେ ଯୋଗଦେଇ ବିଦ୍ୟାଳୟରେ ଚାଲିଥିବା ବିଭିନ୍ନ ଅନିୟମିତତା ସମ୍ପର୍କରେ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ। ଅଭିଯୋଗର ଗୁରୁତ୍ୱକୁ ବିଚାର କରି ଜିଲ୍ଲାପାଳ ୭ ଦିନ ମଧ୍ୟରେ ତଦନ୍ତ ଶେଷ କରି ରିପୋର୍ଟ ଦାଖଲ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ୧୪ ଦିନରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ନା ତଦନ୍ତ ରିପୋର୍ଟ ଆସିଲା, ନା କୌଣସି ଦୃଶ୍ୟମାନ ପଦକ୍ଷେପ ଗ୍ରହଣ କରାଗଲା। ଏହା ପରେ ହତାଶ ଗ୍ରାମବାସୀ ନିଜର ଦୈନନ୍ଦିନ କାମଧନ୍ଦା ଛାଡ଼ି ଗତ ୩ ତାରିଖରେ ବୈପାରୀଗୁଡାରେ ଆୟୋଜିତ ଜିଲ୍ଲାପାଳଙ୍କ ଜନଶୁଣାଣିରେ ପହଞ୍ଚିଥିଲେ। ସେଠାରେ ସେମାନେ ପୁନର୍ବାର ବିଦ୍ୟାଳୟରେ ଚାଲିଥିବା କଥିତ ଦୁର୍ନୀତି ଓ ଅନିୟମିତତାର ପ୍ରମାଣ ସହ ଅଭିଯୋଗ ଉପସ୍ଥାପନ କରିଥିଲେ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରଧାନ ଶିକ୍ଷକଙ୍କ ବିରୋଧରେ ମଧ୍ୟାହ୍ନ ଭୋଜନ ଯୋଜନାରେ ଅନିୟମିତତା, ସରକାରୀ ଅନୁଦାନ ସତ୍ତ୍ୱେ ଛାତ୍ରଛାତ୍ରୀଙ୍କଠାରୁ ବିନା ରସିଦରେ ବିକାଶ ଦେୟ ଆଦାୟ, ପୋଷାକ ବାବଦରେ ଆଦାୟ ହୋଇଥିବା ଟଙ୍କାର ଆତ୍ମସାତ, ବାରମ୍ବାର ଅନୁପସ୍ଥିତ ରହିବା ଏବଂ ବିଦ୍ୟାଳୟ ପରିଚାଳନା କମିଟି ଗଠନରେ ମନମୁଖୀ କାର୍ଯ୍ୟକଳାପ ଭଳି ସଂଗୀନ ଅଭିଯୋଗ ରହିଛି। ଆହୁରି ମଧ୍ୟ ବିଦ୍ୟାଳୟରେ ପ୍ରତିମାସ ହେବାକୁ ଥିବା ପରିଚାଳନା କମିଟି ବୈଠକ ନିୟମିତ ଭାବେ ହେଉନାହିଁ। ଏପରିକି ବିଦ୍ୟାଳୟ ପରିବେଶକୁ ରାଜନୈତିକ ପ୍ରଭାବରେ କଳୁଷିତ କରାଯାଉଥିବା ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଏହାପରେ ଜିଲ୍ଲାପାଳ ଘଟଣାକୁ ଗୁରୁତ୍ୱର ସହ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ଓ ପଟ୍ଟାଙ୍ଗି ତହସିଲଦାରଙ୍କୁ ମିଳିତ ଭାବେ ଯାଞ୍ଚ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମବାସୀଙ୍କ ଦାବି ଅନୁସାରେ ଉଚ୍ଚସ୍ତରୀୟ ତଦନ୍ତ, ଗତ ତିନି ବର୍ଷର ଆର୍ଥିକ ଅଡିଟ୍ ଏବଂ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ବଦଳି କିମ୍ବା କାର୍ଯ୍ୟାନୁଷ୍ଠାନ ହିଁ ସମଗ୍ର ଘଟଣାର ସତ୍ୟତାକୁ ପଦାକୁ ଆଣିପାରିବ।

# ମା' ମଙ୍ଗଳା ପୀଠର ଉନ୍ନତିକରଣ ନେଇ ଉଚ୍ଚସ୍ତରୀୟ ବୈଠକ

● ବିଜେସ୍ଥଳୀ ଓ ପାରିପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ଉପରେ ଗୁରୁତ୍ୱ ● ପର୍ଯ୍ୟଟକଙ୍କ ମୌଳିକ ସୁବିଧାସୁଯୋଗ ଉପରେ ଗୁରୁତ୍ୱ



ଭୁବନେଶ୍ୱର,୪ା୮(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା କାକଟପୁର, ମା'ମଙ୍ଗଳା ପୀଠର ସାମଗ୍ରିକ ଉନ୍ନତିକରଣ ନେଇ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ମିଳିତ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମା'ମଙ୍ଗଳା ପୀଠର ବିଜେସ୍ଥଳୀ ଏବଂ ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ନେଇ ଆଲୋଚନା ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟ ମନ୍ଦିରର ମରାମତି, ରୋଷଗୃହ ନିର୍ମାଣ, ପାର୍କିଂସ୍ଥଳୀର ଉନ୍ନତିକରଣ, ସେବାୟତ ଭବନ ନିର୍ମାଣ, ଯାତ୍ରୀ ନିବାସ ଓ ଚନ୍ଦନ ଘାଟର ଆଧୁନିକୀକରଣ, ଭୋଗ ଦୋକାନ ଓ ଐତିହ୍ୟ ଗେଟ୍ ନିର୍ମାଣ ନେଇ ମଧ୍ୟ ଆଲୋଚନା ହୋଇଛି। ଏଥିସହ ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ସମନ୍ୱିତ ଉନ୍ନତିକରଣ ପ୍ରକଳ୍ପ, ବଣଭୋଜି ଜୋନ୍, ପ୍ରାଚୀନଦୀରେ ଐତିହ୍ୟ ଘାଟ ନିର୍ମାଣ, ସ୍ୱତନ୍ତ୍ର ସେତୁ ନିର୍ମାଣ, ଛୋଟପିଲାଙ୍କ ଲାଗି ପାର୍କ ନିର୍ମାଣ, ମନ୍ଦିର କାର୍ଯ୍ୟାଳୟ ଓ ଜୋତାଷ୍ଟାଣ୍ଡ ନିର୍ମାଣ ଲାଗି ସର୍ଭେ କରି ରିପୋର୍ଟ ଦେବା ଲାଗି ଆଲୋଚନା ହୋଇଥିଲା। ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ଆମ ଆସ୍ଥା ଓ ବିଶ୍ୱାସର ପ୍ରାଣକେନ୍ଦ୍ର କାକଟପୁରର ପ୍ରସିଦ୍ଧ ଶକ୍ତିପୀଠ ମା' ମଙ୍ଗଳାଙ୍କ ମନ୍ଦିରର ସାମଗ୍ରିକ ବିକାଶ ଓ ଶ୍ରଦ୍ଧାଳୁଙ୍କ ପାଇଁ ଉନ୍ନତ ସୁବିଧା ସୁନିଶ୍ଚିତ କରିବା ଆମ ସରକାରଙ୍କ ପ୍ରାଥମିକତା ରହିଛି। ଏହାକୁ ଗୁରୁତ୍ୱ ଦେଇ ଆମେ ନିରନ୍ତର କାର୍ଯ୍ୟ କରୁଛୁ। ପର୍ଯ୍ୟଟନ ଓ ଐତିହ୍ୟର ସମନ୍ୱିତ ବିକାଶ ଦ୍ୱାରା ରାଜ୍ୟର ଅର୍ଥନୀତି ଓ ପର୍ଯ୍ୟଟନ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଯୋଡ଼ିହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମା' ମଙ୍ଗଳାଙ୍କ ପୀଠ ସମଗ୍ର ଓଡ଼ିଶାବାସୀଙ୍କ ସମେତ ଓଡ଼ିଶା ବାହାରର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭାବାବେଗ ସହ ଜଡ଼ିତ ବୋଲି ଉଲ୍ଲେଖ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ପୀଠର ଉନ୍ନତିକରଣ ଲାଗି ଏକ ସମ୍ପୂର୍ଣ୍ଣ ବିକଶିତ ନକ୍ସା ପ୍ରସ୍ତୁତ କରି ଆସନ୍ତା ମାସ ଶେଷ ସୁଦ୍ଧା ବାକି ଥିବା କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଓଡ଼ିସିସିର ପରିଚାଳନା ନିର୍ଦ୍ଦେଶକ ଅନୁପମ୍ ସାହା, ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଦେବୋତ୍ତର କମିଶନର ସତ୍ୟନାରାୟଣ ଷଡ଼ଙ୍ଗୀ, ଇଆଇସି ସିଭିଲ୍ ଇଂ. ସତ୍ୟବ୍ରତ ବେହେରା, ଇଆଇସି ବିଲ୍ଡିଂ ଇଂ. ପ୍ରିୟବ୍ରତ ସାମନ୍ତରାୟ ଓ ମୁଖ୍ୟଯନ୍ତ୍ରୀ ଇଂ. ତ୍ରିନାଥ ବେହେରାଙ୍କ ସମେତ ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ସେବାୟତ ଉପସ୍ଥିତ ଥିଲେ।

## 'ଆଶା' ପକ୍ଷରୁ ପାଠ୍ୟୋପକରଣ ବଣ୍ଟନ



କେନ୍ଦୁଝର,୪ା୮(ସଂଚାର ବ୍ୟୁରୋ): ଜିଲ୍ଲାର ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୋଡ଼ିପଶା ପଞ୍ଚାୟତ ଅଧୀନସ୍ଥ ଉପାନ୍ତ ଗାଁ ଘୁଙ୍ଗିର ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଶା' ପକ୍ଷରୁ ଚଳିତ ଶିକ୍ଷାବର୍ଷ ସକାଶେ ପାଠ୍ୟୋପକରଣ ଯୋଗାଇ ଦିଆଯାଇଛି। ଘୁଙ୍ଗି ଏକ ଆଦିବାସୀ ଅଧ୍ୟୁଷିତ ହୋଇଥିବା ବେଳେ ସବୁ ପରିବାର ଜୁଆଙ୍ଗ ବର୍ଗର। ତେଣୁ ସମସ୍ତେ ଦାରିଦ୍ର୍ୟ ସୀମାରେଖା ତଳେ ଜୀବନ ଅତିବାହିତ କରୁଛନ୍ତି। ଗାଁରେ ବିଦ୍ୟାଳୟଟିଏ ଅଛି। ପିଲାଙ୍କୁ ମାଗଣାରେ ପୋଷାକ, ଜୋତା, ବହି ସେଠାରୁ ମିଳୁଛି। କିନ୍ତୁ ଅନ୍ୟ ପାଠ୍ୟୋପକରଣ ଯଥା ଖାତା, କଲମ, ପେନ୍, ପେନ୍‌ସିଲ୍ ଆଦି ସେମାନଙ୍କୁ କିଣିବାକୁ ପଡୁଛି। ପିତାମାତାଙ୍କ ଆର୍ଥିକ ସ୍ଥିତି ଖରାପ ଥିବାରୁ ଏସବୁ ଯୋଗାଇଦେବା ସେମାନଙ୍କ ପକ୍ଷେ ସମ୍ଭବ ହୁଏନାହିଁ। ଏପରି ଏକ ସ୍ଥିତି ନେଇ 'ଆଶା' ଅବଗତ ହେବା ପରେ ଏହିସବୁ ସାମଗ୍ରୀ ଯୋଗାଇ ଦେଇଛି। 'ଆଶା' ପକ୍ଷରୁ ଗାଁର ମୋଟ ୩୨ ଛାତ୍ରଛାତ୍ରୀଙ୍କୁ ଖାତା, କଲମ, ପେନ୍‌ସିଲ୍, ରବର, କଟର୍, ସ୍କେଲ୍, ପେନ୍‌ସିଲ୍ ବକ୍ସ, ଜ୍ୟାମିତି ବାକ୍ସ, ସ୍ଲେଟ୍, ଖଡ଼ି, ବହି ମଲାଟ, ନେମ୍ ପ୍ଲେଟ୍, ରଙ୍ଗ ପେନ୍, ଅଠା ଆଦି ଯୋଗାଇ ଦିଆଯାଇଛି। ବିଦ୍ୟାଳୟର ଶିକ୍ଷକ ଓ ଗାଁର କେତେକ ଭଦ୍ର ଲୋକଙ୍କ ଉପସ୍ଥିତିରେ 'ଆଶା' ସ୍ୱେଚ୍ଛାସେବୀ ବିଜୟ କୁମାର ଘଣା ଓ ହିରୋ ମହାକୁଡ଼ ଏହି ସମସ୍ତ ସାମଗ୍ରୀ ବଣ୍ଟନ କରିଛନ୍ତି। ଏପରି ଏକ ଉଦ୍ୟମ ସକାଶେ ଗାଁ ଲୋକେ 'ଆଶା' ସ୍ୱେଚ୍ଛାସେବୀଙ୍କୁ ଧନ୍ୟବାଦ ଦେଇଛନ୍ତି।

## କେଜିଭିଜି ୱାର୍ଡେନଙ୍କ ତୃତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଆରମ୍ଭ



ଭୁବନେଶ୍ୱର,୪ା୮(ସଂଚାର ବ୍ୟୁରୋ): କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି)ର ୱାର୍ଡେନଙ୍କ ନିମନ୍ତେ ତୃତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଆରମ୍ଭ ହୋଇଛି। ଜାତୀୟ ଶିକ୍ଷା ଯୋଜନା ଏବଂ ପ୍ରଶାସନ ପ୍ରତିଷ୍ଠାନ (ନିପା), ନୂଆଦିଲ୍ଲୀ ଓ ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଓଡ଼ିଶାର ମିଳିତ ସହଯୋଗରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ (ଆର୍‌ଆଇଇ) ଠାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ଓସେପାର ଅତିରିକ୍ତ ନିର୍ଦ୍ଦେଶକ ସଙ୍ଗୀତା ବେହେରା, ଯୁଗ୍ମ ନିର୍ଦ୍ଦେଶକ ଜସ୍ମିନ୍ ପଟ୍ଟନାୟକ, ଡକ୍ଟର ସରିତା ଏମ୍ ଯୋଗ ଦେଇ ୱାର୍ଡେନ୍‌ମାନଙ୍କୁ ଏକ ସୁସ୍ଥ ଓ ନିରାପଦ ପରିବେଶ ସୃଷ୍ଟି କରିବାକୁ ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ସନ୍ତୋଷ କୁମାର ରାଉତ ଯୋଗଦେଇ କେଜିବିଭିକୁ ଉଚ୍ଚମାନର ଆବାସିକ ଶିକ୍ଷାନୁଷ୍ଠାନରେ ପରିଣତ କରିବା ପାଇଁ ୱାର୍ଡେନମାନଙ୍କୁ ସକ୍ଷମ କରିବା ଏହି କର୍ମଶାଳାର ମୁଖ୍ୟ ଆଭିମୁଖ୍ୟ ବୋଲି କହିଥିଲେ। ଓସେପାର ରାଜ୍ୟ ଜେଣ୍ଡର କୋର୍ଡିନେଟର୍ ଲହରୀ ମହାନ୍ତି ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏନ୍‌ଆଇଇପିଏର ପ୍ରକଳ୍ପ ନିର୍ଦ୍ଦେଶିକ ଡକ୍ଟର ସାନ୍ତ୍ୱନା ମିଶ୍ର, ଡକ୍ଟର ଈର୍ମା କେରକେଟା ପ୍ରମୁଖ ଆଭାସୀରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଡାଏଟର ଶିକ୍ଷକ ପ୍ରଶିକ୍ଷକ ଓ ଜିଲ୍ଲା ଜେଣ୍ଡର କୋର୍ଡିନେଟରମାନେ ଯୋଗଦେଇଥିଲେ। କର୍ମଶାଳାରେ ରାଜ୍ୟର ୨ଟି ଜିଲ୍ଲାରୁ ୭୦ରୁ ଊର୍ଦ୍ଧ୍ୱ ୱାର୍ଡେନ ଯୋଗଦେଇଥିଲେ।

## ଚଳିତ ଶିକ୍ଷାବର୍ଷର ଅଭିଭାବକ-ଶିକ୍ଷକ ବୈଠକ



ଭୁବନେଶ୍ୱର,୪ା୮(ସଂଚାର ବ୍ୟୁରୋ): ଚଳିତ ଶିକ୍ଷାବର୍ଷ ୨୦୨୬-୨୭ର ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା କମିଟି ବୈଠକ ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଅଭିଭାବକ/ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟସଦସ୍ୟା, ଶିକ୍ଷକଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ। ବୈଠକରେ ନିଶାମୁକ୍ତ ଭାରତ ଅଭିଯାନ, ବିକଶିତ ଭାରତର ପରିଚୟ, ଘରେ ଘରେ ତ୍ରିରଙ୍ଗା -୨୦୨୬ କାର୍ଯ୍ୟକ୍ରମ, ଏକ୍ ପେଡ୍ ମା' କେ ନାମ୍ ୩.୦, ସୁରଭି, ସ୍ୱଚ୍ଛତା ପକ୍ଷ ପାଳନ, ଡିଜିଟାଲ ଦୁନିଆରେ ଆମ ପିଲାଙ୍କ ସୁରକ୍ଷା: ଅଭିଭାବକଙ୍କର ଭୂମିକା, କ୍ୟାରିୟର ମାର୍ଗଦର୍ଶନ ଓ ଭବିଷ୍ୟତ ଯୋଜନାରେ ପିତାମାତାଙ୍କ ଭୂମିକା, କୈଶୋର ଛାତ୍ରୀମାନଙ୍କ ପାଇଁ ଇନ୍‌ସିନେରେଟର ଓ ଭେଣ୍ଡିଂ ମେସିନ୍‌ର ବ୍ୟବସ୍ଥା ଓ ବିଦ୍ୟାଳୟରେ ପରିଷ୍କାର ଓ ପରିଚ୍ଛନ୍ନତା, ବିଦ୍ୟାଳୟ ବାହାରେ ଥିବା ଓ ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରି ନାମଲେଖା ହାରକୁ ବୃଦ୍ଧି କରିବା, ସମଗ୍ର ଶିକ୍ଷା ଯୋଜନାରେ ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ନିମନ୍ତେ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧାସୁଯୋଗ ଏବଂ ଭିନ୍ନକ୍ଷମ ଶିକ୍ଷାର୍ଥୀମାନଙ୍କ ଅଭିଭାବକ ଓ ଶିକ୍ଷକଙ୍କ ଭୂମିକା ଆଦି ଉପରେ ଆଲୋଚନା ହୋଇଥିଲା। ଛାତ୍ରଛାତ୍ରୀ ତଥା ବିଦ୍ୟାଳୟର ଉନ୍ନତିକରଣ ପ୍ରକ୍ରିୟାରେ ସମୁଦାୟ ଓ ଅଭିଭାବକ ସମ୍ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ବୈଠକରେ ମତ ବ୍ୟକ୍ତ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଶିକ୍ଷାର ମାନବୃଦ୍ଧି ନିମନ୍ତେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ସର୍ବବିଧ ଉନ୍ନତି ପାଇଁ ଅଭିଭାବକମାନଙ୍କଠାରୁ ଗଠନମୂଳକ ପ୍ରସ୍ତାବ ଆହ୍ୱାନ କରାଯାଇଥିଲା।

## ପରିଶ୍ରମ ଦେଲା ସଫଳତା
## ଯୁକ୍ତଦୁଇ କଳା ବିଭାଗର ଟପ୍ପର ହେଲେ ଉପାସନା



କଟକ, ୪ା୭ (ସଂଚାର ବ୍ୟୁରୋ): ଚୌଦ୍ୱାର କଲେଜର ଯୁକ୍ତଦୁଇ କଳା ବିଭାଗର ଛାତ୍ରୀ ଉପାସନା ସାହୁ ନିଜର ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ବଳରେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ପ୍ରାରମ୍ଭିକ ଫଳାଫଳରେ ସେ ୫୧୮ ନମ୍ବର ରଖି କଲେଜରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ତେବେ ନିଜ ପ୍ରଦର୍ଶନକୁ ନେଇ ସନ୍ତୁଷ୍ଟ ନଥିବାରୁ ସେ ସରକାରଙ୍କ ନୂତନ ଶିକ୍ଷାନୀତି ଅନୁ ଯାୟୀ ଥିବା କମ୍ପ୍ଲିମେଣ୍ଟାରୀ ପରୀକ୍ଷା ସୁଯୋଗର ଲାଭ ଉଠାଇ ପୁନର୍ବାର ପରୀକ୍ଷା ଦେଇଥିଲେ। ପୁନଃ ପରୀକ୍ଷା ପରେ ତାଙ୍କ ନମ୍ବର ବୃଦ୍ଧି ପାଇ ୫୩୫ରେ ପହଞ୍ଚିଥିଲା। ଫଳରେ ସେ ଚୌଦ୍ୱାର କଲେଜର ଯୁକ୍ତଦୁଇ କଳା ବିଭାଗର ଟପର ହେବାର ଗୌରବ ଅର୍ଜନ କରିଛନ୍ତି। ଏହି ସଫଳତାର ଶ୍ରେୟ ସେ ନିଜର କଠିନ ପରିଶ୍ରମ ସହ ପରିବାର, କଲେଜ, ବିଶେଷ କରି କୋଚିଂ ନେଉଥିବା ଓମ୍ ଷ୍ଟଡି ପଏଣ୍ଟର ଶିକ୍ଷକମାନଙ୍କୁ ଦେଇଛନ୍ତି। ସେମାନଙ୍କ ନିରନ୍ତର ମାର୍ଗଦର୍ଶନ ଓ ସହଯୋଗ ତାଙ୍କୁ ଏହି ସଫଳତାର ଶିଖରକୁ ପହଞ୍ଚାଇଥିବା ବୋଲି ଉପାସନା କହିଛନ୍ତି।

## ନବୀନ ନିବାସରେ ବିରୋଧୀ ଦଳ ନେତାଙ୍କୁ ପତ୍ରିକା ପ୍ରଦାନ



ଭୁବନେଶ୍ୱର,୪ା୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା କ୍ଷତ୍ରୀୟ ଖଣ୍ଡାୟତ ମହାସଂଘର ଏକ ପ୍ରତିନିଧି ଦଳ ଆଜି ନବୀନ ନିବାସଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏବର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲା। ଏହି ଅବସରରେ ମହାସଂଘ ପକ୍ଷରୁ ପ୍ରକାଶିତ ବାର୍ଷିକ ମୁଖପତ୍ର 'ଅସି ଓ ମସି' ଶ୍ରୀ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଥିଲା। ପତ୍ରିକାଟିକୁ ଅବଲୋକନ କରି ସେ ମହାସଂଘର ସାମାଜିକ, ସାଂସ୍କୃତିକ ଓ ସଂଗଠନମୂଳକ କାର୍ଯ୍ୟକଳାପର ପ୍ରଶଂସା କରିଥିଲେ। ସେ କେନ୍ଦ୍ରାପଡ଼ା ଜିଲ୍ଲା କ୍ଷତ୍ରୀୟ ଖଣ୍ଡାୟତ ମହାସଂଘର ଉତ୍ତରୋତ୍ତର ପ୍ରଗତି କାମନା କରିବା ସହ ସଂଗଠନର ସମସ୍ତ କର୍ମକର୍ତ୍ତାଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଆଶୀର୍ବାଦ ଜଣାଇ ସମାଜସେବାରେ ନିରନ୍ତର ଅଗ୍ରସର ହେବାକୁ ଉତ୍ସାହିତ କରିଥିଲେ। ଏହି ପ୍ରତିନିଧି ଦଳରେ ମହାସଂଘ ସଭାପତି ଶରତ କୁମାର ବେହୁରା, ସାଧାରଣ ସମ୍ପାଦକ ସୁମନ୍ତ ରାଉତ, ସଂଗଠନ ସମ୍ପାଦକ ଚନ୍ଦନ ପରିଡ଼ା, କୋଷାଧ୍ୟକ୍ଷ ସୁଶୀଲ କୁମାର ସାମଲ, କେନ୍ଦ୍ରାପଡ଼ା ପୌରାଞ୍ଚଳ ସଭାପତି ସଂଗ୍ରାମ କେଶରୀ ଜେନା, ସୁକାନ୍ତ ରାଉତ, ପୀତବାସ ବେହେରା, ତରୁଣ ରଞ୍ଜନ ପ୍ରଧାନ, ରଞ୍ଜନ କୁମାର ନାୟକ, କାର୍ତ୍ତିକ ଚନ୍ଦ୍ର ରାଉତ, ଶରତ ପଟ୍ଟନାୟକ ଓ ଜିଲ୍ଲାର ବିଭିନ୍ନ ବ୍ଲକର ସଭାପତି ଉପସ୍ଥିତ ଥିଲେ। ଶେଷରେ ପ୍ରତିନିଧି ଦଳ ଶ୍ରୀ ପଟ୍ଟନାୟକଙ୍କ ପ୍ରତି ଆନ୍ତରିକ କୃତଜ୍ଞତା ଜଣାଇଥିଲେ।

## ସାଂସଦ ଦିଲ୍ଲୀପ ରାୟଙ୍କ ପ୍ରଶ୍ନରେ ଆୟୁଷ ମନ୍ତ୍ରୀଙ୍କ ଉତ୍ତର
## ଓଡ଼ିଶାରେ କାର୍ଯ୍ୟକ୍ଷମ ହୋଇଛି ୪୨୨ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର

ଭୁବନେଶ୍ୱର,୪ା୮(ସଂଚାର ବ୍ୟୁରୋ): ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନାରେ କେନ୍ଦ୍ର ସରକାର ଓଡ଼ିଶାର ୪୨୨ଟି ଆୟୁଷ ଡିସ୍‌ପେନ୍‌ସାରୀକୁ ୱେଲ୍‌ନେସ୍ ସେଣ୍ଟର ଭାବେ ବିକାଶ କରିବା ସହ ଏଗୁଡ଼ିକୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ପରିଣତ କରିଛନ୍ତି। ଏ ସମସ୍ତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକ୍ଷମ ରହିଛି। ସାଂସଦ ଦିଲ୍ଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟସଭାରେ ଏହି ତଥ୍ୟ ଦେଇଛନ୍ତି ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ।

ଓଡ଼ିଶାରେ ଆୟୁର୍ବେଦିକ ଚିକିତ୍ସାର ବିକାଶ ଓ ଲୋକଙ୍କ ହାତ ପାଆନ୍ତାରେ ଏହି ପ୍ରାଚୀନ ତଥା ପାରମ୍ପରିକ ଚିକିତ୍ସା ପଦ୍ଧତିକୁ ବିଜ୍ଞାନ ସମ୍ମତ ଭାବେ ପହଞ୍ଚାଇବା ସଂକ୍ରାନ୍ତରେ ଶ୍ରୀ ରାୟ ସଂସଦରେ ପ୍ରଶ୍ନ ଉଠାଇଥିଲେ। ଉତ୍ତରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଜନସ୍ୱାସ୍ଥ୍ୟ ରାଜ୍ୟ ସରକାରମାନଙ୍କ ବ୍ୟାପାର ହୋଇଥିବା ବେଳେ ଏହାର ବିକାଶ ଦିଗରେ କେନ୍ଦ୍ର ସରକାର ସହଯୋଗ କରିଥାନ୍ତି। ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ଜାତୀୟ ଆୟୁଷ ମିଶନ ଭଳି କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାମାନ କାର୍ଯ୍ୟକାରୀ କରିଥାନ୍ତି। ଏହି କ୍ରମରେ ଓଡ଼ିଶାର ୨୯ଟି ଜିଲ୍ଲାର ୪୨୨ଟି ଆୟୁଷ ଡିସ୍‌ପେନ୍ସାରୀକୁ ଆୟୁଷ ସ୍ୱାସ୍ଥ୍ୟ ଓ ନିରାମୟ କେନ୍ଦ୍ର ଭାବେ କେନ୍ଦ୍ରୀୟ ଯୋଜନାରେ ଉନ୍ନତ କରାଯାଇଛି। ଏଗୁଡ଼ିକ ଏବେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଭାବେ ପରିଚିତ। ଏଥିମଧ୍ୟରେ ଅନେକ ଆୟୁର୍ବେଦିକ ଡିସ୍‌ପେନ୍ସାରୀ ମଧ୍ୟ ରହିଛି। ସୁନ୍ଦରଗଡ଼ ଜିଲ୍ଲାରେ ଏବେ ୧୩ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାର୍ଯ୍ୟକ୍ଷମ ରହିଛି। ଦେବଗଡ଼ ଜିଲ୍ଲାକୁ ବାଦ୍ ଦେଲେ ରାଜ୍ୟର ଅନ୍ୟ ୨୯ଟି ଜିଲ୍ଲାରେ ଏଭଳି ଆରୋଗ୍ୟ ମନ୍ଦିରମାନ ରହିଛି।

ରୋଗ ଚିକିତ୍ସା ଏବେ ଏକ ବ୍ୟୟବହୁଳ ବ୍ୟାପାର ହୋଇଥିବା ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପାଇଁ ବିଭିନ୍ନ ଯୋଜନାରେ ବ୍ୟାପକ ଆର୍ଥିକ ସହାୟତା ଦେଉଥିବା ଉଲ୍ଲେଖ କରି ଶ୍ରୀ ରାୟ କହିଛନ୍ତି ଯେ ପ୍ରତି ଗାଁର ଲୋକଙ୍କ ପାଖରେ ଆୟୁର୍ବେଦିକ ଓ ହୋମିଓପ୍ୟାଥିକ ଚିକିତ୍ସା ସୁବିଧା ପହଞ୍ଚିପାରିଲେ ସ୍ୱଳ୍ପ ଖର୍ଚ୍ଚରେ ଲୋକେ ପାର୍ଶ୍ୱପ୍ରତିକ୍ରିୟାବିହୀନ ପାରମ୍ପରିକ ଉପଚାର କରି ସୁସ୍ଥ ରହିପାରିବେ। ଓଡ଼ିଶାରେ ଲୋକଙ୍କ ବାଡ଼ିବଗିଚାଠାରୁ ଆରମ୍ଭ କରି ବଣଜଙ୍ଗଲରେ ବିରଳ ଔଷଧୀୟ ବୃକ୍ଷଲତାମାନ ରହିଥିବାରୁ ଆୟୁର୍ବେଦ ଚିକିତ୍ସା ଉପରେ ଅଧିକ ଗବେଷଣା ଓ ତା'ର ପ୍ରୟୋଗ ଲାଗି ଶ୍ରୀ ରାୟ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ଗ୍ରାମୀଣ ଶିକ୍ଷାକୁ ସୁଦୃଢ଼ କରୁଛି ବେଦାନ୍ତ



ଭୁବନେଶ୍ୱର,୪ା୮(ସଂଚାର ବ୍ୟୁରୋ): ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଏହାର କୋଇଲା ଖଣିର ଏକ ମୁଖ୍ୟ ପଦକ୍ଷେପ ପ୍ରକଳ୍ପ ବିଦ୍ୟା ମାଧ୍ୟମରେ ଓଡ଼ିଶାର ଝାରସୁଗୁଡ଼ା ଓ ସୁନ୍ଦରଗଡ ଜିଲ୍ଲାରେ ଗ୍ରାମୀଣ ଶିକ୍ଷାକୁ ମଜବୁତ କରୁଛି, ଯାହା ଶିକ୍ଷାର ସୁଯୋଗକୁ ବିସ୍ତାର କରୁଛି ଓ ସରକାରୀ ବିଦ୍ୟାଳୟରେ ଶିକ୍ଷାଗତ ଫଳାଫଳକୁ ଉନ୍ନତ କରିବାରେ ସାହାଯ୍ୟ କରୁଛି। ଏହାର ପ୍ରାରମ୍ଭ ପରଠାରୁ ପ୍ରକଳ୍ପ ବିଦ୍ୟା କମ୍ପାନୀର କାର୍ଯ୍ୟକ୍ଷମ ଅଞ୍ଚଳ କୁରାଲୋଇ, ଜାମଖାନୀ ଓ ଘୋଘରପାଲ୍ଲୀରେ ୩୨ଟି ସରକାରୀ ବିଦ୍ୟାଳୟ ଏବଂ ୫୧ଟି ଅଙ୍ଗନୱାଡି କେନ୍ଦ୍ରର ୨୫ ହଜାରରୁ ଅଧିକ ଛାତ୍ରଙ୍କ ନିକଟରେ ପହଞ୍ଚିଛି। ଏହି ପଦକ୍ଷେପ ପଡ଼ୋଶୀ ସମ୍ପ୍ରଦାୟର ଦକ୍ଷ ଶିକ୍ଷକମାନଙ୍କୁ ନିୟୋଜିତ କରି ସ୍ଥାନୀୟ ଯୁବକଙ୍କ ପାଇଁ ଅର୍ଥପୂର୍ଣ୍ଣ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଶ୍ରେଣୀଗୃହ ପାଠପଢ଼ାକୁ ମଜବୁତ କରି ଗ୍ରାମୀଣ ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟାର ସମାଧାନ କରିଛି। ଆଜି ପର୍ଯ୍ୟନ୍ତ ଏହି ପଦକ୍ଷେପ ଅଧୀନରେ ୨୧ ଜଣ ଅତିରିକ୍ତ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ପ୍ରକଳ୍ପ ବିଦ୍ୟା ଶିକ୍ଷା ପରିବେଶକୁ ସୁଦୃଢ଼ କରିବା ପାଇଁ ଏକ ସମଗ୍ର ଦୃଷ୍ଟିଭଙ୍ଗୀ ଗ୍ରହଣ କରେ। ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ସିଇଓ ଅମରେଶ୍ କୁମାର କହିଛନ୍ତି ଯେ ଶିକ୍ଷା ଏପରି ସୁଯୋଗ ସୃଷ୍ଟି କରେ, ଯାହା ଶ୍ରେଣୀଗୃହର ସୀମାଠାରୁ ବହୁ ଦୂର ପର୍ଯ୍ୟନ୍ତ ବିସ୍ତାରିତ ହୁଏ। ପ୍ରକଳ୍ପ ବିଦ୍ୟା ମାଧ୍ୟମରେ ଆମେ ଅର୍ଥପୂର୍ଣ୍ଣ ଜୀବିକା ସୁଯୋଗ ସୃଷ୍ଟି କରୁଛୁ।

## ଓଟିଏମ୍ କଲୋନୀରୁ ବୟସ୍କ ବ୍ୟକ୍ତି ଉଦ୍ଧାର



କଟକ, ୪ା୭ (ସଂଚାର ବ୍ୟୁରୋ): ଓଟିଏମ୍ କଲୋନୀରୁ ଜଣେ ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ବୃଦ୍ଧଙ୍କୁ ଉଦ୍ଧାର ଫାଉଣ୍ଡେସନ ସଂଗଠନର ସକ୍ରିୟ ସଦସ୍ୟ ଅଂଶୁମାନ ସ୍ୱାଇଁ ଉଦ୍ଧାର କରିଛନ୍ତି। ବ୍ୟକ୍ତି ଜଣକ ବୁଲିବୁଲି ଖାଇବାକୁ ମାଗୁଥିବାବେଳେ ରାତିରେ ବିଦ୍ୟାଳୟରେ ଶୋଇ ପଡୁଥିଲେ। ତାଙ୍କୁ କିଛି ସହୃଦୟ ବ୍ୟକ୍ତି ଖାଇବାକୁ ଦେଉଥିଲେ। ବୟସ୍କ ବ୍ୟକ୍ତିଙ୍କୁ ଉଦ୍ଧାର କରି ଫାଉଣ୍ଡେସନର ବରିଷ୍ଠ ସଦସ୍ୟ ଲୋକନାଥ ମାଝୀଙ୍କ ସହଯୋଗରେ ଜରାଶ୍ରମରେ ଛଡ଼ାଯାଇଛି।

## କମିଥିବା କେନ୍ଦ୍ରୀୟ ଅନୁଦାନ ଲୁଚାଇବାକୁ ବନ୍ୟା ସହାୟତା ପ୍ରଚାର: ବିଜେଡି



ଭୁବନେଶ୍ୱର,୪ା୮(ସଂଚାର ବ୍ୟୁରୋ): ରାଜ୍ୟରେ ବନ୍ୟାର ମୁକାବିଲା ପାଇଁ କେନ୍ଦ୍ର ସରକାର ୫୦୦ କୋଟି ଟଙ୍କା ଅନୁଦାନ ଘୋଷଣା କରିଥିବାକୁ ନେଇ ରାଜ୍ୟ ସରକାର ଓ ବିଜେପି ପକ୍ଷରୁ ଏହାକୁ ବିଶେଷ ପ୍ରଚାର କରାଯାଉଛି। କିନ୍ତୁ ଏହି ଅନୁଦାନ କିଛି ବିଶେଷ ଅନୁଦାନ ନୁହେଁ, ବନ୍ୟା ବା ଅନ୍ୟ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ ରାଜ୍ୟକୁ କେନ୍ଦ୍ରର ଅନୁଦାନ ମିଳିଥାଏ। ତେଣୁ ଏଥିପାଇଁ ବିଶେଷ ଉଲ୍ଲସିତ ହେବାର କୌଣସି କାରଣ ନାହିଁ ବୋଲି ବିଜେଡି କହିଛି।

ଦଳ ପକ୍ଷରୁ ଜାରି ଏକ ପ୍ରେସ ବିବୃତିରେ ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ଓଡ଼ିଶାରେ ଡବଲ୍ ଇଞ୍ଜିନ୍ ସରକାର ଗଠନ ହେଲେ ରାଜ୍ୟକୁ କେନ୍ଦ୍ରରୁ ଅଧିକ ଅର୍ଥ ଓ ବିକାଶ ମିଳିବ ବୋଲି ବିଜେପି ଯେଉଁ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଥିଲା, ଦୁଇ ବର୍ଷର ତଥ୍ୟ ଦେଖିଲେ କେନ୍ଦ୍ର ଅନୁଦାନ ବଢ଼ିବା ପରିବର୍ତ୍ତେ କମିଛି। ରାଜ୍ୟର ବିଜେପି ନେତାମାନେ ବାସ୍ତବ ଚିତ୍ରକୁ ଲୁଚାଇବା ଉଦ୍ଦେଶ୍ୟରେ ବନ୍ୟା ମୁକାବିଲା ପାଇଁ ମିଳିଥିବା ସହାୟତାକୁ ପ୍ରଚାର କରୁଛନ୍ତି। ପ୍ରମୁଖ ବିକାଶମୂଳକ ଯୋଜନାରେ ଓଡ଼ିଶାକୁ ମିଳୁଥିବା କେନ୍ଦ୍ରୀୟ ଅନୁଦାନ ୨୦୨୩-୨୪ରେ ୨୧,୫୦୦ କୋଟିରୁ ୨୦୨୪-୨୫ରେ ୧୭,୦୦୦ କୋଟିକୁ ହ୍ରାସ ପାଇଛି। ଏହାର ସିଧାସଳଖ ପ୍ରଭାବ ଓଡ଼ିଶାର ଗରିବ, କୃଷକ ଓ ଗ୍ରାମାଞ୍ଚଳର ଲୋକଙ୍କ ଉପରେ ପଡ଼ିବ। ଗ୍ରାମାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶାକୁ ମିଳୁଥିବା ଅନୁଦାନ ୪,୩୧୦ କୋଟିରୁ ୮୨୫ କୋଟିକୁ ଖସିଆସିଛି ସେହିପରି ସହାରାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳିଥିବା ଅନୁଦାନ ୨୯୬ କୋଟିରୁ ୦.୭୩ କୋଟିକୁ ହ୍ରାସ ପାଇଛି ଯେଉଁ ସରକାର ଗରିବଙ୍କୁ ଘର ଦେବା କଥା କହୁଛି, ସେହି ସରକାର ସମୟରେ ଆବାସ ଯୋଜନାରେ ଅନୁଦାନ କାହିଁକି ଏତେ କମିଲା ବୋଲି ଡ. ମହାନ୍ତି ପ୍ରଶ୍ନ କରିଛନ୍ତି। ସେହିପରି ରାଜ୍ୟ ସରକାର କୃଷକଙ୍କ ବିକାଶ ପାଇଁ ବଡ଼ ବଡ଼ କଥା କହୁଥିବା ବେଳେ ଏହି ଅନୁଦାନ ହ୍ରାସ କୃଷକଙ୍କ ବିକାଶରେ ପ୍ରତିବନ୍ଧକ ସାଜିଛି ବୋଲି ସେ ଅଭିଯୋଗ କରିଛନ୍ତି।

## ଥାନାରେ ଇଭି ଗାଡ଼ି ଚାର୍ଜିଂ ମନା

**କ୍ୱାର୍ଟର୍ସକୁ ଯିବନି ଅଫିସ୍ ଲାଇନ**

**ଅଫିସ ବିଦ୍ୟୁତର ଦୁରୁପଯୋଗ କଲେ କାର୍ଯ୍ୟାନୁଷ୍ଠାନ**

ଭୁବନେଶ୍ୱର,୪ା୮ (ସଂଚାର ବ୍ୟୁରୋ): ଓଡ଼ିଶା ପୁଲିସ ପକ୍ଷରୁ ଅଫିସ୍ ପରିସରରେ ବିଦ୍ୟୁତ ବ୍ୟବହାରକୁ ନେଇ କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି। ପୁଲିସ ଜିଲ୍ଲା, ରେଞ୍ଜ, ପ୍ରତିଷ୍ଠାନ ଓ ବାଟାଲିୟନ ମୁଖ୍ୟମାନଙ୍କୁ ପଠାଯାଇଥିବା ଏକ ଚିଠିରେ ଅଫିସ୍‌ରୁ ଆବାସିକ କ୍ୱାର୍ଟର୍ସ କିମ୍ବା ବାରାକକୁ ବେଆଇନ ବିଦ୍ୟୁତ ସଂଯୋଗ ଦେବା, ଅଫିସ୍ ବିଦ୍ୟୁତରେ ବ୍ୟକ୍ତିଗତ ଇଲେକ୍ଟ୍ରିକ୍ ଗାଡ଼ି (ଇଭି) ଚାର୍ଜ କରିବା ଓ ଅନୁମତି ବିନା ବିଦ୍ୟୁତର ଅନ୍ୟାନ୍ୟ ବ୍ୟବହାରକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଚିଠିରେ କୁହାଯାଇଛି ଯେ କେତେକ ପୁଲିସ ପ୍ରତିଷ୍ଠାନରେ ମୁଖ୍ୟ ଅଫିସ ବିଦ୍ୟୁତ ଲାଇନରୁ କ୍ୱାର୍ଟର୍ସ ଓ ବାରାକକୁ ସଂଯୋଗ ଦିଆଯାଉଥିବା ନଜରକୁ ଆସିଛି। ଏହା ପ୍ରଚଳିତ ନିୟମର ଉଲ୍ଲଂଘନ ବୋଲି ଦର୍ଶାଯାଇଛି। ସେହିପରି କେତେକ କର୍ମଚାରୀ ଅଫିସ ବିଦ୍ୟୁତ ବ୍ୟବହାର କରି ନିଜସ୍ୱ ଇଲେକ୍ଟ୍ରିକ ଗାଡ଼ି ଚାର୍ଜ କରୁଥିବାରୁ ସରକାରଙ୍କ ଉପରେ ଅନାବଶ୍ୟକ ଆର୍ଥିକ ବୋଝ ପଡୁଥିବା ଉଲ୍ଲେଖ କରାଯାଇଛି। ଏଥିସହ ବାରାକରେ ରୋଷେଇ ପାଇଁ ଇଲେକ୍ଟ୍ରିକ୍ ହିଟର୍ ବ୍ୟବହାର କରାଯାଉଥିବାରୁ ଅତ୍ୟଧିକ ବିଦ୍ୟୁତ ଖର୍ଚ୍ଚ ସହ ସୁରକ୍ଷାଜନିତ ବିପଦ ସୃଷ୍ଟି ହେଉଥିବା କଥା ମଧ୍ୟ ଚିଠିରେ ଉଲ୍ଲେଖ ରହିଛି। ଏହି ପରିସ୍ଥିତିରେ ସମସ୍ତ ପୁଲିସ ପ୍ରତିଷ୍ଠାନ ମୁଖ୍ୟଙ୍କୁ ନିଜ ଅଧୀନସ୍ଥ କାର୍ଯ୍ୟାଳୟଗୁଡ଼ିକରେ ତୁରନ୍ତ ଯାଞ୍ଚ କରି ବେଆଇନ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିବା ସହ ଏପରି କାର୍ଯ୍ୟକଳାପ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦେଶରେ ସ୍ପଷ୍ଟ କରାଯାଇଛି ଯେ ଅନଧିକୃତ ବିଦ୍ୟୁତ ସଂଯୋଗ କିମ୍ବା ଅଫିସ ବିଦ୍ୟୁତର ଦୁରୁପଯୋଗ ଧରାପଡ଼ିଲେ ତୁରନ୍ତ ସଂଯୋଗ ବିଚ୍ଛିନ୍ନ କରାଯିବ। ଏଥିସହ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ପ୍ରଚଳିତ ନିୟମ ଅନୁଯାୟୀ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି।

## ବିଜେଡି ନେତାଙ୍କୁ ଟାର୍ଗେଟ୍ କଲେ ବିରଞ୍ଚି
## ପୂର୍ବ ସରକାରକୁ ବଦ୍‌ନାମୀରୁ ବଞ୍ଚାଇବା ପାଇଁ ବୟାନବାଜି

ଭୁବନେଶ୍ୱର,୪ା୮(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ (ସିଏମ୍‌ଓ)ରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣା ଫାଇଲ ଚୋରି ଘଟଣାରେ ବିଜେଡି ନେତାମାନେ ତାଙ୍କ ଦଳର ତତ୍କାଳୀନ ସରକାରକୁ ବଦ୍‌ନାମୀରୁ ବଞ୍ଚାଇବା ପାଇଁ ସାମ୍ବାଦିକ ସମ୍ମିଳନୀ କରି ବୟାନବାଜି କରୁଛନ୍ତି ବୋଲି ଏକ ପ୍ରେସ୍ ବାର୍ତ୍ତାରେ ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି।

ଶ୍ରୀ ତ୍ରିପାଠୀ କହିଛନ୍ତି ଯେ ସିଏମ୍‌ଓରୁ ଫାଇଲ୍ ଚୋରି ପ୍ରସଙ୍ଗ ଯେତେବେଳେ ପ୍ରଘଟ ହେଲା ସେତେବେଳେ ଜଷ୍ଟିସ ଏଏସ୍ ନାଇଡୁ କମିଶନ୍ ରିପୋର୍ଟରେ ଗୋଟିଏ କପି ୨ଟି ଭଲ୍ୟୁମରେ ତତ୍କାଳୀନ ବିଜେଡି ସରକାରଙ୍କୁ ଦେଇଥିବା କହିଥିଲେ। ଯଦି ଗୋଟିଏ ଭଲ୍ୟୁମରେ ଜଷ୍ଟିସ୍ ନାଇଡୁ ଗୋଟିଏ କପି ଦେଇଥିଲେ ତା'ହେଲେ ବିଜେଡିର ସର୍ବୋଚ୍ଚ ନେତା ତଥା ତତ୍କାଳୀନ ମୁଖ୍ୟମନ୍ତ୍ରୀ ସରକାରରେ ଥିଲା ବେଳେ ୮ ବର୍ଷ କାଳ ଉକ୍ତ ରିପୋର୍ଟକୁ ତାଙ୍କ ପାଖରେ ରଖିଥିଲେ କାହିଁକି? ସେହିପରି ୨୦୧୬ ଅକ୍ଟୋବର ୧୯ରୁ ୨୦୨୪ ଜୁନ ୪ ତାରିଖ ପର୍ଯ୍ୟନ୍ତ ତାଙ୍କ ପାଖରେ ଫାଇଲ୍ ରହିଥିଲା ବୋଲି ରିପୋର୍ଟରୁ ଜଣାପଡୁଛି। ସେତେବେଳେ ଏହି ଫାଇଲ ନବୀନ ପଟ୍ଟନାୟକ କ'ଣ ପାଇଁ ସାର୍ବଜନୀନ କଲେ



ନାହିଁ, ତା' ପ୍ରଥମେ ସେ ସ୍ପଷ୍ଟ କରିବା କଥା। ନବୀନ ବାବୁ ଶାସନରୁ ଗଲାପରେ ସବୁ ଫାଇଲ ସିଏମ୍‌ଓକୁ ଆସିଲା ମାତ୍ର ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣା ଫାଇଲ ଆସି ନ ଥିଲା। ଏନେଇ ଫାଇଲ୍ ସମ୍ପର୍କରେ ବିଜେପି ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପାଖକୁ ଚିଠି ପଠାଯାଇ ଅନୁସନ୍ଧାନ କରାଯାଇଥିଲା। ମାତ୍ର ତାଙ୍କ ପାଖରୁ କୌଣସି ଉତ୍ତର ମିଳି ନ ଥିଲା। ପୂର୍ବରୁ ନବୀନ ଉକ୍ତ ଫାଇଲ୍‌ର ଅଧିକୃତ ବ୍ୟକ୍ତି ଥିବାରୁ ଫାଇଲ୍ କେଉଁଠି ଥିଲା ସେ ବିଷୟରେ କହିପାରିଥାନ୍ତେ। ମାତ୍ର ସେପରି ନ କରି ପିଏସ୍‌ଙ୍କ ଜରିଆରେ ଫାଇଲ୍ ଖୋଜିବାକୁ କହି ଓଡ଼ିଶାବାସୀଙ୍କୁ ନବୀନ ଓ ତାଙ୍କ ଦଳ ଭୁଆଁ ଭୁଲାଉଛନ୍ତି। ସେ ସରକାରରେ ଥିଲାବେଳେ ଉକ୍ତ ଫାଇଲ୍ କାହିଁକି ସାର୍ବଜନୀନ କଲେ ନାହିଁ ଓଡ଼ିଶାବାସୀ ତାହା ଜାଣିବାକୁ ଚାହୁଁଛନ୍ତି। ଅପରପକ୍ଷେ ଏହି ଘଟଣାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏଫ୍‌ଆଇଆର୍ ଦିଆଯାଇଛି। ରାଜ୍ୟର ସବୁଠାରୁ ବୃହତ୍ ଓ ବିଶ୍ୱସନୀୟ ତଦନ୍ତକାରୀ ସଂସ୍ଥା କ୍ରାଇମ୍‌ବ୍ରାଞ୍ଚ ମାମଲାର ତଦନ୍ତ କରୁଛି। ଦେଶର ନ୍ୟାୟିକ ବ୍ୟବସ୍ଥା ଅନୁସାରେ ଏବେ ତଦନ୍ତ ଚାଲିଛି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

● ହଷ୍ଟେଲ୍ ପରିସରରେ ଅଭାବନୀୟ ଘଟଣା
## ୨୭ ଛାତ୍ରଙ୍କୁ ନିସ୍ତୁକ ପିଟିଲା ଦଶମ ଛାତ୍ର

ରାୟଗଡ଼ା,୪ା୮(ସଂଚାର ବ୍ୟୁରୋ): ରାତି ଅଧରେ ହଷ୍ଟେଲରେ ପ୍ରଜାକୋର୍ଟ ବସାଇ ଜଣେ ଦଶମ ଶ୍ରେଣୀ ଛାତ୍ର ୨୭ ଜଣ ନବମ ଶ୍ରେଣୀ ଛାତ୍ରଙ୍କୁ ନିସ୍ତୁକ ମାଡ଼ ମାରିବା ଭଳି ଏକ ଅଭାବନୀୟ ଘଟଣା ଘଟିଛି। ଉକ୍ତ ଛାତ୍ର ଜଣଙ୍କ ନଡ଼ିଆ ବାହୁଙ୍ଗା ଓ କ୍ରିକେଟ୍ ବ୍ୟାଟ୍‌ରେ ନିସ୍ତୁକ ମାଡ଼ ମାରିଛି। ରାୟଗଡ଼ା ଜିଲ୍ଲା ରିଭଲକୋଣା ଏସଏସଡି ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହି ଘଟଣା ଘଟିଛି। ମିଳିଥିବା ସୂଚନାନୁସାରେ, ଦଶମ ଶ୍ରେଣୀ ଛାତ୍ର ଜଣଙ୍କ ସ୍କୁଲ ପିଲାଙ୍କୁ ପୂର୍ବରୁ ଡରାଇ-ଧମକାଇ ନିର୍ଯାତନା ଦେଇଆସୁଥିଲା। ତେଣୁ ପିଲାମାନେ ଏନେଇ ପ୍ରଧାନଶିକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ। ଏଥିରେ ଦଶମ ଛାତ୍ର ଜଣକ ଉତ୍‌କ୍ଷିପ୍ତ ହୋଇଉଠିଥିଲା ଆଉ ରାତିରେ ନବମ ଶ୍ରେଣୀର ଛାତ୍ରମାନଙ୍କ ଉପରେ ଅତ୍ୟାଚାର କରିଥିଲା। ଏକ ନଡ଼ିଆ ବାହୁଙ୍ଗା ଓ କ୍ରିକେଟ୍ ବ୍ୟାଟ୍‌ରେ ସେ ଜଣଙ୍କ ପରେ ଜଣେ ଏହିପରି ୨୭ ଜଣ ନବମ ଶ୍ରେଣୀ ଛାତ୍ରଙ୍କୁ ନିସ୍ତୁକ ପିଟିଥିଲା। ଏହାର ଏକ ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେଉଛି। ତେବେ ଏହି ଘଟଣାରେ ଅନ୍ୟ କିଛି ଦଶମ ଶ୍ରେଣୀ ଛାତ୍ରଙ୍କର ମଧ୍ୟ ସମ୍ପୃକ୍ତି ଥିବା ଜଣାପଡ଼ିଛି। ସେପଟେ ଆହତ ଛାତ୍ରମାନେ ଅଭିଯୋଗ କରିଛନ୍ତି ଯେ କିଛି ସିନିୟର୍ ଛାତ୍ର ହଷ୍ଟେଲ ପରିସରରେ ନିଶା କାରବାର କରୁଛନ୍ତି। ହଷ୍ଟେଲ ପରିସରରେ ଉକ୍ତ ଛାତ୍ର ଅନେକ ଥର ପିଲାମାନଙ୍କୁ ନିର୍ଯାତନା ଦେଇଛି। ହେଲେ ଭୟରେ ତା' ବିରୋଧରେ କେହି ବି ପାଟି ଖୋଲୁ ନ ଥିଲେ। ଆଉ ଅଭିଯୋଗ କରିବାରୁ ଏଭଳି ନିର୍ଯାତନା ଦିଆଯାଇଛି।

ଘଟଣା ଲୋକଲୋଚନକୁ ଆସିବା ପରେ ତନାଘନା ଆରମ୍ଭ ହୋଇଛି। ସମ୍ପୃକ୍ତ ଦଶମ ଶ୍ରେଣୀ ଛାତ୍ର ସହ ୬ ଜଣ ଛାତ୍ରଙ୍କ ବିରୋଧରେ ଚାନ୍ଦିଲି ଥାନାରେ ସ୍କୁଲ କର୍ତ୍ତୃପକ୍ଷ ଏତଲା ଦେଇଛନ୍ତି। ସେହିପରି ରାୟଗଡ଼ା ଜିଲ୍ଲାପାଳ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏଥିସହ ଘଟଣାର ତଦନ୍ତ ପାଇଁ ସ୍କୁଲରେ ମଙ୍ଗଳ ବିଭାଗର ଅଧିକାରୀ ପହଞ୍ଚି ତଦନ୍ତ କରୁଛନ୍ତି।

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ବୁଧବାର ୫ ଅଗଷ୍ଟ ୨୦୨୬, ଭୁବନେଶ୍ୱର
Wednesday 5 August 2026, Bhubaneswar

# ବିଜେପି ରାଜନୀତିକୁ ବାଙ୍କୀପୁର ଶିକ୍ଷା



ବିହାରର ପଟନା ସହରର ବାଙ୍କୀପୁର ବିଧାନସଭା ଆସନ ଗତ ତିନି ଦଶନ୍ଧି ଧରି ଭାରତୀୟ ଜନତା ପାର୍ଟିର ଏକ ଅଭେଦ୍ୟ ଦୁର୍ଗ ଥିଲା। ୧୯୯୫ ରୁ ଏହି ଆସନରେ ବିଜେପିର କ୍ରମାଗତ ବିଜୟ ଥିଲା। ପ୍ରଥମେ ନବୀନ କିଶୋର ପ୍ରସାଦ ସିଂହ ଏବଂ ପରେ ତାଙ୍କ ପୁତ୍ର ନିତିନ ନବୀନ ଏହି ଆସନକୁ ପାଞ୍ଚ ଥର ଜିତିଥିଲେ। ନିତିନ ନବୀନ ବିଜେପିର ଜାତୀୟ ଅଧ୍ୟକ୍ଷ ଭାବେ ନିଯୁକ୍ତ ହେବା ପରେ ରାଜ୍ୟସଭାକୁ ଯିବା ଯୋଗୁଁ ଏହି ଆସନ ଖାଲି ହୋଇଥିଲା। ଉପନିର୍ବାଚନରେ ଜନ ସୁରାଜ ପାର୍ଟିର ପ୍ରଶାନ୍ତ କିଶୋର ବିଜେପି ପ୍ରାର୍ଥୀ ନୀରଜ କୁମାର ଶତ୍ରୁଘ୍ନ ସିନ୍ହାଙ୍କୁ ପ୍ରାୟ ୧୯,୦୦୦ ଭୋଟରେ ପରାସ୍ତ କରି ଏହି ଦୁର୍ଗ ଭାଙ୍ଗି ଦେଇଛନ୍ତି। ଏହା କେବଳ ଏକ ଆସନର ପରାଜୟ ନୁହେଁ; ଏହା ବିଜେପିର ସଙ୍ଗଠନିକ ଶକ୍ତି, ନେତୃତ୍ୱ ଏବଂ ଜନମତର ଗଭୀର ପରିବର୍ତ୍ତନକୁ ସୂଚିତ କରୁଛି।

ଏହି ପରାଜୟର କାରଣ ବହୁମୁଖୀ। ସର୍ବପ୍ରଥମେ, ଏହା ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ନେତୃତ୍ୱ ଉପରେ ଏକ ଜନମତ ସଂଗ୍ରହ ଥିଲା। ନୀତୀଶ କୁମାରଙ୍କୁ ସ୍ଥାନାନ୍ତରିତ କରି ସମ୍ରାଟଙ୍କୁ ମୁଖ୍ୟମନ୍ତ୍ରୀ କରାଯିବା ପରେ ଏହି ଉପନିର୍ବାଚନ ପ୍ରଥମ ପରୀକ୍ଷା ଥିଲା। କୁର୍ମୀ ସମ୍ପ୍ରଦାୟ ଏବଂ ଉଚ୍ଚ ଜାତି ମଧ୍ୟରେ ଅସନ୍ତୋଷ ଦେଖାଯାଇଥିଲା। ବାଙ୍କୀପୁରରେ ଉଚ୍ଚ ଜାତି ଭୋଟର ସଂଖ୍ୟା ପ୍ରାୟ ୪୨ ଶତାଂଶ ରହିଥିବାବେଳେ ସେମାନେ ବିଜେପି ପାଖରେ ରହିଲେ ନାହିଁ। ଜାତି ଆଧାରିତ ଭୋଟ ବ୍ୟାଙ୍କରେ ଫାଟ ପଡ଼ିଥିଲା। ଶିକ୍ଷା କ୍ଷେତ୍ରରେ ପେପର ଲିକ୍ ଘଟଣା ଏବଂ ତା' ସହିତ ଜଡ଼ିତ ଯୁବ ଆନ୍ଦୋଳନର ପ୍ରଭାବ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦିଲ୍ଲୀର ଜନ୍ତର ମନ୍ତରରେ କକ୍ରୋଚ ଜନତା ପାର୍ଟି (ସିଜେପି)ର ଦୀର୍ଘଦିନର ଧାରଣା ଏବଂ ନିଟ୍ ପରୀକ୍ଷା ଲିକ୍ ବିରୋଧରେ ଯୁବସମାଜର କ୍ରୋଧ ବିହାରକୁ ମଧ୍ୟ ପ୍ରଭାବିତ କରିଥିଲା। ବିହାର ପୁଲିସ ଦ୍ୱାରା ଛାତ୍ରଛାତ୍ରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଗିରଫତାରି ଯୋଗୁଁ ଯୁବ ଓ ସେମାନଙ୍କ ପରିବାର ବିଜେପି ଠାରୁ ଦୂରେଇ ଯାଇଥିଲେ। ଏହି ଆନ୍ଦୋଳନ ବାଙ୍କୀପୁରକୁ ଯୁବ ଅସନ୍ତୋଷର କେନ୍ଦ୍ର କରିଥିଲା। ଫଳରେ ବିଜେପିର ଭୋଟ ଅଂଶ ୬୨ ଶତାଂଶରୁ ମାତ୍ର ୩୪ ଶତାଂଶକୁ ଖସିଯାଇଥିଲା।

ତୃତୀୟତଃ, ପ୍ରାର୍ଥୀ ଚୟନରେ ବିଭ୍ରାନ୍ତି ଏବଂ ଅତି ଆତ୍ମବିଶ୍ୱାସ ମଧ୍ୟ ଦାୟୀ। ମୂଳ ପ୍ରାର୍ଥୀ ନାମ ପ୍ରତ୍ୟାହାର କରିବା ପରେ ହଠାତ୍ ନୂଆ ପ୍ରାର୍ଥୀ ଛିଡା କରାଯାଇଥିଲା। ପ୍ରଶାନ୍ତ କିଶୋର ଦୁଇ ମାସ ଆଗରୁ କ୍ୟାମ୍ପେନ୍ ଆରମ୍ଭ କରି ଜନସମ୍ପର୍କ ବଢ଼ାଇଥିବା ବେଳେ ବିଜେପି ଶେଷ ମୁହୂର୍ତ୍ତରେ ସକ୍ରିୟ ହୋଇଥିଲା। ନିମ୍ନ ଭୋଟଦାନ ହାର (ପ୍ରାୟ ୩୪ ଶତାଂଶ) ମଧ୍ୟ ବିଜେପିର ପାରମ୍ପରିକ ଭୋଟରଙ୍କ ଅନାଗ୍ରହକୁ ଦର୍ଶାଏ। ସିଜେପି ଆନ୍ଦୋଳନ ନିଶ୍ଚିତ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଯୁବସମାଜର କ୍ରୋଧ ଏବଂ ଶିକ୍ଷା ବ୍ୟବସ୍ଥା ପ୍ରତି ଅବିଶ୍ୱାସ ବିଜେପି ବିରୋଧୀ ମତକୁ ବଳ ଦେଇଥିଲା। ତଥାପି କେବଳ ଏହା ହିଁ ଏକମାତ୍ର କାରଣ ନୁହେଁ। ସ୍ଥାନୀୟ ନେତୃତ୍ୱର ଦୁର୍ବଳତା, ଜାତି ସମୀକରଣରେ ବିଚ୍ଛିନ୍ନତା ଏବଂ ପରିବର୍ତ୍ତନର ଇଚ୍ଛା ମିଶି ଏହି ଫଳାଫଳ ଆସିଛି।

ବାଙ୍କୀପୁରର ପରାଜୟ ବିଜେପି ପାଇଁ ଏକ ଚେତାବନୀ। ଜାତୀୟ ଅଧ୍ୟକ୍ଷଙ୍କ ଘରୋଇ ଆସନ ହରାଇବା ସଙ୍ଗଠନିକ ଦୁର୍ବଳତାକୁ ଉନ୍ମୋଚନ କରେ। ପ୍ରଶାନ୍ତ କିଶୋରଙ୍କ ବିଜୟ ବିହାର ରାଜନୀତିରେ ନୂଆ ଶକ୍ତିର ଉଦୟକୁ ସଙ୍କେତ କରୁଛି। ବିଜେପି ଯଦି ଏହି ନିର୍ବାଚନରୁ ଶିକ୍ଷା ଗ୍ରହଣ ନକରେ, ତେବେ ଭବିଷ୍ୟତର ନିର୍ବାଚନରେ ଆହୁରି ବଡ଼ ଆଘାତ ଲାଗିପାରେ। ଜନତା ବର୍ତ୍ତମାନ କେବଳ ସଙ୍ଗଠନ ନୁହେଁ, ବରଂ ବିଶ୍ୱାସ ଏବଂ ପରିବର୍ତ୍ତନ ଚାହୁଁଛନ୍ତି।

# ମଳମାସ ମନ୍ଦିର ମଳମାସ ଠାକୁର

ଡକ୍ଟର ତପନ କୁମାର ପାଲ



ବର୍ଷର ବାରମାସର ଅଧିପତି ଦ୍ୱାଦଶ ବିଷ୍ଣୁ। ମଳମାସ ବର୍ଷର ତ୍ରୟୋଦଶ ମାସ। ପୌରାଣିକ ପ୍ରସଙ୍ଗ ଅନୁସାରେ, ଏହି ମାସର କୌଣସି ନାମ ନଥିବାରୁ ଏବଂ ଏହାର କେହି ଅଧିପତି ମଧ୍ୟ ନଥିବାରୁ ଏହି ମାସ ଅପିବତ୍ର ଥିଲା। ତେଣୁ ମଳମାସର ଅନୁରୋଧ ରକ୍ଷା କରି ଭଗବାନ ବିଷ୍ଣୁ ତାହାକୁ ନିଜର ନାମ ଦେଇଥିଲେ। ସେହିଦିନ ଠାରୁ ମଳମାସ ଶ୍ରୀପୁରୁଷୋତ୍ତମ ମାସ ହେଲା। ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ଭିତର ବେଢ଼ାରେ କଳ୍ପବଟ ମୂଳ ଠାରେ ଅଛି ମଳମାସ ଠାକୁରଙ୍କ ମନ୍ଦିର। ଏହା ବଟମୂଳ ମଙ୍ଗଳାଙ୍କର ପ୍ରାୟ ସମ୍ମୁଖ ଭାଗରେ ଅବସ୍ଥିତ। ଏହି ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଶ୍ରୀଲୋକନାଥ ଦେବଙ୍କ ମନ୍ଦିର ଏବଂ ବାମ ପାର୍ଶ୍ୱରେ ଶ୍ରୀଜମେଶ୍ୱର ଦେବଙ୍କ ମନ୍ଦିର ବିଦ୍ୟମାନ। ଏହି ମନ୍ଦିରର ଉଚ୍ଚତା ପ୍ରାୟ ୧୧ଫୁଟ। ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଏହାକୁ ବରାହନାରାୟଣ ମନ୍ଦିର କୁହାଯାଇଥିଲେ ମଧ୍ୟ ଲୋକମୁଖରେ ଏହା ଶ୍ରୀପୁରୁଷୋତ୍ତମ ମନ୍ଦିର ବା ଶ୍ରୀମଳମାସ ନାରାୟଣ ମନ୍ଦିର ଭାବରେ କଥିତ।

ଏହି ମନ୍ଦିରକୁ ସ୍ୱତ୍ୱଲିପିରେ ବରାହନାରାୟଣ ମନ୍ଦିର କୁହାଯିବାର କାରଣ, ଏହି ମନ୍ଦିରରେ ନାରାୟଣଙ୍କ ସହିତ ବରାହ ଅବତାରଙ୍କର ବିଗ୍ରହ ମଧ୍ୟ ପୂଜିତ ହୋଇଥାଆନ୍ତି। ତେବେ ବରାହ ଓ ନାରାୟଣ ଉଭୟ ଏଠାରେ ଏକତ୍ର ପୂଜିତ ହେବାର କାରଣ ଜଣାଯାଏ ନାହିଁ। ଏହି ମନ୍ଦିରର ଶ୍ରୀ ନାରାୟଣ ମୂର୍ତ୍ତି ସ୍ୱତନ୍ତ୍ର। ଏହି ମୂର୍ତ୍ତି ଚତୁର୍ଭୁଜ ଏବଂ ଧ୍ୟାନମୁଦ୍ରାରେ ସୁଖାସୀନ ହୋଇ ପଦ୍ମଦଳ ଉପରେ ଉପବେଶନ କରିଛନ୍ତି। ଏହାଙ୍କର ଉର୍ଦ୍ଧ୍ୱ ଦକ୍ଷିଣ ହସ୍ତରେ ଚକ୍ର ଓ ଉର୍ଦ୍ଧ୍ୱ ବାମ ହସ୍ତରେ ଶଙ୍ଖ ବିଦ୍ୟମାନ। ନିମ୍ନ ଦୁଇ ହସ୍ତ ମଧ୍ୟରୁ ବାମ ହସ୍ତର ପାପୁଲି ଉପରେ ଦକ୍ଷିଣ ହସ୍ତର ପାପୁଲି ରହିଛି।

ତାହାଙ୍କର ଚକ୍ଷୁ ଅର୍ଦ୍ଧନିମୀଳିତ। ଏହି ବିଗ୍ରହଙ୍କର ଦୁଇପାର୍ଶ୍ୱରେ ବିଭିନ୍ନ ଅବତାରଙ୍କର ପର୍ଯ୍ୟନ୍ତ ଯଥାକ୍ରମେ ମତ୍ସ୍ୟ, କଚ୍ଛପ, ବରାହ ଓ ନୃସିଂହ ଅବତାର ଏବଂ ବାମ ଭାଗରେ ଉର୍ଦ୍ଧ୍ୱରୁ ନିମ୍ନ ପର୍ଯ୍ୟନ୍ତ ଯଥାକ୍ରମେ ବାମନ, ପର୍ଶୁରାମ, ବଳରାମ ଓ ରାମଙ୍କ ଅବତାର ରହିଛନ୍ତି। କେତେକ ପ୍ରବାଚକ ଏହି ବିଗ୍ରହଙ୍କର ଆଲୋଚନା କରି ଏହାକୁ ନବମ ଅବତାର ବୁଦ୍ଧଙ୍କ ସହ ସମନ୍ୱିତ କରି ଶ୍ରୀଜଗନ୍ନାଥ ହିଁ ବୋଧାତ୍ମକ ବୁଦ୍ଧ ବୋଲି କହିଲେ ମଧ୍ୟ ପ୍ରକୃତରେ ଏହା ଯୋଗେଶ୍ୱର ବିଷ୍ଣୁଙ୍କର ମୂର୍ତ୍ତି। ଏହି ମୂର୍ତ୍ତି ସମଗ୍ର ଭାରତ ବର୍ଷରେ ବିରଳ। ଏଣୁ ଏହି ବିରଳ ଯୋଗେଶ୍ୱର ନାରାୟଣ ମୂର୍ତ୍ତିଙ୍କୁ ମଳମାସର ଅଧିପତି ଶ୍ରୀପୁରୁଷୋତ୍ତମ ବା ମଳମାସ ନାରାୟଣ ରୂପେ ପୂଜା କରାଯିବ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ
ଦେଉଳ ସାହି, ତୁଳସୀପୁର, କଟକ,
ମୋବାଇଲ୍:୯୯୩୭୬୫୮୩୬୨ / ୭୯୭୮୭୯୬୬୩୩



# ଅର୍ବାନ ହିଟ୍ ଆଇଲ୍ୟାଣ୍ଡର ପ୍ରକୋପ



ଡା. ରାଜକିଶୋର ପଣ୍ଡା



ଅର୍ବାନ ହିଟ୍ ଆଇଲ୍ୟାଣ୍ଡ ପ୍ରଭାବ ବାୟୁମଣ୍ଡଳର ଉତ୍ତପ୍ତୀକରଣକୁ ତ୍ୱରାନ୍ୱିତ କରିଥାଏ। ସହରମାନଙ୍କରେ ଯେତେବେଳେ ପ୍ରାକୃତିକ ସବୁଜିମା ଭରା ଭୂମିମାନଙ୍କର ସ୍ଥାନ ସିମେଣ୍ଟ କଂକ୍ରିଟ୍ ଆଦି ନେଇଥାଏ, ସେତେବେଳେ ଏହି କଂକ୍ରିଟ ପୂର୍ବର ସବୁଜିମା ଅଞ୍ଚଳ ଅପେକ୍ଷା ଅଧିକ ମାତ୍ରାରେ ତାପ (ଐରବଣ୍ଟ)କୁ ଧରି ରଖିଥାଏ ଓ ଏହା ବାଟ କଢ଼ାଇ ନେଇଥାଏ ଅର୍ବାନ ହିଟ୍ ଆଇଲ୍ୟାଣ୍ଡର ସୃଷ୍ଟିକୁ। ଏହାଦ୍ୱାରା ବାୟୁ ପ୍ରଦୂଷଣର ପ୍ରଭାବ, ଶୀତଳୀକରଣର ମୂଲ୍ୟ (ଏ.ସି, କୁଲର ଦ୍ୱାରା) ଓ ଗରମ ଜନିତ ଅସୁସ୍ଥତା (ଐରବଣ୍ଟ କ୍ୱରକ୍ଷବଣ୍ଟରୟ ଓକ୍ଷକ୍ଷଭରଣ୍ଟଣ୍ଟ) ଆଦି ବୃଦ୍ଧି ପାଏ। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସମାନ ପରିମାଣର ଆଲୋକ, ଉତ୍ତାପ ସୂର୍ଯ୍ୟ କିରଣରୁ ପାଇଥାନ୍ତି କିନ୍ତୁ ଦୁଇଟି ସ୍ଥାନରେ ତାପମାତ୍ରାର ଫରକ ନିର୍ଭର କରିଥାଏ, ସେଠାରେ ଥିବା ପ୍ରାକୃତିକ ପୃଷ୍ଠଭୂମି (ଘବଣ୍ଟଙ୍କକ୍ଷବକ୍ଷ ଝଙ୍କକ୍ଷଲବମର) ର ମାତ୍ରା ଉପରେ ଏବଂ ପୃଷ୍ଠଭୂମିର ଉତ୍ତାପକୁ ଧରି ରଖିବାର କ୍ଷମତା ଉପରେ।

ଅର୍ବାନ ହିଟ୍ ଆଇଲ୍ୟାଣ୍ଡ, ସହର ବା ମେଟ୍ରୋ ପଲିଟାନ ମଧ୍ୟରେ ଏପରି ଏକ ଅଞ୍ଚଳ ଯେଉଁଠାରେ ନିକଟବର୍ତ୍ତୀ ଗ୍ରାମାଞ୍ଚଳ ଅପେକ୍ଷା ଅଧିକ ତାପମାତ୍ରା ଅନୁଭୂତ ହୋଇଥାଏ। ଏହା ଏକ ମନୁଷ୍ୟକୃତ ପ୍ରକ୍ରିୟା। ଉପରୋକ୍ତ ଦୁଇଟି ଅଞ୍ଚଳ ମଧ୍ୟରେ ଅର୍ବାନ ହିଟ୍ ଆଇଲ୍ୟାଣ୍ଡ ପ୍ରକ୍ରିୟା ଯୋଗୁଁ ତାପମାତ୍ରାର ବ୍ୟବଧାନ ପାଖାପାଖି ୮୦ଉ ରୁ ୧୧୦ଉ ପର୍ଯ୍ୟନ୍ତ ହୋଇଥାଏ, ଅର୍ଥାତ୍ ସହରାଞ୍ଚଳରେ ୧୧୦ଉ ଅଧିକ ତାପମାତ୍ରା ଅନୁଭୂତ ହୋଇଥାଏ, ଗ୍ରାମାଞ୍ଚଳ ଅପେକ୍ଷା। ତାପମାତ୍ରାର ଏହି ଫରକ ରାତ୍ରି ସମୟରେ ବେଶୀ ଜଣାପଡ଼ିଥାଏ। ଯେତେବେଳେ ଶୀତଋତୁ ଓ ଗ୍ରୀଷ୍ମଋତୁ ନିଜ ନିଜର ଚରମରେ ଥାଆନ୍ତି ସେହି ସମୟରେ ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡ ପ୍ରକ୍ରିୟାଟିକୁ ଆମେ ସ୍ପଷ୍ଟ ଭାବରେ ଲକ୍ଷ୍ୟ କରିପାରିବା।

ସମ୍ପ୍ରତି କରାଯାଇଥିବା ଏକ ଗବେଷଣାର ଫଳାଫଳ ଅନୁଯାୟୀ ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡର ଦୁଇଟି ସ୍ୱତନ୍ତ୍ର ପ୍ରଭାବ ରହିଛି। ପ୍ରଥମରେ ଏହା ଗରମ ଜନିତ ମୃତ୍ୟୁ ସଂଖ୍ୟାକୁ ବୃଦ୍ଧି କରୁଥିବାବେଳେ, ଥଣ୍ଡା ଜନିତ ମୃତ୍ୟୁ ସଂଖ୍ୟାକୁ ଦ୍ୱିତୀୟରେ ହ୍ରାସ କରିଥାଏ। ଏହି ହେତୁ ହିଁ ୨୦୧୮ ମସିହାରେ ସମଗ୍ର ବିଶ୍ୱରେ ଥଣ୍ଡା ଯୋଗୁଁ ମୃତ୍ୟୁ ସଂଖ୍ୟାରେ ହ୍ରାସ ୪.୪ ଗୁଣ ଅଧିକ ଥିଲା, ଗରମ ଯୋଗୁଁ ମୃତ୍ୟୁ ସଂଖ୍ୟାରେ ବୃଦ୍ଧିଠାରୁ। ନିର୍ଦ୍ଦିଷ୍ଟ ଭାବରେ ଏହି ଫରକଟି ମସ୍କୋ ଭଳି ସହରମାନଙ୍କରେ ଦେଖିବାକୁ ମିଳୁଛି। ଯେଉଁ ଅଞ୍ଚଳଗୁଡ଼ିକରେ ତାପମାତ୍ରା ଅନ୍ୟ ଅଞ୍ଚଳଠାରୁ ଅପେକ୍ଷାକୃତ ଭାବରେ ଅଧିକ ତଥା ସେଗୁଡ଼ିକ ଜନବହୁଳ ସେହି ଅଞ୍ଚଳଗୁଡ଼ିକୁ ସାଧାରଣ ଜନମାନସରେ ଆଜିକାଲି ଅର୍ବାନ ହିଟ୍ ଆଇଲ୍ୟାଣ୍ଡ ବୋଲି କୁହାଯାଉଛି।

ତେବେ ଏପରି ନାମକରଣର କାରଣ କ'ଣ? ସାଧାରଣତଃ ସିମେଣ୍ଟ, କଂକ୍ରିଟ, ପ୍ଲାଷ୍ଟିକ ଆଦି ଗଛ, ଲତା, ଜଳାଶୟ ଭଳି ସବୁଜିମା ଅପେକ୍ଷା ଅଧିକ ମାତ୍ରାରେ ଉତ୍ତାପକୁ ଧାରଣ କରିପାରନ୍ତି। ପରବର୍ତ୍ତୀ ସମୟରେ ସେମାନେ ଏହି ତାପକୁ ବାୟୁମଣ୍ଡଳକୁ ନିକ୍ଷେପ ବା ବିକିରଣ (ଜବୟସବଣ୍ଟସକ୍ଟଭ) କରିଥାନ୍ତି। ଏହା ସେହି ଅଞ୍ଚଳର ତାପମାତ୍ରାକୁ ଅସ୍ୱାଭାବିକ ଭାବରେ ବଢ଼ାଇ ଦେଇଥାଏ। ବହୁଳ ଭାବରେ ଥିବା କଂକ୍ରିଟ୍ ଜଙ୍ଗଲ ସହରାଞ୍ଚଳରେ ଏହି ହେତୁ ଅସହ୍ୟ ଗରମ ହୋଇଥାଏ ଓ ଏହାକୁ ନାମିତ କରାଯାଇଅଛି "ସହରାଞ୍ଚଳ ଉତ୍ତପ୍ତ ଦ୍ୱୀପ" ବା "ଅର୍ବାନ ହିଟ୍ ଆଇଲ୍ୟାଣ୍ଡ" ନାମରେ। ଏବେ ଆସିବା ଅର୍ବାନ ହିଟ୍ ଆଇଲ୍ୟାଣ୍ଡ ହେବାର କାରଣକୁ। ସହରାଞ୍ଚଳର ପରିବେଶରେ କଳକାରଖାନା, ଅଟ୍ଟାଳିକା ଓ ଯାନବାହାନରୁ ଉତ୍ତାପ ନିର୍ଗତ ହୋଇଥାଏ। ସହରରେ ଥିବା ଅଟ୍ଟାଳିକାମାନଙ୍କରେ "କଳା" ଭଳି ଘନ ରଙ୍ଗଗୁଡ଼ିକ ବ୍ୟବହାରଦ୍ୱାରା ସମ୍ପୃକ୍ତ ପୃଷ୍ଠଭୂମି ବେଶୀ ମାତ୍ରାରେ ତାପକୁ ଧରି ରଖିଥାଏ। ଶାନ୍ତ, ସ୍ଥିର ଓ ପରିଷ୍କାର ଜଳବାୟୁ ଦ୍ୱାରା ଅଧିକ ସୂର୍ଯ୍ୟ କିରଣ ସହରାଞ୍ଚଳର ଭୂମିକୁ ସ୍ପର୍ଶ କରେ ଓ ଏହା ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡ ପ୍ରକ୍ରିୟାକୁ ବୃଦ୍ଧି କରାଇବାରେ ସହାୟତା କରିଥାଏ। ଶୀତ ତାପ ନିୟନ୍ତ୍ରକ (ଏ.ସି)ରୁ ନିର୍ଗତ ଗରମ ବାଷ୍ପ ମଧ୍ୟ ସ୍ଥାନୀୟ ଅଞ୍ଚଳକୁ ଉତ୍ତପ୍ତ କରିଥାଏ। ସହରମାନଙ୍କରେ ଥିବା ଉଚ୍ଚ ଅଟ୍ଟାଳିକାମାନ ବାୟୁ ପ୍ରବାହର ଗତିରେ ବାଧା ସୃଷ୍ଟି କରିଥାନ୍ତି ଓ ଏହାଦ୍ୱାରା ପ୍ରାକୃତିକ ଶୀତଳୀକରଣ ପ୍ରକ୍ରିୟା (ଘବଣ୍ଟଙ୍କକ୍ଷବକ୍ଷ ଉକ୍ଟକ୍ଟକ୍ଷସଭଣ) ପ୍ରତିହତ ହୁଏ। ବୃକ୍ଷ ଓ ସବୁଜିମାର ଅଭାବ, ନିର୍ମାଣ କାର୍ଯ୍ୟ (ଉକ୍ଟଭଣ୍ଟଣ୍ଟକ୍ୱଙ୍କମଣ୍ଟ ସକ୍ଟଭ) ରେ ଅହେତୁକ ବୃଦ୍ଧି ଏବଂ ପରିବହନରେ ଉନ୍ନତି ତଥା ଏଥିରେ ଜୀବାଶ୍ମ ଇନ୍ଧନର ବହୁଳ ବ୍ୟବହାର, ଏହି ସବୁ କାରଣ ଗୁଡ଼ିକର ଅର୍ବାନ ହିଟ୍ ଆଇଲ୍ୟାଣ୍ଡର ସଂଘଟିତ ହେବାରେ ପରୋକ୍ଷ ଭୂମିକା ରହୁଛି।

ଗ୍ରୀଷ୍ମ ସମୟରେ ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡ ସ୍ଥାନଗୁଡ଼ିକରେ ବିଦ୍ୟୁତ୍ ଶକ୍ତିର ଚାହିଦାରେ ବୃଦ୍ଧି ଘଟେ। ତେଣୁ ଅଧିକ ବିଦ୍ୟୁତ୍ ଶକ୍ତି ଯୋଗାଇବା ପାଇଁ ଶକ୍ତି ଉତ୍ପାଦନ କେନ୍ଦ୍ରଗୁଡ଼ିକରେ ଜୀବାଶ୍ମ ଇନ୍ଧନ (ଋକ୍ଟଣ୍ଟଣ୍ଟସକ୍ଷ ଋଙ୍କରକ୍ଷ) ର ବହୁଳ ବ୍ୟବହାର ହୋଇଥାଏ। ଏହାଦ୍ୱାରା ବାୟୁ ପ୍ରଦୂଷଣ ଓ ଗ୍ରୀନ ହାଉସ୍ ଗ୍ୟାସ୍ର ନିର୍ଗମନରେ ବୃଦ୍ଧି ହୁଏ। ମଣିଷ ଶରୀରକୁ ବାୟୁ ପ୍ରଦୂଷଣ ହାନିକାରକ ହେବା ସହିତ ଏହି ପ୍ରଦୂଷକ (ଚକ୍ଟକ୍ଷକ୍ଷଙ୍କଣ୍ଟବଭଣ୍ଟ) ଗୁଡ଼ିକ ବିଭିନ୍ନ ବିଷମ ବାୟୁଭିତ୍ତିକ ସମସ୍ୟା ଯେପରିକି ସ୍ମଗ୍ (ଝଙ୍କଙ୍କଶ), ପର୍ଟି କୁଲେଟ୍ ମ୍ୟାଟ୍ର (ଚଗ), ଅମ୍ଳୀୟ ବର୍ଷା (ଇମସୟ ଜବସଭ) ଆଦି ସୃଷ୍ଟି କରିଥାନ୍ତି। ତାପମାତ୍ରା ବୃଦ୍ଧି ପାଇଲେ ସ୍ମଗ୍ର ପ୍ରାଦୁର୍ଭାବ ବୃଦ୍ଧି ପାଏ। ନାଇଟ୍ରୋଜେନ୍ ଅକ୍ସାଇଡ ଓ ଅନ୍ୟାନ୍ୟ ପ୍ରଦୂଷକର ସମ୍ମିଶ୍ରଣ, ସୂର୍ଯ୍ୟାଲୋକ ଓ ଉତ୍ତପ୍ତ ଜଳବାୟୁର ଉପସ୍ଥିତିରେ ସ୍ମଗର ସୃଷ୍ଟି ହୋଇଥାଏ। ଦିଲ୍ଲୀ ଏନ.ସି.ଆର୍ ଅଞ୍ଚଳରେ ଏହି ସ୍ମଗ୍ ଶ୍ୱାସଜନିତ ରୋଗର ମୁଖ୍ୟକାରଣ ପାଲଟିଛି।

ଯେହେତୁ ବୃଦ୍ଧି ଓ ବୟସ୍କ ବ୍ୟକ୍ତିମାନେ ଶାରୀରିକ ଓ ମାନସିକ ଦୃଷ୍ଟିରୁ ଦୁର୍ବଳ, ଅର୍ବାନ ହିଟ୍ ଆଇଲ୍ୟାଣ୍ଡ ଦ୍ୱାରା ସେମାନେ ଅଧିକ ପ୍ରଭାବିତ ହୋଇଥାନ୍ତି। ପ୍ରଥମ ପଦକ୍ଷେପ ଭାବରେ ଆମ୍ଭମାନଙ୍କୁ ବହୁଳ ଭାବରେ ବୃକ୍ଷରୋପଣ କରିବା ପାଇଁ ପଡ଼ିବ ଓ ସହରାଞ୍ଚଳ ମାନଙ୍କରେ ସବୁଜିମା (ଏକ୍ସରରଭରକ୍ସଛ) ର ପରିମାଣ ବଢ଼ାଇବାକୁ ହେବ। ଦ୍ୱିତୀୟ ପଦକ୍ଷେପରେ ପରୋକ୍ଷ ଶୀତଳୀକରଣ ପ୍ରକ୍ରିୟା (ଚବଣ୍ଟଣ୍ଟସଙ୍ଗର ଉକ୍ଟକ୍ଟକ୍ଷସଭଣ) ଉପରେ ଆମକୁ ଗୁରୁତ୍ୱ ଦେବାକୁ ପଡ଼ିବ। ଏଥିରେ ଗୃହର ନିର୍ମାଣ ପ୍ରକ୍ରିୟାରେ କିଛି ବିଶେଷ ପ୍ରଣାଳୀର ଅବଲମ୍ବନ କରାଯାଇଥାଏ, ଯାହାଦ୍ୱାରା ଗୃହ ପ୍ରାକୃତିକ ଭାବରେ ଶୀତଳ ରହିବା ସହିତ ଶୀତତାପ ନିୟନ୍ତ୍ରକର ଆବଶ୍ୟକତାରେ ହ୍ରାସ ଆସିଥାଏ।

ତୃତୀୟ ପଦକ୍ଷେପ ସ୍ୱରୂପ ଆମେ ଅଟ୍ଟାଳିକାମାନଙ୍କରେ "କଳା" ଭଳି ଘନରଙ୍ଗ ପରିବର୍ତ୍ତେ "ଧଳା" ଭଳି ହାଲୁକା ରଙ୍ଗ ବ୍ୟବହାର କଲେ, ଅର୍ବାନ ହିଟ୍ ଆଇଲ୍ୟାଣ୍ଡର ପ୍ରକୋପ କମିଯିବ। ନିକଟରେ ନାସା ଦ୍ୱାରା ଉଠାଯାଇଥିବା ଫଟୋଚିତ୍ରରୁ ଜଣାପଡ଼ିଛି କି ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡ ଦେଶର ରାଜଧାନୀ ଦିଲ୍ଲୀରେ ବେଶୀ ମାତ୍ରାରେ ପରିଲକ୍ଷିତ ହେଉଅଛି। ଦିଲ୍ଲୀର ଗ୍ରାମାଞ୍ଚଳ ତୁଳନାରେ, ରାଜଧାନୀ ଅଞ୍ଚଳରେ ଏହା ବେଶୀ ମାତ୍ରାରେ ଘଟୁଛି। ତେଣୁ ଏବେଠାରୁ ବିଭିନ୍ନ ପରିବେଶ ଅନୁକୂଳ ପଦକ୍ଷେପ ନେଲେ, ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡ ପ୍ରକ୍ରିୟାକୁ ଭବିଷ୍ୟତରେ ନିୟନ୍ତ୍ରଣ କରାଯାଇପାରିବ।

ମେଡିକାଲ ଅଫିସର
ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର
ମୋବାଇଲ୍:୮୧୪୪୦୪୨୯୯୭

# କଟକ ନଗର କାଠଯୋଡ଼ିର ପଥର ବନ୍ଧ

ବିକ୍ରମ ମହାପାତ୍ର



ହଜାର ବର୍ଷର ସହର ଏହି କଟକ। କଟକ ସହର ଯେତେ ଯେଉଁପରି ବଢ଼ିଲେ ବି ଆଜିବି ଏକ ଗାଁ କହିଲେ ମୋ ମତରେ କିଛି ଭୁଲ ହେବନାହିଁ। ଆଜିର କଟକକୁ ଗୋଟିଏ ପଟୁ ଚଉଦ୍ୱାର ଛୁଇଁଲାଣି ଆରପଟଟି କନ୍ଦରପୁରକୁ ଲମ୍ବି ଥିବାବେଳେ କାଠଯୋଡ଼ି ଡେଇଁଲେ ବାଲିକୁଦା ପର ପର୍ଯ୍ୟନ୍ତ ବି କଟକ। ମହାନଦୀ ଗଢ଼ିଥିବା ଆଡ଼କୁ ଦେଖିଲେ ଭରା ମହାନଦୀ ମୁଣ୍ଡଳି ପର୍ଯ୍ୟନ୍ତ। ଆଜିର ଏହି ପ୍ରକାଣ୍ଡକାୟ କଟକକୁ ଦେଖିଲେ ମନେପଡୁଛି ଖ୍ରୀଷ୍ଟୀୟ ୯ମ ଶତାବ୍ଦୀ ସମୟର ଅଭିନବ କଟକ। ଏହି ସହରକୁ ଶୁଭ ଦେଇଥିଲେ ନୃପକେଶରୀ। ନୃପକେଶରୀଙ୍କ କଟକ ଥିଲା ବିଡ଼ାନାସୀ ଗ୍ରାମଅଞ୍ଚଳରେ। ଓଡ଼ିଶାର ବଡ଼ ନଦୀ ମହାନଦୀ ଓ କାଠଯୋଡ଼ି ନଦୀର ସଂଗମ ସ୍ଥଳରେ ଏହି ଅଞ୍ଚଳଟି। ମହାନଦୀ କାଠଯୋଡ଼ିର ସଙ୍ଗମସ୍ଥଳ ସହରର ପଶ୍ଚିମ। ଅଞ୍ଚଳରେ ବିଡାନାସୀ ଗ୍ରାମ। କାଠଯୋଡ଼ି ମହାନଦୀର ଘେର ଭିତରେ କଟକ ସହର ଦେଖିବାକୁ ଏକ ଦ୍ୱୀପ ଭଳି। ନୃପକେଶରୀଙ୍କ ସେ ଦିନର କଟକ ସହରରେ ବହୁ ପରିବର୍ତ୍ତନ ଘଟିଛି। ଏହା ଏକ ସହର ହୋଇ ରହିନାହିଁ ଏକ ନଗର ପାଲଟିଛି। କେହି କେହ କୁହନ୍ତି- 'କଟକରେ ରାତି ନାହିଁ କି ପୁରୀରେ ଜାତି ନାହିଁ'। ଆମ ଓଡ଼ିଆରେ ଅନେକ ସମୟରେ ଏକ କଥାଟି ସମସ୍ତଙ୍କ ପାଟିକୁ ଆସେ କଟକଚିନ୍ତା ବାଇମୁଣ୍ଡୀଙ୍କୁ। ସତରେ ଏହି ବାଇମୁଣ୍ଡୀ କିଏ। ସହରକୁ ବାଇମୁଣ୍ଡୀ ନାମକ ଜଣେ ପଥର କାରିଗର ବା ମହାରଣା ବିଡ଼ାନାସୀ ଗ୍ରାମର ବାସ କରୁଥିଲେ। ବିଡ଼ାନାସୀ ଦୁର୍ଗ ଓ କଟକ ସହରର କ୍ଷୟକ୍ଷତିରେ ସେ ବ୍ୟଥିତ ହୋଇ ନିଇତି ନିଜେ କିଛି ଅର୍ଥ ସଂଗ୍ରହ କରିରଖୁଥିଲେ। ଏକଦା ରାଜା ମର୍କତ କେଶରୀ ନିଜ ରାଜ ପରିଷଦ ବର୍ଗଙ୍କ ସହ ସହର ଭ୍ରମଣ ବେଳେ ଜରାଜୀର୍ଣ୍ଣ ବୃଦ୍ଧ ବାଇମୁଣ୍ଡୀ ନିଜ ଜୀବନର ସଂଗୃହୀତ ଅର୍ଥ ରାଶି ରାଜାଙ୍କୁ ପ୍ରଦାନ କରିଥିଲେ। ରାଜା ଅତିଶୟ ଖୁସି ହୋଇଯାଇଥିଲେ ଓ ବାଇମୁଣ୍ଡୀଙ୍କ ସଞ୍ଚିତ ଅର୍ଥ ତଥା ରାଜକୋଶର ରାଜସ୍ୱ ମିଶି ପଥର ବନ୍ଧ ନିର୍ମାଣ ସହ ନିଜେ ବାଇମୁଣ୍ଡୀ ଇତିହାସରେ ପ୍ରସିଦ୍ଧ ହୋଇଗଲେ। ଯୁଗ ଯୁଗ ପାଇଁ ସେତୁବନ୍ଧ ନିର୍ମାଣରେ ଗୁଣ୍ଡୁଚୀ ମୂଷା ଭାବେ ସ୍ମରଣୀୟ ହୋଇରହିଲେ। ତେବେ ଅନ୍ୟ କେତେକ ଐତିହାସିକଙ୍କ ତଥ୍ୟ ମୁତାବକ ୧୮୮୫ ମସିହାରେ ଓଡ଼ିଶାର ଭୟାବହ ବନ୍ୟା ପରେ ତତ୍କାଳୀନ ଇଂରେଜ ସରକାର ଏହାର ଅନୁଧ୍ୟାନ ପାଇଁ ଇଞ୍ଜିନିୟର ଜନ ହେରିସଙ୍କୁ ନିଯୁକ୍ତି କରିଥିଲେ। ଉତ୍ତରରେ ମହାନଦୀ ଓ ଦକ୍ଷିଣ ପଶ୍ଚିମରେ ପ୍ରବାହିତ ହେଉଥିବା



କାଠଯୋଡ଼ି ତ୍ରିକୋଣ ଭୂମିର ଅବସ୍ଥିତ କଟକ ସହର। ଇତିହାସ ଓ କିମ୍ବଦନ୍ତୀ ପୁସ୍ତକର ତଥ୍ୟ ଅନୁଯାୟୀ ଗଙ୍ଗ ବଂଶର ରାଜା ତୃତୀୟ ଅନଙ୍ଗଭୀମ ଦେବ ବର୍ତ୍ତମାନର ଭଗ୍ନପ୍ରାୟ ବାରବାଟୀ ଦୁର୍ଗ ଓ ନବତଳ ପ୍ରାସାଦ ନିର୍ମାଣ କରିଥିଲେ। ରାଜା ନୃପକେଶରୀ ବା ଜଜାତି ମହାସେବଗୁପ୍ତ ୯୫୩ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ ଓ ଦୀର୍ଘ ୨୫ ବର୍ଷ ପରେ କଟକ ନଗରର ଭିତ୍ତି ପଡ଼ିଥିଲା। ତାଙ୍କ ପୁତ୍ର ମର୍କତ କେଶରୀ ସିଂହାସନ ଆରୋହଣ କରିବାର ୧୬ ବର୍ଷ ପରେ ଅର୍ଥାତ୍ ୧୧୦୦୬ ଖ୍ରୀଷ୍ଟାବ୍ଦରେ କାଠଯୋଡ଼ି ପଥର ବନ୍ଧ ନିର୍ମାଣ ହୋଇଥିଲା।

ବାସ୍ତବରେ ଏହି ବିଶାଳ ପଥର ବନ୍ଧ ତତ୍କାଳୀନ ପ୍ରାଚୀନ ଉତ୍କଳର ଅତ୍ୟନ୍ତ ଚମତ୍କାରୀ କାରୀଗରି କୌଶଳ। ବର୍ତ୍ତମାନର ସମୟକୁ ଦେଖିଲେ କାଠଯୋଡ଼ି ମହାନଦୀର ଶଯ୍ୟାର ମାନଚିତ୍ର ଅନେକ ବଦଳି ଯାଇଛି। ବିଡ଼ାନାସୀ ଚହଟା ଘାଟ ଠାରୁ ପୁରୀଘାଟ ପର୍ଯ୍ୟନ୍ତ ପାଖାପାଖି ସାତ କିଲୋମିଟର ପର୍ଯ୍ୟନ୍ତ ପଥର ବନ୍ଧ ବର୍ତ୍ତମାନ ସମୟର ଏବେ ବିସ୍ମୟ। ଏହାକୁ କଟକର ସର୍ବ ପ୍ରାଚୀନ କୀର୍ତ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ଜଣେ ଯଦି କାଠଯୋଡ଼ି ନଦୀ ରେଳପୋଲ ଉପରୁ ଦୂରରୁ ଦୃଷ୍ଟି ପକାଏ ପ୍ରାଚୀନ ମିଶରର ପିରାମିଡ଼ ପରି ଏକ ଅତି ଉଚ୍ଚ ପଥର ବନ୍ଧ ପରି ଦିଶିବ। କାଠଯୋଡ଼ି ପଥର ବନ୍ଧ ବଡ଼ ବଡ଼ ମାଙ୍କଡ଼ା ପଥର ଓ ବାଲିପଥର କାଦୁଅରେ ଯୋଡ଼େଇ ହୋଇଛି। କେତେକ ସ୍ଥାନରେ ଶକ୍ତ ବଉଳା ମାଳା ପଥର ମଧ୍ୟ ରହିଛି। ଗୋଟିଏ ଗୋଟିଏ ସ୍ଥାନରେ ୧୭ରୁ ୩୬ ଫୁଟ। ତେବେ କଟକର ପଥର ବନ୍ଧ ସହ ଘାଟ ଗୁଡ଼ିକ ମଧ୍ୟ ଐକ ଜନଜୀବନର ମୁଖ୍ୟ ସ୍ଥାନଥିଲା। ବିଡ଼ାନାସୀ ଘାଟ, ଚହଟା ଘାଟ, ସତୀଚୌରା ଘାଟ, କଚେରୀ ଘାଟ, ଗଣେଶ ଘାଟ, ହାତୀଗଡ଼ା ଘାଟ, ଦେବୀଗଡ଼ା, ପୁରୀଘାଟ ଓ ଖାନନଗର ଘାଟ ରହିଛି। ପ୍ରଚଣ୍ଡ ଜଳସ୍ତରକୁ ଚାପମୁକ୍ତ କରିବାପାଇଁ ହାତୀଗଡ଼ା ଓ କଚେରୀ ଠାରେ ବୁରୁଜ ତିଆରି ହୋଇଛି।

ପ୍ରାଚୀନ କଳିଙ୍ଗ ବା ଉତ୍କଳର କଳା ସ୍ଥାପତ୍ୟ କ୍ଷେତ୍ର ଦେଖିଲେ କାଠଯୋଡ଼ି ପଥରବନ୍ଧ ଏକ ଅବିସ୍ମରଣୀୟ କୀର୍ତ୍ତିରାଜି କହିଲେ ଅତ୍ୟୁକ୍ତି ହେବନାହିଁ। ଭାରତରେ ଜଣେ ଯେ କେଉଁଠି ବି ବୁଲିଆସୁନା କାହିଁକି କଟକ ପରି ଭାଇଚାରାର ସହରର ମନ୍ଦିର ଠାରୁ ମସଜିଦ୍, ଚର୍ଚ୍ଚ ଠାରୁ ସବୁ ଧର୍ମ ସମ୍ପ୍ରଦାୟର କ୍ଷେତ୍ର ଏଠି ରହିଛି। ଏହି ସହରର ଗୌରବକୁ ବୃଦ୍ଧି କରିଛି ଓଡ଼ିଶା ହାଇକୋର୍ଟ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ଶିଶୁଭବନ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, ଛତ୍ରବଜାର, ମାଲଗୋଦାମ, ଲ'ୟୁନିଭର୍ସିଟି, କଟକ ରେଳ ଷ୍ଟେସନ, ବାରବାଟୀ ଷ୍ଟାଡିୟମ, ଚଣ୍ଡୀମନ୍ଦିର, ଗଡ଼ ଚଣ୍ଡୀ ମନ୍ଦିର, ବାରବାଟୀ ଦୁର୍ଗ ପ୍ରମୁଖ। ଯୁବକଟିଏ ହେଉବା ପରିଣତ ବୟସର ଯେ କେହି ଛୋଟ ପିଲାଙ୍କ ଠାରୁ ମହିଳା ବର୍ଗ ବେଳ ରତ ରତ ହେଲା ବେଳକୁ ପଥର ବନ୍ଧରେ ସମସ୍ତଙ୍କର ଖଟି ଜମେ। ରିଂରୋଡ଼ରେ କାର ଥୁଆ ହେଉ ବା ବାଇକ କିଏ କିଏ ଟାଉନ ବସରୁ ଓହ୍ଲାଇ ଏଇଠି ଘଡ଼ିଏ ବସି କାଠଯୋଡ଼ି ଆଉ କାଠଯୋଡ଼ି ଉପରର ରେଳଗାଡ଼ିକୁ ଦେଖି ଅନେକ କଥା ଭାବନ୍ତି ସ୍ମୃତିକୁ ବଖାଣନ୍ତି। ଏହି ପଥର ବନ୍ଧ ଭିତରେ ରହିଛି ଅନେକ କଟକିଆ ଓ ଦୂରଦୂରାନ୍ତରୁ ଆସି ଏହି ସହରରେ କଟକିଆ ଭାବେ ଗର୍ବ କରୁଥିବା ମଣିଷ ମାନେ ନିଜ ସୁଖ ଦୁଃଖ ହର୍ଷ ବିଷାଦ, ଅଶ୍ରୁ, କାରୁଣ୍ୟ ସବୁକିଛିକୁ। ଏହି ପଥର ବନ୍ଧରେ ବସି ବୟସର ଅପରାହ୍ନରେ ପହଞ୍ଚିବା ମଣିଷଟି ମନେ ପକାଉଛି ନିଜ ସ୍ୱପ୍ନକୁ ସଫଳ କରିବା ପାଇଁ ଆସିଥିବା ସମୟର କଥା।

ବୟସ ବଢ଼ି ଯାଇଥିଲେ ବି ତରୁଣୀଟି ମନେପକାଉଛି ନିଜ ସମୟର ପ୍ରେମର ଚୋରାବାଲିକୁ। ଏଇଠି ବସି ଏହି ସହରରେ ରୋଜିରୋଟି କମାଇବା ପାଇଁ ଆସିଥିବା ମଣିଷଟି ବି ନିଜ ସମୟକୁ ଖୋଜୁଛି। ଇଏ ହେଉଛି ସେହି ହଜାର ବର୍ଷର ସହର କଟକର ପଥର ବନ୍ଧ ଯାହା ଉପରେ ଅନେକ ସ୍ମୃତି ବିସ୍ମୃତି ଭରି ରହିଛି। ଆଉ ସତରେ ଅନେକଙ୍କ କହିବା ମଧ୍ୟ ଭୁଲ ନୁହଁ ଥରେ ଯିଏ କଟକରେ ପାଦ ଦେଇଛି ସେ ଆଉ ତାରି ମାୟାରେ ପଡ଼ିଛି ଆଉ ଏ ସହର ଛାଡ଼ିବାକୁ ତାର ମନ ହୋଇନି। ଏବେ ବି କଟକ ସହରରେ ଗାଁ ଅଛି। ସଞ୍ଜ ହେଲେ ତୁଳସୀ ଚଉରା ମୂଳେ ବୃନ୍ଦାବତୀ ପୂଜା ପାଆନ୍ତି, ଦୋଳ ବେଳେ ବିମାନ ଉଠେ। ଦଶହରା ଆଉ ବାଲିଯାତ୍ରା, ସେ କଥାତ ଛାଡ଼ନ୍ତୁ। ଘରେ ଘରେ ଝିଅଟିଆଣୀ। ତଥାପି ଏ ସବୁ ସ୍ମୃତି ଭିତରେ କିଏ ବା ଭୁଲି ପାରିବ ପଥରବନ୍ଧ କେତେ ସହିଛି ଆମ ମାନଙ୍କର କୋହ, ତା ପାଖରେ ବି ନିଗିଡ଼ିଛି ଆମର ଅନେକ ଲୁହ। ଆଉ ସେଇଠି ବି ଖଟି ଆଉ ସେହି ପଥର ବନ୍ଧ ପାଖ ଖାନନଗରରେ ଅନେକଙ୍କୁ ପ୍ରାପ୍ତ ହୋଇଛି ଶ୍ମଶାନର ଯୁଇ।

ଚଣ୍ଡୀମନ୍ଦିର ରାସ୍ତା, କଟକ-୧, ମୋବାଇଲ୍:୯୪୩୭୦୨୧୬୧୫

## ମିନିଟ୍‌କୁ ଖର୍ଚ୍ଚ ଅଢ଼େଇ ଲକ୍ଷ

# ଦିନଟିଏ ବି ଚାଲିପାରୁନି ସଂସଦ



ନୂଆଦିଲ୍ଲୀ, ୪ା୮ଃ ବିରୋଧୀ ନେତାଙ୍କ ହଙ୍ଗାମା ଯୋଗୁଁ ସଂସଦର ଶୂନ୍ୟକାଳ ଏବଂ ପ୍ରଶ୍ନକାଳ ବାରମ୍ବାର ବାଧାପ୍ରାପ୍ତ ହେଉଛି। ଏହାଦ୍ୱାରା ସାଂସଦମାନେ ଗୃହରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇପାରୁ ନାହାନ୍ତି । ବିଜେପି ସାଂସଦ ସଂଜୟ ପାତ୍ର ଏହି ଅଭିଯୋଗ କରିଛନ୍ତି । ସାଧାରଣତଃ ନାରାବାଜି, ହଟ୍ଟଗୋଳ ଏବଂ ହଙ୍ଗାମା ଯୋଗୁଁ ସଂସଦ ଅଧିବେଶନ ବାରମ୍ବାର ମୁଲତବୀ ରହେ। କିନ୍ତୁ ଏଥର ମୌସୁମୀ ଅଧିବେଶନ ଅଧିକ ବାଧାପ୍ରାପ୍ତ ହୋଇଛି। ଚଳିତ ବର୍ଷର ମୌସୁମୀ ଅଧିବେଶନ ଜୁଲାଇ ୨୦ ରୁ ଆରମ୍ଭ ହୋଇ ଅଗଷ୍ଟ ୧୩ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି। ଅଗଷ୍ଟ ୪ ତାରିଖ ସୁଦ୍ଧା ସଂସଦରେ ୧୨ ଦିନର ବୈଠକ ଅନୁଷ୍ଠିତ ହୋଇଛି। ତେବେ ନିଟ୍ ପ୍ରଶ୍ନପତ୍ର ଲିକ୍ ଏବଂ ରାମ ମନ୍ଦିର ଦାନ ହେରଫେର ମାମଲାକୁ ନେଇ ପ୍ରତିବାଦ ଓ ନାରାବାଜି ଯୋଗୁଁ ଗୃହ କାର୍ଯ୍ୟ ବାରମ୍ବାର ବାଧାପ୍ରାପ୍ତ ହୋଇଛି। ଅଧିବେଶନର ପ୍ରଥମ ସପ୍ତାହରେ ହିଁ ଲୋକସଭା ଏବଂ ରାଜ୍ୟସଭା ବହୁବାର ମୁଲତବୀ ରହିଥିଲା। ସ୍ଥିତି ଏପରି ହୋଇଥିଲା ଯେ, ଲୋକସଭା ମାତ୍ର ୧.୬ ଘଣ୍ଟା କାର୍ଯ୍ୟ କରିଥିଲା, ଯାହା ନିର୍ଦ୍ଧାରିତ ସମୟର ମାତ୍ର ୫ ପ୍ରତିଶତ। ଅନ୍ୟପଟେ, ରାଜ୍ୟସଭାରେ ମାତ୍ର ୧.୭ ଘଣ୍ଟା ଆଲୋଚନା ହୋଇପାରିଥିଲା, ଯାହା ମୋଟ ନିର୍ଦ୍ଧାରିତ ସମୟର ମାତ୍ର ୬ ପ୍ରତିଶତ। ଆକଳନ ଅନୁଯାୟୀ, ସଂସଦ ଚଲାଇବା ପାଇଁ ମିନିଟ୍ ପ୍ରତି ପ୍ରାୟ ୨.୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ । ଗୋଟିଏ କାର୍ଯ୍ୟ ଦିବସରେ ପ୍ରାୟ ୯ କୋଟି ଟଙ୍କା ଖର୍ଚ୍ଚ ହୁଏ। ଏହି ଆନୁମାନିକ ଖର୍ଚ୍ଚ ମଧ୍ୟରେ ଭିତ୍ତିଭୂମି, କର୍ମଚାରୀଙ୍କ ବେତନ, ସୁରକ୍ଷା, ପରିବହନ ଏବଂ ସାଂସଦମାନଙ୍କ ଭତ୍ତା ଅନ୍ତର୍ଭୁକ୍ତ। ଗତ ୧୨ ଦିନର କାର୍ଯ୍ୟ ଦିବସ ମଧ୍ୟରେ ନିର୍ଦ୍ଧାରିତ ମୋଟ ୧୪୪ ଘଣ୍ଟାରୁ ପ୍ରାୟ ୯୫ ପ୍ରତିଶତ ସମୟ ଗୃହ ମୁଲତବୀ ଯୋଗୁଁ ନଷ୍ଟ ହୋଇଯାଇଛି। ଏହି ୯୫ ପ୍ରତିଶତ ନଷ୍ଟ ହୋଇଥିବା ସମୟର ମୂଲ୍ୟ କେବଳ ଏହି ଅଧିବେଶନରେ ପ୍ରାୟ ୧୫୦ରୁ ୧୯୦ କୋଟି ଟଙ୍କା ହେବ।

ପୂର୍ବର ରେକର୍ଡ ଏବଂ ଆକଳନ ଅନୁଯାୟୀ, ଏହି ଅଧିବେଶନ ସବୁଠାରୁ କମ୍ କାର୍ଯ୍ୟକ୍ଷମ ଅଧିବେଶନଗୁଡ଼ିକ ମଧ୍ୟରୁ ଅନ୍ୟତମ ହେବାକୁ ଯାଉଛି, ଯାହା ୨୦୨୫ର ମୌସୁମୀ ଅଧିବେଶନ ତୁଳନାରେ ଅଧିକ ଖରାପ ସ୍ଥିତିକୁ ସୂଚାଉଛି ।

## ୩୦୦ ଫୁଟ୍ ତଳକୁ ଖସିଲା ଏୟାର ଇଣ୍ଡିଆ ବିମାନ, ବର୍ତ୍ତିଗଲେ ଯାତ୍ରୀ



ନୂଆଦିଲ୍ଲୀ, ୪ା୮ଃ ଥାଇଲ୍ୟାଣ୍ଡର ଫୁକେଟ୍‌ରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆର ଏକ ବିମାନ ପ୍ରବଳ ବାୟୁଚାପର ସମ୍ମୁଖୀନ ହୋଇଥିଲା। ଫଳରେ ଉଡ଼ାଣ ସମୟରେ ବିମାନଟି ହଠାତ୍ ପ୍ରାୟ ୩୦୦ ଫୁଟ ତଳକୁ ଖସି ଆସିଥିଲା। ଫଳରେ ଯାତ୍ରୀ ଓ କର୍ମଚାରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ହଠାତ୍ ଝଟକା ଯୋଗୁଁ ବିମାନରେ ଥିବା ଅନେକ ଯାତ୍ରୀ ଭାରସାମ୍ୟ ହରାଇ ବସିଥିଲେ। ଦଶଜଣ ଯାତ୍ରୀ ଓ ଚାରିଜଣ କ୍ୟାବିନ କ୍ରୁ ସଦସ୍ୟ ଆହତ ହୋଇଛନ୍ତି। ଏୟାର ଇଣ୍ଡିଆ ଘଟଣାର ନିଶ୍ଚିତ କରି କହିଛି ଯେ ସମସ୍ତ ଆହତଙ୍କୁ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଛି।

ଦିଲ୍ଲୀ ବିମାନବନ୍ଦର ପ୍ରଶାସନକୁ ପୂର୍ବରୁ ସତର୍କ କରାଯାଇଥିଲା, ଯାହା ଫଳରେ ବିମାନ ଅବତରଣ କରିବା ପୂର୍ବରୁ ଏକ ଡାକ୍ତରୀ ଦଳକୁ ପ୍ରସ୍ତୁତ ରଖାଯାଇଥିଲା। ଏୟାର ଇଣ୍ଡିଆ ଅନୁଯାୟୀ, ଏହି ଘଟଣା ଫୁକେଟରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିବା ଏଆଇ-୨୩୭୯ ବିମାନରେ ଘଟିଛି। ପ୍ରାଥମିକ ସୂଚନା ଅନୁଯାୟୀ, ପାଇଲଟ୍ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ ଏବଂ ନିରାପଦରେ ଦିଲ୍ଲୀ ଅଭିମୁଖେ ଉଡ଼ାଣ ଜାରି ରଖିଥିଲେ।ଏୟାର ଇଣ୍ଡିଆ ଏକ ବିବୃତି ଜାରି କରି କହିଛି ଯେ, ବିମାନ ସୁରକ୍ଷିତ ଭାବରେ ଗନ୍ତବ୍ୟସ୍ଥଳରେ ପହଞ୍ଚିଛି। ଏୟାରଲାଇନ୍ସ ଏହା ମଧ୍ୟ କହିଛି ଯେ ଯାତ୍ରୀ ସୁରକ୍ଷା ଏହାର ସର୍ବୋଚ୍ଚ ପ୍ରାଥମିକତା ଏବଂ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ।

## ୩ ରାଜ୍ୟର ପୂର୍ବତନ ରାଜ୍ୟପାଳଙ୍କ ପରଲୋକ



ମୁମ୍ବାଇ, ୪ା୮ଃ ଶିକ୍ଷାବିତ ଓ ପୂର୍ବତନ ରାଜ୍ୟପାଳ ଡିଓ୍ୱାଇ ପାଟିଲଙ୍କ ୯୧ ବର୍ଷ ବୟସରେ ବାର୍ଦ୍ଧକ୍ୟ ଜନିତ କାରଣରୁ ମହାରାଷ୍ଟ୍ରର କୋହ୍ଲାପୁରରେ ପରଲୋକ ହୋଇଯାଇଛି। ପାଟିଲ ୨୦୦୯ରୁ ୨୦୧୩ ପର୍ଯ୍ୟନ୍ତ ତ୍ରିପୁରାର ରାଜ୍ୟପାଳ, ୨୦୧୩ ରୁ ୨୦୧୪ ପର୍ଯ୍ୟନ୍ତ ବିହାରର ରାଜ୍ୟପାଳ ଓ ୨୦୧୪ ରେ କିଛି ସମୟ ପାଇଁ ପଶ୍ଚିମବଙ୍ଗର ରାଜ୍ୟପାଳ ଭାବରେ ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ। ୧୯୯୧ ମସିହାରେ ତାଙ୍କୁ ପଦ୍ମଶ୍ରୀ ପ୍ରଦାନ କରାଯାଇଥିଲା। ସେ ଡିଓ୍ୱାଇ ପାଟିଲ ଗ୍ରୁପର ପ୍ରତିଷ୍ଠାତା ଭାବରେ ବହୁଳ ଭାବରେ ଜଣାଶୁଣା। ଏହି ଗ୍ରୁପ ମୁମ୍ବାଇ, ନଭି ମୁମ୍ବାଇ, ପୁଣେ ଓ କୋଲହାପୁରରେ ଡିମ୍ଡ ବିଶ୍ୱବିଦ୍ୟାଳୟ ସମେତ ୧୫୦ ରୁ ଅଧିକ ଶିକ୍ଷାନୁଷ୍ଠାନ ପରିଚାଳନା କରୁଛି। ୨୨ ଅକ୍ଟୋବର ୧୯୩୫ରେ କୋଲହାପୁରରେ ଜନ୍ମଗ୍ରହଣ କରିଥିବା ପାଟିଲ ମହାରାଷ୍ଟ୍ରର ବିଧାୟକ ଭାବରେ ତାଙ୍କର ରାଜନୈତିକ କ୍ୟାରିଅର ଆରମ୍ଭ କରିଥିଲେ। ପରେ ସେ ୨୦୧୮ରେ କଂଗ୍ରେସ ଦଳରେ ଯୋଗ ଦେଇଥିଲେ।

## ୨ ସହଯୋଗୀଙ୍କୁ ଗୁଳିକରି ନିଜେ ଜୀବନ ହାରିଲେ



ଗୁଆହାଟୀ, ୪ା୮ଃ ଆସାମର ନାଗାଁଓ ଜିଲ୍ଲାରେ ମଙ୍ଗଳବାର ପୂର୍ବାହ୍ନରେ କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳ (ସିଆରପିଏଫ୍)ର ଜଣେ ଅଫିସର ନିଜର ୨ ଜଣ ସହଯୋଗୀଙ୍କୁ ଗୁଳି କରିଛନ୍ତି। ଏହି ଘଟଣା ପରେ ଯବାନ ଜଣକ ନିଜେ ଆତ୍ମହତ୍ୟା କରିଛନ୍ତି। ନାଗାଁଓସ୍ଥିତ 'ସିଆରପିଏଫ୍'ର ୩୪ ବାଟାଲିୟନ କ୍ୟାମ୍ପରେ ଏହି ଘଟଣା ଘଟିଥିବା ବେଳେ କେଉଁ କାରଣରୁ ଘଟିଲା, ସେ ନେଇ ପୁଲିସ ତଦନ୍ତ ଜାରି ରଖିଛି। ଗୁଳି ଚଳାଇଥିବା ଅଫିସର ଜଣକ ହେଉଛନ୍ତି ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର (ଏଏସଆଇ) ବାଲାମି ପ୍ରେମାବରମ୍। ସେ କ୍ୟାମ୍ପର ମୁଖ୍ୟ ଫାଟକରେ ଡ୍ୟୁଟିରେ ଥିବା ସମୟରେ ନିଜ ସହକର୍ମୀମାନଙ୍କ ଉପରକୁ ଅଚାନକ ଗୁଳି ଚଳାଇଥିଲେ। ଗୁଳିକାଣ୍ଡରେ ହେଡ୍ କନଷ୍ଟେବଲ ବିଷ୍ଣୁ ପ୍ରସାଦ ବାଘେଲ୍ ଏବଂ ସବ୍-ଇନ୍ସପେକ୍ଟର ରାମନୱାଲ ସିଂହ ଯାଦବଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

## କେଜ୍ରିୱାଲଙ୍କୁ ଅଟକାଇଲା ପୁଲିସ



ନୂଆଦିଲ୍ଲୀ, ୪ା୮ଃ ଇ-୨୦ ଅଭିଯୋଗ ନେଇ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଆମ ଆଦମୀ ପାର୍ଟି(ଏଏପି)ର ସଂଯୋଜକ ଅରବିନ୍ଦ କେଜରିୱାଲ ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ପଦଯାତ୍ରା କରୁଥିବାବେଳେ ପୁଲିସ ତାଙ୍କୁ ଫିରୋଜଶାହା ରୋଡରେ ଅଟକାଇଛି। ପୁଲିସ କାର୍ଯ୍ୟାନୁଷ୍ଠାନ ବିରୋଧରେ ଆମ ଆଦମୀ ପାର୍ଟିର ନେତାମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କେଜରିୱାଲଙ୍କ ସହ ମନୀଷ ସିସୋଦିଆ, ସଞ୍ଜୟ ସିଂହ ଓ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଆତିଶୀ ଯୋଗ ଦେଇଛନ୍ତି। କେଜରିୱାଲ କହିଛନ୍ତି, ଆମେ ୨ ଲକ୍ଷ ୩୦ ହଜାର ଆବେଦନପତ୍ର ନେଇ ପ୍ରଧାନମନ୍ତ୍ରୀଙ୍କ ବାସଭବନକୁ ଯାଉଛୁ। ଆମ ସହିତ ୧୦୦ ଲୋକ ଅଛନ୍ତି, ଯାହାଙ୍କ ଗାଡ଼ି ଇ-୨୦ ଦ୍ୱାରା କ୍ଷତିଗ୍ରସ୍ତ ହୋଇଛି। ଆମେ ଆଶା କରୁଛୁ ଯେ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କ ସ୍ୱର ଶୁଣିବେ।

## ୨୨ ଜୀବନ ନେଲାଣି ଚାନ୍ଦିପୁରା ଭାଇରସ୍



ଅହମଦାବାଦ, ୪ା୮ଃ ଗୁଜରାଟରେ ୧୫ ବର୍ଷରୁ କମ୍ ବୟସର ପିଲାମାନଙ୍କଠାରେ ଚାନ୍ଦିପୁରା ଭାଇରସ୍ ପ୍ରକୋପ ବୃଦ୍ଧି ପାଉଛି। ଏନେଇ ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଏପର୍ଯ୍ୟନ୍ତ ଏହି ଭାଇରସ୍ ଯୋଗୁଁ ୨୨ ଜଣ ପିଲାଙ୍କର ମୃତ୍ୟୁ ଘଟିଛି। ରାଜ୍ୟରେ ୧୮୪ଟି ସନ୍ଦିଗ୍ଧ ମାମଲା ରିପୋର୍ଟ ହୋଇଛି। ସେଥିମଧ୍ୟରୁ ନମୁନା ପରୀକ୍ଷାରୁ ୩୫ ଜଣ ରୋଗୀଙ୍କଠାରେ ଚାନ୍ଦିପୁରା ଭାଇରସ୍ ସଂକ୍ରମଣ ହୋଇଥିବା ନିଶ୍ଚିତ ହୋଇଛି। ୧୧ ଟି ନମୁନାର ଫଳାଫଳ ଏବେ ବି ବାକି ଅଛି। ବର୍ଦ୍ଧିତ ବିପଦକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ସତର୍କ କରାଇ ଦେଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରଫୁଲ ପାନଶେରିଆଙ୍କ ଅନୁଯାୟୀ, ବର୍ତ୍ତମାନ ୭ ଜଣ ଆକ୍ରାନ୍ତ ହସ୍ପିଟାଲର ଆଇସିୟୁରେ ଅଛନ୍ତି। ସେମାନଙ୍କୁ ସୁପର-ସ୍ପେଶାଲିଷ୍ଟ ଡାକ୍ତରଙ୍କ ତତ୍ତ୍ୱାବଧାନରେ ଚିକିତ୍ସା କରାଯାଉଛି।

## ଜୁକରବର୍ଗ କ୍ଷମା ମାଗିବାର ଆବଶ୍ୟକତା ନାହିଁ



ନୂଆଦିଲ୍ଲୀ, ୪ା୮ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ଫେସବୁକ ପୋଷ୍ଟ କିଛି ସମୟ ପାଇଁ ବ୍ଲକ୍ ହୋଇ ରହିଯାଇଥିବା ଘଟଣାରେ ମେଟା ସଂସଦୀୟ କମିଟି ଆଗରେ କ୍ଷମା ପ୍ରାର୍ଥନା କରିବାକୁ ପ୍ରସ୍ତୁତ ଥିବା ସୂଚନା ମିଳିବା ପରେ, ମେଟା ସିଇଓ ମାର୍କ ଜୁକରବର୍ଗଙ୍କ ସମର୍ଥନରେ ବାହାରିଛନ୍ତି ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ ମହୁଆ ମୋଇତ୍ରା। ସେ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପୋଷ୍ଟ କରି ମେଟାକୁ ସରକାରଙ୍କ ଆଗରେ ନିଜକୁ ବାଧ୍ୟ ଅନୁଭବ କରି କ୍ଷମା ନ ମାଗିବାକୁ ପରାମର୍ଶ ଦେଇଛନ୍ତି। ମହୁଆ ଲେଖିଛନ୍ତି, ହେଲୋ ମାର୍କ, ଦୟାକରି କାହାରି ଆଗରେ ନିଜକୁ ବାଧ୍ୟ ଅନୁଭବ କରି କ୍ଷମା ମାଗନ୍ତୁ ନାହିଁ। ଭାରତ ସରକାର ସବୁବେଳେ ନାଗରିକମାନଙ୍କୁ ଭୟଭୀତ କରୁଛନ୍ତି ଏବଂ ନିଜ ସମାଲୋଚନାମୂଳକ କଣ୍ଟେଣ୍ଟକୁ ନିଜ ଇଚ୍ଛାମୁତାବକ ହଟାଇ ଦେଉଛନ୍ତି। ଗୋଟିଏ ଭିଡିଓ ଭୁଲବଶତଃ କିଛି ଘଣ୍ଟା ପାଇଁ ହଟିଯିବା ଦ୍ୱାରା ଆକାଶ ଛିଣ୍ଡି ପଡ଼ିନାହିଁ।

## ଗିରଫ ହେବାର ୪ ଘଣ୍ଟା ପରେ ମୁକୁଳିଲେ ଉଦୟନିଧି



### ତ୍ରିଶାଙ୍କୁ ଆପତ୍ତିଜନକ ମନ୍ତବ୍ୟ ମାମଲା

ଚେନ୍ନାଇଃ ଫିଲ୍ମ ଅଭିନେତ୍ରୀ ତ୍ରିଷାଙ୍କୁ ନେଇ ଦ୍ୱିଅର୍ଥବୋଧକ ମନ୍ତବ୍ୟ ଦେବା ଘଟଣାରେ ଗିରଫ ହୋଇଥିଲେ ତାମିଲନାଡୁ ବିଧାନସଭାର ବିରୋଧୀ ଦଳ ନେତା ଉଦୟନିଧି ଷ୍ଟାଲିନ। ମାଡ୍ରାସ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ପ୍ରାୟ ୪ ଘଣ୍ଟା ପରେ ପୁଲିସ ମୁକ୍ତ କରିଛି। ଡିଏମକେ ନେତା ଷ୍ଟାଲିନଙ୍କୁ ତଦନ୍ତରେ ସହାୟତା କରିବାକୁ କହିଛନ୍ତି ହାଇକୋର୍ଟ। ଅଦାଲତରେ ଶୁଣାଣି ସମୟରେ ତାଞ୍ଜାବୁର ପୁଲିସ ପକ୍ଷରୁ ହାଜର ହୋଇଥିବା ଆଡଭୋକେଟ୍ ଜେନେରାଲ ବିଜୟ ନାରାୟଣ କହିଥିଲେ ଯେ, ଉଦୟନିଧିଙ୍କୁ ତାଞ୍ଜାବୁର ନିଆଯାଇଛି ସତ, କିନ୍ତୁ ପୁଲିସ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇବାକୁ ଚାହୁଁନାହିଁ। ତାଙ୍କୁ କେବଳ ପଚରାଉଚରା କରି ଥାନାରୁ ଜାମିନରେ ମୁକ୍ତ କରିବା ହିଁ ସରକାରଙ୍କ ଉଦ୍ଦେଶ୍ୟ। ଦଳୀୟ ସୂତ୍ରରୁ ପ୍ରକାଶ ଯେ, ସୋମବାର ତାଞ୍ଜାବୁରରେ କାବେରୀ ମୁଦ୍ଦାକୁ ନେଇ ଆୟୋଜିତ ପ୍ରତିବାଦ ସଭାରେ ଦେଇଥିବା ମନ୍ତବ୍ୟ ସମ୍ପର୍କରେ ପଚରାଉଚରା ପାଇଁ ପୁଲିସ ଉଦୟନିଧିଙ୍କ ନୀଲାଙ୍କରାଇ ସ୍ଥିତ ବାସଭବନରେ ପହଞ୍ଚିବା ମାତ୍ରେ ଏକ ଅଗ୍ରିମ ଜାମିନ ଆବେଦନ କରାଯାଇଥିଲା। ତଥାପି, ଡିଏମକେ ନେତାଙ୍କୁ ଗିରଫ କରାଯାଇ ପଚରାଉଚରା ପାଇଁ ତାଞ୍ଜାବୁର ନିଆଯାଇଥିଲା। ପୁଲିସ ଗାଡ଼ିରେ ନିଆଯିବା ପୂର୍ବରୁ ଉଦୟନିଧି ସାମ୍ବାଦିକମାନଙ୍କୁ କହିଥିଲେ, 'ମୁଁ ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ଆଉ କାହାର ନାମ ନେଇଥିଲି କି ? କୋର୍ଟଙ୍କୁ ନିଷ୍ପତ୍ତି ନେବାକୁ ଦିଅନ୍ତୁ। ତେବେ ଅଶ୍ଳୀଳ ଶବ୍ଦ ବ୍ୟବହାର ଏବଂ ମହିଳାଙ୍କ ସମ୍ମାନହାନୀ ସମେତ ବିଭିନ୍ନ ଧାରାରେ ପୁଲିସ ତାଙ୍କ ନାମରେ ମାମଲା ରୁଜୁ କରିଛି। ସାମ୍ପ୍ରଦାୟିକ ଶତ୍ରୁତା ବୃଦ୍ଧି, ଦଙ୍ଗା ସୃଷ୍ଟି ଉଦ୍ଦେଶ୍ୟରେ ଉସୁକାଇବା ଏବଂ ଅପରାଧିକ ଧମକ ଭଳି ୯ଟି ଧାରା ଉଦୟନିଧିଙ୍କ ବିରୋଧରେ ଲଗାଯାଇଛି। ଏହାସହ ତାମିଲନାଡୁ ମହିଳା ନିର୍ଯାତନା ନିଷେଧ ଆଇନ ଅଧୀନରେ ମଧ୍ୟ ମାମଲା ରୁଜୁ ହୋଇଛି।

## ବାଚନିକ ବିଲ୍ ପାରିତକୁ ନେଇ ବର୍ଷିଲେ ପ୍ରିୟଙ୍କା



ନୂଆଦିଲ୍ଲୀ,୪ା୮ଃ ସଂସଦର ମୌସୁମୀ ଅଧିବେଶନରେ ବିନା ଆଲୋଚନାରେ ବିଲ୍ ପାସ୍‌କୁ ନେଇ ଶିବସେନା ନେତ୍ରୀ ପ୍ରିୟଙ୍କା ଚତୁର୍ବେଦୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ବିରୋଧୀଙ୍କ ବିରୋଧ, ହଙ୍ଗାମା ଏବଂ ୱାକଆଉଟ୍ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍ ହୋଇଥିଲା ଏବଂ କିଛି କ୍ଷେତ୍ରରେ ପର୍ଯ୍ୟାପ୍ତ ଆଲୋଚନା ମଧ୍ୟ ହୋଇନଥିଲା।

ପ୍ରିୟଙ୍କା ସାର୍ବଜନୀକ ପରୀକ୍ଷା ସଂଶୋଧନ ବିଲ୍‌କୁ ନେଇ ମଧ୍ୟ ଆଲୋଚନା କରିଛନ୍ତି। ସେ କହିଛନ୍ତି। ସରକାର ଏନେଇ ସଂଗଠିତ ପେପର ଲିକ୍ ଗ୍ୟାଙ୍ଗ୍ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ଏହି ସଂଶୋଧନରେ ଅପରାଧୀଙ୍କ ପାଇଁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ସଂସ୍ଥାଗତ ଅପରାଧ ଉପରେ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା କରାଯାଇଛି।

ଶିବସେନା ନେତା କହିଛନ୍ତି, ବିରୋଧୀଙ୍କ ଯୁକ୍ତି ଏହା ଯେ, ଏହି ଆଇନ ସମସ୍ୟାର ମୂଳ ଉପରେ ନୁହେଁ, ଏହାର ଲକ୍ଷଣ ଉପରେ ରହିଛି। ସେ କହିଛନ୍ତି ଯେ ବରିଷ୍ଠ ଅଧିକାରୀ ଏବଂ ପରୀକ୍ଷା ଏଜେନ୍ସିଗୁଡ଼ିକୁ ଦାୟୀ କରିବା ପାଇଁ କୌଣସି ଦୃଢ଼ ବ୍ୟବସ୍ଥା ନାହିଁ। ପେପର ଲିକ୍ ଦ୍ୱାରା ପ୍ରଭାବିତ ଛାତ୍ରଛାତ୍ରୀଙ୍କ ପାଇଁ କ୍ଷତିପୂରଣ କିମ୍ବା ପୁନଃପରୀକ୍ଷା ପାଇଁ କୌଣସି ସ୍ପଷ୍ଟ ବ୍ୟବସ୍ଥା ନାହିଁ। ଭିଡିଓରେ ସେ ଜନ୍ମ ଏବଂ ମୃତ୍ୟୁ ପଞ୍ଜିକରଣ (ସଂଶୋଧନ) ବିଲ୍, ୨୦୨୬ ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ନୂତନ ବ୍ୟବସ୍ଥା ଅନୁଯାୟୀ, ଯଦି ଦୁଇ ବର୍ଷ ମଧ୍ୟରେ ଜନ୍ମ କିମ୍ବା ମୃତ୍ୟୁ ପଞ୍ଜିକୃତ ନହୁଏ, ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏବେ ସ୍ଥାନୀୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପରିବର୍ତ୍ତେ ଜଣେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପ୍ରଥମ ଶ୍ରେଣୀଙ୍କଠାରୁ ଆଦେଶ ନେବାକୁ ପଡିବ। ଜନ୍ମ ଏବଂ ମୃତ୍ୟୁ ପଞ୍ଜୀକରଣ ସଂଶୋଧନ ବିଲ୍ ବହୁତ କମ୍ ସମୟ ମଧ୍ୟରେ ଧ୍ୱନୀ ମତରେ ଗୃହୀତ ହୋଇଥିଲା ଏବଂ ଗୃହରେ ଏହା ଉପରେ ପର୍ଯ୍ୟାପ୍ତ ଆଲୋଚନା ହୋଇନଥିଲା ବୋଲି କହିଛନ୍ତି ପ୍ରିୟଙ୍କା। ତାଙ୍କ ମତରେ, ଏହା ବିରୋଧୀଙ୍କୁ ସେମାନଙ୍କର ଆପତ୍ତିକୁ ବିସ୍ତୃତ ଭାବରେ ଉପସ୍ଥାପନ କରିବାର ସୁଯୋଗରୁ ବଞ୍ଚିତ କରିଥିଲା।

## ପ୍ରେମିକାର ସମାଧି ପାଖରେ ପ୍ରେମିକର ଆତ୍ମହତ୍ୟା

ନୂଆଦିଲ୍ଲୀ, ୪ା୮ଃ ଅକ୍ଟୋବର ୭, ୨୦୨୩ରେ ଇସ୍ରାଏଲ ଉପରେ ହାମାସର ଆକ୍ରମଣରେ ଜଣେ ୩୦ ବର୍ଷୀୟ ବ୍ୟକ୍ତି ନିଜ ଗର୍ଲଫ୍ରେଣ୍ଡକୁ ହରାଇଥିଲେ। ଘଟଣାର ପ୍ରାୟ ୩ ବର୍ଷ ପରେ ଗର୍ଲଫ୍ରେଣ୍ଡଙ୍କ ସମାଧି ନିକଟରେ ସେ ଆତ୍ମହତ୍ୟା କରିଛନ୍ତି। ଏଲକାନା ସ୍ଥିତ ସମାଧିସ୍ଥଳରେ ବାର ଅସରଫଙ୍କ ମୃତ ଶରୀର ମିଳିଛି। ତାଙ୍କ ଛାତିରେ ଗୁଳି ବାଜିବାର କ୍ଷତଚିହ୍ନ ମିଳିଛି। ତାଙ୍କର ଦିବଂଗତ ଗର୍ଲଫ୍ରେଣ୍ଡ ଲିରନ୍ ବାର୍ଡାଙ୍କୁ ସେଠାରେ ସମାଧି ଦିଆଯାଇଥିଲା। ନୋଭା ମ୍ୟୁଜିକ୍ ଫେଷ୍ଟିଭାଲରେ ହମାସର ଆକ୍ରମଣରେ ପ୍ରାଣ ହରାଇଥିବା ଲୋକଙ୍କ ମଧ୍ୟରେ ବାର୍ଡା ଥିଲେ। ସେ ଏକ ବାର୍ ମ୍ୟାନେଜର ଭାବେ ସେଠାରେ କାମ କରୁଥିଲେ। ଗଣମାଧ୍ୟମର ରିପୋର୍ଟ ଅନୁସାରେ, ଗତ ଶନିବାର ଅସରଫ ଏକ ପାରିବାରିକ ବିବାହ ଉତ୍ସବରୁ ଚୁପ୍‌ଚାପ୍ ଚାଲିଗଲେ। କିଛି ସମୟ ପରେ ଘର ଲୋକ ତାଙ୍କୁ ଖୋଜାଖୋଜି କଲେ। ଅସରଫ ଅନେକ ସମୟରେ ବାର୍ଡାଙ୍କ ସମାଧି ସ୍ଥଳରେ ସମୟ ବିତାଉଥିଲେ।

## ଏହା ବୁଝାମଣାର ଶେଷ ସୁଯୋଗ

### ଇରାନକୁ ଚେତାଇଦେଲେ ଟ୍ରମ୍ପ୍



ୱାଶିଂଟନ, ୪ା୮ଃ ଇରାନକୁ ପୁଣି ଥରେ କଡ଼ା ବାର୍ତ୍ତା ଦେଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଏହା ବୁଝାମଣାର ଶେଷ ସୁଯୋଗ ବୋଲି ସ୍ପଷ୍ଟ କରି ଟ୍ରମ୍ପ କହିଛନ୍ତି, ଖୁବ୍ ଶୀଘ୍ର ଆମେରିକା ଓ ଇରାନ ମଧ୍ୟରେ ନୂଆ ଆଲୋଚନା ଆରମ୍ଭ ହୋଇପାରେ। ଏହି ଆଲୋଚନାର ମୁଖ୍ୟ ଲକ୍ଷ୍ୟ ରହିବ ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ୍‌କୁ ପୁଣିଥରେ ଖୋଲିବା ଏବଂ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଆମେରିକାର ଚିନ୍ତା ଦୂର କରିବା। ତେବେ ଟ୍ରମ୍ପଙ୍କ ସତର୍କ ହେଉଛି, ଯଦି ଏହି ଆଲୋଚନା ବିଫଳ ହୁଏ, ତେବେ ଆମେରିକା ତା'ର ସାମରିକ ପଦକ୍ଷେପକୁ ଆହୁରି ତୀବ୍ର କରିପାରେ। ଓଭାଲ୍ ଅଫିସରେ ସାମ୍ବାଦିକମାନଙ୍କ ସହ କଥା ହେବାବେଳେ ଟ୍ରମ୍ପ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ହର୍ମୁଜ୍ ଜଳସନ୍ଧିକୁ ଖୋଲିବା ଉପରେ ଆଲୋଚନା ହେବ ଏବଂ ପରେ ଇରାନର ପରମାଣୁ ନିରସ୍ତ୍ରୀକରଣ ପ୍ରସଙ୍ଗ ଉଠିବ। ଏପରିକି ସେ ଦାବି କରିଛନ୍ତି ଯେ, ଉପସାଗରୀୟ ଦେଶଗୁଡ଼ିକର ଅନୁରୋଧ ପରେ ଇରାନ ଉପରେ ହେବାକୁ ଥିବା ଏକ ବଡ଼ ସାମରିକ ଆକ୍ରମଣକୁ ସ୍ଥଗିତ ରଖାଯାଇଥିଲା। ଅନ୍ୟପଟେ, ଇରାନ କହିଛି ଯେ ଆଲୋଚନା କେବଳ ଜାହାଜ ଚଳାଚଳର ସୁରକ୍ଷାକୁ ନେଇ ସୀମିତ। ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରି ଟ୍ରମ୍ପ କହିଛନ୍ତି, ଇରାନ ଯାହା କହୁନା କାହିଁକି, ପରମାଣୁ ଅସ୍ତ୍ର ପ୍ରସଙ୍ଗ ହିଁ ଆଲୋଚନାର କେନ୍ଦ୍ରବିନ୍ଦୁ। ଏହା ସହ ମଧ୍ୟପ୍ରାଚ୍ୟରେ ପୁଣି ଥରେ ଉତ୍ତେଜନା ବଢ଼ିବାର ସଙ୍କେତ ମିଳିଛି।

## ଆମ ଘରେ ପଶି ଆମକୁ ମାରୁଛି ଭାରତ



ନୂଆଦିଲ୍ଲୀ, ୪ା୮ଃ ଗୁଇନ୍ଦା ସଂସ୍ଥା ଜରିଆରେ ଭାରତୀୟ ଏଜେଣ୍ଟମାନେ ପାକିସ୍ତାନ ସୀମା ଭିତରେ ପଶି ଗତ କିଛି ବର୍ଷ ମଧ୍ୟରେ ୩୦ରୁ ଅଧିକ ଆତଙ୍କବାଦୀଙ୍କୁ ନିପାତ କରିସାରିଛନ୍ତି। ନିଷିଦ୍ଧ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା (ଏଲଇଟି)ର ଅପରେଟିଭ୍ ରିଜୱାନ୍ ହନିଫର ଏପରି ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ନୂଆ ଚର୍ଚ୍ଚା ସୃଷ୍ଟି ହୋଇଛି। ଗତ ମେ' ମାସର ଏହି ଭିଡିଓରେ ରିଜୱାନ୍ ନିଜ ସମର୍ଥକଙ୍କୁ ସମ୍ବୋଧିତ କରି କହିଛି ଯେ, ଭାରତୀୟ ଗୁଇନ୍ଦା ଏଜେନ୍ସିଙ୍କ କାର୍ଯ୍ୟାନୁଷ୍ଠାନ ଯୋଗୁଁ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ଲସ୍କର ଆତଙ୍କବାଦୀମାନେ ଶାନ୍ତିରେ ରହିପାରୁନାହାନ୍ତି। ରିଜୱାନର ଦାବି ଅନୁଯାୟୀ, ଗତ ୩ରୁ ୪ ବର୍ଷ ମଧ୍ୟରେ ପାକିସ୍ତାନର ପେଶାୱାର, କରାଚୀ, ରାୱଲପିଣ୍ଡି, ମୁଜଫରାବାଦ ଏବଂ ରାୱଲାକୋଟ ଭଳି ବିଭିନ୍ନ ସହରରେ ସୁନିୟୋଜିତ ଭାବେ ଆତଙ୍କବାଦୀଙ୍କୁ ହତ୍ୟା କରାଯାଇଛି ଗତ କିଛିବର୍ଷ ହେବ ପାକିସ୍ତାନରେ ଭାରତ ବିରୋଧୀ ଆତଙ୍କବାଦୀମାନେ ଅଜ୍ଞାତ ଆକ୍ରମଣକାରୀଙ୍କ ଗୁଳିର ଶିକାର ହେଉଛନ୍ତି।

## ୨୦ ଦିନ ପାଇଁ ଜେଲରୁ ବାହାରିବେ ଆଶାରାମ



ନୂଆଦିଲ୍ଲୀ, ୪ା୮ଃ ଯୌନ ଉତ୍ପୀଡ଼ନ ଏବଂ ନାବିଳାକଙ୍କ ସହ ଦୁଷ୍କର୍ମ ମାମଲାରେ ଆତ୍ମଘୋଷିତ ଧର୍ମଗୁରୁ ଆଶାରାମ ଆଜୀବନ କାରାଦଣ୍ଡ ସଜା କାଟୁଛନ୍ତି। ତାଙ୍କ ଦଣ୍ଡକୁ ରାଜସ୍ଥାନ ହାଇକୋର୍ଟ ଦୁଇ ମାସ ପୂର୍ବେ ବଜାୟ ରଖିଥିଲେ। କିନ୍ତୁ ସୋମବାର ଅଗଷ୍ଟ ୩ରେ ତାଙ୍କର ୨୦ ଦିନିଆ ପାରୋଲ୍ ଆବେଦନକୁ ମଞ୍ଜୁରି ଦିଆଯାଇଛି। ଏହି ମଞ୍ଜୁରି ପରେ ଆସାରାମ ୧୩ ବର୍ଷ ପରେ ୨୦ ଦିନ ପାଇଁ ଜେଲରୁ ବାହାରକୁ ଆସିବେ। ହାଇକୋର୍ଟ ଯୋଧପୁର ଜିଲ୍ଲା କଲେକ୍ଟରଙ୍କ ନେତୃତ୍ୱାଧୀନ ସମିତି ଦ୍ୱାରା ପାରୋଲ୍ ଆବେଦନ ଖାରଜ କରିବାକୁ ନେଇ ସମାଲାଚୋନା କରିଥିଲେ। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ସଞ୍ଜୀବ ପ୍ରକାଶ ଶର୍ମା ଏବଂ ଜଷ୍ଟିସ୍ ସଞ୍ଜୀତ ପୁରୋହିତଙ୍କ ଖଣ୍ଡପୀଠ ୮୫ ବର୍ଷୀୟ ଆସାରାମଙ୍କ ବୟସ ଏବଂ ୧୩ ବର୍ଷରୁ ଅଧିକ ସମୟ ଜେଲରେ ବିତାଇଥିବା କାରଣରୁ ଏହି ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଏହି ମାମଲାରେ ରାଜସ୍ଥାନ ସରକାର ଏବଂ ଅନ୍ୟାନ୍ୟ ପକ୍ଷର ଓକିଲମାନେ ହାଇକୋର୍ଟଙ୍କ ସମ୍ମୁଖରେ ଜୁଲାଇ ୩୧ରେ ଜିଲ୍ଲା କଲେକ୍ଟରଙ୍କ ଦ୍ୱାରା ଅନୁଷ୍ଠିତ ବୈଠକର ବିସ୍ତୃତ ରିପୋର୍ଟ ଉପସ୍ଥାପନ କରିଥିଲେ। କମିଟି ଆସାରାମଙ୍କ ୨୦ ଦିନର ପାରୋଲ୍ ଆବେଦନକୁ ଖାରଜ କରିଦେଇଥିଲା। ଏହା ପଛରେ ଯୁକ୍ତି ଦିଆଯାଇଥିଲା ଯେ ଆବେଦନକାରୀଫେରାରହୋଇପାରନ୍ତିବୋଲିପୁଲିସଠାରୁସୂଚନାମିଳିଛି।

## ପୃଥିବୀରେ ବଞ୍ଚୁଥିଲା ଗୋଟିଏ ଆଖିଥିବା ପ୍ରାଣୀ

ନୂଆଦିଲ୍ଲୀ, ୪ା୮ଃ ଏକ ପତ୍ରିକାରେ ପ୍ରକାଶିତ ଏହି ଗବେଷଣା ଅନୁସାରେ, ମଣିଷ ଓ ଅନ୍ୟ ପ୍ରାଣୀଙ୍କ ଆଖିର ରେଟିନାର ଉତ୍ପତ୍ତି ଲକ୍ଷ ଲକ୍ଷ ବର୍ଷ ପୂର୍ବର ଏକ ପ୍ରାଚୀନ ଆଲୋକ-ସମ୍ବେଦନଶୀଳ ଅଙ୍ଗ ସହ ଜଡିତ ହୋଇଥାଇପାରେ। ବୈଜ୍ଞାନିକଙ୍କ କହିବା ଅନୁସାରେ, ସେହି ପ୍ରାଚୀନ ଆଖି ଦୃଶ୍ୟ ଦେଖିପାରୁନଥିଲା। କିନ୍ତୁ ଆଲୋକ ଓ ଅନ୍ଧାର ମଧ୍ୟରେ ପାର୍ଥକ୍ୟ କରିପାରୁଥିଲା। ବୈଜ୍ଞାନିକଙ୍କ ମତରେ ଏହି ପ୍ରାଣୀଟି ସମୁଦ୍ରରେ ବାସ କରୁଥିବା ଏକ ଛୋଟ କୀଟ ସଦୃଶ ଜୀବ ଥିଲା। ଏହା ସମୁଦ୍ରରୁ ପାଣି ଛାଣି ଖାଦ୍ୟ ସଂଗ୍ରହ କରୁଥିଲା ଓ ଅଧିକାଂଶ ସମୟ ଗୋଟିଏ ସ୍ଥାନରେ ରହୁଥିଲା। ଏହାର ମୁଣ୍ଡର ଉଭୟ ପାର୍ଶ୍ୱରେ ଆଲୋକ-ସମ୍ବେଦନଶୀଳ କୋଷ ଥିଲା, ଯାହା ଦିନ-ରାତି ଓ ଦିଗ ଚିହ୍ନଟ କରିବାରେ ସାହାଯ୍ୟ କରୁଥିଲା।

ସମୟ ବଦଳିବା ସହିତ ଏହି ପ୍ରାଣୀର ବଂଶଧରମାନେ ସକ୍ରିୟ ଭାବରେ ପହଁରିବା ଏବଂ ଖାଦ୍ୟ ଖୋଜିବା ଆରମ୍ଭ କଲେ। ସେମାନଙ୍କୁ ଶିକାରୀଙ୍କଠାରୁ ବଞ୍ଚିବା ଓ ଆଖପାଖର ପରିବେଶକୁ ଚିହ୍ନିବା ପାଇଁ ଉନ୍ନତ ଦୃଷ୍ଟିର ଆବଶ୍ୟକତା ପଡ଼ିଲା। ସେତେବେଳେ ପ୍ରକୃତି ନୂଆ ଆଖି ସୃଷ୍ଟି କରିବା ପରିବର୍ତ୍ତେ, ସେହି ଆଲୋକ-ସମ୍ବେଦନଶୀଳ ଅଙ୍ଗକୁ ଦୁଇଟି ପୃଥକ ରେଟିନାରେ ବିକଶିତ କଲା। ଏହା ଫଳରେ ଦୃଷ୍ଟିଶକ୍ତି ଅଧିକ ଉନ୍ନତ ହେଲା। ଗବେଷକମାନେ ଏହା ମଧ୍ୟ କହିଛନ୍ତି ଯେ ସେହି ପ୍ରାଚୀନ ଆଖି ସମ୍ପୂର୍ଣ୍ଣ ଭାବେ ଅଦୃଶ୍ୟ ହୋଇନଥିଲା। ଏହାର କିଛି ଅଂଶ ମସ୍ତିଷ୍କର ପାଇନିଆଲ୍ ସିଷ୍ଟମରେ ବିକଶିତ ହୋଇଥାଇପାରେ। ପାଇନିଆଲ୍ ଗ୍ରନ୍ଥି ମେଲାଟୋନିନ୍ ହରମୋନ୍ ଉତ୍ପାଦନ କରେ, ଯାହା ଶରୀରର ଜୈବିକ ଘଣ୍ଟା ଏବଂ ନିଦ-ଜାଗରଣ ଚକ୍ରକୁ ନିୟନ୍ତ୍ରଣ କରେ। ଅର୍ଥାତ୍, ଆଖିର ଉତ୍ପତ୍ତି ସହ ଆମର ନିଦର ମଧ୍ୟ ସମ୍ଭାବ୍ୟ ସମ୍ପର୍କ ଥାଇପାରେ। ତେବେ ମଣିଷ ସେହି ଗୋଟିଏ ଆଖି ଥିବା ପ୍ରାଣୀର ବଂଶଧର ନା ନାହିଁ ତାହାର ଏଯାଏଁ କୌଣସି ସଠିକ ପ୍ରମାଣ ମିଳିନାହିଁ। ବୈଜ୍ଞାନିକଙ୍କ ମତରେ ଉଭୟଙ୍କର ଏକ ସାଧାରଣ ପୂର୍ବପୁରୁଷ ଥାଇପାରେ। ପ୍ରାୟ ୬୦୦ ନିୟୁତ ବର୍ଷ ପୂର୍ବେ ସେହି ବଂଶ ଭିନ୍ନ ଭିନ୍ନ ଶାଖାରେ ବିଭକ୍ତ ହୋଇଥିଲା। ପରେ ସେଠାରୁ ମାଛ, ଉଭୟଚର, ସରୀସୃପ, ସ୍ତନ୍ୟପାୟୀ ଏବଂ ଶେଷରେ ମଣିଷର ବିକାଶ ଘଟିଥିଲା।



ବୈଜ୍ଞାନିକଙ୍କ ଅନୁସାରେ ୬୦୦ ନିୟୁତ ବର୍ଷ ପୁରୁଣା ସେହି ଏକକ ଆଖି ଥିବା ପ୍ରାଣୀର କୌଣସି ଜୀବାଶ୍ମ ମିଳିନାହିଁ। ଏହି ଅଧ୍ୟୟନ ଜୀବିତ ପ୍ରଜାତିଙ୍କ ଆଖି, ଆଲୋକ-ସମ୍ବେଦନଶୀଳ କୋଷ ଓ ସ୍ନାୟୁ ପ୍ରଣାଳୀର ତୁଳନା ଉପରେ ଆଧାରିତ। ୨୦୨୪ ମସିହାର ଏକ ଅଧ୍ୟୟନ ମଧ୍ୟ ଏହି ସମ୍ଭାବନାକୁ ସମର୍ଥନ କରୁଥିବା ସଙ୍କେତ ଦେଇଛି। ଯଦିଓ ବୈଜ୍ଞାନିକମାନେ ଏହାକୁ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍କର୍ଷ ବୋଲି ମାନୁନାହାନ୍ତି, ତଥାପି ମଣିଷର ଆଖିର ବିବର୍ତ୍ତନକୁ ବୁଝିବା ଦିଗରେ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି।

# ଓଡ୍ରାଫର ହେବ ନବକଳେବର

- ଏସ୍‌ଡିଆରଏଫ ଭାବେ ମିଳିବ ନୂଆ ପରିଚୟ
- ୧୦ ନୂଆ ୟୁନିଟ୍ ସହ ରହିବ ମୋଟ ୩୦ ୟୁନିଟ
- ସ୍ୱତନ୍ତ୍ର ବାଟାଲିଆନ ଓ ସ୍ୱତନ୍ତ୍ର ଅଧିକାରୀଙ୍କୁ ଦାୟିତ୍ୱ



ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ): ରାଜ୍ୟର ବିପର୍ଯ୍ୟୟ ମୁକାବିଲା ବ୍ୟବସ୍ଥାକୁ ଆହୁରି ସଶକ୍ତ କରିବା ଦିଗରେ ଓଡ଼ିଶା ସରକାର ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ବର୍ତ୍ତମାନର ଓଡ୍ରାଫକୁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏସ୍‌ଡିଆରଏଫ) ଭାବେ ଉନ୍ନୀତ କରାଯିବ। ଏଥିସହ ଓଡ୍ରାଫକୁ ସମ୍ପୂର୍ଣ୍ଣ ସମର୍ପିତ ବିପର୍ଯ୍ୟୟ ମୁକାବିଲା ବାହିନୀରେ ପରିଣତ କରିବା ପାଇଁ ପର୍ଯ୍ୟାୟ କ୍ରମେ ଆବଶ୍ୟକ ଭିତ୍ତିଭୂମି, ମାନବ ସମ୍ବଳ ଓ ପ୍ରଶିକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ। ଲୋକସେବା ଭବନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ନିଷ୍ପତ୍ତି ହୋଇଛି ଯେ ଓଡ୍ରାଫ ପାଇଁ ସ୍ୱତନ୍ତ୍ର ବାଟାଲିଅନ୍ ଗଠନ କରାଯିବ। ଏହାର ନେତୃତ୍ୱ ଓ ପରିଚାଳନା ପାଇଁ ଜଣେ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତ କରାଯିବ। ଏଥିସହ ଏସ୍‌ଡିଆରଏଫ ଭାବେ କାର୍ଯ୍ୟ ପରିଚାଳନା ପାଇଁ ନୂତନ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର୍ (ଏସଓପି) ପ୍ରସ୍ତୁତ କରାଯିବ।

ବର୍ତ୍ତମାନର ୟୁନିଟ୍ ସହ ଆଉ ୧୦ଟି ନୂତନ ୟୁନିଟ ଗଠନ କରାଯିବ। ଏହାପରେ ରାଜ୍ୟର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ମୋଟ ୩୦ଟି ୟୁନିଟ୍ ନିୟୋଜିତ ହେବ। ଆଗାମୀ ଦିନରେ ନିର୍ମାଣ ହେବାକୁ ଥିବା ବିପର୍ଯ୍ୟୟ ପରିଚାଳନା ଭବନରେ ଏସ୍‌ଡିଆରଏଫର ମୁଖ୍ୟାଳୟ ସ୍ଥାପନ କରାଯିବ। ସାମ୍ପ୍ରତିକ ବନ୍ୟା ସମୟରେ ଓଡ୍ରାଫର କାର୍ଯ୍ୟଦକ୍ଷତାକୁ ବୈଠକରେ ପ୍ରଶଂସା କରାଯାଇଛି। ଅଗଷ୍ଟ ୪ ସୁଦ୍ଧା ୯ଟି ଜିଲ୍ଲାରେ ଉଦ୍ଧାର କାର୍ଯ୍ୟ, ୫୯ଟି ବୋଟ୍ ବ୍ୟବହାର, ୫୯ଟି ଓଡ୍ରାଫ ଟିମ୍ ମୁତୟନ ହୋଇଥିଲେ। ୬୭୪ ଜଣ କର୍ମଚାରୀ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିବା ବେଳେ ୮୫୨ ଜଣ ପୁରୁଷ ଓ ୫୪୧ ଜଣ ମହିଳା ଏବଂ ୧୯ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା। ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ ବନ୍ୟା ସମୟରେ ଓଡ୍ରାଫର ସାହସ, ନିଷ୍ଠା ଓ ସମର୍ପଣ ରାଜ୍ୟର ବିପର୍ଯ୍ୟୟ ମୁକାବିଲା କ୍ଷମତାକୁ ଆହୁରି ସୁଦୃଢ଼ କରିଛି।

## ଆରପାରିରେ 'ଗଜନୀ' ଖଳନାୟକ



ମୁମ୍ବାଇ,୪।୮: ବଲିଉଡ୍ ଫିଲ୍ମ 'ଗଜନୀ' ର ଲୋକପ୍ରିୟ ଖଳନାୟକ ପ୍ରଦୀପ ରାୱତଙ୍କର ୭୪ ବର୍ଷ ବୟସରେ ପରଲୋକ ହୋଇଛି। ମୁମ୍ବାଇସ୍ଥିତ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି ପ୍ରଦୀପ। ଦୀର୍ଘ ଦିନ ଧରି କ୍ୟାନ୍ସରରେ ପୀଡ଼ିତ ଥିଲେ ପ୍ରଦୀପ। ତାଙ୍କ ବିୟୋଗରେ ବଲିଉଡ୍ ସହ ସମଗ୍ର ଦକ୍ଷିଣ ଭାରତୀୟ ସିନେ ଜଗତରେ ଶୋକର ଛାୟା ଖେଳିଯାଇଛି। ପ୍ରଦୀପ ଭାରତୀୟ ସିନେମାର ଏପରି ଜଣେ କଳାକାର ଥିଲେ ଯିଏ ନିଜର ଜୀବନ୍ତ ଅଭିନୟ ଏବଂ ଗମ୍ଭୀର ସ୍ୱର ପାଇଁ ବେଶ୍ ଜଣାଶୁଣା ଥିଲେ। ଆମୀର ଖାନ୍‌ଙ୍କ ଅଭିନୀତ ବ୍ଲକ୍‌ବଷ୍ଟର ଫିଲ୍ମ 'ଗଜନୀ'ରେ ତାଙ୍କର ମୁଖ୍ୟ ଖଳନାୟକ ଚରିତ୍ର ଆଜି ବି ଦର୍ଶକଙ୍କୁ ଖୁବ୍ ପସନ୍ଦ। କେବଳ ହିନ୍ଦୀ ନୁହେଁ ଏହା ପୂର୍ବରୁ ସୂର୍ଯ୍ୟାଙ୍କ ଅଭିନୀତ ଅରିଜିନାଲ୍ ତାମିଲ୍ 'ଗଜନୀ'ରେ ମଧ୍ୟ ସେ ନିଜ ଅଭିନୟର ଯାଦୁ ଦେଖାଇଥିଲେ। ବି.ଆର. ଚୋପ୍ରାଙ୍କ ମହାଭାରତରେ ପ୍ରଦୀପ ରାୱତ ଅଶ୍ୱତ୍ଥାମା ଭୂମିକାରେ ଆସିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦେଶକୁ ଫେରିଛନ୍ତି...

ସୁରକ୍ଷା ସହିତ ଜଡ଼ିତ। ପଳାତକ ଅପରାଧୀମାନଙ୍କୁ ଭାରତକୁ ଫେରାଇ ଆଣିବା ପାଇଁ ସରକାର ପ୍ରତ୍ୟର୍ପଣ ଢାଞ୍ଚାକୁ ମଜବୁତ କରିବାକୁ ଅନେକ ଆଇନଗତ ବ୍ୟବସ୍ଥା ପ୍ରବର୍ତ୍ତନ କରିଛନ୍ତି। ଇଣ୍ଟରପୋଲ ରେଡ୍ କର୍ଣ୍ଣର ନୋଟିସ୍ ଜାରି କରିବାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଇଣ୍ଟରପୋଲ୍ ପରି ଭାରତ ସରକାର ଭାରତ-ପୋଲ୍‌ର ଶୁଭାରମ୍ଭ କରିଛନ୍ତି। ଏହା ଇଣ୍ଟରପୋଲ ସହ ୧୪୦୦ରୁ ଅଧିକ ଏଜେନ୍ସି ସଂଯୋଗ କରିଛି ଓ ସୂଚନା ବିନିମୟ କରିବା ପାଇଁ ୩ରୁ ୧୦ ଦିନକୁ ଅବଧି ହ୍ରାସ ପାଇଛି। ୨୦୧୯ରେ ଜାତୀୟ ଅନୁସନ୍ଧାନ ଏଜେନ୍ସି (ଏନ୍‌ଆଇଏ) ସଂଶୋଧନ ଆଇନ ଓ ବେଆଇନ କାର୍ଯ୍ୟକଳାପ (ପ୍ରତିରୋଧ) ସଂଶୋଧନ (ୟୁଏପିଏ) ଆଇନ ପ୍ରଣୟନ କରିଛନ୍ତି। ପ୍ରଥମ ଥର ପାଇଁ ବିଏନ୍‌ଏସ୍‌ଏସ୍‌ର ଧାରା ୩୫୫ ଓ ୩୫୬ ଅନୁପସ୍ଥିତିରେ ବିଚାର ପାଇଁ ଅନୁମତି ପ୍ରଦାନ କରିଛି।

### ୯୨ ଛାତ୍ରୀ...

ଟିମ୍ ବିଦ୍ୟାଳୟରେ ପହଞ୍ଚି ଅନ୍ୟ ଆକ୍ରାନ୍ତ ଛାତ୍ରୀମାନଙ୍କର ଚିକିତ୍ସା କରିଛି। ତେବେ ସଠିକ୍ ସମୟରେ ସମସ୍ତ ଆକ୍ରାନ୍ତ ଛାତ୍ରୀମାନଙ୍କୁ ଚିକିତ୍ସା ଯୋଗାଇ ଦିଆଯାଇଛି ଓ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖାଯାଇଥିବା ବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଏହି ମାମଲା ସମ୍ପର୍କରେ ଅବଗତ ହେବା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତୁରନ୍ତ ପ୍ରଧାନଶିକ୍ଷୟିତ୍ରୀ ହିରାମଣି ହେମ୍ବ୍ରମ୍‌ଙ୍କୁ ନିଲମ୍ବନ କରିଛି। ଏଥିସହ ବିଦ୍ୟାଳୟର ଦୈନନ୍ଦିନ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଦୁଲାମଣି ସୋରେନ୍‌ଙ୍କୁ ଅସ୍ଥାୟୀ ଭାବେ ପ୍ରଧାନଶିକ୍ଷୟିତ୍ରୀ ଦାୟିତ୍ୱ ପ୍ରଦାନ କରାଯାଇଛି। ତେବେ ଏପରି ଏକ ଘଟଣାରେ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରୀମାନଙ୍କ ଅଭିଭାବକମାନେ ଭୟଭୀତ ହୋଇପଡ଼ିଛନ୍ତି।

### ମା' କନ୍ଧୁଣୀ...

ଫେରିବା ସମୟରେ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ତାଙ୍କୁ ଗୋଲାପ ଦେଇ ସ୍ୱାଗତ କରିଥିବା ବେଳେ ରାଷ୍ଟ୍ରପତି ଛାତ୍ରଛାତ୍ରୀଙ୍କୁ ଚକୋଲେଟ ଦେବା ସହ ସେମାନଙ୍କ ସହ କଥା ହୋଇ ଭବିଷ୍ୟତରେ କ'ଣ ହେବେ ବୋଲି ପ୍ରଶ୍ନ ପଚାରିଥିଲେ। ରାଷ୍ଟ୍ରପତି ତପ୍ତପାଣି ଗସ୍ତ କରି ଫେରିବା ପରେ ଅଞ୍ଚଳବାସୀମାନଙ୍କ ମନରେ ସ୍ଥାନୀୟ ଅଞ୍ଚଳର ବିକାଶ ବହୁଗୁଣିତ ହେବା ନେଇ ଆଶା ଉଜ୍ଜୀବିତ ହୋଇଛି।

### ବନ୍ୟା ପରେ...

ମୁତୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ କେବଳ ବନ୍ୟା ସ୍ଥିତି ନୁହେଁ, ବରଂ ବିଭିନ୍ନ ବିଭାଗର ବଜେଟ୍ ଖର୍ଚ୍ଚ, ନୂତନ ନିଯୁକ୍ତି ପ୍ରକ୍ରିୟା ଓ ଚାଲୁରହିଥିବା ସରକାରୀ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଛି। ରାଜ୍ୟରେ ନିଶା ନିବାରଣ ଅଭିଯାନକୁ ଅଧିକ କ୍ରିୟାଶୀଳ ଓ ସଫଳ କରିବା ପାଇଁ ପୂର୍ବରୁ ଦିଆଯାଇଥିବା ସମସ୍ତ କାର୍ଯ୍ୟକ୍ରମଗୁଡ଼ିକୁ ସୁନିଶ୍ଚିତ ଭାବେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସଚିବସ୍ତରୀୟ ବୈଠକରେ ଗଜପତି ଜିଲ୍ଲାପାଳଙ୍କ ପକ୍ଷରୁ 'ବିକଶିତ ଗଜପତି' ବ୍ଲୁ-ପ୍ରିଣ୍ଟ୍ ଉପସ୍ଥାପନ କରାଯାଇଥିଲା। ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରସ୍ତୁତ ୨୫ଟି ଗୁରୁତ୍ୱପୂର୍ଣ୍ଣ ଉନ୍ନୟନମୂଳକ କାର୍ଯ୍ୟକ୍ରମ ବାବଦରେ ଜିଲ୍ଲାପାଳ ବୈଠକରେ ବିସ୍ତୃତ ତଥ୍ୟ ଦେଇଥିଲେ।

### ନାବାଳିକାଙ୍କୁ ଦୁଷ୍କର୍ମ...

ବିଚାର କରିବାକୁ ପୁଲିସ୍ କୋର୍ଟରେ ଆବେଦନ କରିଛି। ଶନିବାର ରାତି ପ୍ରାୟ ୧୧ଟାରେ କାଟଲିଚେରା ପୁଲିସ୍ ଥାନା ଅନ୍ତର୍ଗତ ଆଲୋଇଚେରା ଅଞ୍ଚଳରେ ଏହି ଅଭାବନୀୟ ଘଟଣା ଘଟିଥିଲା। ପରିବାର ଲୋକେ ନିକଟସ୍ଥ ଏକ ଭୋଜିକୁ ଯାଇଥିବା ସମୟରେ ପୀଡ଼ିତା ଘରକୁ ଏକାକୀ ଫେରିଥିଲେ। ପ୍ରାୟ ଘଣ୍ଟାଏ ପରେ ପରିବାର ଲୋକେ ଘରକୁ ଫେରି ନାବାଳିକାଙ୍କ ରକ୍ତ ଜୁଡୁବୁଡୁ ଓ ବିକୃତ ମୃତଦେହ ତଳେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଅଭିଯୁକ୍ତମାନେ ଦୁଷ୍କର୍ମ ପରେ ଗୃହୋପଯୋଗୀ ବାସନକୁସନ ଓ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର କରି ନାବାଳିକାଙ୍କ ଗୁପ୍ତାଙ୍ଗକୁ କ୍ଷତବିକ୍ଷତ କରିବା ସହ ନିର୍ମମ ଭାବେ ହତ୍ୟା କରିଥିବା ପୁଲିସ୍ ସ୍ୱୀକାର କରିଛି। ହାଇଲାକାଣ୍ଡି ଏସଏସପି ଅମିତାଭ ସିହ୍ନା ଓ ଆଡିସନାଲ ଏସପି ସମୀର ଦର୍ପଣ ବରୁଆଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ର ଧାରା ୬୫(୧) (୧୬ ବର୍ଷରୁ କମ୍ ନାବାଳିକାଙ୍କୁ ଦୁଷ୍କର୍ମ), ୧୦୩(୧) (ହତ୍ୟା) ଏବଂ ପକ୍‌ସୋ ଆଇନର ଧାରା ୬ ଅଧୀନରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନେ ପୀଡ଼ିତାଙ୍କ ପୂର୍ବ ପରିଚିତ ଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜନଆକ୍ରୋଶ ସୃଷ୍ଟି ହୋଇଛି। ଉତ୍ୟକ୍ତ ଲୋକେ ଆସାମ-ମିଜୋରାମ ସଂଯୋଗକାରୀ ୬ ନମ୍ବର ଜାତୀୟ ରାଜପଥ ଅବରୋଧ କରି ଅଭିଯୁକ୍ତମାନଙ୍କୁ ଫାଶୀ ଦଣ୍ଡ ଦେବାକୁ ଦାବି କରିଛନ୍ତି।

### ୨୦୦ରୁ ୨୫୦...

ଟିମ୍ ପୂର୍ବରୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) କାର୍ଯ୍ୟାଳୟକୁ ଯାଇ ମଧ୍ୟ ତନାଘନା ଆରମ୍ଭ କରିଥିଲା। ଓସେପା ଉପ- ନିର୍ଦ୍ଦେଶିକାଙ୍କୁ ପଚରାଉଚରା କରି ତଥ୍ୟ ହାସଲ କରିଥିଲା। ଏଥିସହ କ୍ରାଇମବ୍ରାଞ୍ଚ ଟିମ୍ ତ୍ରୁଟିପୂର୍ଣ୍ଣ ୫୫ଟି ପୁସ୍ତକ ଜବତ କରିଥିଲା।

### ବଜାର ଉପରେ...

ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଗତ ଏପ୍ରିଲ, ମେ' ଓ ଜୁନ ମାସର ଚାଉଳ କୋଟା ସହ ଜୁଲାଇ ଓ ଅଗଷ୍ଟର ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଓ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାଗୁଡ଼ିକର ଚାଉଳ କୋଟା ତଥା ଜୁଲାଇ-ଅଗଷ୍ଟ-ସେପ୍ଟେମ୍ବରର କିରାସିନି କୋଟାର ସମୟୋଚିତ ଉଠାଣ ଓ ବଣ୍ଟନ ଉପରେ ସବିଶେଷ ସମୀକ୍ଷା କରଯାଇଥିଲା। ଉପରୋକ୍ତ ଚାଉଳ କୋଟା, କିରାସିନି କୋଟାଗୁଡ଼ିକ ଯେପରି ଆସନ୍ତା ୧୫ ଅଗଷ୍ଟ ମଧ୍ୟରେ ଉଠାଣ ତଥା ବଣ୍ଟନ କାର୍ଯ୍ୟ ଶେଷ କରାଯିବ, ଏଥିପ୍ରତି ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଯୋଗାଣ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ଯୋଗଦେବେ କେନ୍ଦ୍ର..

ଓ ମନ୍ତ୍ରୀସ୍ତରୀୟ ବୈଠକ ପାଇଁ ପ୍ରାଥମିକତା କ୍ଷେତ୍ର ତଥା ପ୍ରସ୍ତାବିତ ଫଳାଫଳ ଉପରେ ସହମତି ଆଣିବାରେ ପୂର୍ବ ଆଲୋଚନାଗୁଡ଼ିକ ଫଳପ୍ରଦ ସାବ୍ୟସ୍ତ ହୋଇଛି। ଶିକ୍ଷାମନ୍ତ୍ରୀମାନଙ୍କ ତ୍ରୟୋଦଶ ବୈଠକ ପୂର୍ବରୁ ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ନେତୃତ୍ୱରେ ଆଜି ନୂଆଦିଲ୍ଲୀରେ ବ୍ରିକ୍ସ ଟିଭିଇଟି ସିମ୍ପୋଜିୟମ ଓ ବ୍ରିକ୍ସ ଟିଭିଇଟି ସହଯୋଗ ମେଣ୍ଟର ଯୁଗ୍ମ ପରିଚାଳନା କମିଟି ବୈଠକ ଉଦ୍‌ଯାପିତ ହୋଇଛି। ଏଥିରେ ହୋଇଥିବା ଆଲୋଚନା ବ୍ରିକ୍ସ ଦେଶଙ୍କ ମଧ୍ୟରେ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ଏବଂ ତାଲିମ, ଦକ୍ଷତା ବିକାଶ ଏବଂ କର୍ମଶକ୍ତି ପ୍ରସ୍ତୁତିରେ ସହଯୋଗକୁ ଆହୁରି ଗଭୀର କରିବା ଉପରେ ଆଧାରିତ ଥିଲା। ଏହା ମଧ୍ୟ ପ୍ରାଥମିକତା ବିଷୟବସ୍ତୁଗୁଡ଼ିକ ମଧ୍ୟରେ ଗବେଷଣା ଓ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ଏକୀକୃତ ଓ ବିନିମୟ କରିବା ଉପରେ ଗୁରୁତ୍ୱ ଦେଇଥାଏ। ଏହି ଉଚ୍ଚସ୍ତରୀୟ ଆନ୍ତଃ-ସରକାରୀ ଆଲୋଚନା ସହ ଭାରତର ବ୍ରିକ୍ସ ଅଧ୍ୟକ୍ଷତା ଯୁବ ଅଂଶଗ୍ରହଣ ଏବଂ ନାଗରିକଙ୍କ ମଧ୍ୟରେ ସମ୍ପର୍କର ଆଦାନପ୍ରଦାନ ଉପରେ ଦୃଢ଼ ଗୁରୁତ୍ୱ ଦେଉଛି। ଏହି ଭାବନାକୁ ନେଇ ମଡେଲ ବ୍ରିକ୍ସକୁ ସାରା ଭାରତରେ ବ୍ରିକ୍ସ ମନ୍ତ୍ରୀସ୍ତରୀୟ ବୈଠକ ଅବସରରେ ଆୟୋଜିତ ହେବାକୁ ଥିବା ଏକ ଛାତ୍ର-କୈନ୍ଦ୍ରିକ ପଦକ୍ଷେପ ଭାବେ ପରିକଳ୍ପନା କରାଯାଇଛି। ଏହି ପଦକ୍ଷେପ ଯୁବ ନାଗରିକମାନଙ୍କୁ ବ୍ରିକ୍ସ ପ୍ରକ୍ରିୟା ସହ ପରିଚିତ କରାଇବା ସହ କୂଟନୀତି, ବହୁପାକ୍ଷିକ ସହଯୋଗ ଓ ସହମତି-ନିର୍ମାଣ ବିଷୟରେ ସେମାନଙ୍କର ବୁଝାମଣାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥାଏ।

## ବୁଧବାର ଅଭିଷେକଙ୍କ ବିଦେଶ ଯିବାର ଶୁଣାଣି

କୋଲକାତା,୪।୮(ସଂଚାର ବ୍ୟୁରୋ): ବୁଧବାର କୋଲକାତା ହାଇକୋର୍ଟ ଅଭିଷେକ ବାନାର୍ଜୀଙ୍କ ଚିକିତ୍ସା ପାଇଁ ବିଦେଶ ଯିବାର ଅନୁମତି ସମ୍ପର୍କିତ ମାମଲାର ଶୁଣାଣି କରିବାକୁ ଚାହୁଁଛନ୍ତି। ଅନ୍ୟପଟେ ଓକିଲମାନେ ଏକ ଜରୁରୀ ଶୁଣାଣିର ଆବଶ୍ୟକତା ଉପରେ କୋର୍ଟର ଦୃଷ୍ଟି ଆକର୍ଷଣ କରିଥିଲେ। ବିଚାରପତି ସୌଗତ ଭଟ୍ଟାଚାର୍ଯ୍ୟ କୋର୍ଟରୁମ୍‌ରେ ଉପସ୍ଥିତ ଜଣେ ଓକିଲଙ୍କୁ ମାମଲାର ଉଭୟ ପକ୍ଷର ପ୍ରତିନିଧିଙ୍କ ଜରିଆରେ ଓକିଲମାନଙ୍କୁ କୋର୍ଟରେ ହାଜର ହେବାକୁ ସୂଚନା ଦେବା ଲାଗି କହିଛନ୍ତି।

## ୧୧ କିଲୋ ଗଞ୍ଜେଇ ସହ ଜଣେ ଗିରଫ

କୋଲକାତା,୪।୮(ସଂଚାର ବ୍ୟୁରୋ): ଓଡ଼ିଶାରୁ ପଶ୍ଚିମବଙ୍ଗକୁ ବିପୁଳ ଗଞ୍ଜେଇ ଚାଲାଣ କରିବାକୁ ଚେଷ୍ଟା କରୁଥିବା ସମୟରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ନିୟମିତ ଯାଞ୍ଚ ସମୟରେ ପୁଲିସ ସୋମବାର ରାତିରେ ଝାଡ଼ଗ୍ରାମର ବେଲିଆବେଡ଼ା ଥାନା ଅନ୍ତର୍ଗତ ଲୁଡିହିଡା ଚେକପୋଷ୍ଟରେ ଏହି ଗିରଫ କରିଛି।

## ଉତ୍ତରବଙ୍ଗରେ ମେଘୁଆ ଚିତାବାଘ ଠାବ

କୋଲକାତା,୪।୮ (ସଂଚାର ବ୍ୟୁରୋ): ଉତ୍ତରବଙ୍ଗର ଜଳଦାପଡ଼ା ଓ ବକ୍ସା ଜଙ୍ଗଲରେ ମେଘୁଆ ଚିତାବାଘ ଠାବ ହୋଇଛି। ବନ ବିଭାଗ ଦ୍ୱାରା ସ୍ଥାପିତ ଟ୍ରାପ୍ କ୍ୟାମେରାରେ ଏହି ପ୍ରାଣୀର ଚିତ୍ର ଉତ୍ତୋଳିତ ହୋଇଛି। ଜଳଦାପଡ଼ାର ଡିଭିଜନାଲ ଫରେଷ୍ଟ ଅଫିସର (ଡିଏଫ୍‌ଓ) ପ୍ରବୀଣ କାଶୱାନ ଅନ୍ତର୍ଜାତୀୟ ମେଘୁଆ ଚିତାବାଘ ଦିବସରେ ଏହି ସମ୍ବାଦ ଆଲୋକିତ କରିଛନ୍ତି। ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ଦେଶର କେବଳ କିଛିସ୍ଥାନର ଗଭୀର ଜଙ୍ଗଲରେ ମେଘୁଆ ଚିତାବାଘ ଦେଖାଯାଏ। ଉତ୍ତରବଙ୍ଗ ତାହା ମଧ୍ୟରୁ ଗୋଟିଏ। ଯଦିଓ ଏଗୁଡ଼ିକ ସାଧାରଣ ଚିତାବାଘ ପରି ଦେଖାଯାଆନ୍ତି, ମାତ୍ର ମେଘୁଆ ଚିତାବାଘର କୋଟ୍‌ର ଢାଞ୍ଚା ସମ୍ପୂର୍ଣ୍ଣ ଭିନ୍ନ। ଏହା ବିଶ୍ୱର ସବୁଠାରୁ ବିରଳ ପ୍ରାଣୀ ପ୍ରଜାତି ମଧ୍ୟରୁ ଗୋଟିଏ।

## ବେଲଘରିଆ ୨ ନମ୍ବର ପଞ୍ଚାୟତ ଦଖଲ କଲା ବିଜେପି

କୋଲକାତା, ୪।୮ (ସଂଚାର ବ୍ୟୁରୋ): ଦୀର୍ଘ ସମୟ ଧରି କଳହ ପରେ ବିଜେପି ଶେଷରେ ତୃଣମୂଳ ପରିଚାଳିତ ବେଲଘରିଆ ୨ ନମ୍ବର ଗ୍ରାମ ପଞ୍ଚାୟତ ଦଖଲ କରିଛି। ବିଜେପି କର୍ମୀ ଓ ସମର୍ଥକମାନେ ନବନିର୍ବାଚିତ ପ୍ରଧାନ ଓ ଉପ-ପ୍ରଧାନଙ୍କୁ ମାଲ୍ୟାର୍ପଣ କରି ଏହି ଉତ୍ସବ ପାଳନ କରିଛନ୍ତି। ନଦିଆସ୍ଥିତ ଏହି ପଞ୍ଚାୟତର ପ୍ରଧାନ ଭାବରେ ଶିଖା ବିଶ୍ୱାସଙ୍କୁ ନିଯୁକ୍ତ କରାଯାଇଥିଲା। ଅଜୟ ସାହଙ୍କୁ ଉପ-ପ୍ରଧାନ ଭାବରେ ନିଯୁକ୍ତ କରାଯାଇଛି। ବିଜେପି ଅଭିଯୋଗ କରିଛି ଯେ, ପୂର୍ବ ତୃଣମୂଳ ପ୍ରଶାସନର କାର୍ଯ୍ୟକାଳ ମଧ୍ୟରେ ବେଲଘରିଆ ୨ ନମ୍ବର ଗ୍ରାମ ପଞ୍ଚାୟତରେ ଅନେକ ଦୁର୍ନୀତି ହୋଇଥିଲା।

## ଦାଦାବଟି ନଦେବାରୁ ପ୍ରମୋଟରଙ୍କୁ ଆକ୍ରମଣ

କୋଲକାତା, ୪।୮ (ସଂଚାର ବ୍ୟୁରୋ): ଦମ୍‌ଦମ୍‌ରେ ଦାଦାବଟି ନ ଦେବାରୁ ଜଣେ ପ୍ରମୋଟରଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ସୋମବାର ରାତିରେ ପୁଲିସ ବିଶ୍ୱଜିତ ରାୟ ଓରଫ ଚିକଟିକି ନାମକ ଅଭିଯୁକ୍ତଙ୍କୁ ଗିରଫ କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୋଜା ଚାଲିଛି। ଦମ୍‌ଦମ୍ ପି.କେ. ଗୁହା ରୋଡ଼ରେ ରହୁଥିବା ପ୍ରମୋଟର ଅମରନାଥ ସିଂହଙ୍କୁ ଗତ କିଛିଦିନ ଧରି ଦାଦାବଟି ଦେବା ପାଇଁ ଫୋନ୍ ଆସୁଥିଲା। ସେ ଟଙ୍କା ଦେବାକୁ ମନା କରିବା ପରେ ସୋମବାର ରାତିରେ ଚାରିରୁ ପାଞ୍ଚଜଣ ବ୍ୟକ୍ତି ତାଙ୍କ କାର୍ଯ୍ୟାଳୟରେ ପଶି ଭଙ୍ଗାରୁଜା କରିଥିଲେ। ସେମାନେ ପ୍ରମୋଟରଙ୍କୁ ଆକ୍ରମଣ କରିଥିଲେ, ବନ୍ଧୁକ ଦ୍ୱାରା ତାଙ୍କୁ ଆଘାତ କରିଥିଲେ। ପ୍ରମୋଟରଙ୍କ ମୁଣ୍ଡରେ ଆଘାତ ଲାଗିଛି। ଦମ୍‌ଦମ୍ ବିଧାୟକ ଅରିଜିତ ବକ୍ସି ଘଟଣା ନିନ୍ଦା କରିଛନ୍ତି।

## ତୃଣମୂଳ ସଦସ୍ୟଙ୍କ ପୁତୁରା ବିରୋଧରେ ଦୁଷ୍କର୍ମ ଅଭିଯୋଗ

କୋଲକାତା, ୪।୮ (ସଂଚାର ବ୍ୟୁରୋ): ବାରୁଇପୁର ଥାନା ଅନ୍ତର୍ଗତ ମଦାରଟ ପଞ୍ଚାୟତର ତୃଣମୂଳ କଂଗ୍ରେସ ସଦସ୍ୟ ମୋମିନ ପାଇଲାନଙ୍କ ପୁତୁରା ଆକାଶ ପାଇଲାନ ଦୀର୍ଘଦିନ ଧରି ଜଣେ ନାବାଳିକା ଛାତ୍ରୀଙ୍କୁ ହଇରାଣ କରି ଆସୁଥିଲେ। କେହି ନଥିବା ବେଳେ ମଙ୍ଗଳବାର ଆକାଶ ପାଇଲାନ ଘରେ ପ୍ରବେଶ କରି ତାଙ୍କ ପ୍ରତି ଦୁଷ୍କର୍ମ କରିଥିଲେ। ଝିଅଟି ଚିତ୍କାର ଶୁଣି ତାଙ୍କ ମାଆ ଦୌଡ଼ି ଆସିଥିଲେ। ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ଲୋକେ ବାରୁଇପୁର ଥାନାରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଜିଲ୍ଲା ପରିଷଦ ସଭାପତିଙ୍କ ବିରୋଧରେ ଅନାସ୍ଥା

କୋଲକାତା, ୪।୮ (ସଂଚାର ବ୍ୟୁରୋ): ବୀରଭୂମ ଜିଲ୍ଲା ପରିଷଦ ସଭାପତି କାଜଲ ଶେଖଙ୍କ ବିରୋଧରେ ସଦସ୍ୟମାନେ ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି। ସୂତ୍ର ଅନୁଯାୟୀ ୫୧ ଜଣ ଜିଲ୍ଲା ପରିଷଦ ସଦସ୍ୟଙ୍କ ମଧ୍ୟରୁ ୧୯ ଜଣ ଏହି ପ୍ରସ୍ତାବରେ ସ୍ୱାକ୍ଷର କରିଛନ୍ତି। ବୀରଭୂମ ଜିଲ୍ଲା ପରିଷଦରେ ମୋଟ ୫୨ ଜଣ ସଦସ୍ୟ ଅଛନ୍ତି। ଏମାନଙ୍କ ମଧ୍ୟରୁ ୫୧ ଜଣ ତୃଣମୂଳ କଂଗ୍ରେସର, ଅବଶିଷ୍ଟ ଜଣେ କଂଗ୍ରେସ ସଦସ୍ୟ।

## ବାହାର ରାଜ୍ୟରେ କାମ କରୁଥିବା ଶ୍ରମିକଙ୍କ ମୃତ୍ୟୁ

କୋଲକାତା,୪।୮(ସଂଚାର ବ୍ୟୁରୋ): ଜୀବିକା ଯୋଗାଡ଼ ଲାଗି ଅନ୍ୟ ରାଜ୍ୟକୁ ଯାଇଥିବା ପୁରୁଣା ମାଲଦା ଅଞ୍ଚଳର ଆଉଜଣେ ପ୍ରବାସୀ ଶ୍ରମିକ ମୃତ୍ୟୁବରଣ କରିଛନ୍ତି। ମଙ୍ଗଳବାର ସକାଳେ ତାଙ୍କ କଫିନ୍-ଆବଦ୍ଧ ଶରୀର ଘରେ ପହଞ୍ଚିବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ମୃତ ଶ୍ରମିକଙ୍କ ନାମ ପ୍ରସନ୍ନଜିତ ଘୋଷ (୩୪)। ସେ ପୁରୁଣା ମାଲଦା ବ୍ଲକର ମଙ୍ଗଳବାଡିର ନାରାୟଣପୁର ସ୍କୁଲପଡା ଅଞ୍ଚଳର ବାସିନ୍ଦା ଥିଲେ।

## 'ମହାପ୍ରଭୁ ଶ୍ରୀଜଗନ୍ନାଥ' ଫିଲ୍ମ ପ୍ରସଙ୍ଗରେ ବଡ଼ ବୈଠକ

# ଖୁବଶୀଘ୍ର ସମସ୍ୟାର ସମାଧାନ ହେବ: ଗଜପତି

ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ନିର୍ମିତ କାର୍ଟୁନ୍ ଚଳଚ୍ଚିତ୍ର 'ମହାପ୍ରଭୁ ଶ୍ରୀଜଗନ୍ନାଥ'କୁ ନେଇ ବଡ଼ ବୈଠକ। ସୁପ୍ରିମକୋର୍ଟଙ୍କ ଜୁଲାଇ ୨୯ ତାରିଖ ନିଷ୍ପତ୍ତିରେ ଫିଲ୍ମ ବ୍ୟାନ ନେଇ ହୋଇଥିବା ପିଟିସନ ଖାରଜ କରିବା ପରେ ମଙ୍ଗଳବାର ରାଜ୍ୟ ଅତିଥି ଭବନରେ ବସିଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ। ଏଥିରେ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଆଡଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ, ମୁଖ୍ୟ ସଚିବ ଅନୁ ଗର୍ଗ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

ତେବେ ବୈଠକ ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ କହିଛନ୍ତି ଯେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ ମହାପ୍ରଭୁଙ୍କ ସଂସ୍କୃତି ଓ ମହିମାର ପ୍ରଚାର କିପରି ଉତ୍ତମ ଭାବେ ହୋଇପାରିବ, ସେନେଇ ବୈଠକରେ ଆଲୋଚନା ହୋଇଥିଲା। ବୁଧବାର ଏହି ମାମଲା ହାଇକୋର୍ଟରେ ଶୁଣାଣି ହେବାକୁ ଥିବାରୁ ଏବେ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଅପେକ୍ଷା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ଜଡ଼ିତ ଏହି ପ୍ରସଙ୍ଗ ପ୍ରତ୍ୟେକ ଜଗନ୍ନାଥପ୍ରେମୀଙ୍କ ଭାବାବେଗ ସହ ଜଡ଼ିତ। ତେଣୁ ଏହାର ସମାଧାନ ଖୁବ୍‌ଶୀଘ୍ର ହେବ ବୋଲି ଆଶା ପ୍ରକାଶ କରିଛନ୍ତି ଗଜପତି ମହାରାଜା।

ସୂଚନା ଥାଉକି, ସୁପ୍ରିମକୋର୍ଟ ଜୁଲାଇ ୨୯ରେ ଓଡ଼ିଶା ସରକାରଙ୍କ ସେହି ଆବେଦନକୁ ଖାରଜ କରିଦେଇଛନ୍ତି ଯେଉଁଥିରେ 'ମହାପ୍ରଭୁ ଜଗନ୍ନାଥ' ଫିଲ୍ମର ରିଲିଜ ନିମନ୍ତେ ପୂର୍ବରୁ ଦିଆଯାଇଥିବା ଆଦେଶରେ ସଂଶୋଧନ ଦାବି କରାଯାଇଥିଲା। ସୁପ୍ରିମକୋର୍ଟ କହିଛନ୍ତି ଯେ ରଚନାତ୍ମକତା, କଳା ଓ ସଂସ୍କୃତିକୁ କେବଳ ଏଥିପାଇଁ ସୀମିତ କରାଯାଇପାରିବନି, କାରଣ କିଛି ଲୋକେ ଦେବୀ ଦେବତାଙ୍କ ଲାଗି ସମ୍ବେଦନଶୀଳ। ଜଷ୍ଟିସ୍ ବିଭି ନାଗରତ୍ନା ଓ ଜଷ୍ଟିସ୍ ଆର ମହାଦେବନଙ୍କ ପୀଠ ଓଡ଼ିଶାରେ ରଥଯାତ୍ରା ଉତ୍ସବ ପରେ ଫିଲ୍ମକୁ ମୁକ୍ତିଲାଭ ଅନୁମତି ଦେଇଥିବା ନିଜର ପୂର୍ବ ଆଦେଶରେ ହସ୍ତକ୍ଷେପ କରିବାକୁ ମନା କରିବା ସହ କହିଛନ୍ତି ଯେ ଆନିମେସନ ପିଲାଙ୍କୁ ସଂଲଗ୍ନ କରିବା ପାଇଁ ରଚନାତ୍ମକତାର ଏକ ରୂପ।

● ସର୍ବଭାରତୀୟ ରିଅଲିଟି ଶୋ' 'ଷ୍ଟ୍ରୀଟ୍ ଡ୍ୟାନ୍ସ ଇଣ୍ଡିଆ'

## ଦ୍ୱିତୀୟ ରନର୍ସଅପ୍ ହୋଇ ଗୌରବ ଆଣିଲେ ଶୌର୍ଯ୍ୟଦୀପ



ଢେଙ୍କାନାଳ,୩୦।୭(ସଂଚାର ବ୍ୟୁରୋ): ବୟସ ମାତ୍ର ୯ ବର୍ଷ। କେବଳ ଢେଙ୍କାନାଳ ନୁହେଁ, ସେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। କୁନି ନୃତ୍ୟଶିଳ୍ପୀ ଶୌର୍ଯ୍ୟଦୀପ ତ୍ରିପାଠୀଙ୍କ ଜାତୀୟ ସ୍ତରରେ ଐତିହାସିକ ସଫଳତା ଆଜି ସବୁଠି ଚର୍ଚ୍ଚାର ବିଷୟ ପାଲଟିଛି। ହରିୟାଣାର ଅମ୍ବାଲାଠାରେ ପ୍ରିନ୍ସ ମେହେରା ପ୍ରଡକ୍ସନ ହାଉସ ପକ୍ଷରୁ ଆୟୋଜିତ ସର୍ବଭାରତୀୟ ରିଅଲିଟି ଶୋ' 'ଷ୍ଟ୍ରୀଟ୍ ଡ୍ୟାନ୍ସ ଇଣ୍ଡିଆ'ରେ ବିଚାରକ ଥିବା ଗୌ ପଲ୍ ମାର୍ଶାଲ ଶୌର୍ଯ୍ୟଦୀପଙ୍କ ନୃତ୍ୟରେ ବିମୋହିତ ହେବା ସହ ତାଙ୍କୁ ମଞ୍ଚରେ ଆଲିଙ୍ଗନ କରିଥିଲେ। ଆୟୋଜକଙ୍କଠାରୁ ମିଳିଥିବା ସୂଚନାନୁଯାୟୀ, ଏହି ରିଆଲିଟି ଶୋ' ୯ ଏକ୍ସଏମ୍ ଗାଓ ଈଶ୍ୱର ଚ୍ୟାନେଲରେ ପ୍ରସାରଣ କରାଯିବ। ଏହା ମାଧ୍ୟମରେ ଶୌର୍ଯ୍ୟଦୀପଙ୍କ ଅସାଧାରଣ ପ୍ରତିଭାକୁ ସାରା ଦେଶ ଦେଖିବାର ସୁଯୋଗ ପାଇବ। ଶ୍ରୀଚୈତନ୍ୟ ଟେକନୋ ସ୍କୁଲର ୪ର୍ଥ ଶ୍ରେଣୀର ଛାତ୍ର ଶୌର୍ଯ୍ୟଦୀପ ଶିବାୟ ଡ୍ୟାନ୍ସ ଏକାଡେମୀରେ ନୃତ୍ୟ ଶିକ୍ଷା କରୁଛନ୍ତି। ନୃତ୍ୟଗୁରୁ ଶିବରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେ ନୃତ୍ୟ ଶିକ୍ଷା କରିବା ସହ ଜିଲ୍ଲା ଓ ରାଜ୍ୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିସାରିଛନ୍ତି। ଶୌର୍ଯ୍ୟଦୀପ ଏବେ ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ନିଜକୁ ପ୍ରସ୍ତୁତ କରିଛନ୍ତି। ଶୌର୍ଯ୍ୟଦୀପ ଢେଙ୍କାନାଳ ଷ୍ଟେସନ ବଜାର, ତାରିଣୀ ନଗରର ଉଦିତ ନାରାୟଣ ତ୍ରିପାଠୀ ଓ ଶର୍ମିଷ୍ଠା ଦାଶଙ୍କ ପୁତ୍ର ଏବଂ ଦିଲ୍ଲୀପ କୁମାର ତ୍ରିପାଠୀଙ୍କ ନାତି। ଶୌର୍ଯ୍ୟଦୀପଙ୍କ ଏହି ସଫଳତା ପାଇଁ ଢେଙ୍କାନାଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## 'ସୋଲାର ରଥ'ର ଶୁଭାରମ୍ଭ କଲେ ଜିଲ୍ଲାପାଳ



କଟକ, ୪।୮(ସଂଚାର ବ୍ୟୁରୋ): ସ୍ୱଚ୍ଛ ଓ ନବୀକରଣଯୋଗ୍ୟ ଶକ୍ତି ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହ ପିଏମ୍ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇବା ଉଦ୍ଦେଶ୍ୟରେ ଟିପିସିଓଡିଏଲ ପକ୍ଷରୁ ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ 'ସୋଲାର ରଥ'ର ଶୁଭାରମ୍ଭ କରାଯାଇଛି। ଏହା ବିଭିନ୍ନ ବ୍ଲକ ଅଞ୍ଚଳରେ ବୁଲି ଲୋକମାନଙ୍କୁ ସୌରଶକ୍ତି ସମ୍ପର୍କରେ ସଚେତନ କରାଇବ। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏହି ସୋଲାର ରଥକୁ ଶୁଭାରମ୍ଭ କରିଛନ୍ତି। 'ସୋଲାର ରଥ' ଅଭିଯାନ ମାଧ୍ୟମରେ 'ପିଏମ୍ ସୂର୍ଯ୍ୟଘର: ମାଗଣା ବିଜୁଳି ଯୋଜନାର ସୁବିଧା' ସମ୍ପର୍କରେ ସଚେତନତା ସିଧାସଳଖ ଲୋକଙ୍କ ନିକଟରେ ପହଞ୍ଚିବ। ଅଧିକରୁ ଅଧିକ ପରିବାରକୁ ସୋଲାର ସୁବିଧା ନେବା ପାଇଁ ଉତ୍ସାହିତ କରିବା ସହ ନବୀକରଣଯୋଗ୍ୟ ଶକ୍ତିର ବିକାଶକୁ ଆହୁରି ସୁଦୃଢ଼ କରିବ ବୋଲି ଜିଲ୍ଲାପାଳ କହିଛନ୍ତି।

## ଅଧ୍ୟାପିକା ସ୍ମିତାଶ୍ରୀ ଘଡ଼ାଇଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା

ଭୁବନେଶ୍ୱର, ୪।୮(ସଂଚାର ବ୍ୟୁରୋ): ସ୍ଥାନୀୟ କମଳା ନେହେରୁ ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗର ଛାତ୍ରବତ୍ସଳ ପ୍ରାଧ୍ୟାପିକା ପ୍ରଫେସର ସ୍ମିତାଶ୍ରୀ ଘଡ଼ାଇଙ୍କର ଆକସ୍ମିକ ବିୟୋଗରେ ଭୁବନେଶ୍ୱର ଲୋହିଆ ଏକାଡେମୀ ପରିସରରେ ବିଭିନ୍ନ ମହାବିଦ୍ୟାଳୟ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଗବେଷକ ତଥା ଇତିହାସବିତ୍ ପ୍ରଫେସର ନିରଞ୍ଜନ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସମାରୋହରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ଓ ଶିକ୍ଷାବିତ୍ ପ୍ରଫେସର ଶଶାଙ୍କ ଚୂଡ଼ାମଣି ଜଣେ ଆଦର୍ଶ ଛାତ୍ରବତ୍ସଳ ଶିକ୍ଷକ ଭାବରେ ସ୍ମିତାଶ୍ରୀଙ୍କର ବାଗ୍ମିତା, ସମୟାନୁବର୍ତ୍ତିତା ଓ କର୍ତ୍ତବ୍ୟନିଷ୍ଠା ସହିତ ଉଚ୍ଚଶିକ୍ଷା କ୍ଷେତ୍ରରେ ତାଙ୍କର ଯୋଗଦାନ ସଂପୃକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ବିକାଶ ଦିଗରେ କିପରି ଆଗେଇ ନେଉଥିଲା - ତାହାର ଉଲ୍ଲେଖ କରିଥିଲେ। ସମ୍ମାନିତ ବକ୍ତା ଭାବରେ ଯୋଗଦେଇ କମଳା ନେହେରୁ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ର. ବିବାସିନୀ ରଥ ସ୍ୱର୍ଗତା ଘଡେଇଙ୍କର ଗୁଣାବଳୀର ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ର. ସଂଧ୍ୟା ଦାସ, ପ୍ର. ସୁଲେଖା ସାମନ୍ତରାୟ, ଡ. ରମାକାନ୍ତ ମହାପାତ୍ର, ଡ. ଗିରିଧାରୀ ଦାସ, ପ୍ର. ସୂର୍ଯ୍ୟକାନ୍ତ ନାଥ, ଡ. ଜ୍ୟୋତ୍ସ୍ନା ମହାନ୍ତି, ଡ. ଗୀତାଞ୍ଜଳି ମିଶ୍ର, ପ୍ର. ନମିତା ପଟ୍ଟନାୟକ, ଡ. ସ୍ୱର୍ଣ୍ଣଲତା ତ୍ରିପାଠୀ, ଡ. ସୁବାସ ବାରିକ, ଡ. ସୋହାନୀ ଦାଶ, ଡ. ପ୍ରଜ୍ଞାନ ଘଡ଼େଇ, ଜଗନ୍ନାଥ ପ୍ରସାଦ ଜଗଦ୍ଦେବ, ପ୍ର. ପି.କେ.ଜେ. ମହାପାତ୍ର, ଦେବପ୍ରସାଦ ରାୟ, ପ୍ର. ହେମନ୍ତୀ ବାରିକ, ଡ. ନନ୍ଦିନୀ ଘଡ଼ାଇ, ମନୋରଞ୍ଜନ ରାୟ, ଡ. ଇତିଶ୍ରୀ ରାୟ, ନିରୁପମା ପାଣି, ଡ. ଗୀତିରାଣୀ ଦାଶ, ହରପ୍ରିୟା ଗଡ଼ନାୟକ, ଅର୍ଚ୍ଚନା ଆଚାର୍ଯ୍ୟ, ଶ୍ରୀକାନ୍ତ ମିଶ୍ର, ଡ. ତରୁଲତା ପରିଡ଼ା, ପ୍ର. ଶଶିଭୂଷଣ ପରିଡ଼ା ପ୍ରମୁଖ ବକ୍ତାମାନେ ସ୍ମିତାଶ୍ରୀଙ୍କର ଶୈକ୍ଷିକ ଜୀବନର ବିଭିନ୍ନ ଦିଗରେ ଚର୍ଚ୍ଚା ଓ ଆଲୋଚନା କରିଥିଲେ।

● ସୀମାରେ ପାକ୍ ତୋପ ମୁତୟନ

## ମୁହଁତୋଡ଼ ଜବାବ ଦେଲା ଭାରତ

ନୂଆଦିଲ୍ଲୀ,୪।୮: ଭାରତୀୟ ସୀମା ନିକଟରେ ପାକିସ୍ତାନ ଚୀନ୍ ନିର୍ମିତ ଏସ୍‌ଏଚ୍-୧୫ ହାୱିଜର ତୋପ ମୁତୟନ କରିଥିବା ଖବରକୁ ଭାରତ ଗମ୍ଭୀରତାର ସହ ଗ୍ରହଣ କରିଛି। ଉକ୍ତ ପ୍ରସଙ୍ଗରେ ଭାରତ କହିଛି ଯେ ଦେଶର ଜାତୀୟ ସ୍ୱାର୍ଥକୁ ସୁରକ୍ଷା ଦେବାପାଇଁ ଯାହା ଆବଶ୍ୟକ ଭାରତ ତାହା କରିବ। ବିଦେଶ ବ୍ୟାପାର ମନ୍ତ୍ରାଳୟର ସାପ୍ତାହିକ ସାମ୍ବାଦିକ ସମ୍ମିଳନୀରେ ଏମ୍‌ଇଏ ମୁଖପାତ୍ର ରଣଧୀର ଜୈସ୍ୱାଲ କହିଛନ୍ତି, ସୀମାପାର ଆତଙ୍କବାଦ କ୍ଷେତ୍ରରେ ଭାରତର ସ୍ଥିତି ଅପରିବର୍ତ୍ତିତ। ଦେଶ ନିଜକୁ ସୁରକ୍ଷା ଦେବାପାଇଁ ପ୍ରସ୍ତୁତ। ଜୟସ୍ୱାଲ କହିଛନ୍ତି, ଅପରେସନ୍ ସିନ୍ଦୂର ସମୟରେ ଆମେ ଦେଖିଲୁ କିଭଳି ଜବାବ ଦିଆଗଲା। ଆମର ସ୍ଥିତି ସ୍ପଷ୍ଟ ଏବଂ ତାହା ହେଉଛି ସୀମାପାର ଆତଙ୍କବାଦ ବନ୍ଦ ହେବା ଉଚିତ।

## ଭାରତ ଉପରେ ଆମଦାନୀ ଶୁଳ୍କକୁ ବିରୋଧ

ୱାଶିଂଟନ, ୪।୮: ଭାରତ ସମେତ ୬୦ ଦେଶ ଉପରେ ଆମଦାନୀ ଟାରିଫ୍ ଲଗାଇବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଲାଗି ମହଙ୍ଗା ପଡ଼ିବାକୁ ଯାଉଛି। ଏହାକୁ ବିରୋଧ କରି ଆମେରିକାର ସଂସଦର ୨୫ ଜଣ ଡେମୋକ୍ରାଟିକ୍ ଅଦାଲତରେ ଦ୍ୱାରସ୍ଥ ହୋଇଛନ୍ତି। ଡେମୋକ୍ରାଟ୍‌ମାନେ ଦାଏର କରିଥିବା ମାମଲା ସପକ୍ଷରେ କହିଛନ୍ତି ଯେ, ଟ୍ରମ୍ପ ପ୍ରଶାସନ ଦ୍ୱାରା ଲାଗୁ ହୋଇଥିବା ନୂତନ ଟାରିଫ୍ ଆଇନଗତ ଅଧିକାର କ୍ଷେତ୍ର ଅନୁସାରେ କରାଯାଇ ନାହିଁ। ଏକ ଭିନ୍ନ ଆଇନଗତ ଆଧାର ବ୍ୟବହାର କରି ପ୍ରଶାସନ ବ୍ୟାପକ ଆମଦାନି କର ଲାଗୁ କରୁଛନ୍ତି ଯାହାକୁ କୋର୍ଟ ପୂର୍ବରୁ ବେଆଇନ ଘୋଷଣା କରିସାରିଛନ୍ତି। ଜାଣିଶୁଣି ଟ୍ରମ୍ପ ପ୍ରଶାସନ ବିଭିନ୍ନ ଦେଶ ଓ ଶିଳ୍ପ ସଂସ୍ଥାକୁ ଟାର୍ଗେଟ କରୁଛନ୍ତି ବୋଲି ସେମାନେ ଦର୍ଶାଇଛନ୍ତି।

# ୯ରେ ଜୀ ସାର୍ଥକରେ ପ୍ରସାରିତ ହେବ 'ଉଟ୍‌ପେନ୍'



ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ): ଚଳଚ୍ଚିତ୍ର ହେଉଛି ସମାଜ ଓ ମାନବୀୟ ସମ୍ପର୍କର ଏକ ଜୀବନ୍ତ ଦର୍ପଣ। ଏହି ପରିପ୍ରେକ୍ଷୀରେ ଓଲିଉଡରେ ଏପରି ଅନେକ ଚଳଚ୍ଚିତ୍ର ନିର୍ମାଣ ହୋଇଛି, ଯାହା ଦର୍ଶକଙ୍କ ହୃଦୟକୁ ଛୁଇଁପାରିଛି। ସେହିପରି ଏକ ଚର୍ଚ୍ଚିତ ତଥା ଆବେଗପୂର୍ଣ୍ଣ ଚଳଚ୍ଚିତ୍ର ହେଉଛି 'ଉଟ୍‌ପେନ୍'। ଏହା କେବଳ ଏକ ସାଧାରଣ କାହାଣୀ ନୁହେଁ, ଏହି କାହାଣୀ ଭଲପାଇବାରୁ ଆରମ୍ଭ ହୋଇ ପ୍ରତିଶୋଧରେ ହୁଏ ଶେଷ... ଏ କେମିତିକା ପ୍ରେମ ? ଆସନ୍ତା ଅଗଷ୍ଟ ୯ ତାରିଖ ରବିବାର ସନ୍ଧ୍ୟା ୭ ଟାରେ ଲୋକପ୍ରିୟ ଚ୍ୟାନେଲ 'ଜୀ ସାର୍ଥକ' ମାଧ୍ୟମରେ ଏହାର ୱାର୍ଲଡ ଟେଲିଭିଜନ ପ୍ରିମିୟର ହେବାକୁ ଯାଉଛି, ଯାହାକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଏହି ଚଳଚ୍ଚିତ୍ରର ମୂଳ କାହାଣୀ ବାଦଲ ତ୍ରିପାଠୀ (ଜ୍ୟୋତି ରଞ୍ଜନ ନାୟକ) ଏବଂ ତାଙ୍କର ଅତି ଗେହ୍ଲା ଭଉଣୀ ମିତା (ଦିବ୍ୟା)ଙ୍କ ପାରିବାରିକ ସମ୍ପର୍କ ଉପରେ ଆଧାରିତ। ବାଦଲର ସମଗ୍ର ଦୁନିଆ ତା'ର ଭଉଣୀକୁ କେନ୍ଦ୍ର କରି ଗଢ଼ି ଉଠିଛି। କିନ୍ତୁ ହଠାତ୍ ଏକ ଅପ୍ରତ୍ୟାଶିତ ଦୁର୍ଘଟଣା ସେମାନଙ୍କ ଖୁସିର ସଂସାରକୁ ଉଜାଡ଼ି ଦିଏ। ଏହି ଭୟଙ୍କର ଆଘାତ ବାଦଲକୁ ଏକ ନୂଆ ରାସ୍ତା ବାଛିବାକୁ ବାଧ୍ୟ କରେ— ଯାହା ହେଉଛି ନ୍ୟାୟ ଏବଂ ପ୍ରତିଶୋଧର ରାସ୍ତା। ତା'ର ଏହି ସଂଘର୍ଷମୟ ଯାତ୍ରାରେ ଜଗୁ (ରୋହନ ଗର୍ଗ) ଯିଏ କି ମିତାର ସ୍ୱାମୀ, ବାଦଲର ଭାଗ୍ୟକୁ ଏକ ନୂଆ ମୋଡ଼ ଦେଇଥାଏ। ଏଥିସହ ମୀରା (ପ୍ରୀତି ବିଶ୍ୱାଳ), ସନ୍ତୁ (ସନ୍ତୁ ନିଜେ), ମାମୁ (ଶକ୍ତି ବରାଳ) ଏବଂ ଜଗୁଙ୍କ ମା' (ପ୍ରିୟମ୍ବଦା ଅପା)ଙ୍କ ପରି ଚରିତ୍ରମାନେ ଏହି କାହାଣୀକୁ ଆହୁରି ମଜବୁତ ଓ ଜୀବନ୍ତ କରିଛନ୍ତି।

ହେଲେ ଫିଲ୍ମ ର ନାଁ 'ଉଟ୍‌ପେନ୍'? ଏହି ପେନ୍‌ର ଗୁରୁତ୍ୱ କ'ଣ, ତାହା ହିଁ ଚଳଚ୍ଚିତ୍ରର ମୁଖ୍ୟ ସସପେନ୍ସ। ଆଗରୁ ଆକ୍ସନ, ଇମୋସନ ଏବଂ ପାରିବାରିକ ମୂଲ୍ୟବୋଧର ଏହି ସୁନ୍ଦର ମିଶ୍ରଣ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବାରେ ସଫଳ ହୋଇଥିଲା ସିନେମା ହଲ୍‌ରେ। ଯେଉଁମାନେ ସିନେମା ହଲ୍‌ରେ ଏହି ଶ୍ରେଷ୍ଠ ଚଳଚ୍ଚିତ୍ରଟିକୁ ଦେଖିବାରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କ ପାଇଁ ଜୀ ସାର୍ଥକ ଏହି ସୁବର୍ଣ୍ଣ ସୁଯୋଗ ଆଣିଦେଇଛି। ଏହି ବିଶେଷ ପ୍ରସାରଣ ଉପଲକ୍ଷେ 'ଜୀ ସାର୍ଥକ'ର ଚିଫ୍ ଚ୍ୟାନେଲ ଅଫିସର ଶ୍ରୀଯୁକ୍ତ ରାହୁଲ ରାଓ ଓଡ଼ିଶାର ଅଗଣିତ ଦର୍ଶକମାନଙ୍କୁ ଏକ ଆନ୍ତରିକ ଅନୁରୋଧ କରିଛନ୍ତି।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ଯାଜପୁର ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି।

# ସାଇଁକୁଳ ପାଠାଗାର ପାଲଟିଛି ଭୂତକୋଠି

**● ଦୁଇ ବର୍ଷ ହେଲା ଖୋଲୁନି ତାଲା ● ପରିସରରେ ବଢୁଛି ଅସାମାଜିକ କାର୍ଯ୍ୟକଳାପ**



ଆନନ୍ଦପୁର,୪।୮ (ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ସାଇଁକୁଳରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଲା ପାଠାଗାର। ଲକ୍ଷ୍ୟ ଥିଲା ଯୁବପିଢ଼ିଙ୍କୁ ପାଠପଢ଼ା ପାଇଁ ସୁଯୋଗ ଦେବା, ଜ୍ଞାନର ପରିବେଶ ସୃଷ୍ଟି କରିବା। ହେଲେ ନିର୍ମାଣ ସରିବାର ଦୁଇ ବର୍ଷ ପରେ ବି ଖୋଲୁନି ତାଲା। କୋଟି କୋଟି ଟଙ୍କା ଖର୍ଚ୍ଚ ହେଲା, କୋଠା ଛିଡ଼ା ହେଲା, କିନ୍ତୁ ଲୋକଙ୍କ କାମରେ ଆସୁନି। ତାହେଲେ ପ୍ରଶ୍ନ ଉଠୁଛି, କାହିଁକି କାର୍ଯ୍ୟକ୍ଷମ ହେଉନି ପାଠାଗାର? କାହା ଅବହେଳା ପାଇଁ ଦୁଇ ବର୍ଷ ଧରି ପଡ଼ିରହିଛି ତାଲା? ଯେଉଁ ସ୍ଥାନ ଯୁବକ ଓ ଛାତ୍ରଛାତ୍ରୀଙ୍କ ପାଇଁ ଜ୍ଞାନର କେନ୍ଦ୍ର ହେବା କଥା, ସେହି ପରିବେଶ ଏବେ ଅବହେଳିତ ହୋଇ ପଡ଼ିଥିବା ଅଭିଯୋଗ ହେଉଛି।

ଏପରିକି ପାଠାଗାର ପରିସରରେ ଅସାମାଜିକ କାର୍ଯ୍ୟକଳାପ ବଢୁଥିବା ନେଇ ମଧ୍ୟ ଅଭିଯୋଗ ଆସୁଛି। ଯଦି ପାଠାଗାର ଲୋକଙ୍କ ବ୍ୟବହାର ପାଇଁ ନୁହେଁ, ତାହେଲେ ଏତେ ଟଙ୍କା ଖର୍ଚ୍ଚ କରି ଏହାକୁ ନିର୍ମାଣ କରାଗଲା କାହିଁକି? ନିର୍ମାଣ ସରିବା ପରେ ଏହାକୁ କାର୍ଯ୍ୟକ୍ଷମ କରିବାରେ ବିଳମ୍ବ କାହିଁକି? ଚା' ଖଟିରେ ଏବେ ଚର୍ଚ୍ଚା ହେଉଛି ପ୍ରଶାସନକୁ ବାହାଘର, ବ୍ରତଘର ଓ ଶୁଦ୍ଧିକ୍ରିୟା ଭୋଜିରେ ଯୋଗଦେବାକୁ ସମୟ ମିଳୁଛି, ହେଲେ ଆନନ୍ଦପୁର ଅଞ୍ଚଳର ଏଭଳି ସମସ୍ୟା ସମାଧାନ କରିବାକୁ ସମୟ ମିଳୁନି କି? ଏହା କେବଳ ଗୋଟିଏ ପାଠାଗାରର କାହାଣୀ ନୁହେଁ, ସରକାରୀ ଅର୍ଥର ସଠିକ୍ ବ୍ୟବହାର ଓ ପ୍ରଶାସନିକ ଦାୟିତ୍ୱବୋଧକୁ ନେଇ ଏହା ଏକ ବଡ଼ ପ୍ରଶ୍ନ।

ସମାଜସେବୀ ସନ୍ତୋଷ କୁମାର ସ୍ୱାଇଁ କହିଛନ୍ତି ତୁରନ୍ତ ପାଠାଗାର ଖୋଲାଯାଉ, ଛାତ୍ରଛାତ୍ରୀଙ୍କ କାମରେ ଲଗାଯାଉ ଏବଂ ଏତେଦିନ ଧରି ବନ୍ଦ ରହିବାର କାରଣ ସ୍ପଷ୍ଟ କରାଯାଉ।

## ବ୍ୟାଙ୍କ ଅଫ୍ ବରୋଦାରେ ତାଲା

# ଭଡ଼ା ବିବାଦ ନେଇ ଉତ୍ତେଜନା



ନବରଙ୍ଗପୁର,ଉମରକୋଟ, ୪।୮ (ସଂଚାର ବ୍ୟୁରୋ)ଃ ଉମରକୋଟ କେନ୍ଦ୍ରୀୟ ଅନୁବନ୍ଧିତ ବ୍ୟାଙ୍କ ଅଫ୍ ବରୋଦା ଶାଖାରେ ଭଡ଼ା ବାବଦକୁ କେନ୍ଦ୍ର କରି ଦେଖାଦେଇଛି ଉତ୍ତେଜନା। ଘର ମାଲିକ ବ୍ୟାଙ୍କ ପରିସରରେ ତାଲା ପକାଇଥିବା ସୂଚନା ମିଳିଛି।

ଉମରକୋଟରେ ଅବସ୍ଥିତ କେନ୍ଦ୍ରୀୟ ଅନୁବନ୍ଧିତ ବ୍ୟାଙ୍କ ଅଫ୍ ବରୋଦା ଶାଖାରେ ଭଡ଼ା ପ୍ରଦାନକୁ ନେଇ ବିବାଦ ତୀବ୍ର ହୋଇଛି। ସୂଚନା ଅନୁଯାୟୀ, ଘର ମାଲିକ ସୁଦୀପ୍ତ ଚୌଧୁରୀଙ୍କ ଅଭିଯୋଗ ହେଉଛି ଯେ, ଗତ ଛଅ ମାସ ଧରି ବ୍ୟାଙ୍କ ପକ୍ଷରୁ ଘର ଭଡ଼ା ପ୍ରଦାନ କରାଯାଇନାହିଁ। ଏହାସହ ସାତ ମାସର ଚୁକ୍ତିନାମାର ଅବଧି ଶେଷ ହୋଇଥିଲେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ଦେଇନଥିବା ସେ କହିଛନ୍ତି।

ବାରମ୍ବାର ଅନୁରୋଧ ସତ୍ତ୍ୱେ କୌଣସି ସମାଧାନ ନ ହେବାରୁ ବାଧ୍ୟ ହୋଇ ବ୍ୟାଙ୍କରେ ତାଲା ପକାଇଥିବା ଘର ମାଲିକ ପ୍ରକାଶ କରିଛନ୍ତି। ଏହି ଘଟଣା ଯୋଗୁଁ ବ୍ୟାଙ୍କକୁ ଆସିଥିବା ଗ୍ରାହକମାନେ ବାହାରେ ଅପେକ୍ଷା କରୁଥିବା ଦେଖାଯାଇଛି।

ତେବେ ଏହି ଘଟଣା ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ୧୦୦ ଦିନର ଧାରଣା ପରେ ୩୦ କିମି ପଦଯାତ୍ରା

# ତୁର୍କେଲ ବ୍ରିଜ୍ କେବେ ?



ଭବାନୀପାଟଣା,୪।୮ (ସଂଚାର ବ୍ୟୁରୋ)ଃ ତୁର୍କେଲ ବ୍ରିଜ୍ ନିର୍ମାଣ ପାଇଁ ଦୀର୍ଘଦିନ ଧରି ରାଜ୍ୟ ସରକାରଙ୍କ ନିକଟରେ ଦାବି ଉଠାଇ ଆସୁଥିବା ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସଙ୍କ ଆନ୍ଦୋଳନ ଆଜି ୧୦୦ ଦିନ ପୂରଣ କରିଛି ବୋଲି ଆନ୍ଦୋଳନ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବା ପାଇଁ ତୁର୍କେଲରୁ ଭବାନୀପାଟଣା ଯାଏଁ ପ୍ରାୟ ୩୦ କିଲୋମିଟର ପଦଯାତ୍ରା କରାଯାଇଛି।

ବିଧାୟକଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଓ ସମର୍ଥକ ପଦଯାତ୍ରାରେ ସାମିଲ ହୋଇଥିଲେ। ତୁର୍କେଲରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରାରେ ବ୍ରିଜ୍ ନିର୍ମାଣ ଦାବିରେ ନାରାବାଜି କରାଯାଇଥିଲା। ପଦଯାତ୍ରା ଜାତୀୟ ରାଜପଥ ଦେଇ ଆଗକୁ ବଢୁଥିବା ସମୟରେ ବିଭିନ୍ନ ଗ୍ରାମର ଲୋକମାନେ ବିଧାୟକ ଓ ପଦଯାତ୍ରୀଙ୍କୁ ସ୍ୱାଗତ କରିଥିବା ଜଣାପଡ଼ିଛି।

ପ୍ରାୟ ୩୦ କିଲୋମିଟର ପଦଯାତ୍ରା ପରେ ବିଧାୟକ ଓ ତାଙ୍କ ସହଯୋଗୀମାନେ ଭବାନୀପାଟଣା ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ତୁର୍କେଲ ବ୍ରିଜ୍ ନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରି ଜିଲ୍ଲାପାଳଙ୍କୁ ଲିଖିତ ଦାବିପତ୍ର ଦିଆଯାଇଥିବା ଜଣାପଡ଼ିଛି। ଆନ୍ଦୋଳନକାରୀମାନଙ୍କ ଦାବି ଅନୁସାରେ ତୁର୍କେଲ ବ୍ରିଜ୍ ନିର୍ମାଣ ନହେବା ଯୋଗୁଁ ଅଞ୍ଚଳର ଗମନାଗମନ ବ୍ୟବସ୍ଥା ପ୍ରଭାବିତ ହେଉଛି। ଏହାର ପ୍ରଭାବ ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟବସାୟ ଓ ସାମଗ୍ରିକ ବିକାଶ ଉପରେ ପଡୁଥିବା ଦାବି କରାଯାଇଛି।

## ଶଙ୍କରପୁର ସମୁଦ୍ର ଦୁର୍ଘଟଣା

# ମୃତ ୩ ମତ୍ସ୍ୟଜୀବୀଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ସହାୟତା

**ଡିଏନ୍ଏ ରିପୋର୍ଟକୁ ନେଇ ଚିନ୍ତାରେ ଆଉ ୩ ପରିବାର**



ବାଲିଆପାଳ, ୪।୮ (ସଂଚାର ବ୍ୟୁରୋ)ଃ ପୂର୍ବ ମେଦିନୀପୁର ଜିଲ୍ଲାର ଶଙ୍କରପୁର ଉପକୂଳରେ ଘଟିଥିବା ମର୍ମନ୍ତୁଦ ସମୁଦ୍ର ଦୁର୍ଘଟଣାରେ ପ୍ରାଣ ହରାଇଥିବା ଓଡ଼ିଶାର ୩ ଜଣ ମତ୍ସ୍ୟଜୀବୀଙ୍କ ପରିବାରକୁ ପଶ୍ଚିମବଙ୍ଗ ସରକାର ପକ୍ଷରୁ ପ୍ରତ୍ୟେକଙ୍କୁ ୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସୋମବାର ଅପରାହ୍ଣରେ ରାମନଗର-୧ ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ସହାୟତା ରାଶି ବଣ୍ଟନ କରାଯାଇଥିଲା।

ଅନ୍ୟପକ୍ଷରେ ଓଡ଼ିଶା ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ତହସିଲଦାର ସୂର୍ଯ୍ୟ କୁମାର ସାହୁ ୨୫ ହଜାର ଟଙ୍କାର ତୁରନ୍ତ ସହାୟତା ପ୍ରଦାନ କରିଛନ୍ତି। ଏପର୍ଯ୍ୟନ୍ତ ୩ ଜଣ ନିଖୋଜ ମତ୍ସ୍ୟଜୀବୀଙ୍କ ଡିଏନ୍ଏ ରିପୋର୍ଟ ଆସିନଥିବାରୁ ଭୋଗରାଇ ଅଞ୍ଚଳର ସେମାନଙ୍କ ପରିବାର ଗଭୀର ଚିନ୍ତାରେ ରହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ସାହୁ ଓ ବିଜେପି ନେତା ଆଶିଷ କୁମାର ପାତ୍ରଙ୍କ ସମେତ ପଶ୍ଚିମବଙ୍ଗର ସାଂସଦ ସୌମେନ୍ଦୁ ଅଧିକାରୀ, ରାମନଗର ବିଧାୟକ ଚନ୍ଦ୍ରଶେଖର ମଣ୍ଡଳ ଏବଂ ରାଜ୍ୟ ମନ୍ତ୍ରୀ ଅରୂପ ଦାସ ବିଶେଷ ଉପସ୍ଥିତ ଥିଲେ।

ଏହି ଅବସରରେ ବକ୍ତାମାନେ କହିଥିଲେ ଯେ, ଭବିଷ୍ୟତରେ ଏପରି ଦୁର୍ଭାଗ୍ୟଜନକ ସାମୁଦ୍ରିକ ଦୁର୍ଘଟଣାର ପୁନରାବୃତ୍ତି ରୋକିବା ପାଇଁ ସରକାର ବ୍ୟାପକ ପଦକ୍ଷେପ ନେଉଛନ୍ତି। ସାଂସଦ ସୌମେନ୍ଦୁ ଅଧିକାରୀ କହିଥିଲେ ଯେ, ଦୀଘା ଉପକୂଳରେ ଯେକୌଣସି ସାମୁଦ୍ରିକ ବିପର୍ଯ୍ୟୟର ମୁକାବିଲା ପାଇଁ ବିପର୍ଯ୍ୟୟ ପରିଚାଳନା ବିଭାଗର ୫୦ ଜଣିଆ ସ୍ୱତନ୍ତ୍ର ଟିମ୍ ସବୁବେଳେ ପ୍ରସ୍ତୁତ ରହିବ। ମତ୍ସ୍ୟଜୀବୀଙ୍କ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବା ସହ ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଆଧୁନିକ ଓ ସୁଦୃଢ଼ କରାଯିବ ବୋଲି ସେ କହିଥିଲେ।

# ସରକାରୀ ଯୋଜନାରେ ଶ୍ମଶାନ ଜମି ଅବରୋଧକୁ ବିରୋଧ

ବାଲିଆପାଳ, ୪।୮ (ସଂଚାର ବ୍ୟୁରୋ)ଃ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ବରଡ଼ିହା ପଞ୍ଚାୟତର କନକାଈ ଗ୍ରାମରେ ଥିବା ଶ୍ମଶାନ କିସମ ଯାଗା ଉପରେ ସରକାରୀ ଅର୍ଥରେ ମାର୍କେଟ କମ୍ପ୍ଲେକ୍ସ, ଜିମ ସେଣ୍ଟର ନିର୍ମାଣକୁ ବିରୋଧ କରି ବିଡ଼ିଓଙ୍କୁ ଦାବିପତ୍ର ଦେଲେ ଗ୍ରାମବାସୀ। ସୂଚନା ଅନୁସାରେ ଗ୍ରାମର ଖାତା ନମ୍ବର ୩୭୯ପ୍ଲଟ ନମ୍ବର ୨୫୬୦ ଓ ୧୫୬୧ରେ ୭୧ ଡ଼ିସିମିଲ ଜାଗା ଶ୍ମଶାନ କିସମ ରହିଛି। ତେବେ କିଛି ରାଜନୈତିକ ବ୍ୟକ୍ତି ବିଶେଷ ଉକ୍ତ ଯାଗାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବା ସହିତ ଏବେ ଜିମ ସେଣ୍ଟର ନିର୍ମାଣ କରିଛନ୍ତି, ଯାହା ସରକାରୀ ନିୟମକୁ ଖୁଲମ୍‌ଖୁଲା ଉଲଙ୍ଘନ କରୁଛି। ଘଟଣାକୁ ନେଇ ଗ୍ରାମବାସୀମାନେ ତହସିଲଦାର ଓ ଜିଲ୍ଲାପାଳଙ୍କୁ ଲିଖିତ ଦରଖାସ୍ତ ଦେଇଥିବା ବେଳେ, ତହସିଲଦାର ବିଡ଼ିଓଙ୍କୁ ଉତ୍ତର ମାଗିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ନାଗ ଭୂଷଣ ଦାସଙ୍କ ନେତୃତ୍ୱରେ ବହୁ ଲୋକେ ବିଡ଼ିଓଙ୍କୁ ଦେଖା କରିବାକୁ ଆସିଥିବା ବେଳେ ବିଡ଼ିଓ ଅନୁପସ୍ଥିତ ଥିବାରୁ ଫେରି ଯାଇଥିଲେ।



# ଅସ୍ତରଙ୍ଗରେ ବଢୁଛି ଜ୍ୱର ଓ ଡେଙ୍ଗୁର ଲକ୍ଷଣ

**ନିଦ୍ରାରେ ବ୍ଲକ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ**

**ସଫା ହେଉନି ଡ୍ରେନ**

**ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କେବଳ ରେଫରର ଲମ୍ବା ଲାଇନ୍**



କାକଟପୁର/ଅସ୍ତରଙ୍ଗ, ୪।୮ (ସଂଚାର ବ୍ୟୁରୋ)ଃ ବନ୍ୟା ପରେ ମଶାର ରାଜ୍ ଆରମ୍ଭ ହୋଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଟି ପଂଚାୟତରେ ଗାଁ ଗାଁରେ ଜ୍ୱର, ଡେଙ୍ଗୁର ଲକ୍ଷଣ ଦେଖା ଦେଲାଣି। କିନ୍ତୁ ଯେଉଁ ବ୍ଲକ ପ୍ରଶାସନ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏହାକୁ ରୋକିବା କଥା, ସେମାନେ ଏବେ ନିଦ୍ରାରେ। କାରଣ ସେମାନଙ୍କ କାମ କେବଳ ଫାଇଲ ଓ ଫଟୋ ସେସନ।

ବର୍ଷା ଆଗରୁ ବୈଠକ ହେଲା, ଲକ୍ଷ ଲକ୍ଷ ଟଙ୍କାର ଯୋଜନା ହେଲା। ଫଳ? ଶୂନ୍। ଡ୍ରେନ ଗୁଡ଼ିକରେ ମାସ ମାସ ଧରି ଅଳିଆ ଜମି ରହିଛି। ରାସ୍ତା ଉପରେ ପାଣି ଲହଡି ଭାଙ୍ଗୁଛି। ଭଙ୍ଗା ପାତ୍ର, ଟାୟାରରେ ପାଣି ଜମି ମାଈ ଏଡିସ ମଶା ବଂଶ ବୃଦ୍ଧି କରୁଛି। ମଶା ତେଲ ଛିଞ୍ଚା କେଉଁଠି? ଫଗିଂ ମେସିନ କେଉଁଠି? କିଛି ନାହିଁ। କେବଳ ଖବର ଛପିବା ଭୟରେ ଅଙ୍ଗନବାଡି କର୍ମୀଙ୍କୁ ଡାକି ୨-୧ଟି ଜାଗାରେ ବ୍ଲିଚି ପକାଇ ଫଟୋ ଉଠାଯାଉଛି। ବ୍ଲିଚି, ଗାମାସିନ ବି ଦୁର୍ନୀତିଖୋର କର୍ମଚାରୀଙ୍କ ପେଟକୁ ଯାଉଛି। ଏହା କ'ଣ ସ୍ୱଚ୍ଛ ଭାରତ ନା ଲୁଟ୍ ଭାରତ?

ଆଉ ସ୍ୱାସ୍ଥ୍ୟ ସେବାର ଅବସ୍ଥା ଆହୁରି ଶୋଚନୀୟ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ ଡାକ୍ତର ନାହିଁ, ନର୍ସ କମ୍। ଜ୍ୱର ନେଇ ଆସୁଥିବା ରୋଗୀଙ୍କୁ ସିଧା କୁହାଯାଉଛି "ପୁରୀ ଯାଅ" ଏହା ଅନ୍ୟତ୍ର ରେଫର । ଆବଶ୍ୟକ ମୂଳକ ଔଷଧ ଷ୍ଟକରେ ନାହିଁ। ଡେଙ୍ଗୁ ଟେଷ୍ଟ କିଟ୍ ପର୍ଯ୍ୟାପ୍ତ ନାହିଁ ।

ଗରିବ ଲୋକ କେଉଁଠିକୁ ଯିବେ? ଘରେ ଜ୍ୱର ହେଲେ ମେଡିକାଲ ଯାଆନ୍ତି, ସେଠି ମିଳେ କେବଳ ନିରାଶା। ଆଉ ଘରେ ଫେରିଲେ ମଶା କାମୁଡ଼ା। ମଝିରେ ଫସିଛନ୍ତି ସାଧାରଣ ଲୋକ।

ସାଧାରଣରେ ପ୍ରଶ୍ନ ବ୍ଲକ ଅଧିକାରିଣୀ କ'ଣ କରୁଛନ୍ତି? ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସ୍ଥିତି ଯାଞ୍ଚ କରୁଛନ୍ତି କି ? ଜିଲ୍ଲା ପ୍ରଶାସନ କାହିଁକି ଚୁପ୍? ଲକ୍ଷାଧିକ ଟଙ୍କାର ସ୍ୱାସ୍ଥ୍ୟ ବଜେଟ୍ କୁଆଡେ ଯାଉଛି?

ବୁଦ୍ଧିଜୀବୀ କହୁଛନ୍ତି - "ଏହି ଅବହେଳା ଯୋଗୁଁ ଯଦି ଡେଙ୍ଗୁ ମହାମାରୀ ଆକାର ନେଲା, ତେବେ ଏହାର ଦାୟିତ୍ୱ ସିଧା ବ୍ଲକ ଓ ମେଡିକାଲ ପ୍ରଶାସନ ନେବେ।" ଲୋକଙ୍କ ଶେଷ ଚେତାବନୀ - ୭ ଦିନ ଭିତରେ ସମସ୍ତ ଗାଁରେ ଡ୍ରେନ ସଫା, ମଶା ତେଲ ଓ ଫଗିଂ କରନ୍ତୁ। ମେଡିକାଲରେ ଡାକ୍ତର, ଔଷଧ, ଟେଷ୍ଟ କିଟ୍ ଉପଲବ୍ଧ କରାନ୍ତୁ। ନଚେତ ବ୍ଲକ ଓ ମେଡିକାଲ ଘେରାଉ ଅନିବାର୍ଯ୍ୟ।

# ରାଜେନ୍ଦ୍ରପୁର ଘାଗରା ନାଳରେ ୧୫ ଫୁଟ ଲମ୍ବର ଅଜଗର ସାପ



ନୀଳଗିରି, ୪।୮ (ସଂଚାର ବ୍ୟୁରୋ)ଃ ନୀଳଗିରି ବ୍ଲକ ଅଧିନସ୍ଥ ସଜନାଗଡ଼ ପଞ୍ଚାୟତ ଅନ୍ତର୍ଗତ ୬ନମ୍ବର ୱାର୍ଡ ରାଜେନ୍ଦ୍ର ପୁର ଗାଁର ଉପରମୁଣ୍ଡ ଦେଇ ଘାଗରା ନାଳ ଯାଇଛି। ଗାଁରେ ଏକ ପୋଲ ରହିଛି, ଯେଉଁ ପୋଲଟି ରାଜେନ୍ଦ୍ରପୁର ଓ ୧୩ ନମ୍ବର ୱାର୍ଡ କାଳୀଝାଟି ଗ୍ରାମ ସୀମାରେଖା ଅଟେ। ଉକ୍ତ ପୋଲ ନିକଟରେ ଏକ ୧୫ଫୁଟ ଲମ୍ବର ଅଜଗର ସାପ ଏକ ଗଛରେ ଗୋଡେଇ ରହିଥିବାରୁ ଉକ୍ତ ରାସ୍ତା ଦେଇ ଯିବାକୁ ଲୋକମାନେ ଭୟଭୀତ ହୋଇପଡିଛନ୍ତି। ଏ ନେଇ ବନବିଭାଗକୁ ଅବଗତ କରାଯାଇ ଥିଲେ ସୁଦ୍ଧା ଘଟଣାସ୍ଥଳରେ ବନବିଭାଗ ପହଁଚି ନଥିବାରୁ ସ୍ଥାନୀୟ ଲୋକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ ନୀଳଗିରିରେ ଲଗାଣ ବର୍ଷା ଯୋଗୁଁ କୁଳଡିହା ଅଭୟାରଣ୍ୟରୁ ସାପଟି ବନ୍ୟା ଜଳରେ ଘାଘରାରେ ଭାସି ଆସିଛି ବୋଲି ଲୋକମାନେ ଅନୁମାନ କରୁଛନ୍ତି।

# ବନ୍ୟା ବିପନ୍ନଙ୍କ ପାଖରେ ପହଞ୍ଚିଲା ଜିଲ୍ଲା କଂଗ୍ରେସ

**ଡଙ୍ଗିରେ ଗଲେ ନେତା ଓ କର୍ମୀ, ବାଣ୍ଟିଲେ ରିଲିଫ**



ଖୋର୍ଦ୍ଧା, ୪।୮ (ସଂଚାର ବ୍ୟୁରୋ)ଃ ଗତ ୪ ଦିନ ହେବ ଖୋର୍ଦ୍ଧା ବ୍ଲକର ନରଣଗଡ଼, ଏବଂ ଓରବରସିଂହ ପଞ୍ଚାୟତରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପଡ଼ିଛି।ଏ ଭଳି ସ୍ଥଳରେ ବିଭିନ୍ନ ରାଜନୈତିକ ଦଳୀୟ ଦଳ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡ଼ିକ ବିପନ୍ନ ସହାୟତା ବାଣ୍ଟୁଥିବା ବେଳେ ଜିଲ୍ଲା କଂଗ୍ରେସ ମଧ୍ୟ ଏଥିରୁ ବାଦପଡ଼ିନି। ଆଜି ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ ନେତୃତ୍ୱରେ ଜିଲ୍ଲା କଂଗ୍ରେସ ଗୋଟିଏ ଟିମ୍ ପ୍ରଭାବିତ ଗ୍ରାମକୁ ଡ଼ଙ୍ଗୀରେ ଯାଇ ବିପନ୍ନ ସମସ୍ୟା ବୁଝିବା ଜଣାପଡ଼ିଛି । ସେହିପରି ଦଳୀୟ ନେତାମାନେ ଉପରୋକ୍ତ ୨ ପଞ୍ଚାୟତ ପ୍ରାକୃତିକ ବିପର୍ଯ୍ୟୟ ନୁହେଁ ମନୁଷ୍ୟକୃତ ହୋଇଥିବା ଅଭିଯୋଗ ଆଣି ସରକାର ଉପରେ ବର୍ଷିଥିବା ଜଣାପଡ଼ିଛି ।

ବନ୍ୟା ଦାଉରୁ ରକ୍ଷା ପାଇବାକୁ ଉପରୋକ୍ତ ପଞ୍ଚାୟତବାସୀ ଶରଧାପୁର ଠାରେ ଏକ ବନ୍ଧ କରିବାକୁ ଦାବି କରିଆସୁଛନ୍ତି। ମାତ୍ର ବିଗତ ସରକାର ଲୋକଙ୍କ ଦାବିକୁ କର୍ଣ୍ଣପାତ କରିନଥିବା ବେଳେ ଡବଲ ଇଞ୍ଜିନ ସରକାର ମଧ୍ୟ ନିଦାବିଷ୍ଟୁ ପାଲଟିଛନ୍ତି। ତେଣୁ ଏ ସବୁ ବନ୍ୟାଞ୍ଚଳ ଗ୍ରାମବାସୀଙ୍କ ସମସ୍ୟା ସ୍ଥାୟୀ ସମାଧାନ କରିବାକୁ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ସଭାପତି ଶ୍ରୀପଟ୍ଟନାୟକ ଦାବି କରିଥିଲେ।

ସେହିପରି ଜିଲ୍ଲା କଂଗ୍ରେସ ପକ୍ଷରୁ ଦଳୀୟ ନେତା ଏବଂ କର୍ମୀମାନେ ବନ୍ୟା ପ୍ରଭାବିତ ବଳପୁର, ଧବଳପୁର, ଓରମୀ, ମାନପୁର, ହିରିମୂଳ, ଡ଼ିହଙ୍ଗଳା ଗ୍ରାମର ବିପନ୍ନ ଭୋଟିବା ସହ ଘର ଘର ବୁଲି ସେମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିବା ଜଣାପଡ଼ିଛି ।

# କାର ସହ ଗଞ୍ଜେଇ ଜବତ, ଦୁଇ ଗିରଫ



ଫୁଲବାଣୀ, ୪।୮ (ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ପୁଲିସକୁ ମିଳିଛି ପୁଣି ଏକ ସଫଳତା। କିଛିଦିନର ନୀରବତା ପରେ ପୁଣି ପୁଲିସ ଏକ କାର ସହ ଜଣେ ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆ ସହ ଦୁଇଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ ସେମାନଙ୍କ ପାଖରୁ ୬୦ କିଲୋ ଗଞ୍ଜେଇ ଜବତ କରିଛି। ଗିରଫ ଅଭିଯୁକ୍ତ ମାନଙ୍କ ମଧ୍ୟରେ ଜଣେ କର୍ଣ୍ଣାଟକ ରାଜ୍ୟ ବେଙ୍ଗଲୋର ଜିଲ୍ଲା ମଗାଡ଼ି ଗାଁର ଟି.ଶଶାଙ୍କ ଗୌଡ଼ ବୋଲି ଜଣାପଡିଥିବା ବେଳେ ଅନ୍ୟଜଣେ କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଟିକାବଲି ଥାନା ଅଧୀନରେ ଥିବା ବିରିଗାଁର ଚିତ୍ତରଞ୍ଜନ ଦିଗାଲ ବୋଲି ଜଣାପଡିଛି।

# ରଥ ଦାଣ୍ଡ ଆଗରେ ମୁକୁଳା ପଡ଼ିଛି ଡ୍ରେନ, ବିପଦକୁ ଆମନ୍ତ୍ରଣ

ନୀଳଗିରି, ୪।୮ (ସଂଚାର ବ୍ୟୁରୋ)ଃ ନୀଳଗିରି ପୂର୍ତ୍ତ ବିଭାଗ ଅଧୀନରେ ଥିବା ନୀଳଗିରି ରଥଦାଣ୍ଡ ର ମଙ୍ଗଳା ମନ୍ଦିର ନିକଟରେ ଥିବା ଡ୍ରେନ କାମ ବହୁଦିନ ଆଗରୁ ସାରିଥିଲା ମଧ୍ୟ ଅଦ୍ୟାବଧି ଡ୍ରେନ ଉପରେ ସ୍ଲାବ ନ ପଡ଼ି ମୁକୁଳା ରହିଛି। ରଥ ଯାତ୍ରା ବେଳେ ପୂର୍ତ୍ତ ବିଭାଗ ପକ୍ଷରୁ ରଥ ଦାଣ୍ଡ ରାସ୍ତା ଠାରୁ ଆରମ୍ଭ କରି ସମଗ୍ର ସହରରେ ରାସ୍ତା ପ୍ରତି ଧ୍ୟାନ ଦିଆଯାଇଥିବା ବେଳେ ଖାସ ରଥ ଦାଣ୍ଡ ନାକ ଆଗରେ ଥିବା ଏହି ବିପଦ ପୂର୍ଣ୍ଣ ମୁକୁଳା ଡ୍ରେନ ସମସ୍ୟାକୁ ପୂର୍ତ୍ତ ବିଭାଗ ପକ୍ଷରୁ ଧ୍ୟାନ ଦିଆଯାଇନାହିଁ। କେତେବେଳେ ବାଇକ ଆରୋହୀ, ଗୋରୁ ଗାଈ ମନେ ଏହି ବିପଦ ପୂର୍ଣ୍ଣ ଡ୍ରେନ ରେ ପଡିଯାଇ ଜୀବନ ଚାଲିଯିବ କିଏ କହି ପରିବ।



ଏତଦ ଭିନ୍ନ ଶଙ୍କରା ଖୁଣ୍ଟା-ମଙ୍ଗଳା ସାହି ରାସ୍ତାରେ ଥିବା ଡ୍ରେନ ରେ ମଧ୍ୟ ସମଦଶା। ଜୈନିକ ଠିକାଦାର ସେତେବେଳେ ଡ୍ରେନ ନିର୍ମାଣରେ ଭୁଲ କରିଥିବା ବେଳେ କିଛି ସ୍ଲାବ ଡ୍ରେନ ଭିତରେ ପଡିଯାଇଥିବା ବେଳେ ଆଉ କିଛି ସ୍ଲାବ ଘୋଡା ଚଢ଼ା ହୋଇ ବିପଦ ପୂର୍ଣ୍ଣ ଭାବେ ରହିଥିବା ବେଳେ ଅବଶିଷ୍ଟ ଡ୍ରେନ ଉପରେ ଆଦୁ ସ୍ଲାବ ପକାଯାଇ ନାହିଁ। ଫଳରେ ଦୈନନ୍ଦିନ ଶତାଧିକ ପଥଚାରି, ଗୋରୁ ଗାଈ ଉକ୍ତ ରାସ୍ତା ଦେଇ ବିଚରଣ କରୁଥିବାରୁ ସମସ୍ତଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି।

# ଗଞ୍ଜାମ ବ୍ଲକ୍‌ରେ ଚିନ୍ତା ବଢ଼ାଇଲା ମିଲରଙ୍କ ଚାଉଳ ଯୋଗାଣ

**ଧାନ ନେଲେ, ଚାଉଳ ଯୋଗାଣ ମାତ୍ର ୨୧ ପ୍ରତିଶତ**

**ଏବେ ବି ବକେୟା ପ୍ରାୟ ୭୨ ହଜାର କୁଇଣ୍ଟାଲ ଚାଉଳ**

ଛତ୍ରପୁର, ୪।୮ (ସଂଚାର ବ୍ୟୁରୋ)ଃ ଗଞ୍ଜାମ ବ୍ଲକରେ ଖରିଫ ଧାନ ସଂଗ୍ରହ ପରେ ଚାଉଳ ଯୋଗାଣରେ ଅସ୍ୱାଭାବିକ ବିଳମ୍ବକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଆସନ୍ତା ମାସରେ ମିଲରଙ୍କ ଚାଉଳ ଯୋଗାଣର ସମୟସୀମା ଶେଷ ହେବାକୁ ଥିବାବେଳେ ଏପର୍ଯ୍ୟନ୍ତ ମୋଟ ଦେୟ ଚାଉଳର ମାତ୍ର ୨୧ ପ୍ରତିଶତ ଯୋଗାଣ ହୋଇଥିବା ତଥ୍ୟ ସାମ୍ନାକୁ ଆସିଛି। ଚାଉଳ ଯୋଗାଣରେ ଏଭଳି ବ୍ୟାପକ ବିଳମ୍ବ ସତ୍ତ୍ୱେ ଯୋଗାଣ ବିଭାଗର କାର୍ଯ୍ୟଦକ୍ଷତା ଓ ତଦାରଖ ବ୍ୟବସ୍ଥାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଛି।

ସୂଚନା ଅନୁଯାୟୀ, ଗଞ୍ଜାମ ବ୍ଲକର ୬ଟି ମିଲକୁ ମୋଟ ୧,୦୭,୨୪୫.୮୬ କୁଇଣ୍ଟାଲ ଧାନ ଯୋଗାଇ ଦିଆଯାଇଥିଲା। ଏହା ବଦଳରେ ୯୧,୮୪୩ କୁଇଣ୍ଟାଲ ଚାଉଳ ସରକାରଙ୍କୁ ଯୋଗାଣ କରିବାକୁ ଥିଲା। କିନ୍ତୁ ଗତ ଜୁଲାଇ ୨୯ ସୁଦ୍ଧା ମାତ୍ର ୧୯,୬୯୯ କୁଇଣ୍ଟାଲ ଚାଉଳ ଯୋଗାଣ ହୋଇଥିବାବେଳେ ପ୍ରାୟ ୭୨ ହଜାର କୁଇଣ୍ଟାଲ ଚାଉଳ ଏବେ ବି ବକେୟା ରହିଛି। ସମୟସୀମା ଶେଷ ହେବାକୁ ଆଉ ଅଳ୍ପ ସମୟ ବାକି ଥିବା ସତ୍ତ୍ୱେ ଏତେ କମ୍ ପରିମାଣର ଯୋଗାଣ ଚିନ୍ତା ବଢ଼ାଇଛି।

ନିୟମ ଅନୁଯାୟୀ, ମିଲରେ ଗଚ୍ଛିତ ଧାନ ଓ ଚାଉଳର ମଜୁଦ ଉପରେ ଯୋଗାଣ ନିରୀକ୍ଷକ ଏବଂ ମିଲରଙ୍କ ଯୁଗ୍ମ ଦାୟିତ୍ୱ ରହିଥାଏ। ନିୟମିତ ଭାବେ ମିଲ ପରିଦର୍ଶନ କରି ମଜୁଦ ଯାଞ୍ଚ କରିବା ସହ ଚାଉଳ ଯୋଗାଣର ଅଗ୍ରଗତି ତଦାରଖ କରିବା ବିଭାଗର ଦାୟିତ୍ୱ। କିନ୍ତୁ ଏତେ ବଡ଼ ପରିମାଣର ଚାଉଳ ବକେୟା ଥିବା ସତ୍ତ୍ୱେ ବିଭାଗ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଇ ନଥିବା ଅଭିଯୋଗ ହେଉଛି।

ଅନ୍ୟପକ୍ଷରେ, ମିଲରମାନେ ନିର୍ଦ୍ଧାରିତ ପ୍ରକ୍ରିୟାରେ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଚାଉଳ ଯୋଗାଣ କରିବା ପରିବର୍ତ୍ତେ ଚଞ୍ଚକତା କରି ଜିଲ୍ଲା ଯୋଗାଣ ବିଭାଗର ଗୋଦାମକୁ ଚାଉଳ ଦେଉଥିବା ଏବଂ ୫୦ କିଲୋଗ୍ରାମ ବଦଳରେ ୪୭ରୁ ୪୮ କିଲୋଗ୍ରାମ ଚାଉଳ ଥିବା ବସ୍ତା ଯୋଗାଣ କରାଯାଉଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ଘଟଣାର ନିରପେକ୍ଷ ତଦନ୍ତ କରି ବାସ୍ତବ ସ୍ଥିତି ସାମ୍ନାକୁ ଆଣିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# କୃଷ୍ଣଚନ୍ଦ୍ରପୁର ଜୁନିଅର କଲେଜରେ ସର୍ପାଘାତ ସଚେତନତା କାର୍ଯ୍ୟକ୍ରମ



ବେତନଟୀ, ୪।୮ (ସଂଚାର ବ୍ୟୁରୋ)ଃ ସ୍ଥାନୀୟ କୃଷ୍ଣଚନ୍ଦ୍ରପୁର ଜୁନିଅର କଲେଜରେ ସର୍ପାଘାତ ଜନିତ ସଚେତନତା କାର୍ଯ୍ୟକ୍ରମ କଲେଜର ଅଧ୍ୟକ୍ଷା ଡକ୍ଟର ମନ୍ଦାକିନୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ମେଡିକାଲର ମେଡିକାଲ ଅଫିସର ଡାକ୍ତର ମହେଶ୍ୱର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହିତ ଡାକ୍ତରଖାନାର ବିପିଏମ ସୀମା ସଙ୍ଗୀତା ପରିଡା ସୁପର ଭାଇଜର ଜଗନ୍ନାଥ ମାଝୀ ପ୍ରମୁଖ ଯୋଗ ଦେଇ ସଚେତନତା କାର୍ଯ୍ୟକ୍ରମରେ ବିଭିନ୍ନ ଆବଶ୍ୟକୀୟ ସୂଚନା ପ୍ରଦାନ କରିଥିଲେ । ଏହା ସହିତ ସମସ୍ତ ଛାତ୍ର ଛାତ୍ରୀ କଲେଜର ସମସ୍ତ କର୍ମଚାରୀ ମାନଙ୍କ ସମେତ ଅଧ୍ୟାପକ ମାନେ ମଧ୍ୟ ଯୋଗ ଦେଇଥିଲେ। ସର୍ପ ଦଂଶନରେ ବର୍ଷକୁ ବର୍ଷ ଜୀବନ ହାନି ଘଟୁଥିବା ହେତୁ ସତର୍କତା ଅବଲମ୍ବନର ଯଥେଷ୍ଟ ଆବଶ୍ୟକତା ଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପରାମର୍ଶ ପ୍ରଦାନ କରିଥିଲେ ।

ଏହି କାର୍ଯ୍ୟକ୍ରମ କୁ ବରିଷ୍ଠ ଅଧ୍ୟାପକ ଶେଖାଓ୍ୱତ ଅଲ୍ଲୀ ପରିଚାଳନା କରିଥିବା ବେଳେ ବକ୍ତା ମାନେ ଏହାର କାରଣ ଓ ନିରାକରଣ ତଥା ପ୍ରତିକାର ପାଇଁ ବିଭିନ୍ନ ମାର୍ଗ ଦର୍ଶନ ପ୍ରଦାନ କରିଥିଲେ । ବିଶେଷ କରି ଗ୍ରୀଷ୍ମ ଦିନେ ଗରମ ସହି ନ ପାରି ଘର ଭିତରକୁ ସାପମାନେ ପ୍ରବେଶ କରୁଥିବା ସହିତ ବର୍ଷା ଦିନେ ଗାତରେ ପାଣି ପଶିବା ଯୋଗୁଁ ଏବଂ ଖାଦ୍ୟ ଅନ୍ୱେଷଣ ରେ ମୂଷା କିମ୍ବା ବେଙ୍ଗ ଶିକାର କରିବା ପାଇଁ ସାପ ମାନେ ଘରେ ପଶି ଥାନ୍ତି। କୁକୁଡା ମଧ୍ୟ ସାପ ମାନଙ୍କ ପାଇଁ ବିପଦର କାରଣ ହେଉଥିବା ବକ୍ତା ମାନେ ସତର୍କ କରାଇଥିଲେ । ଘର ବାରଣ୍ଡା ଘର ଓ ଅଗଣା ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ରାତିରେ ପର୍ଯ୍ୟାପ୍ତ ଆଲୋକିତ କରିବା ପାଇଁ ପରାମର୍ଶ ଦେଇଥିଲେ ।

# ଆଇଟିଇଆରରେ ଏନ୍‌ସିସି ସମ୍ମିଳିତ ବାର୍ଷିକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଭୁବନେଶ୍ୱର, ୪।୮ (ସଂଚାର ବ୍ୟୁରୋ)ଃ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ରେ ଆୟୋଜିତ ଏନ୍‌ସିସିର ୧୦ ଦିନିଆ ସମ୍ମିଳିତ ବାର୍ଷିକ ପ୍ରଶିକ୍ଷଣ ଶିବିର (କମ୍ବାଇନ୍ଡ ଆନୁଆଲ୍ ଟ୍ରେନିଂ କ୍ୟାଂପ- କ୍ୟାଟ୍‌କ) ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ପ୍ରାୟ ୫୦୦ ଜଣ ସିନିୟର ଓ ଜୁନିୟର ଏନ୍‌ସିସି କ୍ୟାଡେଟ ଅଂଶଗ୍ରହଣ କରିଥିଲେ। ଏହି ଶିବିରକୁ ୪ (ଓଡ଼ିଶା) କମ୍ପ୍ୟୁଟର ଟେକ୍ନିକାଲ୍ କଂପାନୀ, କଟକ ପକ୍ଷରୁ ଆୟୋଜନ କରାଯାଇଥିଲା।

ଶିବିରରେ ଗାର୍ଡ ଓ ପାଇଲଟ୍ ଚୟନ, କଠୋର ଡ୍ରିଲ୍ ପ୍ରଶିକ୍ଷଣ, ଶ୍ରେଷ୍ଠ କ୍ୟାଡେଟ ଓ ଶ୍ରେଷ୍ଠ ଡ୍ରିଲ୍ ପ୍ରତିଯୋଗିତା, କ୍ରୀଡ଼ା ପ୍ରତିଯୋଗିତା, ବିପର୍ଯ୍ୟୟ ପରିଚାଳନା ସଚେତନତା, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ନେତୃତ୍ୱ ବିକାଶ ସମ୍ପର୍କିତ ବିଭିନ୍ନ ଅଧିବେଶନ ସହ ସାମରିକ ପ୍ରଶିକ୍ଷଣର ଏକ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିବିରର କମାଣ୍ଡାଂଟ ଭାବେ ଲେଫ୍‌ଟନାଂଟ କର୍ଣ୍ଣେଲ ଆର୍. କେ. ଯୋଶୀ ଏବଂ ଉପ-କମାଣ୍ଡାଂଟ ଭାବେ ମେଜର ଆଶୁତୋଷ ତ୍ରିପାଠୀ ଦାୟିତ୍ୱ ତୁଲାଇଥିଲେ।

ଆଇଟିଇଆର, ସି. ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି ଏବଂ ଆର୍ଯ୍ୟନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର କ୍ୟାଡେଟମାନେ ଏହି ଶିବିରରେ ଯୋଗ ଦେଇଥିଲେ। ଯୁବ କ୍ୟାଡେଟମାନଙ୍କୁ ଭବିଷ୍ୟତର ଟେକ୍ନୋପ୍ରେନ୍ୟୁଅର୍ସ, କୃଷି ଉଦ୍ୟୋଗୀ, ବୈଜ୍ଞାନିକ, ଟେକ୍ନୋକ୍ରାଟ୍‌ସ, ପ୍ରାଣୀ ଚିକିତ୍ସକ ଓ ଗବେଷକ ଭାବେ ଗଢ଼ି ତୋଳିବା ଏବଂ ସେମାନଙ୍କୁ ପ୍ରେରିତ ଓ ସଶକ୍ତ କରିବା ଏହି ଶିବିରର ମୂଳ ଉଦ୍ଦେଶ୍ୟ ଥିଲା।

ଶିବିରର ଅନ୍ୟତମ ପ୍ରମୁଖ ଆକର୍ଷଣ ଥିଲା 'ଇଗ୍ନାଇଟିଂ ମାଇଣ୍ଡ' ଶୀର୍ଷକ ଟେକ୍ ଫେଷ୍ଟ। ଏଥିରେ ସିନିୟର ଡିଭିଜନ କ୍ୟାଡେଟମାନେ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା, ରୋବୋଟିକ୍ସ, ଅଟୋମେସନ୍, ନବୀକରଣ ଯୋଗ୍ୟ ଶକ୍ତି ଏବଂ ବିଭିନ୍ନ ଇଞ୍ଜିନିୟରିଂ ପ୍ରୟୋଗ ସମ୍ବନ୍ଧୀୟ ୨୦ରୁ ଅଧିକ କାର୍ଯ୍ୟକ୍ଷମ ପ୍ରକଳ୍ପ ପ୍ରଦର୍ଶନ କରି ସେମାନଙ୍କର ବୈଜ୍ଞାନିକ ମନୋଭାବ ଓ ବୈଷୟିକ ଦକ୍ଷତାର ପରିଚୟ ଦେଇଥିଲେ।

ଶିବିରର ସଫଳ ଆୟୋଜନ, କ୍ୟାଡେଟମାନଙ୍କ ଉଚ୍ଚସ୍ତରୀୟ ଶୃଙ୍ଖଳା, ପ୍ରଶିକ୍ଷଣର ମାନ ଓ ଅଭିନବ ପ୍ରଦର୍ଶନକୁ ଏନ୍‌ସିସି ଗ୍ରୁପ୍ ମୁଖ୍ୟାଳୟ, କଟକର ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ଏସ୍. ଜି. ସୁଧାଂଶୁ ଶେଖର ଉଚ୍ଚ ପ୍ରଶଂସା କରିଥିଲେ।

ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ

# ବନ୍ୟା ପରବର୍ତ୍ତୀ ପୁନରୁଦ୍ଧାର, ଘାଇ ମରାମତିକୁ ଗୁରୁତ୍ୱ



ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସହ ଅନ୍ୟ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଓ କମିଶନର ତଥା ଶାସନ ସଚିବମାନେ ଯୋଗଦେଇଥିଲେ। ବୈଠକ ପ୍ରାରମ୍ଭରେ ମୁଖ୍ୟ ଶାସନ ସଚିବ ଚଳିତ ବର୍ଷ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ସଫଳତା ଆୟୋଜନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ଟିମ୍ ପୁରୀ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ସମ୍ମିଳିତ ପ୍ରୟାସକୁ ଧନ୍ୟବାଦ ଜଣାଇଥିଲେ। ସେହିପରି ବନ୍ୟା ପରବର୍ତ୍ତୀ କ୍ଷୟକ୍ଷତି ଆକଳନ, ରିଲିଫ୍, ପୁନରୁଦ୍ଧାର, ଜଳ ନିଷ୍କାସନ, ଘାଇ ମରାମତି, ଥଇଥାନ ଓ ସ୍ୱାସ୍ଥ୍ୟସେବା ଆଦିକୁ ଗୁରୁତ୍ୱ ଦେଇ ତ୍ୱରିତ ପଦକ୍ଷେପ ନେବାକୁ ସେ ସମ୍ପୃକ୍ତ ସଚିବମାନଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ଗତ ୧୫ ଦିନ ମଧ୍ୟରେ ରାଜ୍ୟ ସରକାରଙ୍କ ଅନ୍ୟ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପର୍କରେ ମଧ୍ୟ ମୁଖ୍ୟ ସଚିବ ଆଲୋକପାତ କରିଥିଲେ। ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ଗତ ମାସ ଶେଷ ସୁଦ୍ଧା ରାଜ୍ୟର ଆର୍ଥିକ ପ୍ରଦର୍ଶନ ସ୍ଥିତି ଉପସ୍ଥାପନ କରିଥିଲେ। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଏହି ସମୟ ମଧ୍ୟରେ ବିଭିନ୍ନ ଉତ୍ସରୁ ରାଜସ୍ୱ ଆଦାୟ ବୃଦ୍ଧି ଘଟିଥିବା ଜଣାପଡ଼ିଛି। ଭିତ୍ତିଭୂମି କ୍ଷେତ୍ରରେ ପୁଞ୍ଜି ବ୍ୟୟ ଗତ ବର୍ଷ ତୁଳନାରେ ଏହି ସମୟ ସୁଦ୍ଧା ୨୦.୨ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ସାମାଜିକ କ୍ଷେତ୍ରରେ ୧୬.୧ ପ୍ରତିଶତ ତୁଳନାତ୍ମକ ଭାବେ ବୃଦ୍ଧି ପାଇଛି। ବିଭିନ୍ନ ବିଭାଗର ଖର୍ଚ୍ଚ ସ୍ଥିତି ସମୀକ୍ଷା କରି ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ କାର୍ଯ୍ୟ କରି ଖର୍ଚ୍ଚ ବୃଦ୍ଧି କରିବାକୁ ମୁଖ୍ୟ ସଚିବ ସଚିବମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବିକଶିତ ଓଡ଼ିଶା ୨୦୩୬ ଓ ୨୦୪୭କୁ ଦୃଷ୍ଟିରେ ରଖି ବିଭିନ୍ନ ଜିଲ୍ଲାର ବିକାଶ କ୍ରମରେ ବୈଠକରେ ଗଜପତି ସାମଗ୍ରିକ ବିକାଶ ପରିପ୍ରେକ୍ଷୀରେ ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଜିଲ୍ଲା ପାଇଁ ପ୍ରସ୍ତୁତ କରାଯାଇଥିବା ୨୫ଟି ପ୍ରମୁଖ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ବିସ୍ତୃତ ରୋଡ୍‌ମ୍ୟାପ୍ ଉପସ୍ଥାପନ କରିଥିଲେ। ଜିଲ୍ଲାରେ ବହୁସଂଖ୍ୟକ ଜଳପ୍ରପାତ ଥିବାରୁ ସେସବୁ ଅଞ୍ଚଳର ସମନ୍ୱିତ ବିକାଶ କରି ପର୍ଯ୍ୟଟନ ସର୍କିଟ୍ ଭାବେ ବିକଶିତ କରିବା, ଜିରାଙ୍ଗ ବୌଦ୍ଧ ପୀଠର ବିକାଶ, ମହେନ୍ଦ୍ରଗିରି ଇକୋ ଟୁରିଜିମ୍ ଏବଂ ଇକୋ-ଆଡଭେଞ୍ଚର ଫେଷ୍ଟ, ପାରଲାଖେମୁଣ୍ଡିସ୍ଥିତ 'ବୃନ୍ଦାବନ ରାଜ ପ୍ରାସାଦ' ଐତିହ୍ୟ କମିଶନ, ରାମସାଗର 'ୱାଟର ଫ୍ରଣ୍ଟ'ର ବିକାଶକୁ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ଜିଲ୍ଲାରେ ବନ୍ଦରଭିତ୍ତିକ ଶିଳ୍ପାୟନ, ପ୍ରତି ଗ୍ରାମ ପଞ୍ଚାୟତରେ ଅନ୍ତତଃ ଗୋଟିଏ ଲେଖାଏଁ ମାଇକ୍ରୋଶିଳ୍ପ ପ୍ରକଳ୍ପର ସ୍ଥାପନ କରିବା, ଶିକ୍ଷା, ଆକାଂକ୍ଷା ଓ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ 'ଡ୍ରିମ୍ ଗ୍ରୁପ୍' ବିକଶିତ କରାଯାଇ ଶିକ୍ଷାର ବିକାଶ, ସବୁ ଗ୍ରାମ ପଞ୍ଚାୟତ କୋଠାରେ ସୌର ଶକ୍ତି ବ୍ୟବସ୍ଥା କରିବା ନେଇ ସେ ଉପସ୍ଥାପନ କରିଥିଲେ। ଉନ୍ନୟନ କମିଶନ ଶ୍ରୀ ସିଂ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ତଦାରଖ ଓ କାର୍ଯ୍ୟାନ୍ୱୟନ ଅନୁଧ୍ୟାନ ପାଇଁ ସଚିବମାନଙ୍କ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମକୁ ଗୁରୁତ୍ୱଦେଇ ଗତ ମାସରେ ଜିଲ୍ଲା ଗସ୍ତ କରିଥିବା ସଚିବ ତଥା ବରିଷ୍ଠ ଅଧିକାରୀମାନଙ୍କ ଗସ୍ତ ବିବରଣୀ ପ୍ରଦାନ କରିବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

## ଯୌତୁକଜନିତ ନିର୍ଯାତନାରୁ ମହିଳାଙ୍କ ମୃତ୍ୟୁ!

ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ): ପିପିଲିସ୍ଥିତ ଡାଙ୍ଗମୁକୁନ୍ଦପୁରର ବାସିନ୍ଦା ଶିବ ପ୍ରସାଦ ଡାଙ୍ଗଙ୍କ ପତ୍ନୀ ସଙ୍ଗୀତା ଧଳଙ୍କର ମୃତ୍ୟୁ ହୋଇଛି। ଏହାକୁ ଶାଶୂଘର ଲୋକେ ଆତ୍ମହତ୍ୟା କରିଥିବା ବେଳେ ସଙ୍ଗୀତାଙ୍କ ବାପଘର ଲୋକେ ଯୌତୁକଜନିତ ନିର୍ଯାତନା ବୋଲି ଅଭିଯୋଗ କରିଛନ୍ତି। ଏହି ମାମଲାରେ ଶିବଙ୍କୁ ଗିରଫ କରାଯିବା ସହ କୋର୍ଟ ଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜୁର୍ ହେବାରୁ ତାଙ୍କୁ ନିମାପଡ଼ା ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।



ମିଳିଥିବା ସୂଚନାନୁସାରେ, ଶିବ ସପ୍ତମ ବାଟାଲିୟନରେ ସିପାହୀ ଭାବେ କାମ କରୁଥିବା ବେଳେ ଗତ ୨୦୧୯ ଜୁନ୍ ୨୨ରେ କୁମୁଦମାଳିନୀ ପ୍ରଶାନ୍ତ କୁମାର ଧଳଙ୍କ ମଝିଆ ଝିଅ ସଙ୍ଗୀତାଙ୍କୁ ବିବାହ କରିଥିଲେ। ଉଭୟଙ୍କର ସେମାନଙ୍କର ଏକ ସାତ ବର୍ଷର ଝିଅ ବି ଅଛି। ତେବେ ସଙ୍ଗୀତାଙ୍କ ସ୍ୱାମୀ ଶିବ ଓ ତାଙ୍କ ପରିବାର ଲୋକେ ଅଧିକ ଯୌତୁକ ଦାବି କରି ନିର୍ଯାତନା ଦେଇଆସୁଥିବା ଅଭିଯୋଗ ହୋଇଛି। ଏପରିକି ଶିବଙ୍କ ପରିବାର ଲୋକେ ସଙ୍ଗୀତାଙ୍କୁ ତାଙ୍କ ବାପଘରୁ ଲକ୍ଷେ ଟଙ୍କା ଆଣିବାକୁ ନିୟମିତ ଭାବେ ଚାପ ପକାଉଥିଲେ। ଟଙ୍କା ନ ଆଣିଲେ ତାଙ୍କୁ ଜୀବନରେ ମାରିଦେବା ବି ସେମାନେ ଧମକ ଦେଉଥିଲେ। ଏହି କ୍ରମରେ ଗତ ଗୁରୁବାର ଶିବ ଓ ସଙ୍ଗୀତାଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଝଗଡ଼ା ପରେ ଶିବ ଘର ବାହାରେ ବସି ମୋବାଇଲ ଦେଖୁଥିବା ସମୟରେ ସଙ୍ଗୀତ ଘର ଭିତରେ ତାଙ୍କ ପିନ୍ଧା ଲୁଗା ଓଢ଼ଣୀ ବେକରେ ଲଗାଇ ଫ୍ୟାନ୍‌ରେ ଝୁଲିପଡ଼ିଥିଲେ ବୋଲି ଶିବ କହିଛନ୍ତି। କିନ୍ତୁ ସଙ୍ଗୀତାଙ୍କ ପରିବାର ଲୋକେ ଏହା ଏକ ବିଧିବଦ୍ଧ ଷଡ଼ଯନ୍ତ୍ରଜନିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଏନେଇ ପିପିଲି ଥାନା ପୁଲିସ୍ ମାମଲା ରୁଜୁ କରିବା ସହ ଶିବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୁଲିସ୍ ସଙ୍ଗୀତାଙ୍କ ମୋବାଇଲ୍‌କୁ ଜବତ କରିଥିବା ବେଳେ ସେଥିରେ ଶିବ ତାଙ୍କୁ ଭୀଷଣ ମାଡ଼ ମାରୁଥିବାର ଦୃଶ୍ୟ ରହିଥିବା ଜଣାପଡ଼ିଛି। ଏହି ମାମଲାରେ ପୁଲିସ୍ ତଦନ୍ତ ଜାରି ରଖିଥିବା ବେଳେ ଶିବଙ୍କର କେତେକ ବାଟାଲିଅନ୍ ବନ୍ଧୁଙ୍କ ମଧ୍ୟ ସ୍ୱାନରୂପେ ରଖିଛି। ତେବେ ମାମଲାର ବିଧିବଦ୍ଧ ତଦନ୍ତ ପରେ ଏହା ଆତ୍ମହତ୍ୟା କି ଅନ୍ୟ କିଛି ତା' ଜଣାପଡ଼ିବ ବୋଲି ପୁଲିସ୍ କହିଛି।

## ଓଡ଼ିଶା ପୁଲିସ-ଏନଏଫଏସୟୁ ୫ବର୍ଷିଆ ଚୁକ୍ତିନାମା ସ୍ୱାକ୍ଷରିତ



**ସାଇବର ଅପରାଧ ତଦନ୍ତ ଓ ଡିଜିଟାଲ ଫରେନ୍ସିକ୍ସ କ୍ଷେତ୍ରରେ ଦକ୍ଷତା ବଢ଼ିବ**

ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ): ସାଇବର ଅପରାଧର ସଠିକ ମୁକାବିଲା, ଡିଜିଟାଲ ଫରେନ୍ସିକ୍ସରେ ଦକ୍ଷତା ବୃଦ୍ଧି ଓ ବୈଜ୍ଞାନିକ ତଦନ୍ତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ପୁଲିସର ସିଆଇଡି- କ୍ରାଇମବ୍ରାଞ୍ଚ ଓ ରାଷ୍ଟ୍ରୀୟ ଫରେନ୍ସିକ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଏନ୍‌ଏଫ୍‌ଏସ୍‌ୟୁ), ଭୁବନେଶ୍ୱର ମଧ୍ୟରେ ଆଜି ଏକ ୫ବର୍ଷିଆ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଓଡ଼ିଶା ପୁଲିସର ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଉପସ୍ଥିତିରେ ଡିଜିପି, କ୍ରାଇମବ୍ରାଞ୍ଚ ବିନୟତୋଷ ମିଶ୍ର ଓ ଏନ୍‌ଏଫ୍‌ଏସ୍‌ୟୁ କ୍ୟାମ୍ପସ ନିର୍ଦ୍ଦେଶିକା ଡଃ ପୂରବୀ ପୋଖରିୟାଲ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ପରେ ଡିଜିପି ଶ୍ରୀ ଖୁରାନିଆ 'ସାଇବର ଅପରାଧ ତଦନ୍ତ ଓ ଡିଜିଟାଲ ଫରେନ୍ସିକ' ଶୀର୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଡିଜିପି କହିଛନ୍ତି ଯେ ଆଜିର ଦିନଟି ଓଡ଼ିଶା ପୁଲିସର ଆଧୁନିକୀକରଣ ଓ ବିକାଶ ଯାତ୍ରାରେ ଏକ ଐତିହାସିକ ମାଇଲଖୁଣ୍ଟ। ଏହି ପାଞ୍ଚବର୍ଷିଆ ବୁଝାମଣାପତ୍ର ଉଭୟ ଅନୁଷ୍ଠାନ ମଧ୍ୟରେ ଏକ ସୁଦୃଢ଼ ଭିତ୍ତିଭୂମି ସୃଷ୍ଟି କରିବ। ପ୍ରଥମ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବା ଯୋଗୁଁ ରାଜ୍ୟର ସାଇବର ପୋଲିସିଂ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ବର୍ତ୍ତମାନ ଅପରାଧର ସ୍ୱରୂପ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି ଏବଂ ପ୍ରାୟ ପ୍ରତ୍ୟେକ ଅପରାଧରେ ଡିଜିଟାଲ ପ୍ରମାଣର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ସାଇବର ଅପରାଧ ଚ୍ୟାଲେଞ୍ଜର ମୁକାବିଲା ପାଇଁ ରାଜ୍ୟରେ ୨୦ଟି ନୂତନ ସାଇବର ଅପରାଧ ଓ ଅର୍ଥନୈତିକ ଥାନା ସ୍ଥାପନ କରାଯାଇଥିବା ବେଳେ ସମସ୍ତ ଥାନାକୁ ପ୍ରାୟ ୧୫ କୋଟି ଟଙ୍କାର ଆଧୁନିକ ହାର୍ଡୱେର ଓ ସଫ୍ଟୱେର ଯୋଗାଇ ଦିଆଯାଇଛି। ଏହି ଉପକରଣଗୁଡ଼ିକର ବ୍ୟବହାର ପାଇଁ ଉନ୍ନତ ମାନର ପ୍ରଶିକ୍ଷଣ ଅପରିହାର୍ଯ୍ୟ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ନିର୍ଦ୍ଦେଶିକା ଏସଏଫଏଲ ଡ. ସନ୍ତୋଷ ବାଲା, ଏନ୍‌ଏଫ୍‌ଏସ୍‌ୟୁ କ୍ୟାମ୍ପସ ନିର୍ଦ୍ଦେଶିକା ଡଃ ପୂରବୀ ପୋଖରିୟାଲ, ଆଇଜି (କ୍ରାଇମବ୍ରାଞ୍ଚ) ଡଃ ସାର୍ଥକ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ଏନ୍‌ଏଫ୍‌ଏସ୍‌ୟୁର ଆସୋସିଏଟ ପ୍ରଫେସର ଡଃ ବିଶ୍ୱକଲ୍ୟାଣ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଷ୍ଟ୍ରପତିଙ୍କୁ ରାଜ୍ୟପାଳଙ୍କ ହସ୍ତତନ୍ତ ଓ ହସ୍ତଶିଳ୍ପ କଳାକୃତି ଉପହାର

ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ): ସମ୍ପ୍ରତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତିନିଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଆଜି ସକାଳେ ଲୋକ ଭବନରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ରାଷ୍ଟ୍ରପତିଙ୍କୁ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ପରମ୍ପରାକୁ ପ୍ରତିଫଳିତ କରୁଥିବା ସ୍ୱତନ୍ତ୍ର ଉପହାର ପ୍ରଦାନ କରିଛନ୍ତି। ମହାମହିମ ରାଷ୍ଟ୍ରପତିଙ୍କ ବ୍ରହ୍ମପୁର ଅଭିମୁଖେ ଗସ୍ତ ପୂର୍ବରୁ ଏହି ଉପହାର ପ୍ରଦାନ କରାଯାଇଛି। ଏହି ଅବସରରେ ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ। ଉକ୍ତ ଉପହାରରେ ଜାତୀୟ ହସ୍ତତନ୍ତ ପୁରସ୍କାରପ୍ରାପ୍ତ ତଥା ଜିଆଇଟ୍ୟାଗ ସ୍ୱୀକୃତିପ୍ରାପ୍ତ ସମ୍ବଲପୁରୀ ବାନ୍ଧ ଶାଢ଼ୀ, ପିପିଲିର ପାରମ୍ପରିକ ଚାନ୍ଦୁଆ ଭେଲଭେଟ ଉତ୍ତରୀୟ ଓ କଟକର ସୂକ୍ଷ୍ମ ରୁପା ତାରକସି କଳାରେ ନିର୍ମିତ ଭଗବାନ ଗଣେଶଙ୍କ ଏକ ପ୍ରତିମୂର୍ତ୍ତି ଥିଲା। ଏହି ଅନନ୍ୟ କଳାକୃତିଗୁଡିକ ଓଡ଼ିଶାର ଅତୁଳନୀୟ କାରିଗରୀ ଦକ୍ଷତା, ସମୃଦ୍ଧ ପରମ୍ପରା ଓ କଳାତ୍ମକ ଉତ୍କର୍ଷତାର ପରିଚୟ ବହନ କରିବା ସହ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରୁଛି।



● ମହିଳା ଥାନାରୁ ଅଭିଯୁକ୍ତ ଫେରାର ଘଟଣା

## ଅବହେଳା ପାଇଁ ସେଣ୍ଟ୍ରି ଓ ଡିସିଓ ନିଲମ୍ବିତ



ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ): ଭୁବନେଶ୍ୱର ମହିଳା ଥାନା ଭିତରୁ ଜଣେ ଅଭିଯୁକ୍ତ ଫେରାର ହୋଇଯିବା ଘଟଣାରେ ପୁଲିସ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କାର୍ଯ୍ୟରେ ଅବହେଳା ଅଭିଯୋଗରେ ଦାୟିତ୍ୱରେ ଥିବା ସେଣ୍ଟ୍ରି ଏବଂ ଡିସିଓଙ୍କୁ ନିଲମ୍ବିତ କରାଯାଇଛି।

ମିଳିଥିବା ସୂଚନାନୁସାରେ, ଭଦ୍ରକ ଜିଲ୍ଲା ସାବରଙ୍ଗ ଥାନା ଅନ୍ତର୍ଗତ ଏରଡ଼ା ଗାଁର ରୁଦ୍ର ପ୍ରସାଦ ସୂତାର ନାମକ ଜଣେ ଯୁବକଙ୍କୁ ମହିଳା ଥାନା ପୁଲିସ ଗିରଫ କରିଥିଲା। ଶୁକ୍ରବାର ସକାଳେ ଅଭିଯୁକ୍ତ ରୁଦ୍ର ପ୍ରସାଦ ଚତୁରତାର ସହ କାର୍ଯ୍ୟରତ ସେଣ୍ଟ୍ରିଙ୍କୁ ଭୂଆଁ ବୁଲାଇ ଥାନା ପରିସରରୁ ଚମ୍ପଟ ମାରିଥିଲା।

ଥାନା ଭଳି ଏକ ସୁରକ୍ଷିତ ସ୍ଥାନରୁ ଅଭିଯୁକ୍ତ ଫେରାର ହୋଇଯିବା ପରେ ପୁଲିସ ପ୍ରଶାସନର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣାକୁ ଗମ୍ଭୀରତାର ସହ ନେଇ ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେବା ସହ କାର୍ଯ୍ୟରେ ଅବହେଳା ପାଇଁ ଦାୟିତ୍ୱରେ ଥିବା ସେଣ୍ଟ୍ରି ଓ ଡିସିଓଙ୍କୁ ନିଲମ୍ବିତ କରାଯାଇଛି। ଅନ୍ୟପକ୍ଷରେ ଫେରାର ହୋଇଯାଇଥିବା ଅଭିଯୁକ୍ତ ରୁଦ୍ର ପ୍ରସାଦ ସୂତାରକୁ ପୁନର୍ବାର ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି।

ସ୍ୱାସ୍ଥ୍ୟ ବିଭାଗର ୧୦ ବୁଝାମଣାପତ୍ର ସ୍ୱାକ୍ଷରିତ

## ସ୍ୱାସ୍ଥ୍ୟସେବା, ଗବେଷଣା ଓ ଭିତ୍ତିଭୂମିରେ ଆସିବ ଉନ୍ନତି

ଭୁବନେଶ୍ୱର, ୪।୮(ସଂଚାର ବ୍ୟୁରୋ): ସ୍ୱାସ୍ଥ୍ୟ ବିଭାଗ ପାଇଁ ଆଜି ଏକ ଐତିହାସିକ ଦିନ। ବିଭିନ୍ନ ଅନୁଷ୍ଠାନ ସହ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୦ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ପରେ ସ୍ୱାସ୍ଥ୍ୟସେବା,ଗବେଷଣା ଓ ଭିତ୍ତିଭୂମିରେ ଉନ୍ନତି ଆସିବ ବୋଲି ଆଶା କରାଯାଉଛି। ଖାରବେଳ ଭବନ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହ ଗୁଜରାଟର ଆଇ-ହବ୍, ଅନ୍ତରା ଫାଉଣ୍ଡେସନ, ସର୍ବଭାରତୀୟ ଆୟୁର୍ବେଦ ସଂସ୍ଥାନ, ଅଦାନୀ ଗ୍ରୁପର ସେବାଦାନ ଆରୋଗ୍ୟ ଫାଉଣ୍ଡେସନ, ହେଲ୍‌ଥ ସିଷ୍ଟମ ଟ୍ରାନ୍ସଫର୍ମେସନ ପ୍ଲାଟଫର୍ମ, ଏମ୍ସ ଦିଲ୍ଲୀର ସେଣ୍ଟର ଫର ଏମେର୍ଜେନ୍ସି ଓ ଟ୍ରମା କେୟାର, କୋଚିର ଅମ୍ରିତା ହସ୍ପିଟାଲର ପେଡ୍ରିଆଟିକ କାର୍ଡିଆକ କେୟାର, କ୍ୱାଲିଟି କଣ୍ଟ୍ରୋଲ ଅଫ ଇଣ୍ଡିଆର ଏନଏବିଏଲ ମାନ୍ୟତାପ୍ରାପ୍ତ ମେଡିକାଲ କଲେଜ ଓ ହସ୍ପିଟାଲ/ ଜିଲ୍ଲା ମୁଖ୍ୟ ହସ୍ପିଟାଲ ଲ୍ୟାବ, ଆଇଏଫସି ଦ୍ୱାରା ସାଇଣ୍ଟିଫିକ ଡ୍ରଗ ୱେୟାରହାଉସିଂ ଏଗ୍ରିମେଣ୍ଟ ନେଟୱାର୍କ, ଟାଟା ଷ୍ଟିଲ ଫାଉଣ୍ଡେସନ, କୈବଲ୍ୟ ଏଜୁକେଶନ୍ ଫାଉଣ୍ଡେସନ ଫର ପ୍ରୋଜେକ୍ଟ ସ୍ୱସ୍ଥ ସହ ଆଜି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି।




ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ଏଥିରେ ଏମ୍ସ ଦିଲ୍ଲୀ ଟ୍ରମାକେୟାର ସେଣ୍ଟର ସହ ହୋଇଥିବା ବୁଝାମଣାରେ ଜିଲ୍ଲା ମୁଖ୍ୟାଳୟର କୌଣସି ମେଡିକାଲ କଲେଜକୁ ଟ୍ରମା କେୟାର ଉତ୍କର୍ଷ କେନ୍ଦ୍ର ରୂପେ ଗ୍ରହଣ କରାଯିବ ଓ ରାଜ୍ୟର ଟ୍ରମା କେୟାରକୁ ଉନ୍ନତ କରାଯିବାକୁ ବ୍ୟବସ୍ଥା କରାଯିବ। ସେହିପରି ସର୍ବଭାରତୀୟ ଆୟୁର୍ବେଦ ସଂସ୍ଥାନ ଓଡ଼ିଶାରେ ଭାରତୀୟ ଜ୍ଞାନ କୌଶଳରେ ତିଆରି ଔଷଧ ଏବଂ ଆୟୁର୍ବେଦିକ ଚିକିତ୍ସା ପଦ୍ଧତିକୁ ଆଗକୁ ନେବାକୁ ବ୍ୟବସ୍ଥା କରିବେ। ଗୁଜରାଟର ଆଇ-ହବ ଦ୍ୱାରା ମେଡିକାଲ ଶିକ୍ଷାରେ ଷ୍ଟାର୍ଟଅପ, ନବସୃଜନ, ଶିକ୍ଷାଦାନ ପ୍ରଣାଳୀକୁ ଉନ୍ନତ କରିବାକୁ ସମସ୍ତ ବ୍ୟବସ୍ଥା କରାଯିବ। କ୍ୱାଲିଟି କଣ୍ଟ୍ରୋଲ ଦ୍ୱାରା ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ ଓ ଉପଖଣ୍ଡ ହସ୍ପିଟାଲରେ ଥିବା ଲ୍ୟାବ୍‌ଗୁଡ଼ିକ ଏନଏବିଏଲ ମାନ୍ୟତା ଦ୍ୱାରା ଲ୍ୟାବ୍‌ଗୁଡ଼ିକର ମାନ ବଢ଼ିବ। ଏହାଦ୍ୱାରା ଲୋକଙ୍କୁ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି ଓ ଡାକ୍ତରୀ ଶିକ୍ଷାକୁ ଆଗକୁ ନେବା ପାଇଁ ସରକାରଙ୍କ ପକ୍ଷରୁ ଏହା ବଡ଼ ପଦକ୍ଷେପ। ସେହିପରି ସେବାଦାନ ଫାଉଣ୍ଡେସନ ଦ୍ୱାରା ରାଜ୍ୟର ୬ଟି ମେଡିକାଲ କଲେଜ ଓ ହସ୍ପିଟାଲରେ ବିଶ୍ରାମଗୃହ ପ୍ରତିଷ୍ଠା ହେବ ଏବଂ ରୋଗୀଙ୍କ ସହ ଆସୁଥିବା ସମ୍ପର୍କୀୟମାନେ ସୁରକ୍ଷିତ ଓ ସୁବିଧାଜନକ ରହଣି ବ୍ୟବସ୍ଥାର ଲାଭ ପାଇବେ। ଦୁର୍ଗମ ଅଞ୍ଚଳରେ ଛୋଟ ପିଲାଙ୍କ ହୃଦ୍‌ରୋଗ ଯାଞ୍ଚ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର ହେବ ବୋଲି ମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି।

ଚନ୍ଦନପୁର ହତ୍ୟାକାଣ୍ଡ ଘଟଣା

## ୭୨ ଘଣ୍ଟାରେ ଅପରାଧୀଙ୍କୁ ବାନ୍ଧିଲା ପୋଲିସ୍

ପୁରୀ,୪।୮(ସଂଚାର ବ୍ୟୁରୋ): ପୁରୀ ଚନ୍ଦନପୁରର ଦାମୋଦରପୁର ହତ୍ୟାକାଣ୍ଡ ଘଟଣା। ୭୨ ଘଣ୍ଟା ପରେ ଅପରାଧୀଙ୍କୁ ବାନ୍ଧିଲା ପୁଲିସ୍। କଟୁରୀ ଓ ମୋବାଇଲ ଫୋନ ଜବତ କରାଯାଇଛି। ଜଘନ୍ୟ ହତ୍ୟାକାଣ୍ଡ ମାମଲାରେ ୩ ଜଣ ଅଭିଯୁକ୍ତ ଗିରଫ ଓ ଜଣେ ନାବାଳକ ଅଟକ ରହିଛନ୍ତି। ଦୁଇ ଗ୍ୟାରେଜ ଦୋକାନୀଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଶେଷରେ ହତ୍ୟାକାଣ୍ଡର ରୂପ ନେଇଥିଲା। ପୁରୀ ଜିଲ୍ଲା ଚନ୍ଦନପୁର ଥାନାଅଞ୍ଚଳର ଦାମଦାରପୁର ଗ୍ରାମର କାଳିଆ ମଲ୍ଲିକଙ୍କ ବୀଭତ୍ସ ହତ୍ୟାକାଣ୍ଡ ଘଟଣାର ତଦନ୍ତରେ ପୁରୀ ପୁଲିସ ଶେଷରେ ସଫଳତା ହାସଲ କରିଛି। ଅଭିଯୁକ୍ତ ଓ ମୃତକଙ୍କ ମଧ୍ୟରେ ଥିବା ପୁରୁଣା ଶତ୍ରୁତା ଯୋଗୁ ଗତ ୩୧ ତାରିଖ ବିଳମ୍ବିତ ରାତିରେ ଏହି ହତ୍ୟାକାଣ୍ଡ ଘଟିଥିଲା। ତଦନ୍ତ ପ୍ରକ୍ରିୟା ମଧ୍ୟରେ ଗତକାଲି ଆଉ ଦୁଇ ଜଣ ଅଭିଯୁକ୍ତ ଯଥା- ସୁମନ ଓରଫ ସୋମନା ଓରଫ ସୋମନାଥ ନାୟକ ଏବଂ ବଚୁ ଓରଫ ବସୁ ଓରଫ ଅମିତାଭ ଓରଫ ଅମିତା ଦାସଙ୍କୁ ଗିରଫ କରାଯାଇଛି।

## ଗଛରେ ପିଟି ହେଲା ବାଇକ୍, ଯୁବକ ମୃତ

ବଡ଼ବିଲ,୪।୮(ସଂଚାର ବ୍ୟୁରୋ): ଠାକୁରାଣୀ ରାସ୍ତାରେ ଭାରସାମ୍ୟ ହରାଇ ଗଛ ସହ ପିଟିହେଲା ବାଇକ୍। ଫଳରେ ଘଟଣାସ୍ଥଳରେ ହିଁ ଉକ୍ତ ବାଇକ୍‌ର ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣଙ୍କ ବଡ଼ବିଲ ଅଞ୍ଚଳର ୧୯ ବର୍ଷୀୟ କରନ ମହାନ୍ତ ବୋଲି ଜଣାପଡ଼ିଛି। କରନ୍ ଏକ ବାଇକରେ କୌଣସି କାମରେ ବଡ଼ବିଲ-ଠାକୁରାଣୀ ରାସ୍ତାରେ ଯାଉଥିବା ସମୟରେ ପେଟ୍ରୋଲ ପମ୍ପ ନିକଟରେ ଅଚାନକ ତାଙ୍କ ବାଇକ୍ ଗଛ ସହ ପିଟି ହୋଇଥିଲା। ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ କରନ୍‌ଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ଏନେଇ ଖବର ପାଇ ବଡ଼ବିଲ ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି।

ମହିଳାଙ୍କୁ ଭିଡିଓ କଲ୍‌ରେ ଫେବର୍ ମାଗିବା ଘଟଣା

## ଆତ୍ମସମର୍ପଣ କଲେ ଶରଣକୂଳ ଥାନା ପୂର୍ବତନ ଆଇଆଇସି



ନୟାଗଡ଼,୪।୮(ସଂଚାର ବ୍ୟୁରୋ): ମହିଳାଙ୍କୁ ଶାରୀରିକ ନିର୍ଯାତନା ଘଟଣାରେ ଶେଷରେ ଆତ୍ମସମର୍ପଣ କଲେ ନୟାଗଡ଼ ଶରଣକୂଳ ଥାନା ପୂର୍ବତନ ଥାନାଧିକାରୀ ସୁଜିତ ଦାସ। ପୂର୍ବରୁ ତାଙ୍କୁ ଏହି ମାମଲାରେ ପ୍ରଥମେ ପୋଲିସ ହେଡକ୍ୱାର୍ଟରକୁ ବଦଳି ପରେ ନିଲମ୍ବନ କରାଯାଇଥିଲା। ଆଉ ଏବେ ସେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ମହିଳା ଓ ଶିଶୁ ଅପରାଧ ଶାଖା (ସିଏଡବ୍ଲ୍ୟୁ ଆଣ୍ଡ୍ ସିଡବ୍ଲ୍ୟୁ) ନିକଟରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ ପରେ ମେଡିକାଲ୍ ଟେଷ୍ଟ ପାଇଁ ସୁଜିତଙ୍କୁ ମହିଳା ଅପରାଧ ଶାଖା ନୟାଗଡ଼ ମେଡିକାଲ ନେଇଛି। ସୂଚନାଥାଉକି, ଶରଣକୂଳ ପୂର୍ବତନ ଥାନା ଅଧିକାରୀଙ୍କ ବିରୁଦ୍ଧରେ ଜଣେ ମହିଳା ସଙ୍ଗୀନ ଅଭିଯୋଗ ଆଣିଥିଲେ। ମହିଳା ଜଣକ ତାଙ୍କ ବିରୋଧରେ ଭିଡିଓ କଲ୍ କରି ଫେବର୍ ମାଗିବା ସହ ଦୁଷ୍କର୍ମ କରିଥିବା ଅଭିଯୋଗ ଆଣିଥିଲେ। ଏହା ପରେ ଥାନା ଅଧିକାରୀଙ୍କର ମହିଳାଙ୍କ ସହ ହ୍ୱାଟସଅପ୍ କଲର ସ୍କ୍ରିନ୍ ସଟ୍ ମଧ୍ୟ ଭାଇରାଲ୍ ହୋଇଥିଲା। ମହିଳାଜଣଙ୍କ ଏନେଇ ନୟାଗଡ଼ ଏସପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ମହିଳାଙ୍କୁ ନ୍ୟାୟ ଦେବା ବଦଳରେ ପ୍ରେମ ଜାଲରେ ଫସାଇବା ସହ ଶାରୀରିକ ସମ୍ପର୍କ ରଖିଥିବା ସେ ଅଭିଯୋଗ କରିଥିଲେ। ମହିଳାଙ୍କ ଅଭିଯୋଗ ପରେ ଘଟଣାର ମହିଳା ଓ ଶିଶୁ ଅପରାଧ ଶାଖାକୁ ତଦନ୍ତ ପାଇଁ ଡିଜିପି ଅଫିସରୁ ନିର୍ଦ୍ଦେଶ ଆସିଥିଲା। ଏଥିସହ ସୁଜିତଙ୍କୁ ତୁରନ୍ତ ଶରଣକୂଳରୁ ନୟାଗଡ଼ ହେଡକ୍ୱାର୍ଟରକୁ ବଦଳି କରାଯାଇଥିଲା। କ୍ରାଇମବ୍ରାଞ୍ଚ ଟିମ୍ ଘଟଣାର ତଦନ୍ତ କରି ପ୍ରାଥମିକ ରିପୋର୍ଟ ଦେବା ପରେ ସୁଜିତଙ୍କୁ ନିଲମ୍ବନ କରାଯାଇଥିଲା।

● ବର୍ଷା ଋତୁରେ କୁମ୍ଭୀର ଗତିବିଧି ନେଇ ସତର୍କତା

## ଘରକୁ ଘର ବୁଲି ସଚେତନତା ଅଭିଯାନ ଆରମ୍ଭ

- ମଣିଷ-କୁମ୍ଭୀର ସଂଘର୍ଷ ରୋକିବାକୁ ବନ ବିଭାଗ ସକ୍ରିୟ
- କୁମ୍ଭୀର ଦେଖିଲେ ହ୍ୱାଟ୍ସଆପ୍ ହେଲ୍ପଲାଇନରେ ସୂଚନା ଦେବାକୁ ଅନୁରୋଧ

ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ): ବର୍ଷା ଋତୁରେ ବ୍ରାହ୍ମଣୀ, ମହାନଦୀ ଏବଂ ବୈତରଣୀ ନଦୀ ପ୍ରଣାଳୀରେ ଜଳସ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି ଲୁଣାଜଙ୍ଗଲ ବନଖଣ୍ଡ (ବନ୍ୟପ୍ରାଣୀ), ରାଜନଗର ବନ ବିଭାଗ ପକ୍ଷରୁ ଏକ ଜରୁରୀକାଳୀନ ହ୍ୱାଟ୍ସଆପ୍ ହେଲ୍ପଲାଇନ୍ ନମ୍ବର ୯୯୩୮୯୧୪୧୦୧ ସକ୍ରିୟ କରାଯାଇଛି। ମଣିଷ-କୁମ୍ଭୀର ସଂଘର୍ଷର ବିପଦକୁ ହ୍ରାସ କରିବା ଏବଂ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବିପଦସଙ୍କୁଳ ଗ୍ରାମଗୁଡ଼ିକରେ 'ଘରକୁ ଘର ବୁଲି' ସଚେତନତା ଅଭିଯାନ ଆରମ୍ଭ ହୋଇଛି।

ବନ୍ୟାଜଳ ବୃଦ୍ଧି ହେତୁ ନଦୀକୂଳିଆ ଅଞ୍ଚଳରୁ କୁମ୍ଭୀରମାନେ ଜନବସତି କିମ୍ବା ଲୋକମାନେ ବ୍ୟବହାର କରୁଥିବା ନଦୀଘାଟ ନିକଟକୁ ଚାଲି ଆସିବାର ଯଥେଷ୍ଟ ସମ୍ଭାବନା ରହିଛି। ଜନସାଧାରଣଙ୍କ ସୁରକ୍ଷା ପାଇଁ ବନ ବିଭାଗର କ୍ଷେତ୍ର କର୍ମଚାରୀମାନେ ବନ୍ୟାପ୍ରବଣ ଗ୍ରାମଗୁଡ଼ିକ ପରିଦର୍ଶନ କରି କୁମ୍ଭୀର ସହିତ ସମ୍ଭାବ୍ୟ ମୁକାବିଲା ଏବଂ ଏଥିରୁ ରକ୍ଷା ପାଇବା ପାଇଁ ସତର୍କତାମୂଳକ ପଦକ୍ଷେପ ବିଷୟରେ ଲୋକଙ୍କୁ ସଚେତନ କରାଯାଉଅଛି।

ସଚେତନତା ଅଭିଯାନ ସମୟରେ ବାସିନ୍ଦାମାନଙ୍କୁ ପରାମର୍ଶ ଦିଆଯାଉଛି



ଯେ, ବର୍ଷା ଋତୁରେ ଅତି ଆବଶ୍ୟକ ନଥିଲେ ନଦୀ, କେନାଲ କିମ୍ବା ନାଳ ମଧ୍ୟକୁ ପ୍ରବେଶ କରନ୍ତୁ ନାହିଁ। ପାଣି ସଂଗ୍ରହ, ମାଛ ଧରିବା କିମ୍ବା ଗାଧୋଇବା ବେଳେ ବିଶେଷ ସତର୍କ ରହିବାକୁ କୁହାଯାଇଛି। ଏଥିସହ ପିଲାଙ୍କୁ ବୟସ୍କଙ୍କ ତତ୍ତ୍ୱାବଧାନ ବିନା ଜଳାଶୟ ନିକଟକୁ ନ ଛାଡ଼ିବା ଓ କୁମ୍ଭୀରପ୍ରବଣ ଅଞ୍ଚଳରେ ଗୃହପାଳିତ ପଶୁଙ୍କୁ ଚରାଇବା କିମ୍ବା ପାଣି ପିଆଇବା ସମୟରେ ସତର୍କ ରହିବାକୁ କୁହାଯାଇଛି। ଯଦି କୌଣସି ଆବାସିକ ଅଞ୍ଚଳ କିମ୍ବା ନିକଟବର୍ତ୍ତୀ ଜଳାଶୟରେ କୁମ୍ଭୀର ଦେଖାଯାଏ, ତେବେ ବନ ବିଭାଗ ତରଫରୁ ତ୍ୱରିତ ପଦକ୍ଷେପ ନିମନ୍ତେ ବନ ବିଭାଗର ହ୍ୱାଟ୍ସଆପ୍ ହେଲ୍ପଲାଇନ୍ ମାଧ୍ୟମରେ ସୂଚନା ଦେବାକୁ କୁହାଯାଇଛି। ବନ କର୍ମଚାରୀ ଓ ସ୍ଥାନୀୟ ଗ୍ରାମବାସୀଙ୍କ ଅଂଶଗ୍ରହଣରେ ଏହି ଅଭିଯାନ ଚାଲୁ ରହିଛି, ଯାହା ମଣିଷ ଓ କୁମ୍ଭୀରଙ୍କ ମଧ୍ୟରେ ସୁରକ୍ଷିତ ସହାବସ୍ଥାନକୁ ପ୍ରୋତ୍ସାହିତ କରିବ।

ଚିଲିକା, କାଳିଜାଈ ଓ ସାତପଡ଼ାର ବିକାଶ ନେଇ ନକ୍ସା ପ୍ରସ୍ତୁତି ଉପରେ ଆଲୋଚନା

## ପର୍ଯ୍ୟଟକଙ୍କୁ ବିଶ୍ୱସ୍ତରୀୟ ଆତିଥେୟତା ଉପରେ ଗୁରୁତ୍ୱ

**ନିର୍ମାଣ ହେବ ବାର୍ଡସ ଭ୍ୟୁ ପଏଣ୍ଟ**



ଭୁବନେଶ୍ୱର,୪।୮(ସଂଚାର ବ୍ୟୁରୋ): ଏସିଆର ସର୍ବବୃହତ କ୍ଷାରୀୟ ହ୍ରଦ ଓ ରାମସାର ସାଇଟ୍‌ର ଖ୍ୟାତି ଅର୍ଜନ କରିଥିବା ଚିଲିକା ହ୍ରଦ ଏବଂ ଏଥି ମଧ୍ୟରେ ଥିବା କାଳିଜାଈ ପୀଠ ଏବଂ ସାତପଡ଼ା ଅଞ୍ଚଳର ସାମଗ୍ରିକ ବିକାଶ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ସାରା ଦେଶ ତଥା ବିଶ୍ୱରେ ଚିଲିକା ହ୍ରଦକୁ ନେଇ ଏକ ସ୍ୱତନ୍ତ୍ର ପରିଚୟ ଥିବା ବେଳେ ଏହାର ସାମଗ୍ରିକ ବିକାଶର ନକ୍ସା ପ୍ରସ୍ତୁତି ନେଇ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଚିଲିକା ଆସୁଥିବା ପର୍ଯ୍ୟଟକଙ୍କ ସୁବିଧାସୁଯୋଗ ଲାଗି ଭିତ୍ତିଭୂମି ନିର୍ମାଣ କରାଯିବା ସହ ଆଖପାଖ ଅଞ୍ଚଳକୁ ପର୍ଯ୍ୟଟନ ଦୃଷ୍ଟିକୋଣରୁ ବିକଶିତ କରାଯିବା ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହି କ୍ରମରେ ଚିଲିକାକୁ ଏକ ଆକର୍ଷଣୀୟ ଓ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବା ସହ ମା' କାଳିଜାଈ ପୀଠର ସର୍ବାଙ୍ଗୀନ ବିକାଶ ସହ ଚିଲିକାର ପରିବେଶ, ଜୈବ ବିବିଧତା ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ପରିବେଶ ସମ୍ବେଦନଶୀଳ ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି ମନ୍ତ୍ରୀ ମତ ଦେଇଛନ୍ତି। ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହିସବୁ ଅଞ୍ଚଳର ଭିତ୍ତିଭୂମି ବିକାଶ ଓ ରାସ୍ତାଘାଟର ନିର୍ମାଣ ନେଇ ରାଜ୍ୟର ବିକାଶକୁ ଆଗେଇ ନେବା ଉପରେ ଏକ ସର୍ବଶ୍ରେଷ୍ଠ ନକ୍ସା ପ୍ରସ୍ତୁତି ସହ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ଓବିସିସି ପରିଚାଳନା ନିର୍ଦ୍ଦେଶକ ଅନୁପମ୍ ସାହା, ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଉପସ୍ଥିତ ଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ୧୬ ଅଗଷ୍ଟରୁ ଗ୍ୟାସ ମହଙ୍ଗା!



ନୂଆଦିଲ୍ଲୀ,୪।୮ : ଏଲପିଜି ଉପଭୋକ୍ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସୂଚନା। ଯଦି ଆପଣ ଏଲପିଜି ସିଲିଣ୍ଡର ବ୍ୟବହାର କରନ୍ତି, ଆପଣଙ୍କର ପଞ୍ଜିକୃତ ମୋବାଇଲ୍ ନମ୍ବରରେ ଏକ ମେସେଜ୍ ପାଇଥିବେ ଯେଉଁଥିରେ ଆପଣଙ୍କୁ ଆପଣଙ୍କର ଇ-କେୱାଇସି ପୂରଣ କରିବାକୁ କୁହାଯାଇଥିବ। ତୈଳ ବିପଣନ କମ୍ପାନୀଗୁଡ଼ିକ ଦ୍ୱାରା ପଠାଯାଇଥିବା ଏହି ଏସଏମଏସ, ଏଲପିଜି ବ୍ୟବହାରକାରୀଙ୍କୁ ଯଥାଶୀଘ୍ର କରେଇ ନିଅନ୍ତୁ। ଶେଷ ତାରିଖ ଅଗଷ୍ଟ ୧୬ ତାରିଖ ଧାର୍ଯ୍ୟ କରାଯାଇଛି। ଏହି ତାରିଖ ପରେ ଏଲପିଜି ସିଲିଣ୍ଡର ପାଇବାରେ ଅସୁବିଧା ହୋଇପାରେ। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀମାନେ ସରକାରୀ ସବସିଡି ପାଇବାରେ ସମସ୍ୟା ଦେଖାଦେଇପାରେ। ଏଲପିଜି ଗ୍ରାହକମାନଙ୍କ ପାଇଁ ଅଗଷ୍ଟ ମାସ କିଛି ଆଶ୍ୱସ୍ତି ସହିତ ଆରମ୍ଭ ହୋଇଥିଲା। ତେଲ ବିପଣନ କମ୍ପାନୀଗୁଡ଼ିକ ଅଗଷ୍ଟ ୧, ୨୦୨୬ରୁ ୧୯କେଜି ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ମୂଲ୍ୟକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରି ଆଶ୍ୱସ୍ତି ପ୍ରଦାନ କରିଥିଲେ। ତଥାପି, ଘରୋଇ ଗ୍ୟାସ ସିଲିଣ୍ଡର ମୂଲ୍ୟ ଅପରିବର୍ତ୍ତିତ ରହିଥିଲା। ଏହା ସହିତ, କମ୍ପାନୀଗୁଡ଼ିକ ଏକ ଆଲର୍ଟ ଜାରି କରି ଉପଭୋକ୍ତାମାନଙ୍କୁ ନିରନ୍ତର ସିଲିଣ୍ଡର ଯୋଗାଣ ସୁନିଶ୍ଚିତ କରିବା ପାଇଁ ତୁରନ୍ତ ସେମାନଙ୍କର ଇ-କେୱାଇସି ପୂରଣ କରିବାକୁ ପରାମର୍ଶ ଦେଇଛନ୍ତି।ଘରୋଇ ଏଲପିଜି ଗ୍ରାହକମାନଙ୍କୁ ଅଗଷ୍ଟ ୧୬ ତାରିଖ ସୁଦ୍ଧା ଆଧାର-ଆଧାରିତ ଇ-କେୱାଇସି ଯାଞ୍ଚ ପ୍ରକ୍ରିୟା ସମାପ୍ତ କରିବାକୁ ପଡିବ। ସାର୍ବଜନୀନ କ୍ଷେତ୍ରର ତୈଳ କମ୍ପାନୀଗୁଡ଼ିକ ଏସଏମଏସ୍ ଆଲର୍ଟ କରାଯାଉଛି। ଏହି ସମୟସୀମା ଇ-କେୱାଇସି ନକରାଇଲେ ଏଲପିଜି ସିଲିଣ୍ଡର କ୍ରୟ କରିବାରେ ଅସୁବିଧା ହୋଇପାରେ। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀମାନଙ୍କୁ ମଧ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏଲପିଜି ଇ-କେୱାଇସି ସମାପ୍ତ କରିବାକୁ ପଡିବ। ୨୦୧୬ରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ବର୍ତ୍ତମାନ ସାରା ଦେଶରେ ୧୦ କୋଟିରୁ ଅଧିକ ହିତାଧିକାରୀ ଅଛନ୍ତି। ଏହି ଯୋଜନା ଅଧୀନରେ, ସେମାନେ ବାର୍ଷିକ ଚାରୋଟି ଏଲପିଜି ସିଲିଣ୍ଡର ରିଫିଲ୍ ଉପରେ ₹300 ର ସିଧାସଳଖ ଲାଭ ସ୍ଥାନାନ୍ତର ପାଆନ୍ତି। ଏହା ପ୍ରଦାନ କରାଯାଇଥିବା ନଅଟି ସବସିଡିଯୁକ୍ତ ସିଲିଣ୍ଡର ସହିତ ଅତିରିକ୍ତ। ଏ ସମ୍ବନ୍ଧୀୟ ନିୟମ ଗତ ଜୁନ୍ ମାସରେ ସଂଶୋଧିତ ହୋଇଥିଲା।ତେଲ ମାର୍କେଟିଂ କମ୍ପାନୀଗୁଡ଼ିକ ଏସଏମଏସ ମାଧ୍ୟମରେ ନିରନ୍ତର ସତର୍କତା ପଠାଉଛନ୍ତି। ଏହି ବାର୍ତ୍ତାଗୁଡ଼ିକ ଉଲ୍ଲେଖ କରେ: "ପ୍ରିୟ ଗ୍ରାହକ, ଘରୋଇ ଦରରେ ଏଲପିଜି ସିଲିଣ୍ଡର ପାଇବା ପାଇଁ ଇ-କେୱାଇସି ପୂରଣ କରିବା ବାଧ୍ୟତାମୂଳକ; ପୂର୍ବରୁ ଅନେକ ରିମାଇଣ୍ଡର ପଠାଯିବା ସତ୍ତ୍ୱେ, ଆପଣ ଏପର୍ଯ୍ୟନ୍ତ ଇ-କେୱାଇସି ପ୍ରକ୍ରିୟା ସମାପ୍ତ କରିନାହାଁନ୍ତି।" ଆଲର୍ଟ ସହିତ, ଆଇଓସିଏଲ ନିଜ ଘରର ଆରାମରୁ ଏହି କାର୍ଯ୍ୟ ସମାପ୍ତ କରିବାର ପ୍ରକ୍ରିୟା ସେୟାର କରିଛି। ବାର୍ତ୍ତାଟି ଆହୁରି ବ୍ୟାଖ୍ୟା କରେ ଯେ ଇ-କେୱାଇସି ପ୍ରକ୍ରିୟା 'ଇଣ୍ଡିଆନ୍ ଅଏଲ୍ ୱାନ୍ ଆପ୍' ମାଧ୍ୟମରେ, ବିତରକଙ୍କୁ ଭେଟି କିମ୍ବା ବିତରଣକାରୀଙ୍କ ମାଧ୍ୟମରେ ସମାପ୍ତ କରାଯାଇପାରିବ। ଏଥିରେ ସ୍ପଷ୍ଟ ଭାବରେ କୁହାଯାଇଛି: "ଯଦି ଏହି କାର୍ଯ୍ୟ ଅଗଷ୍ଟ ୧୬ ସୁଦ୍ଧା ସମାପ୍ତ ନହୁଏ, ତେବେ ପ୍ରକ୍ରିୟା ଚୂଡ଼ାନ୍ତ ନହେବା ପର୍ଯ୍ୟନ୍ତ ଆପଣ ଘରୋଇ ଦରରେ ସିଲିଣ୍ଡର ପାଇବା ପାଇଁ ଯୋଗ୍ୟ ହେବେ ନାହିଁ। ଦୟାକରି ଯଥାଶୀଘ୍ର ଇ-କେୱାଇସି ପୂରଣ କରନ୍ତୁ।"

## ବିର୍ଲା ସ୍କୁଲ୍ ଅଫ୍ ଲ'ରେ ଶିକ୍ଷାରମ୍ଭ ଉତ୍ସବ



ଭୁବନେଶ୍ୱର,୪।୮ :ବିର୍ଲା ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟ (ବିଜିୟୁ)ର ବିର୍ଲା ସ୍କୁଲ ଅଫ୍ ଲରେ ଶିକ୍ଷାରମ୍ଭ ଉତ୍ସବ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏଥି ସହିତ ବିବିଏ ଏଲ୍ଏଲ୍ବି (ଅନର୍ସ) ଓ ଏଲ୍ଏଲ୍ଏମ୍ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଜଷ୍ଟିସ୍ ବିଜୟ କୁମାର ନାୟକ ମୁଖ୍ୟ ଅତିଥି, ଖୈତାନ ଆଣ୍ଡ୍ କମ୍ପାନିର ପ୍ରିନ୍ସିପାଲ୍ ଆସୋସିଏଟ୍ ଦିବ୍ୟାଂଶ ଯୋଶୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜଷ୍ଟିସ୍ ନାୟକ ନିଜ ଦୀକ୍ଷାନ୍ତ ଅଭିଭାଷଣରେ ଛାତ୍ରଛାତ୍ରୀମାନଙ୍କୁ ନିଜ ସହପାଠୀ, ଗୁରୁଜନ ଓ ଆଖପାଖ ଦୁନିଆରୁ ନିରନ୍ତର ଶିଖିବାକୁ କହିଥିଲେ। ନିଜ ବ୍ୟକ୍ତିଗତ ବିକାଶ ପାଇଁ ଏଆଇ ଓ ଆଧୁନିକ ଜ୍ଞାନକୌଶଳର ସାହାଯ୍ୟ ନେବାକୁ କହିଥିଲେ। ବିଜିୟୁର କୁଳପତି ପ୍ରଫେସର କୁଳଭୂଷଣ ବଲୁନି, ବିର୍ଲା ସ୍କୁଲ ଅଫ୍ ଲର ଡିନ୍ ପ୍ରଫେସର ଡ. ସୁକାନ୍ତ କୁମାର ନନ୍ଦ ଓ କୁଳସଚିବ ତନ୍ମୟ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ବିର୍ଲା ସ୍କୁଲ ଅଫ୍ ଲର ଆସୋସିଏଟ୍ ପ୍ରଫେସର ଡ. ମିତାଶ୍ରୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ୮ ହଜାର କର୍ମଚାରୀଙ୍କୁ ଛଟେଇ କଲେ ମାର୍କ ଜୁକରବର୍ଗ

ନୂଆଦିଲ୍ଲୀ,୪।୮ : ବିଶ୍ୱର ଅନେକ ପ୍ରତିଷ୍ଠିତ କମ୍ପାନି ଏବେ ଏଆଇ ଉପରେ ବଡ଼ ନିବେଶ କରୁଛନ୍ତି। ଯେଉଁଥିରେ ମେଟା ବି ପଛରେ ପଡ଼ିନାହିଁ। କମ୍ପାନି ଏଆଇରେ ବଡ଼ ନିବେଶ କରୁଛି। ହେଲେ ଏହି ନିବେଶ କିନ୍ତୁ ଅନେକଙ୍କ ଚାକିରି ନେଇଛି। କାରଣ ନିବେଶରେ ଆବଶ୍ୟକ ପଡୁଥିବା ପାଣ୍ଠି ପାଇଁ କର୍ମଚାରୀଙ୍କ ଛଟେଇ କରୁଛି କମ୍ପାନି। ହେଲେ ସେପଟେ ମେଟା ସିଇଓ କହିଛନ୍ତି ଏଆଇ ଦ୍ୱାରା ନୂତନ ଚାକିରି ସୃଷ୍ଟି ହେଉଛି। ଏମିତିରେ ଗୋଟିଏ ପଟେ ଏଆଇ ପାଇଁ କର୍ମଚାରୀଙ୍କ ଛଟେଇ କରିବା ଏବଂ ଅନ୍ୟପଟେ ଏହା ଯୋଗୁ ନୂଆ ଚାକିରି ମିଳିବା କଥା କହିବାକୁ ଅନେକ ନାପସନ୍ଦ କରିଛନ୍ତି। ଆଉ ମେଟା ମୁଖ୍ୟଙ୍କ ଏହି ବୟାନକୁ ନେଇ ଏବେ ସାରା ବିଶ୍ୱରେ ଚର୍ଚ୍ଚା ଓ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ମେଟା କମ୍ପାନି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) କୁ ଅଧିକ ଗୁରୁତ୍ୱ ଦେବା ପାଇଁ ପ୍ରାୟ ୮,୦୦୦ କର୍ମଚାରୀଙ୍କୁ (ମୋଟ କର୍ମଚାରୀଙ୍କ ୧୦ ପ୍ରତିଶତ) ଚାକିରିରୁ ବାହାର କରିଦେଇଛି। ଏହାସହ ପ୍ରାୟ ୭,୦୦୦ କର୍ମଚାରୀଙ୍କୁ ଅନ୍ୟ ବିଭାଗରୁ ହଟାଇ ଏଆଇ ପ୍ରୋଜେକ୍ଟରେ ନିୟୋଜିତ କରାଯାଇଛି। ଚଳିତ ୨୦୨୬ ବର୍ଷରେ କମ୍ପାନି ଏଆଇ ଭିତ୍ତିଭୂମି ପାଇଁ ପ୍ରାୟ ୧୩୦ ବିଲିୟନରୁ ୧୪୫ ବିଲିୟନ ଡଲାର (ଭାରତୀୟ ମୁଦ୍ରାରେ ଲକ୍ଷ ଲକ୍ଷ କୋଟି ଟଙ୍କା) ଖର୍ଚ୍ଚ କରିବାକୁ ଯାଉଛି, ଯାହା ଗତବର୍ଷ ତୁଳନାରେ ଦୁଇଗୁଣ ଅଟେ। ଏଭଳି ବଡ଼ ଧରଣର ଛଟେଇ ପରେ ବି ଜୁକରବର୍ଗ ଏକ ସାକ୍ଷାତକାରରେ କହିଛନ୍ତି ଯେ, ଏଆଇ କାରଣରୁ ଚାକିରି ହରାଇବା ନେଇ ଲୋକଙ୍କ ମନରେ ଥିବା ଭୟ ଭୁଲ୍ ପ୍ରମାଣିତ ହୋଇଛି। ଏଆଇ ପାଇଁ ବଡ଼ ବଡ଼ ଡାଟା ସେଣ୍ଟର ଓ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ପଡୁଥିବାରୁ ଏହା ବହୁ ସଂଖ୍ୟାରେ ନୂତନ ନିଯୁକ୍ତି ସୃଷ୍ଟି କରୁଛି। ମେଟା ବର୍ତ୍ତମାନ ବିଶ୍ୱବ୍ୟାପୀ ୩୨ଟି ଡାଟା ସେଣ୍ଟର ଚଳାଉଛି, ଯେଉଁଥିପାଇଁ ହଜାର ହଜାର ଇଲେକ୍ଟ୍ରିସିଆନ୍, କନଷ୍ଟ୍ରକ୍ସନ କୁ ଏବଂ କୁଲିଂ ଇଞ୍ଜିନିୟରଙ୍କ ଆବଶ୍ୟକତା ପଡୁଛି। ତେବେ ଜୁକରବର୍ଗଙ୍କ ଏହି ଯୁକ୍ତି ସାଧାରଣ ଲୋକଙ୍କ ପାଇଁ ଯେତେ ଆକର୍ଷଣୀୟ ହେଲେ ବି, ମେଟା କମ୍ପାନିର କର୍ମଚାରୀଙ୍କ ପାଇଁ ଏହା ଅତ୍ୟନ୍ତ ଯନ୍ତ୍ରଣାଦାୟକ ଥିଲା।




କାରଣ ଭୋର ୪ଟାରୁ ଇମେଲ୍ ଜରିଆରେ କର୍ମଚାରୀଙ୍କୁ ଛଟେଇର ସୂଚନା ଦିଆଯାଇଥିଲା। କମ୍ପାନି ଛାଡୁଥିବା ସହକର୍ମୀମାନଙ୍କୁ କର୍ମଚାରୀମାନେ ଅନ୍ତରୀଣ ମେସେଜିଂ ଆପ୍ରେ 'ସାଲାଡ୍ ଇମୋଜି' (ଯାହାର ଅର୍ଥ ସାଲ୍ୟୁଟ୍) ଦେଇ ବିଦାୟ ଜଣାଇଥିଲେ। କେବଳ ସେତିକି ନୁହେଁ, ଏଆଇ ମଡେଲକୁ ଟ୍ରେନିଂ ଦେବା ପାଇଁ ଲ୍ୟାପଟପ୍ରେ କର୍ମଚାରୀଙ୍କ କି-ଷ୍ଟ୍ରୋକ୍ ଏବଂ ମାଉସ୍ ମୁଭମେଣ୍ଟ ଉପରେ ନଜର ରଖାଯାଉଥିବାରୁ ଏହାକୁ ବିରୋଧ କରି ୧,୦୦୦ରୁ ଅଧିକ କର୍ମଚାରୀ ଏକ ଆବେଦନ ପତ୍ରରେ ସ୍ୱାକ୍ଷର ମଧ୍ୟ କରିଥିଲେ। ଅତ୍ୟଧିକ ଟଙ୍କା ଏଆଇ ଉପରେ ଖର୍ଚ୍ଚ ହେଉଥିବାରୁ ୱାଲ୍ ଷ୍ଟ୍ରିଟ୍ର ନିବେଶକମାନେ ମଧ୍ୟ ଚିନ୍ତାରେ ପଡ଼ିଛନ୍ତି। ମେଟାର ଦ୍ୱିତୀୟ ତ୍ରୈମାସିକ ମୁକ୍ତ ନଗଦ ପ୍ରବାହ ପ୍ରାୟ ୯୧ ପ୍ରତିଶତ ହ୍ରାସ ପାଇ ୭୮୪ ମିଲିୟନ ଡଲାରକୁ ଖସି ଆସିଛି। ତେବେ ଜୁକରବର୍ଗ ନିଜ ନିଷ୍ପତ୍ତିରେ ଦୃଢ଼ ରହି କହିଛନ୍ତି ଯେ, ଏହି ବଡ଼ ନିବେଶର ସୁଫଳ ଆଗାମୀ ଦିନରେ ନିଶ୍ଚିତ ଭାବେ ମିଳିବ।

## ଅଟୋ ସେକ୍ଟର ପାଇଁ ୪,୦୦୦ କୋଟି ଯୋଜନା

ନୂଆଦିଲ୍ଲୀ,୪।୮ : ଭାରତୀୟ ଅଟୋମୋବାଇଲ ଶିଳ୍ପ ବର୍ତ୍ତମାନ ଏକ ପ୍ରମୁଖ ପ୍ରଯୁକ୍ତିବିଦ୍ୟା ଏବଂ ସାଂରଚନିକ ପରିବର୍ତ୍ତନ ଦେଇ ଗତି କରୁଛି। ବୈଦ୍ୟୁତିକ ଯାନ (EVs) ପାଇଁ ବର୍ଦ୍ଧିତ ଚାହିଦା ଏବଂ ଉନ୍ନତ ଅଟୋମୋଟିଭ ପ୍ରଯୁକ୍ତିବିଦ୍ୟା (AAT) ର ପ୍ରସାର ମଧ୍ୟରେ, କେନ୍ଦ୍ର ସରକାରଙ୍କ ଉତ୍ପାଦନ-ସଂଯୁକ୍ତ ପ୍ରୋତ୍ସାହନ (ଅଟୋ PLI) ଯୋଜନା ଏହାର ସବୁଠାରୁ ପ୍ରଭାବଶାଳୀ ପର୍ଯ୍ୟାୟରେ ପ୍ରବେଶ କରୁଛି। 2026-27 ଆର୍ଥିକ ବର୍ଷ (FY27) ରେ ଅଟୋ PLI ଯୋଜନା ଅଧୀନରେ ପ୍ରୋତ୍ସାହନ ବଣ୍ଟନ ୪,୦୦୦ କୋଟି ଛୁଇଁବ ବୋଲି ଆକଳନ କରାଯାଇଛି। ଉତ୍ପାଦନ ପ୍ଲାଣ୍ଟ ସ୍ଥାପନ ଏବଂ ଯଥେଷ୍ଟ ପୁଞ୍ଜି ନିବେଶ (କ୍ୟାପେକ୍ସ) କରିବାରେ ପ୍ରାରମ୍ଭିକ ବର୍ଷଗୁଡ଼ିକ ବିତାଇବା ପରେ, ଅଟୋ କମ୍ପାନୀ ଏବଂ ଉପାଦାନ ନିର୍ମାତାମାନେ ଏବେ ବଡ଼ ପରିମାଣର ଉତ୍ପାଦନ ଆରମ୍ଭ କରିଛନ୍ତି। ଏହାର ସିଧାସଳଖ ଲାଭ ପ୍ରୋତ୍ସାହନ ପ୍ରଦାନ ରୂପରେ ପ୍ରକାଶ ପାଇବା ଆରମ୍ଭ ହୋଇଛି। ସରକାର ଏହି ଆର୍ଥିକ ବର୍ଷରେ ଅଟୋମୋବାଇଲ ଏବଂ ଅଟୋ ପାର୍ଟସ ପାଇଁ ଉତ୍ପାଦନ-ସଂଯୁକ୍ତ ପ୍ରୋତ୍ସାହନ (ଅଟୋ-ପିଏଲଆଇ) ଯୋଜନା ଅଧୀନରେ ପ୍ରାୟ ୪,୦୦୦ କୋଟି ଟଙ୍କା ପ୍ରଦାନ କରିବାକୁ ଆଶା କରୁଛନ୍ତି। ଏହି ପ୍ରୋତ୍ସାହନ ୨୦୨୬ ଆର୍ଥିକ ବର୍ଷରେ ବର୍ଦ୍ଧିତ ବିକ୍ରୟ ହାସଲ କରୁଥିବା ଯୋଗ୍ୟ କମ୍ପାନୀଗୁଡ଼ିକୁ ପ୍ରଦାନ କରାଯିବ। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟରେ ୫,୯୩୯.୮୭ କୋଟିର ବ୍ୟବସ୍ଥା କରାଯାଇଛି, ଯାହା ପୂର୍ବ ଆର୍ଥିକ ବର୍ଷରେ ଆବଣ୍ଟିତ ୨,୦୯୧.୨୬ କୋଟିର ପ୍ରାୟ ତିନି ଗୁଣ। ଏହି ଯୋଜନାକୁ ପ୍ରଥମେ ସେପ୍ଟେମ୍ବର ୨୦୨୧ରେ ଅନୁମୋଦନ କରାଯାଇଥିଲା ଏବଂ ଏହାର ମୋଟ ବଜେଟ ବ୍ୟୟ ଅଟକଳ ୨୫,୯୩୮ କୋଟି ଥିଲା।



## ଏଲଆଇସି ଅଂଶଧନ ବିକିବେ ସରକାର

ନୂଆଦିଲ୍ଲୀ,୪।୮ : ଭାରତ ସରକାର ତାଙ୍କର ବିନିବେଶ କାର୍ଯ୍ୟକ୍ରମରେ ୪ ଅଗଷ୍ଟ ମଙ୍ଗଳବାର ନନ-ରିଟେଲ ନିବେଶକଙ୍କ ଲାଗି ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି)ରେ ଅଫର ଫର ସେଲ (ଓଏଫଏସ୍) ଆରମ୍ଭ କରିବେ। ତେବେ ରିଟେଲ ଇନଭେଷ୍ଟର ବୁଧବାର ସେମାନଙ୍କ ବୋଲି ଲଗାଇ ପାରିବେ। ଏହି ଘୋଷଣା ନିବେଶ ଓ ସାର୍ବଜନିକ ସମ୍ପତ୍ତି ପ୍ରବନ୍ଧନ ବିଭାଗ (ଡିଆଇପିଏଏମ) ସଚିବ ଅରୁଣେଶ ଚାୱଲା ଏକ ସୋସିଆଲ ମିଡିଆ ପୋଷ୍ଟରେ କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ଏଲଆଇସି ରେ ଅଫର ଫର ସେଲ ମଙ୍ଗଳବାର ନନ-ରିଟେଲ ନିବେଶକଙ୍କ ଲାଗି ଖୋଲିବ, ତେବେ ରିଟେଲ ଇନଭେଷ୍ଟର ବୁଧବାର ବୋଲି ଲଗାଇ ପାରିବେ। ସରକାର ୨.୫% ଇକ୍ୱିଟିର ବିନିବେଶ କରିବେ, ଯେଉଁଥିରେ ଗ୍ରୀନ ସୁ ଅପସନରେ ଅତିରିକ୍ତ ୪% ସାମିଲ ରହିଛି। ଏଥି ପାଇଁ ପ୍ରତି ସେୟାର ଫ୍ଲୋର ପ୍ରାଇସ୍ ୩୮୨ ଟଙ୍କା ଧାର୍ଯ୍ୟ କରାଯାଇଛି। ଏଣୁ ସମୟ ପୂର୍ବରୁ ଏମପିଏସ୍ ମାଇଲଷ୍ଟୋନ ହାସଲ କରିବାରେ ସହାୟତା ମିଳିବ। ଏହି ଅଫରରେ ସରକାର ଦେଶର ସର୍ବ ବୃହତ୍ତ ବୀମା କମ୍ପାନୀରେ ଥିବା ତାଙ୍କ ଇକ୍ୱିଟି ଅଂଶଧନର ୨.୫% ବିକ୍ରି କରିବେ। ଅଫର ଫର ସେଲ ଏକ ଏପରି ବ୍ୟବସ୍ଥା ଯେଉଁଥିରେ ଷ୍ଟକ୍ ଏକ୍ସଚେଞ୍ଜ ମାଧ୍ୟମରେ ବଜାର ନିୟମ ଅନୁସାରେ ଲିଷ୍ଟେଡ କମ୍ପାନୀମାନଙ୍କୁ ସାର୍ବଜନିକ ସେୟାରଧାରିତାର ଏକ ନିର୍ଦ୍ଧାରିତ ସର୍ବନିମ୍ନ ସ୍ତର କାୟମ ରଖିବା ଆବଶ୍ୟକ ହୋଇଥାଏ। ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ସାଧାରଣତଃ ଓଏଫଏସ ମାର୍ଗ ଅବଲମ୍ବନ କରାଯାଏ। ନିଜ ସେୟାରଧାରତାର କିଛି ଅଂଶ ବିକ୍ରି କରନ୍ତି। ଏହି ରାସ୍ତା ପ୍ରମୋଟରଙ୍କୁ ପାରଦର୍ଶୀ ଉପାୟରେ ନିଜର ଅଂଶ ହ୍ରାସ କରିବାକୁ ସକ୍ଷମ କରେ, ସେହିପରି ସଂସ୍ଥାଗତ ଓ ରିଟେଲ ଇନଭେଷ୍ଟରଙ୍କୁ ସେୟାର ବିକ୍ରିରେ ଅଂଶ ଗ୍ରହଣ କରିବାକୁ ଅବସର ପ୍ରଦାନ କରିଥାଏ। ଡିଆଇପିଏଏମ ସଚିବଙ୍କ ଅନୁସାରେ ଅଂଶଧନ ବିକ୍ରିରେ ସରକାରଙ୍କ ସର୍ବନିମ୍ନ ସାର୍ବଜନିକ ସେୟାରଧାରିତା (ଏମପିଏସ)ର ମାଇଲଷ୍ଟୋନକୁ ସମୟ ପୂର୍ବରୁ ହାସଲ କରିବାରେ ସହାୟତା ମିଳିବ। ପ୍ରତିଭୂତି









## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୩,୫୧୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୧,୫୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୩,୫୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୧,୫୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୩,୫୧୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୧,୫୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୩,୬୬୦ ଟଙ୍କା ଓ ୨୨ କ୍ୟାରଟେ ୧,୩୧,୭୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୩,୫୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୧,୫୫୦ ଟଙ୍କା ରହିଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୯.୩୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୧.୦୨ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୯୪ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୭୧ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

## ଛାତ୍ରୀଙ୍କୁ ବଳାତ୍କାର ମାମଲା
# ନିର୍ଦ୍ଦୋଷରେ ଖଲାସ ହେଲେ ଶିକ୍ଷକ

ଫୁଲବାଣୀ,୪।୮ (ସଂଚାର ବ୍ୟୁରୋ)ଃ ଜଣେ ଛାତ୍ରୀଙ୍କୁ ତାଙ୍କ ବିଦ୍ୟାଳୟର ଜଣେ ଶିକ୍ଷକ ବଳାତ୍କାର କରିବା ମାମଲାର ରାୟ ସୋମବାର ପ୍ରକାଶ ପାଇଛି । ପୋକ୍ସୋ କୋର୍ଟ ବିଚାରପତି ମନୋରଂଜନ ଦାସ ଏହି ମାମଲାର ବିଚାର କରି ଅଭିଯୁକ୍ତ ଥିବା ଶିକ୍ଷକଙ୍କୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି । ଶିକ୍ଷକ ଜଣକ ହେଲେ କୁନୁ ଭୋଇ । ସେ କଟ୍ରିଙ୍ଗିଆ ସ୍ଥିତ ଏକ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ ।

ମିଳିଥିବା ସୁଚନା ଅନୁସାରେ ଫୁଲବାଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗତ ନଭେମ୍ବର ୨୧ରେ ବିଜ୍ଞାନ ମେଳା ଆୟୋଜିତ ହୋଇଥିଲା । ଶିକ୍ଷକ ଭୋଇ ଛାତ୍ରୀଙ୍କୁ ତାଙ୍କ ପ୍ରକଳ୍ପ ନେଇ ସେଠାକୁ ଯାଇଥିଲେ । ଫେରିବା ବାଟରେ ଅନ୍ଧାର ହେବାର ସୁଯୋଗ ନେଇ, ଛାତ୍ରୀଙ୍କୁ ଭୟ ଦେଖାଇ ବଳାତ୍କାର କରିଥିଲେ । ଶିକ୍ଷକ ଭୋଇ ହଷ୍ଟେଲ ଦାୟିତ୍ୱରେ ରହି ବିଦ୍ୟାଳୟରେ ରହୁଥିଲେ । ଏହା ଭିତରେ ଛାତ୍ରୀଙ୍କୁ ଡାକି ପୁଣି ବଳାତ୍କାର କରିଥିବା ନେଇ ପରିବାର ପକ୍ଷରୁ ଗୋଚ୍ଛାପଡା ଥାନାରେ ଏତଲା ଦିଆ ଯାଇଥିଲା । ବିଚାରପତି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଉପରୋକ୍ତ ଶୁଣାଣୀ କରିଛନ୍ତି ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ
# ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି



ଫୁଲବାଣୀ, ୪।୮ (ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ଅଂଚଳରେ ଜଣେ ଯୁବକଙ୍କୁ କିଛି ଦୁର୍ବୃତ୍ତ ମାରନାତ୍ମକି ଆକ୍ରମଣ କରିବା ଫଳରେ ଯୁବକ ଜଣକ ଗୁରୁତର ଅବସ୍ଥାରେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି ହୋଇଛନ୍ତି। ଘଟଣାଟି ଏହି ଗୋଛାପଡା ଥାନା ଅଧୀନରେ ଥିବା କଟିରିଗିଆ ପଞ୍ଚାୟତ ଗାଡିପଦର ଗାଁରେ। ସୂଚନା ଅନୁସାରେ ଏହି ଗାଡି ପଦର ଗାଁର ଚନ୍ଦନ ଦିଗାଲ ୩୪ ବର୍ଷ ନାମକ ଜଣେ ଯୁବକ ଗାଈ ଚରାଇ ନିଜ ଘରକୁ ଆସୁଥିବା ସମୟରେ ତାଙ୍କ ଘରଠୁ କିଛ ଦୂରରେ ପାଞ୍ଚରୁ ସାତ ଜଣ ଦୁର୍ବୃତ୍ତ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଧରି ଅତର୍କିତ ଆକ୍ରମଣ କରିଥିଲେ। ଏହାକୁ ଦେଖି କିଛି ଗ୍ରାମବାସୀ ଘଟଣା ସ୍ଥଳକୁ ପଳେଇ ଆସିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲା। ଯୁବକଙ୍କୁ ପରିବାର ଲୋକେ ଓ ସ୍ଥାନୀୟ ଗ୍ରାମବସୀ ଗୁରୁତର ଅବସ୍ଥାରେ ମେଡିକାଲକୁ ଆଣିଥିଲେ। ପରେ ଘଟଣାକୁ ନେଇ ଯୁବକଙ୍କ ପିତା ଷଣ୍ଢ ଦିଗାଲ ଗୋଛାପଡା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଗୋଛାପଡା ଥାନା ଅଧିକାରୀଙ୍କୁ ପଚାରିବାରୁ ଆସାମୀ ତିନି ଜଣ ଫେରାର ଅଛନ୍ତି। ଆଟେନ ଟୁ ମଡେଲ କେଶ୍ ୧୧୮/୨୦୨୬ରେ ମାମାଲା ରୁଜୁ କରିଛନ୍ତି ବୋଲି ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ତଦନ୍ତ ଜାରି ରଖିଥିବା ଜଣାପଡିଛି

# ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ



ଢେଙ୍କାନାଳ, ୪।୮ (ସଂଚାର ବ୍ୟୁରୋ)ଃ ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ଘଟିପିରି ଗ୍ରାମ ନିକଟ ଏକ ପୋଖରୀରେ ବୁଡ଼ି ଜଣେ ୨୩ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ବୃନ୍ଦାବନପୁର ଗ୍ରାମର ଅଜୟ ସାହୁଙ୍କ ପୁଅ ବିକାଶ ସାହୁ। ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ବୃନ୍ଦାବନପୁର ଗ୍ରାମର ଅଜୟ ସାହୁଙ୍କ ୨୩ ବର୍ଷୀୟ ପୁଅ ବିକାଶ ସାହୁ ପ୍ରତିଦିନ ପରି ମଙ୍ଗଳବାର ମଧ୍ୟାହ୍ନରେ ଘଟିପିରି ଗ୍ରାମ ନିକଟସ୍ଥ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। କିନ୍ତୁ ଦୀର୍ଘ ସମୟ ଧରି ଘରକୁ ନଫେରିବାରୁ ପରିବାର ଲୋକ ଓ ସ୍ଥାନୀୟ ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଖୋଜାଖୋଜି ବେଳେ ବିକାଶ ପୋଖରୀରେ ବୁଡ଼ି ଯାଇଥିବା ସନ୍ଦେହ କରାଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ପୋଖରୀରୁ ଉଦ୍ଧାର କରାଯାଇଥିଲା। ପରେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ସୂଚନା ମିଳିଛି। ଘଟଣା ଖବର ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଘଟଣା ପରେ ପରିବାରରେ ଶୋକର ଛାୟା ଖେଳିଯାଇଥିଛି।

# ବନ୍ୟାରେ ଧୋଇଗଲା ରାସ୍ତା, ୨୦ ଫୁଟ୍‌ର ଘାଇ

## ମହିଷାପଟା ପଞ୍ଚାୟତକୁ ଜରୁରୀ ସେବା ଠପ୍



ନୀଳଗିରି, ୪।୮ (ସଂଚାର ବ୍ୟୁରୋ)ଃ ଗତ ୨୭ତାରିଖଠାରୁ ଲଗାଣ ବର୍ଷା ଯୋଗୁ ନୀଳଗିରି ବ୍ଲକ୍‌ରେ ବନ୍ୟା ପରିସ୍ଥିତି ଉପୁଜିଛି। ବହୁ ଗ୍ରାମ ଜଳବନ୍ଦି ହୋଇଥିଲା ବେଳେ ଏବେ ପାଣି ଖସିବାରେ ଲାଗିଛି। ହେଲେ ବନ୍ୟାରେ ଅନେକ ସ୍ଥାନରେ ରାସ୍ତା ଧୋଇଯାଇଛି ନୀଳଗିରି ବ୍ଲକ ଅଧିନସ୍ଥ ମହିଷାପଟା ପଞ୍ଚାୟତର ପାଟଣା - ଜାମବଣି କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଟି ଷଡଙ୍ଗୀ ଘର ବିଲ ନିକଟରେ ଧୋଇହୋଇ. ଯାଇଛି। ଉକ୍ତ କ୍ତ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେବା ଫଳରେ ୨୦ ଫୁଟ୍‌ର ଏକ ଘାଇ ହୋଇଜାଇଛି। ଫଳରେ ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ପାଟଣା -ଜାମବଣି ଗ୍ରାମ ସହ ପଞ୍ଚାୟତକୁ ଆମ୍ବୁଲାନ୍ସ ଓ ଦମକଳ ଭଳି ଜରୁରୀକାଳୀନ ସେବା ଠପ୍ ହୋଇଯାଇଛି। ଏବିଷୟରେ ବିଭାଗୀୟ ଅଧିକାରୀ ତଥା ସରପଞ୍ଚ ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ବି କୌଣସି ପଦକ୍ଷେପ ନିଆ ଯାଇନଥିବାରୁ ତୁରନ୍ତ ଏହି ରାସ୍ତା ମରାମତି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ରାଇବଣିଆ ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ

# ତଫସିଲଭୁକ୍ତ ଜାତି ଓ ଜନଜାତିଙ୍କ ଉପରେ ବଢୁଛି ନିର୍ଯାତନା



ବାଲିଆପାଳ,୪।୮ (ସଂଚାର ବ୍ୟୁରୋ)ଃ ରାଜ୍ୟରେ ଡବଲ ଇଂଜିନ ସରକାର ନିଜକୁ ଲୋକଙ୍କ ସରକାର ବୋଲି ଡିଣ୍ଡିମ ପିଟୁଥିବା ବେଳେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ରାଇବଣିଆ ଥାନା ଅଞ୍ଚଳରେ ତଫସିଲା ଭୁକ୍ତ ଜାତି ଓ ଜନଜାତିର ମହିଳାମାନେ ଦୁର୍ବୃତ୍ତ ମାନଙ୍କ ଦୈହିକ ଆକ୍ରମଣର ଶିକାର ହେଉଛନ୍ତି। ରାଇବଣିଆ ଥାନାର ମହିଳା ଆଇଆଇସି ଏତଲା ଗ୍ରହଣ କରି କେବଳ ମାମଲା ପଞ୍ଜିକରଣ କରି ହାତ ବାନ୍ଧି ବସିଛନ୍ତି।

ଅନ୍ୟ ପକ୍ଷରେ ଅଭିଯୋଗକାରୀ ମାନେ ଥାନାକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି। ଏପରିକି ପୁରୁଷ ଅଭିଯୁକ୍ତ ଜଣକ ମହିଳାଙ୍କ ଛୁଟି ଧରି ଘୋଷାଡି ଘୋଷାଡି ମାରପିଟ କରିବା ସହ ନିର୍ଯ୍ୟାତନା ଦେବା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ରାମଚନ୍ଦ୍ର ପରିଡ଼ା ଓ ତାଙ୍କ ପତ୍ନୀ ପୂର୍ଣ୍ଣିମା ପରିଡ଼ାଙ୍କୁ ତୁରନ୍ତ ଗିରଫ କରିବା ପାଇଁ ୩ତାରିଖ ସୋମବାର ପୂର୍ବାହ୍ନରେ ରାଇବଣିଆ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନିର୍ଯ୍ୟାତିତା ମହିଳା ଟିକି ଘଡ଼େଇ, ସ୍ୱାମୀ ସଞ୍ଜୟ ଘଡ଼େଇ, ରବୀନ୍ଦ୍ର ଘଡ଼େଇ, ଜ୍ୟୋତ୍ସ୍ନା ରାଣୀ ଘଡ଼େଇ, ବୃଦ୍ଧା ମାତା ରେବତୀ ଘଡ଼େଇ ପ୍ରମୁଖ ଦାବୀ କରିଛନ୍ତି।

ଗତ ତା ୨୫/୦୬/୨୦୨୬ରିଖ ଅପରାହ୍ନରେ ପିଲାକଳିକୁ କେନ୍ଦ୍ର କରି ପଡ଼ୋଶୀଙ୍କ ସହ ଯୁକ୍ତି ତର୍କ ହେବାପରେ ଉଭୟ ପରିବାର ମଧ୍ୟରେ ଆପୋଷ ବୁଝାମଣା ହୋଇଥିଲା। ମାତ୍ର ଉକ୍ତ ଦିନ ରାତ୍ରୀ ୧୦ଟା ସମୟ ରେ ପୂର୍ଣ୍ଣିମା ପରିଡ଼ା ଙ୍କ ସ୍ୱାମୀ ରାମଚନ୍ଦ୍ର ପରିଡ଼ା ହାତରେ ବାଉଁଶ ଧରି ଟିକି ଘଡ଼େଇଙ୍କ ଘରେ ପ୍ରବେଶ କରି ଅଶ୍ଳୀଳ ଭାଷାରେ ଜାତି ଉଠାଇ ଗାଳି ଗୁଲଜ କରିବା ସଙ୍ଗେ ସଙ୍ଗେ ଟିକି ଘଡ଼େଇଙ୍କୁ ଟଣାଉଟରା କରି ଛୁଟି ଧରି ଘୋଷାଡ଼ି ଘୋଷାଡ଼ି ମାରପିଟ କରିବା ସମୟରେ ପରିବାର ଲୋକେ ଟିକିଙ୍କୁ ଉଦ୍ଧାର କରି ନିକଟସ୍ଥ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ।

ଏସମ୍ପର୍କରେ ରାଇବଣିଆ ଥାନାରେ ଟିକି ଘଡ଼େଇ ଲିଖିତ ଏତଲା ଦେବା ପରେ ପୋଲିସ ତା୨୮/୦୬/୨୦୨୬ରିଖ ରେ ଥାନାରେ ଏକ ମାମଲା ନଂ ୧୦୪/୨୬ଦଫା ୧୨୬(୨)/୨୯୬/ ୧୧୫(୨)/ ୭୪/୩୫୧(୨)/୩(5)ବି ଏନଏସ ୨୦୨୩, ଏସସି ଏସଟି ନିର୍ଯ୍ୟାତନା ଆଇନ୧୯୮୯(ଏମେଣ୍ଡମେଣ୍ଟ ୨୦୧୫)ର ଧାରା ୩(୧)(ଆର ), ୩(୧)(ଏସ ), ୩(୨)(ଭି ଏ )ମୂଳେ ରୁଜୁ କରିଛି। ମାତ୍ର ଘଟଣାର ଦୁଇ ମାସ ବିତିଯାଇଥିବା ବେଳେ ଅଭିଯୁକ୍ତ ମାନେ ସ୍ପଷ୍ଟ ଦିବାଲୋକରେ ଘୁରି ବୁଲୁଥିବା ବେଳେ ଅଦ୍ୟାବଧି ଅଭିଯୁକ୍ତ ସ୍ୱାମୀ ସ୍ତ୍ରୀଙ୍କୁ ଗିରଫ କରିବାରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି ବୋଲି ନିର୍ଯ୍ୟାତିତ ପରିବାର ବର୍ଗ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି।

ସେହିପରି ରାଇବଣିଆ ଥାନା ଅନ୍ତର୍ଗତ କବାଟଘାଟି ଗ୍ରାମର କୁନାରାମ ମୁର୍ମୁଙ୍କୁ ଗତ ମାର୍ଚ୍ଚ ୨୩ତାରିଖ ସକାଳ ୯ଟା ସମୟରେ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଔଷଧ ନେଇ ଘରକୁ ଗାଡ଼ିରେ ଯାଉଥିବା ବେଳେ ରାସ୍ତାରେ ରାଇବଣିଆ ଗ୍ରାମର ମହେଶ୍ୱର ଦାସ, ସଞ୍ଜୀବ ଜେନା ଓ ଉତ୍ତମ ଜେନା ତାଙ୍କ ଗାଡ଼ି ଅଟକାଇ ଠେଲାପେଲା କରିବା ସହ ଜାତି ଉଠାଇ ଗାଳିଗୁଲଜ କରି ମରଣାନ୍ତକ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ କୁନାରାମ ମୁର୍ମୁ ରାଇବଣିଆ ଥାନାରେ ଲିଖିତ ଏତଲା ଦେବାପରେ ଥାନାରେ ପୋଲିସ ଏକ ମାମଲା ନଂ ୪୩/୨୬ ମୂଳେ ରୁଜୁ କରିଥିବା ବେଳେ ଦୀର୍ଘ ପାଞ୍ଚ ମାସ ପରେ ମଧ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ କରିନାହିଁ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ କୁନାରାମ ମୁର୍ମୁ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହସ୍ତକ୍ଷେପ କରିବା ପାଇଁ ଜନସାଧାରଣରେ ଦୃଢ଼ ଦାବୀ ହେଉଛି।

# ବାବା ବିଶ୍ୱନାଥ ମହାଦେବ ମନ୍ଦିରରେ କାଉଡ଼ିଆଙ୍କ ଜଳାଭିଷେକ



ଯାଜପୁର ରୋଡ଼, ୪।୮ (ସଂଚାର ବ୍ୟୁରୋ)ଃ ପବିତ୍ର ଶ୍ରାବଣ ମାସର ତୃତୀୟ ସୋମବାର ଉପଲକ୍ଷେ ବ୍ୟାସନଗର ପୌରାଅଂଚଳ ସହରର ମହାଦେବ ସେନା ବୋଲବମ୍ ସଂଘର କାଉଡ଼ିଆମାନେ ସ୍ଥାନୀୟ ବ୍ୟାସ-ସରୋବର ଗୁପ୍ତ ଗଙ୍ଗାର ପବିତ୍ର ଜଳାଶୟରୁ ଜଳ ସଂଗ୍ରହ କରି ସେଠାରୁ ଯାତ୍ରା ଆରମ୍ଭ କରି ଓ୍ୱାର୍ଡ ନଂ-୧୬ ସ୍ଥିତ ଉମାପଦା, ହାଉସିଂ ବୋର୍ଡରେ ବିରାଜମାନ ହୋଇଥିବା ଓଁ ଶ୍ରୀ ଶ୍ରୀ ବାବା ବିଶ୍ୱନାଥ ମହାଦେବ ମନ୍ଦିରରେ ପହଂଚି ପଣ୍ଡିତବ୍ରାହ୍ମଣ ଶ୍ରୀ ବଳରାମ ଦାଶଙ୍କ ମନ୍ତ୍ର ଉଚ୍ଚାରଣ ଦ୍ୱାରା କାଉଡ଼ିଆ ମାନେ ନିଜ ନିଜର ମନସ୍କାମନା ପୂରଣ ଲାଗି ଠାକୁରଙ୍କ ଲିଙ୍ଗ ଉପରେ ଜଳାଭିଷେକ କରିଥିଲେ। ଭକ୍ତିମୟ ପରିବେଶ ମଧ୍ୟରେ ମନ୍ଦିର ପ୍ରାଙ୍ଗଣ ବୋଲବମ୍... ହରହର୍ ବମ୍ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା। ମହାଦେବ ସେନା ବୋଲବମ୍ ସଂଘର ପ୍ରତିଷ୍ଠାତା ଶ୍ରୀ ସନ୍ତୋଷ କୁମାର ଧଳ ସମସ୍ତ କାଉଡ଼ିଆ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରିଥିଲେ।

# ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ବେତନଟୀ,୪।୮ (ସଂଚାର ବ୍ୟୁରୋ)ଃ ବେତନଟୀ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ଆୟୋଜିତ ବ୍ଲକ ସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ଏକ ପ୍ରସ୍ତୁତି ବୈଠକ ବେତନଟୀ ଏମ ପି ସି ହାଇସ୍କୁଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ଜୟନ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଅତିଥି ଭାବେ ଉପସଭାପତି ଉଜ୍ଜଳ କୁମାର ବେହେରା ଓ ଏମ ପି ସି ହାଇସ୍କୁଲ ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ ମଞ୍ଚରେ ଉପସ୍ଥିତ ରହିଥିଲେ ।

ବୈଠକରେ ଉପସ୍ଥିତ ବିଭିନ୍ନ ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ ଓ କମିଟିର ସଦସ୍ୟମାନଙ୍କ ସହିତ କାର୍ଯ୍ୟକ୍ରମ କୁ କିପରି ସୁଚାରୁ ରୂପେ ସମାପନ କରିହେବ ସେ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । ଆସନ୍ତା ଅଗଷ୍ଟ ୧୦ ତାରିଖ ସୋମବାର ଦିନ ସିନିୟର, ଜୁନିଅର, ସବ ଜୁନିଅର ବର୍ଗର ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତାମାନ ହେବା ନେଇ ନିଷ୍ପତି ନିଆଯାଇଥିଲା। ଆସନ୍ତା ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଦିନ ସକାଳ ୮ଟାରେ ହାଇସ୍କୁଲ ପଡିଆରେ ଜାତୀୟ ପତାକା ଉତ୍ତୋଳନ ସହିତ ଛାତ୍ରଛାତ୍ରୀଙ୍କୁ ନେଇ ପ୍ୟାରେଡ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳା ସହ କରାଯିବା ନେଇ ଆଲୋଚନା ହୋଇଥିଲା।

ବୈଠକରେ କମିଟିର କୋଷାଧ୍ୟକ୍ଷ ଉଦିତ କୁମାର ପରିଡା ମଞ୍ଚ ପରିଚାଳନା କରୁଥିବା ବେଳେ ସହ ସମ୍ପାଦକ ସର୍ବେଶ୍ୱର ଦାସ, ସହ ସମ୍ପାଦକ ମନୋଜ ପଣ୍ଡା, ଉପ କୋଷାଧକ୍ଷ ସଞ୍ଜୀବ ଜେନା, ଉପଦେଷ୍ଟା ଅନୁପ ଦଣ୍ଡପାଟ, ସଦସ୍ୟ ହରିଶ ଚନ୍ଦ୍ର ସାମଲ, ପ୍ରକାଶ କୁମାର ବେହେରା , ପ୍ରଦୀପ କୁମାର ମହାପାତ୍ର, ପଦ୍ମମାଳି ସଂଗଠନ ସମ୍ପାଦିକା ପ୍ରଭାତୀ ମହାନ୍ତି, ଅନିନ୍ଦିତା ସାହୁ, ରଞ୍ଜିତା କର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପରିଶେଷରେ ବେତନଟୀ ବ୍ଲକ ସାମ୍ବାଦିକ ସଂଘ ର ଉପସଭାପତି ଗତିକୃଷ୍ଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଇରଙ୍ଗପୁର-ଯଶିପୁର ଜାତୀୟ ରାଜପଥ ପାଲଟିଛି ମରଣଯନ୍ତା




## ଦଲକି ଛକ ନିକଟରେ ଟ୍ରକ ଓ ହାଇଓ୍ୱା ଡମ୍ଫର ଆମନା ସାମନା

## ଦୁଇ ଘଣ୍ଟାର ଅପରେସନ ପରେ କ୍ୟାବିନରୁ ୨ ଡ୍ରାଇଭର ଉଦ୍ଧାର

ବାରିପଦା, ୪।୮ (ସଂଚାର ବ୍ୟୁରୋ)ଃ ମୟୂରଭଞ୍ଜ ଜିଲ୍ଲାର ବାଦାମପାହାଡ଼ ଥାନା ଅନ୍ତର୍ଗତ ରାଇରଙ୍ଗପୁର - ଯଶିପୁର ଜାତୀୟ ରାଜପଥ ୨୨୦ ନମ୍ବର ଦଲକି ଛକ ନିକଟରେ ଆଜି ମଙ୍ଗଳବାର ମାଧ୍ୟାନ୍ନ ସମୟ ରେ ଏକ ସଡ଼କ ଦୁର୍ଘଟଣା ଘଟିଯାଇଛି। ଦୁଇ ଡ୍ରାଇଭର ଗାଡ଼ିରେ ଥିବା ଷ୍ଟିଅରିଂ ଏଓ୍ୱକେଓ୍ୱିନ ମଝିରେ ଚାପି ହୋଇ ଜୀବନ ସହିତ ଲଢୁଥିଲେ । ଏଥି ମଧ୍ୟରୁ ଜଣେ ଡ୍ରାଇଭର ଚେତାଶୂନ୍ୟ ହୋଇ ମୁର୍ମୁଷ୍ ଅବସ୍ଥାରେ ଥିଲେ । ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଧକ୍କା ହେବା ମାତ୍ରେ ଉଭୟ ଗାଡ଼ିର ଆଗପଟ ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଥିଲା।

ଖବର ପାଇ ବାଦାମପାହାଡ଼ ପୋଲିସ ଓ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଦୁଇ ଘଣ୍ଟା ଧରି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହ ଗୁରୁତର ଦୁଇ ଜଣଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ ।

ଗୁରୁତର ଆହତ ଟ୍ରକ ଡ୍ରାଇଭର ଜଣକ ବାଦାମପାହାଡ଼ ବୁରୁଡ଼ି ଗ୍ରାମର ମଦନ ହେମ୍ବ୍ରମ ଏବଂ ହାଇଓ୍ୱା ଡମ୍ଫର ଡ୍ରାଇଭର ଜଣକ ଅନୁଗୁଳ ଜିଲ୍ଲା ପାଲଲହଡାର ବଳରାମ ମୁଣ୍ଡା ବୋଲି ଜଣାପଡିଛି ।

ପରେ ପରିସ୍ଥିତି ଗୁରୁତର ହେବାରୁ ସେମାନଙ୍କୁ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ସରକାରୀ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଅଛି । ବାଦାମ ପାହାଡ଼ ପୋଲିସ ଘଟଣାର ତଦନ୍ତ ଜାରି ରଖିଅଛି ।

# ନିଶାମୁକ୍ତ ମହାଅଭିଯାନର ଶୁଭାରମ୍ଭ



ନବରଙ୍ଗପୁର,ତେନ୍ତୁଳିଖୁଣ୍ଟି, ୪।୮ (ସଂଚାର ବ୍ୟୁରୋ)ଃ ସମଗ୍ର ଭାରତ ବର୍ଷରେ ଅଗଷ୍ଟ ୬ ରୁ ୨୦ ତାରିଖ ମଧ୍ୟରେ ଦଶ କୋଟି ନାଗରିକଙ୍କୁ ନିଶା ସେବନ ରୁ ମୁକ୍ତ କରିବାର ଲକ୍ଷ୍ୟ ନେଇ ଆଜି ପଥରଲସା ଗ୍ରାମରେ, ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଦିଗି ସଲପା ଆନୁକୂଲ୍ୟରେ 'ଦଶ କୋଟି ନିଶା ମୁକ୍ତ ପ୍ରତିଜ୍ଞା ମହା ଅଭିଯାନ' ର ଶୁଭ ଉଦଘାଟନ ହୋଇ ଯାଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ଚଇତି ଯାନୀ, ବିଜେଡି କାର୍ଯ୍ୟକର୍ତ୍ତା ଦୟାନିଧି ବିଶୋଇ, ସମାଜସେବୀ ଥବିର ବିଶୋଇ, ଦହଣାର ଅବସର ପ୍ରାପ୍ତ ଶିକ୍ଷକ ସୁବାଷ ତ୍ରିପାଠୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ପାଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ଦିଗି ସଲପା କେନ୍ଦ୍ର ସଞ୍ଚଳିକା, ବ୍ରହ୍ମକୁମାରୀ ରୀନା ଭଉଣୀ ସମସଙ୍କୁ ନିଶା ମୁକ୍ତ ପ୍ରତିଜ୍ଞା କରେଇଥିଲେ। ବରିଷ୍ଠ ଶିକ୍ଷକ ବିଭୁତି ଭୂଷଣ ପତି ମଞ୍ଚ ପରିଚାଳନା କରିବା ସହ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦେଶ୍ୟ ବିଷୟରେ ବୁଝେଇ ଥିଲେ। ଏହି କାର୍ଯ୍ୟକ୍ରମରେ ଦିଗି ସଲପା, ଗୌଡ଼ଗୁଡା, ତେନ୍ତୁଳୀଖୁଣ୍ଟି, ପୂଜାରୀଗୁଡା, ଦହଣା ଓ ପଥରଲସା ଗ୍ରାମର ପ୍ରାୟ ୧୫୦ ଜଣ ଲୋକ ସମ୍ମିଳିତ ହୋଇଥିଲେ।

# ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବାଲିଅନ୍ତା, ୪।୮ (ସଂଚାର ବ୍ୟୁରୋ)ଃ ବାଲକାଟି ପ୍ରତାପ ଶାସନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଜି ନବାଗତ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏନେଇ ଆୟୋଜିତ ସଭାରେ ଅଧ୍ୟକ୍ଷା ଲୀନା ପଟ୍ଟନାୟକ ସଭାପତିତ୍ୱ କରିଥିଲେ । ଏହି ଅବସରରେ ଅଧ୍ୟକ୍ଷା ବିଦ୍ୟାଳୟରେ ଶିକ୍ଷାଦାନର ବିଭିନ୍ନ ଦିଗ ଉପରେ ସୂଚନା ଦେଇଥିଲେ । ଅଧ୍ୟାପକ ଜୟକୃଷ୍ଣ ଶତପଥୀ ମଞ୍ଚ ପରିଚାଳନା କରିଥିଲେ । ଉକ୍ତ ସଭାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୀତି ନିୟମ ଓ୍ୱିଷୟରେ ଛାତ୍ରଛାତ୍ରୀଙ୍କୁ ସୂଚନା ପ୍ରଦାନ କରାଯିବା ସହିତ ଶୃଙ୍ଖଳା, ଉତ୍ତମ ଚରିତ୍ର ଗଠନ ସହ ଭବିଷ୍ୟତରେ ଭଲ ମଣିଷ ହେବାକୁ ପରାମର୍ଶ ଦିଆଯାଇଥିଲା । ତିନି ଶହ ନବାଗତ ଛାତ୍ରଛାତ୍ରୀଙ୍କୁ ଫୁଲ, ଚନ୍ଦନ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ଛାତ୍ରଛାତ୍ରୀମାନଙ୍କୁ ନିଜ ଜୀବନକୁ ସରସ ସୁନ୍ଦର ଭାବେ ଗଢିତୋଳିବାର ପରାମର୍ଶ ପ୍ରଦାନ କରିଥିଲେ । ସଭାରେ କଲେଜ ପରିଚାଳନା କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ସଭାକୁ ସୁଚାରରୂପେ ପରିଚାଳନା କରିଥିଲେ ।

# ଛାତ୍ରଛାତ୍ରୀ ଓ ପ୍ରତିନିଧି ଦଳର ଶିକ୍ଷାଗତ ଓ ସାଂସ୍କୃତିକ କ୍ଷେତ୍ର ପରିଦର୍ଶନ




ବାରିପଦା, ୪।୮ (ସଂଚାର ବ୍ୟୁରୋ)ଃ ରାଞ୍ଚିସ୍ଥିତ ଡ଼. ଶ୍ୟାମା ପ୍ରସାଦ ମୁଖାର୍ଜୀ ବିଶ୍ୱବିଦ୍ୟାଳୟର କୁଡ଼ମାଲି ବିଭାଗର ସ୍ନାତକୋତ୍ତର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କର ଏକ ପ୍ରତିନିଧି ଦଳ ମୟୂରଭଞ୍ଜ ଅଞ୍ଚଳରେ ଆୟୋଜିତ ଶିକ୍ଷାଗତ ଓ ସାଂସ୍କୃତିକ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଅବସରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଥିଲେ।

ପ୍ରତିନିଧିମାନେ ମତ ପ୍ରକାଶ କରିଥିଲେ ଯେ କୁଡ଼ମାଲି ପୂର୍ବ ଭାରତର ଏକ ସମୃଦ୍ଧ ଲୋକଭାଷା, ଯାହା ଆଦିବାସୀ ଓ ଅଣଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ବହୁଳ ଭାବେ ପ୍ରଚଳିତ ଏବଂ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ଏକାଧିକ ବିଶ୍ୱବିଦ୍ୟାଳୟରେ ଏହି ବିଭାଗ ସଫଳତାର ସହ ଚାଲୁଥିବାରୁ ଓଡ଼ିଶାରେ ଏହାର ପ୍ରତିଷ୍ଠା ଆଞ୍ଚଳିକ ଭାଷା ଓ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣକୁ ନୂତନ ଦିଗ ପ୍ରଦାନ କରିବ। ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟ ପରିସର ପରିଦର୍ଶନ କରିବା ସହ ନୃତତ୍ତ୍ୱ ପରୀକ୍ଷାଗାରରେ ଥିବା ଆଧୁନିକ ବୈଜ୍ଞାନିକ ଉପକରଣ ସମ୍ପର୍କରେ ଅବଗତ ହୋଇଥିଲେ ଏବଂ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ସଂଗ୍ରହାଳୟରେ ସଂରକ୍ଷିତ ଦୁର୍ଲଭ ଆଞ୍ଚଳିକ ନିଦର୍ଶନ, ଆଦିବାସୀ ବସ୍ତ୍ର ଓ ଜନଜାତି କଳାକୃତିର ଅଧ୍ୟୟନ କରିଥିଲେ।

# ଗଣମାଧ୍ୟମ ପ୍ରତିନିଧିଙ୍କୁ ଭେଟିଲେ ବିଜେଡ଼ି ବରିଷ୍ଠ ଉପସଭାପତି ପ୍ରତାପ ଜେନା



ନିଶ୍ଚିନ୍ତକୋଇଲି, ୪।୮ (ସଂଚାର ବ୍ୟୁରୋ)ଃଏକ ବୈଦ୍ୟୁତିକ ଗଣମାଧ୍ୟମର ସାମ୍ବାଦିକ ଲକ୍ଷ୍ମଣ ଦାସ କିଛି ଦିନ ପୂର୍ବେ ଖବର ସଂଗ୍ରହ କରି ଫେରୁଥିବା ସମୟରେ ଗଡ଼ିଜଙ୍ଗ ଠାରେ କିଛି ଦୁର୍ବୃତ୍ତ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଆହତ ସାମ୍ବାଦିକଙ୍କୁ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା ଅବସ୍ଥା ଗୁରୁତର ଥିବାରୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ତାଙ୍କ କଟକ ବଡ଼ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବଡ଼ଡାକ୍ତରଖାନରୁ ଚିକିତ୍ସିତ ହୋଇ ଏବେ ସେ ଗୋପାଳପୁର ବେଗୁନିଆସ୍ଥିତ ତାଙ୍କ ପୈତୃକ ବାସଭବନରେ ରହି ଚିକିତ୍ସିତ ହେଉଛନ୍ତି। ମାହାଙ୍ଗା ପୂର୍ବତନ ବିଧାୟକ, ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜୁ ଜନତା ଦଳ ବରିଷ୍ଠ ଉପସଭାପତି ଶ୍ରୀଯୁକ୍ତ ପ୍ରତାପ ଜେନା ଲକ୍ଷ୍ମଣଙ୍କୁ ତାଙ୍କ ବାସଭବନରେ ଭେଟି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ଶ୍ରୀଯୁକ୍ତ ଜେନାଙ୍କ ସହିତ ବହୁ ଯୁବ ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ।

## ସର୍ଭର ଖାଇଗଲା ଭତ୍ତା!

# ୧୫ ତାରିଖ ନାଁରେ ମାସ ସରିଲା, ଟଙ୍କାର ନାଁ ନାହିଁ



କାକଟପୁର/ଅସ୍ତରଙ୍ଗ, ୪।୮ (ସଂଚାର ବ୍ୟୁରୋ)ଃ କାଗଜରେ ସବୁ ସବୁଜ। ଫାଇଲରେ ସବୁ ଠିକ୍। କିନ୍ତୁ ବାସ୍ତବତା ରେ ? ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଟି ପଂଚାୟତରେ ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗଙ୍କ ଆଖିରୁ ଝରୁଛି ଲୁହ। କାରଣ ସେମାନଙ୍କ ପେଟ ପାଇଁ ଥିବା ମାସିକ ଭତ୍ତା ଟଙ୍କା ଆଜି "ସର୍ଭର" ନାଁରେ ଉଭାନ୍।

ବ୍ଲକର ନିଜ ତଥ୍ୟ କହୁଛି - ମୋଟ ହିତାଧିକାରୀ ୧୩ ହଜାର ୮୮୧ ଜଣ। ଏଥିମଧ୍ୟରୁ ୯ ହଜାର ୧୮୦ ଜଣ ପଂଚାୟତ ଅଫିସର ଦ୍ୱାରସ୍ଥ ହୋଇ ନଗଦ ନିଅନ୍ତି।ବାକିମାନେ ବ୍ୟାଙ୍କ ମୁହାଁ। କିନ୍ତୁ ଫଳ ? ଶୂନ୍।

ନିୟମ ଅଛି ପ୍ରତି ମାସ ୧୫ ତାରିଖ। କିନ୍ତୁ ଜୁଲାଇ ମାସ ସରି ଅଗଷ୍ଟ ୪ ହୋଇଗଲା, ଟଙ୍କାର ଚିହ୍ନ ନାହିଁ। ପଚାରିଲେ ଉତ୍ତର ଗୋଟେ - "ସର୍ଭର ସମସ୍ୟା"। ବାଃ! ଡିଜିଟାଲ ଓଡ଼ିଶାର ଏହା କ'ଣ ନମୁନା? ୯,୧୮୦ ଜଣ ହିତାଧିକାରୀ ଟଙ୍କା ପାଇଁ ମାସରେ ୩-୪ ଥର ପଂଚାୟତ ଦୌଡୁଛନ୍ତି। ବାଡ଼ି ଧରି, ଆଖିରେ ଅସ୍ପଷ୍ଟ ଦେଖି, ରୋଦ୍ରରେ ଜଳି ଯାଉଛନ୍ତି। ଆଉ ଅଫିସରୁ ମିଳୁଛି ଗୋଟେ କଥା - "ଆସିନି, ପରେ ଆସ"। ଆଳସାହି ପଂଚାୟତର ପ୍ରମିଳା ବେହେରାଙ୍କ କଥା କୁହନ୍ତି "୧୫ ରେ ଯାଏ, କୁହନ୍ତି ନାହିଁ। ୨୫ ରେ ଯାଏ, ସେଦିନ ମିଳେ। ୧୦ ଦିନ କ୍ଷୁଧାରେ ଶୋଇବି କି?"

କିଛି ଦିନ ପୂର୍ବେ ସେହି ଆଳସାହି ପଂଚାୟତ ଅଫିସ ଭିତରେ ବୃଦ୍ଧ-ବୃଦ୍ଧାମାନେ ରଡି କରି ପାଟି କରିଥିଲେ। "ଆମକୁ ଟଙ୍କା ଦିଅ, ନଚେତ ମରିଯିବୁ" ବୋଲି ନାରା ଦେଇଥିଲେ। କର୍ମଚାରୀମାନେ ଉତ୍ତର ରଖି ନଥିଲେ।ଏହା କ'ଣ ସୁଶାସନ?

ଯେଉଁମାନେ ବ୍ୟାଙ୍କରୁ ଆଶା କରିଥିଲେ ସେମାନଙ୍କ ଅବସ୍ଥା ଆହୁରି କରୁଣ। ଆଧାର ଲିଙ୍କ ନାଁରେ, କେଓ୍ୱାଇସି ନାଁରେ, ସର୍ଭର ଡାଉନ୍ ନାଁରେ ମାସ ମାସ ଧରି ଟଙ୍କା ଅଟକା।

କୋଣାର ଦିବ୍ୟାଙ୍ଗ ସନ୍ତୋଷ ବେହେରା କହୁଛନ୍ତି -"ଦୁଇ ମାସ ହେଲା ଟଙ୍କା ନାହିଁ। ବ୍ୟାଙ୍କ କହେ ସରକାର ଦେଲେନି, ବ୍ଲକ କହେ ସର୍ଭର ଖରାପ। ମୋ ଇନସୁଲିନ କେମିତି କିଣିବି ସାର୍?"

କୋଟି କୋଟି ଟଙ୍କାରେ ମୂର୍ତି ହେଉଛି, ସମାବେଶ ହେଉଛି। କିନ୍ତୁ ଟଙ୍କା ଦେବାବେଳେ ସର୍ଭର ମରିଯାଉଛି? ପ୍ରତି ମାସ ସର୍ଭର ସମସ୍ୟା ହେଲେ ତାର ସ୍ଥାୟୀ ସମାଧାନ କାହିଁ? ନା ସମସ୍ୟା ହିଁ ସମାଧାନ? ପଂଚାୟତରେ ବିତରଣର ତାରିଖ କାହିଁ? ବ୍ୟାଙ୍କରେ ଅଟକିଥିବା ଲୋକଙ୍କ ପାଇଁ ହେଲ୍ପ ଡେସ୍କ କାହିଁ?

ଉତ୍ତର ନାହିଁ। କାରଣ ଏମାନେ ଭୋଟ ଦେଲା ପରେ ସରକାରଙ୍କ ପାଇଁ "ଅପ୍ରୟୋଜନୀୟ" ହୋଇଯାନ୍ତି। ଭତ୍ତା ଦୟା ନୁହେଁ, ଏହା ଅଧିକାର। ଏହି କିଛି ଟଙ୍କାରୁ ଜଣେ ବୃଦ୍ଧ ଔଷଧ କିଣେ, ଜଣେ ବିଧବା ଚାଉଳ କିଣେ। ସେଇଟାକୁ ନେଇ ଖେଳ ଖେଳୁଛନ୍ତି?ସ୍ଥାନୀୟ ଲୋକଙ୍କ ଦାବି - ୭ ଦିନ ଭିତରେ ଜୁଲାଇର ବକେୟା ସହ ଆଗାମୀ ମାସରୁ ସମୟାନୁବର୍ତୀ ଭତ୍ତା ଦିଆଯାଉ। ନଚେତ ଆଳସାହିର ହୋ-ହାଲ୍ଲା ଏବେ ଅସ୍ତରଙ୍ଗ ବ୍ଲକ ଘେରାଉରେ ପରିଣତ ହେବ।

ସରକାର ଭୁଲି ଯାଇଛନ୍ତି - ଯେଉଁ ବୃଦ୍ଧଙ୍କ ଭତ୍ତା ଖାଉଛନ୍ତି, ସେମାନେ ହିଁ ଥରେ ଏହି ଦେଶ ଗଢ଼ିଥିଲେ।

# ଅଭିଭାବକ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କମିଟି ବୈଠକ




ନବରଙ୍ଗପୁର,ତେନ୍ତୁଳୀଖୁଣ୍ଟି, ୪।୮ (ସଂଚାର ବ୍ୟୁରୋ)ଃ ପିଏମଶ୍ରୀ ସରକାରୀ ବାପୁଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତେନ୍ତୁଳୀଖୁଣ୍ଟି ବିଦ୍ୟାଳୟ ଠାରେ ନୂତନ କମିଟି ଗଠନ ପରେ ପ୍ରଥମ ଅଭିଭାବକ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ରମେଶ ହିଆଲ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକ ରେ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଗଣେଶ ବାଘ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଆରମ୍ଭ କରିଥିଲେ । ସ୍ୱାଗତ ଭାଷଣ ବିଦ୍ୟାଳୟ ଶିକ୍ଷୟତ୍ରୀ ଶ୍ରୀମତୀ ସଂଗୀତା ସାବତ ପ୍ରଦାନ କରି ପରିଚୟ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ ରମେଶ ହିଆଲ ବିଦ୍ୟାଳୟ ର ଉନ୍ନତି ପାଇଁ କଣ କଣ ଆବଶ୍ୟକ ତାହା ବୁଝାଇବା ସହିତ ଶିକ୍ଷା କେବଳ ପୁସ୍ତକ ଗତ ଜ୍ଞାନ ନୁହେଁ, ବରଂ ପ୍ରଗତିର ମୂଳଦୁଆ ତେଣୁକରି ମୂଳ ଦୁଆ କୁ ଶକ୍ତ କରିବାକୁ ପଡିବ, ବରିଷ୍ଠ ଶିକ୍ଷକ ଆନନ ଭତ୍ରା, ଭୁବନ ସାର,ମୋନଜ ପୂଜାରୀ, ଜ୍ଞାନଜ୍ୟୋତି ମହାନ୍ତି,ଯଶୋଦା କରକୋରା,ସମସ୍ତ ପରିଚାଳନା କମିଟି ସଦସ୍ୟ ଓ ସଦସ୍ୟା ଉପସ୍ଥିତ ରହିଥିବା ବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଶେଷରେ ଧନ୍ୟବାଦ ଶିକ୍ଷକ ଶେଷଧର ଶବର ଦେଇଥିଲେ ।

ସାହିତ୍ୟ
ବୁଧବାର ୫ ଅଗଷ୍ଟ ୨୦୨୬
ଭୁବନେଶ୍ୱର ସଞ୍ଚାର



ଡ଼. ଚନ୍ଦ୍ରକଳା ନାୟକ



# ବଦଳି ଯାଉଥିବା ଚରିତ୍ର

ଅନେକ ରାତିରେ ଘରକୁ ଆସେ ବିପିନ। ଆଲୁଅ ଜାଳିଦେଇ ଥକା ମାରି ସୋଫା ଉପରେ ବସିପଡେ। ଆଲୋକର ଆଗମନରେ ଘରଟା ପୁରା ପରିଷ୍କାର ହୋଇଯାଏ। ଘରର ବାମ ପଟରେ ପଡ଼ି ରହିଛି ଏକ ପୁରୁଣା କାଳିଆ ହାରମୋନିୟମ-ଗୋଟିଏ କଣରେ ଅଳନ୍ଧୁ ଲାଗିଥିବା କାଠ ରେଡିଓଟି, ଏଠି ସେଠି ବହୁ ଦାମୀ ଜିନିଷ ଭିତରେ ଘରଟା ହସୁଥିଲେ ବି ଘରର ପୂର୍ଣ୍ଣ ହୋଇ ରହିଥିବା ବହି ଗୁଡିକ ଘରଟାକୁ ଜୀବନ ଦେଇଥାଏ। ବୋଧହୁଏ ଘରଟାର ଏକ ସମୃଦ୍ଧ ଅତୀତ ଅଛି। କେଉଁ ଅଶୁଭ ବେଳାରେ ଆସ୍ତେ ଆସ୍ତେ ଘରଟା ଶ୍ରୀହୀନ ହୋଇ ଯାଉଛି। ହଠାତ ଚାକର ଶନିଆ ହାତରେ ଖାଇବା ପ୍ଲେଟଟେ ଧରି ଚିରାଚରିତ ଢଙ୍ଗରେ ଉପର ଘରକୁ ଚାଲିଗଲା। ବେଶି ରାତି ହେଲେ ଏପରି ଅବସ୍ଥା ପ୍ରାୟ ହୋଇଥାଏ। ବିପିନ ଟେବୁଲଟାକୁ ଭିଡି ଧରି ଇଛା ନଥିବା ଭଙ୍ଗୀରେ ମେଥି ତିଆରି ପରଟାକୁ ଖାଇବାକୁ ଚାହୁଁଥିଲେ ବି ନା ଥାଉ କହି ରଖିଦେଲା। ଅକ୍ଷୁର୍ଣ୍ଣ ପରଟାଟା ଯେମିତି ବ୍ୟସ୍ତ ହୋଇଥିଲା ପ୍ଲେଟ ଭିତରକୁ ଯିବାପାଇଁ। ରାତି ଯେତିକି ବଢୁଛି, ବିପିନର ମାନସିକ ଯନ୍ତ୍ରଣା ବେଶି ବେଶି ଅତିଷ୍ଠ କରୁଛି। ଘରର ପଶ୍ଚିମ ପଟ କାନ୍ଥକୁ କୁଶନଟିଏ ଥୋଇ ଆଉଜି ପଡ଼ିଥାଏ ବିପିନ। ଗୋଟିଏ ମୁହୂର୍ତ୍ତ ପରେ ଘରଟା ଯେମିତି ନୀରବି ଯାଇଥିଲା। ଆଶ୍ଚର୍ଯ୍ୟ ଏ ରାତ୍ରି! ଆକାଶରେ ଜ୍ୟୋତ୍ସ୍ନାର ବିଭୋରତା ବିପିନକୁ ଯେମିତି ପ୍ରତାରଣା କରୁଥିଲା। ଦୂର ଦିଗବଳୟରୁ ଆସୁଥିବା ଜହ୍ନର ଆଲୋକ ଗୁଡାକ ଯେପରି ହାତମୁଠାରୁ ବହୁ ଦୂରକୁ ଅପସାରିତ ହୋଇ ଯାଉଥିଲା। ଭାବୁଥିଲା, କାଳେ ଜହ୍ନକୁ ହାତରେ ଧରି ଖେଳି ପାରନ୍ତାକି?

ଆଖି ଆଢୁଆଳରେ ଶଶିରେଖାର ଘର ଦେଖା ଯାଉଥିଲା। ଜହ୍ନଟା ଯେମିତି ତା ଘର ଆଡକୁ ଅନାଇ ହସୁଥିଲା, ବିପିନ ଭାବୁଥିଲା କଣ କରୁଥିବ ଶଶୀରେଖା। ହୁଏତ ତାର ଶଯ୍ୟା ଉପରେ କଡ ଲଉଟାଇ ଥିବ। କିନ୍ତୁ ରାତ୍ର ଦୁଇ ଘଡିରେ ଶଶିରେଖା କଥା ଭାବିବା ତାର କଣ ଦରକାର। ଅନେକ ଦିନ ହେବ ତ ସେ, ଶଶିରେଖାର ସୁଖ ଦୁଖ ଓ ଦୈନନ୍ଦିନ ଜୀବନ ସହ ଓତପ୍ରୋତ ଭାବେ ଜଡିତ ହୋଇ ରହିଛି। କାଲି ପରି ଲାଗୁଛି, ବିପିନ ଓ ଶଶୀରେଖାର ସ୍ୱାମୀ ସୁମନ୍ତ ଗୋଟିଏ କମ୍ପାନୀରେ ଚାକିରୀ ଆରମ୍ଭ କରିଥିଲେ। ଗୋଟିଏ କନଷ୍ଟ୍ରକସନ କମ୍ପାନୀରେ ସୁମନ୍ତ ଅଭିଜ୍ଞ ଇଂଜିନିୟର। ମୁଁ କିନ୍ତୁ ତା ତଳ ପାହ୍ୟାରେ ଥିଲି। ଅନେକ ସୁନ୍ଦର ଘରକୁ ପୂର୍ଣ୍ଣ ରୂପ ଦେବାରେ ସୁମନ୍ତ ସଂଳଗ୍ନ ସାଉଁଟିବାରେ ଲାଗିଥିଲା। ସେଦିନ ଶଶୀରେଖା ତାର ସ୍ୱାମୀର ଜନ୍ମଦିନ ପାଇଁ ଭାରି ବ୍ୟସ୍ତ। ସବୁ ଅନ୍ତରଙ୍ଗ ବନ୍ଧୁ ମାନଙ୍କୁ ଯଥାସାମ୍ ନିମନ୍ତ୍ରଣ ବି କରିଛି। ବିପିନ, ସୁମନ୍ତର ଏକାନ୍ତ ଅନ୍ତରଙ୍ଗ। ବାହାରୁ ସାଜସଜାକୁ ଦେଖି ବିପିନ ଆଶ୍ଚର୍ଯ୍ୟ ହେଲା। ଆମନ୍ତ୍ରିତ ବନ୍ଧୁମାନେ ଜଣକ ପରେ ଜଣେ ଆସୁଥାନ୍ତି। ସଂଧ୍ୟା ସାତଟା ବାଜିବାକୁ ବସିଲାଣି। ସୁମନ୍ତର ଦେଖା ନାହିଁ। ଶଶୀରେଖା କିନ୍ତୁ କହୁଥାଏ, ସେ କମ୍ପାନୀରୁ ବାହାରିଲେଣି, ଅଳ୍ପ ସମୟ ପରେ ପହଞ୍ଚିବେ। ବନ୍ଧୁ ମାନଙ୍କ ଅସ୍ପଷ୍ଟ କୋଳାହଳ ଭିତରେ ସ୍ୱାଗତ କରିବାକୁ ସମସ୍ତେ ଅପେକ୍ଷା କରିଥାନ୍ତି। ବିପିନ ଦୂରରୁ ଦେଖୁଥାଏ, ଶଶୀରେଖାର ସୁନ୍ଦର ଆଖି ଦୁଇଟି ଆଜି କିନ୍ତୁ ଅଧିକ ଉଜ୍ଜ୍ୱଳ ଦେଖା ଯାଉଛି। ମୁହୂର୍ତ୍ତକ ପରେ ଫାଟକ ନିକଟରେ ଏକ ଆମ୍ବୁଲାନ୍ସ ପହଞ୍ଚିଲା। କିଛି ବୁଝିବା ପୂର୍ବରୁ କମ୍ପାନୀର କର୍ମଚାରୀ ମାନେ ସୁମନ୍ତର ମୃତ ଶରୀରକୁ ଆଣି ଲନରେ ଶୁଆଇ ଦେଲେ।

ସବୁଦିନ ପାଇଁ ଶଶୀରେଖାର ଜୀବନର ସୂର୍ଯ୍ୟ ଅସ୍ତମିତ ହୋଇଗଲା। ଶଶୀରେଖା ନିର୍ବାକ ପାଲଟି ଯାଇଥିଲା। କାହାରି ମୁହଁରେ କିଛି ନାହିଁ। କଣ କରିବେ ସେମାନେ? ବିପିନ କିନ୍ତୁ ଶଶୀରେଖାର ନିର୍ଜୀବ ଶରିରଟାକୁ ଖଟ ଉପରେ ଜୋର କରି ଶୁଆଇ ଦେଇଥିଲା। ରାତ୍ରିର ସେଇ ଶେଷ କେଇ ଘଣ୍ଟା ସମସ୍ତଙ୍କୁ ତାତ୍ସଲ୍ୟ କରିଥିଲା। ସବୁ ସରିଗଲା। ଶଶୀରେଖା ଏବେ କରିବ କଣ? କେମିତି ବଞ୍ଚିବ? ତାକୁ ବଞ୍ଚିବାକୁ କିନ୍ତୁ ପଡ଼ିବ। ତା ପରଦିନ ସୂର୍ଯ୍ୟ ଆଲୋକର ପିଚକାରୀ ଶଶୀରେଖା ଓ ବିପିନର ଗୋଟିଏ ବିଶେଷ ଦିନକୁ ଯେପରି ଏକ ସୁଢଙ୍ଗ ଭିତରକୁ ଟାଣି ନେଇଥିଲା। ବିଗତ କାଲିଟା ବର୍ତ୍ତମାନ ପାଇଁ ଅତୀତ ହୋଇଗଲା। ବିପିନ ଅବିବାହିତ, ଏ କଥା ଶଶୀରେଖା ଜାଣେ। କିନ୍ତୁ ଶହେ ଗଜର ବ୍ୟବଧାନରେ ଦୁହେଁ ରହୁଥିଲେ। ଫାଲଗୁନର ସେହି ଅବିସ୍ମରଣୀୟ ଦିନ ସବୁବେଳେ ମନକୁ ବିଦାରିତ କରୁଥିଲା। ସୁମନ୍ତ ଥିଲାବେଳେ ମଧ୍ୟ ବିପିନ ଓ ଶଶୀରେଖାର ମିଳାମିଶାକୁ କେବେ ବି ସନ୍ଦେହ କରିନାହିଁ। କାରଣ ସ୍ତ୍ରୀ ଉପରେ ତାର ଗଭୀର ବିଶ୍ୱାସ। ଏପଟେ ବନ୍ଧୁ ପ୍ରତି ଭଲ ପାଇବା, ତାଙ୍କ ସମ୍ପର୍କକୁ ଗଭୀର କରି ଗଢି ତୋଳିଥିଲା।

ବିପିନ ବହୁ ପରିମାଣରେ ଅବସର ବିନୋଦନ କରେ। ଗୀତଗାଏ, ନାଚେ, ବାଦ୍ୟ ବଜାଏ, ବହି ପଢେ। କେବେକେବେ ହୁଲି ଡଙ୍ଗାରେ ଆହୁଲା ମଧ୍ୟ ମାରେ। ବିପିନ ମନକୁ ଭୁଲାଇ ନିଏ। କିନ୍ତୁ ଶଶୀରେଖା ତାକୁ ଡକାଇ ତା ପାଇଁ ସୁନ୍ଦର ଚାହା ତିଆରି କରେ। ବେଳେ ବେଳେ ଆଶ୍ଚର୍ଯ୍ୟ ହୋଇ ସିଏ ଶଶୀରେଖାକୁ ଚାହେଁ। ହଠାତ ଶଶୀରେଖା ବିପିନ ମୁହଁରୁ ସିଗାରେଟଟା ଟାଣିନେଇ ତାଗିଧ କରେ, ଏ ଅଭ୍ୟାସଟା ଜମା ଭଲ ନୁହେଁ। ବିପିନ ହୃଦୟ ତନ୍ତ୍ରୀ ଗୁଡିକ ଟ'ନିଳ ହୋଇ ଉଠେ। ସେ କହେ ଖାଲି ଖାଲି ଏମିତି ବସିବା ମୋ ପକ୍ଷେ ସମ୍ଭବ ନୁହେଁ। ଏଥର ଶଶୀରେଖା ବୁଝି ବି ନବୁଝିବାର ଅଭିନୟ କରେ। ତଳକୁ ମୁହଁ ପୋତି ପଚାରେ, ତମେ ଏବେ ବି କଣ ବହି ପଢୁଛ।

ଉତପ୍ତ ଅପରାହ୍ନଟା ନରମି ଯାଏ। ସ୍ମୃତି ଗୁଡାକ ବିପିନର ମନକୁ କଣ୍ଟା ପରି କଷ୍ଟ ଦିଏ। ଏଥର ଶଶୀରେଖା କହି ଦେଇ ଯାଇଛି, ମୁଁ ଏଠାକୁ ଆସିବା ଆମ ଦୁଇ ଜଣଙ୍କ ପାଇଁ ଠିକ ନୁହେଁ। ଶଶୀରେଖା ମୁହଁ ବୁଲାଇ ଚାହେଁ, କର୍କଶ ସ୍ୱରରେ ଉତ୍ତର ଦିଏ, ମୁଁ ଡାକିଲେ ତୁମକୁ ଆସିବାକୁ ହେବ। ଇତସ୍ତତ ହୋଇ ବିପିନ ଠିଆ ହେଲା। କିଛି ଉତ୍ତର ନଦେଇ ଘରମୁହାଁ ହୋଇ ଚାଲିଲା। କିନ୍ତୁ ଏ କଣ ଆସିବାର ପାଞ୍ଚ ମିନିଟ ପରେ ଶଶୀରେଖାର ଚାକର ମନୁଆ ତା ଘରେ ଯାଇ ପହଞ୍ଚିଲା। ମେମେ ସାହେବ ପଠାଇଛନ୍ତି। ଆପଣଙ୍କ ସିଗାରେଟ ପ୍ୟାକେଟ ଓ ଦିଆସିଲକୁ ଛାଡି ଆସିଛନ୍ତି। ଏଥର ବିପିନର ଦେହ ମନ ସବୁ ଜରାଜୀର୍ଣ୍ଣ ହୋଇ ବିଛଣାର ଚାଦର ଭିତରେ ଅପରାହ୍ନଟାକୁ ନିରେଖି ଦେଖୁଥିଲା।

ନିରୋଳାରେ ଶଶୀରେଖାକୁ ବିଶ୍ଳେଷଣ କରେ ବିପିନ। କି ଆଶ୍ଚର୍ଯ୍ୟ ଏ ନାରୀ! ସୁନ୍ଦରୀ, ମିଷ୍ଟଭାଷୀ, ଭାବପ୍ରବଣ କିନ୍ତୁ ଭିତରଟା ରୁକ୍ଷ। କେତେଥର ଲକ୍ଷ କରିଛି, ତା ସ୍ୱାମୀର ପୋଷା କୁକରଟା କଷ୍ଟ ପାଇବା ବେଳେ ଶଶୀରେଖା ଆନନ୍ଦିତ ହୁଏ। କୁକରଟା ବି ତାକୁ ଯମା ଭଲ ପାଏନା। ଦୂରତା ଖୋଜେ। ସତ ଚେଷ୍ଟା ପରେ ବି ଶଶୀରେଖା କୁକୁରର ହୃଦୟକୁ ଜିତିବା ସମ୍ଭବ ହୋଇ ନଥିଲା। ଅମାବାସ୍ୟା ରାତ୍ରିରେ ନିସ୍ତବ୍ଧ ଅନ୍ଧକାରରେ କୁକୁରଟା କୌଣସି କାରଣରୁ ଏହା ଭିତରେ ମରି ଯାଇଛି। କିନ୍ତୁ ଆଶ୍ଚର୍ଯ୍ୟ ବିପିନ ଆଗରେ ଶଶୀରେଖା ସ୍ୱୀକାର କରିଛି, ପୋଷା ନମାନିବାରୁ ସେ କୁକରକୁ ବିଷ ଦେଇଛି। ଏଭଳି ନାରୀର ହିଂସ୍ର ପ୍ରବୃତ୍ତି ବିପିନକୁ ନିର୍ବାକ କରି ଦେଇଛି।

ବିପିନ ତାର ଘରର କରିଡରରେ ଶୋଇଛି। ଭାବୁଛି - ସୁମନ୍ତ ମରିବାର ଦୁଇ ବରଷ ଅତିକ୍ରାନ୍ତ ହୋଇ ଗଲାଣି। ବୁଦ୍ଧିମତୀ ଶଶୀରେଖା କୌଶଳ ପ୍ରୟୋଗ କରି ବିପିନକୁ ପାଇବାକୁ ଚେଷ୍ଟା ଜାରି ରଖିଛି। ଶଶୀରେଖା ବିଦୂଷୀ ନାରୀ ପରି କାଚର ଗୋଟିଏ ବଳୟ ତିଆରି କରି ରଖିଛି। ବିପିନ ସେଇ ବଳୟ ଭିତରେ ଜଳୁଥିବା ନିଆଁରେ ଚିତ୍କାର କରୁଛି। ଶଶୀରେଖାର ହିଂସ୍ରତା ପାଇଁ ବିପିନ ତାକୁ ବିଶ୍ୱାସ କରୁନାହିଁ। ଚାବୁକର ପ୍ରହାର ଦେଇ ଶଶୀରେଖାକୁ ହିଂସ୍ରତାକୁ କାବୁ କରିବାକୁ। ମିଛ ମୁଖା ପିନ୍ଧିଥିବା ଶଶୀରେଖାର ଅଭିନୟକୁ ଶେଷ କରିବାକୁ।

ଅସହ୍ୟ ଯନ୍ତ୍ରଣାରେ ବିପିନ ବାହାରିଲା ଶଶୀରେଖା ପାଖକୁ। ଚନ୍ଦ୍ରର ଶୁଭ୍ର କିରଣ ଶୀତଳ ହୋଇ ଦୁଇ କୂଳ ପ୍ଲାବିତ କରୁଥିଲା। ତା ଭିତରେ ବିପିନ ଆନନ୍ଦିତ ହେଉଥିଲା ସେ ଅନ୍ୟମନସ୍କତାରେ ବିଭତ୍ସ ପଶୁ ପାଲଟି ଯାଇଛି। କିଛି ମୁହୂର୍ତ୍ତକ ଭିତରେ ଦୁଇଜଣଙ୍କର କ୍ରୋଧ, ଅଭିମାନ, ଛଳନା, ଦମ୍ଭ, ଅହଂକାର, ଲଜ୍ୟା ସବୁ ଯେମିତି ଲୁପ୍ତ ହୋଇଗଲା। ଶଶୀରେଖା ଭାବୁଥିଲା, ଏଇଟା ବୋଧେ ସମର୍ପଣର ସମୟ। ବିପିନ ବି ଜୀବନର ଏଇ ସ୍ୱର୍ଣ୍ଣିମ ମୁହୂର୍ତ୍ତଟିକୁ ଯୁଗ ଯୁଗ ଧରି ଅପେକ୍ଷା କରି ରହିଥିଲା। ହଠାତ, ଶନିଆର ଡାକରେ ବିପିନର ସ୍ୱପ୍ନଟା ଭାଙ୍ଗିଗଲା। ବାବୁ ସାତଟା ବାଜିଲାଣି। ଆପଣ ପରା ୭ ଟା ୩୦ ମିନିଟରେ କମ୍ପାନୀ କାମରେ ଲେ ଆଉଟ କରିବା କଥା। କେତେବେଳେ ଆଉ ଯିବେ। ବିପିନ ବେକଟାରେ ରକା ପଶି ଯାଇଛି। ଗୋଟିଏ ରାତି ସ୍ୱପ୍ନରେ ବେକ ନବୁଲାଇ ଶୋଇବାରେ ଏତେ କଷ୍ଟ। ଶନିଆ ବାବୁଙ୍କ ହାତ ଧରି ଠିଆ କରାଇ ବେକଟାକୁ ମାଲିସ କରି ଠିକ କରିଦେଲା।

ପାଖ ଚେୟାରରେ ବସିରହି ଶଶୀରେଖା ବିପିନ ପାଇଁ ସବୁଦିନ ପରି ସକାଳର ଚାହା ତିଆରି କରୁଛି। ସୁମନ୍ତ ମୃତ୍ୟୁର ଦୁଇବର୍ଷ ପରେ ଆଜି ପ୍ରଥମ ଥର ଶଶୀରେଖା ସକାଳ ୬ ଟା ସମୟରେ ବିପିନ ଘର ଦୁଆର ମୁହଁରେ ପଂହଚିଥିଲା। ସମୟ ଯଥେଷ୍ଟ ହୋଇ ସାରି ଥିବାରୁ ଶଶୀରେଖା ସହ କୌଣସି କଥା ନହୋଇ, ବିପିନ କମ୍ପାନୀ କାମରେ ଯିବା ପାଇଁ ପ୍ରସ୍ତୁତି ହେଲା। ଶଶୀରେଖା ବିପିନକୁ କହୁଥିଲା, ସତରେ ଏ ସୁନ୍ଦର ସକାଳରେ ଚାଲ ଟିକେ ମନଭରି ଗପସପ ହେବା। ତମେ ମୋ କଥା ରଖିବ ତ? ବିପିନ କିନ୍ତୁ କହିଛି, ନାଁ ଅସମ୍ଭବ। ମୁଁ ଚାକିରି କରିଛି ଖେଳଘର ନୁହେଁ। ତା ଛଡା ଆମ କମ୍ପାନୀରେ ସକାଳୁ ସକାଳୁ ବସିକି ଗପ କରିବାକୁ ଅନୁମତି ନାହିଁ। ଅଭିମାନିନୀ ଶଶୀରେଖା କ୍ଷୀଣ କଣ୍ଠରେ ବିପିନର ଦୁଇ ହାତକୁ ଯାବୋଡି ଧରି କହିଲା, ମୁଁ କାଲି ଗୋଟିଏ ଅଶୁଭ ସ୍ୱପ୍ନ ଦେଖିଲି। ଠିକ ସେହି ସ୍ୱପ୍ନ ଦେଖିଥିଲି ତୁମ ବନ୍ଧୁ ସୁମନ୍ତଙ୍କ ଶେଷ ଯାତ୍ରାର ପୂର୍ବ ରାତିରେ। ମୁଁ ଆଜି ତୁମକୁ କେବେ ବି ଯିବାକୁ ଦେବିନାହିଁ। ବିପିନ ଆବାକ ହୋଇଗଲା। ଶଶୀରେଖାର ମମତାସିକ୍ତ କଣ୍ଠସ୍ୱରକୁ ପ୍ରତାରଣା କରି ବିପିନ କେମିତି ବା ଯିବ। ଶଶୀରେଖା କୋହଭରା କଣ୍ଠରେ କହୁଥିଲା - ଭଙ୍ଗା ମନ, ଭଙ୍ଗା ହୃଦୟ, ଭାଙ୍ଗି ଯାଇଥିବା ସଂସାରଟାରେ ଅନେକ କ୍ଷତି ସହିଲିଣି। ଆଉ ପାରିବିନି। ଆଉ ଏକ କ୍ଷତି ସହିବା ମୋ ପକ୍ଷେ ସମ୍ଭବ ନୁହେଁ।

ଶଶୀରେଖାର ଉଷୁମ ଲୁହର ଚାହାଣୀରେ ବିପିନର ମନ ପ୍ଲାବିତ ହେଉଥିଲା। ବିପିନ ଭାବୁଥିଲା କୁକର ପ୍ରତି ନିଷ୍ଠୁରତା ଓ ତା ପ୍ରତି ନିଗିଡି ପଡୁଥିବା ସମର୍ପିତ ଆକୂଳ ପ୍ରେମ କ୍ଷରେ ଥିବା ଶଶୀରେଖା ଚରିତ୍ରର ଭିନ୍ନତା। ଶଶୀରେଖାର ଜୀବନ, ପ୍ରେମ ଓ ଶରୀର ସତେ ଯେମିତି ବିପିନ ଆଡକୁ ଆଉଜି ପଡୁଥିଲା। କେଉଁ ଏକ ଗୁଣିଆର ଗୁଣି ଗାରେଡି ପରି ବିପିନ ବି ଧୀରେ ଧୀରେ ଶଶୀରେଖାର ବନ୍ଧନରେ ବାନ୍ଧି ହୋଇ ଯାଉଥିବାର ଅନୁଭବ କରୁଥିଲା। ଶଶୀରେଖାର ଅଳରା କେଶ ଗୁଡାକରେ ଆଙ୍ଗୁଳି ଚଳେଇ ବିପିନ କହୁଥିଲା, ସତରେ ଶଶୀରେଖା ତମର ମୋ ପ୍ରତି ଏତେ ମମତା ଅଛି? ସତରେ ମୁଁ ଭାଗ୍ୟବାନ। ଶଶୀରେଖା କିନ୍ତୁ ନିରୁତ୍ତର। ଶନିଆର ଡାକ ଜୋରରେ ଶୁଭୁଥିଲା। ବାବୁ କମ୍ପାନୀର ଗାଡି ଆସିଲାଣି। ଶିଘ୍ର ଆସନ୍ତୁ। କମ୍ପାନୀର ଗାଡିରେ ନିଜର କର୍ତ୍ତବ୍ୟ ପଥରେ ବିପିନ ଚାଲି ଯାଇଥିଲା। ହେଲେ କମ୍ପାନୀର ଗାଡି ସେଦିନ ଆଗକୁ ଆଗକୁ ଗଡ଼ିବା ସମୟରେ ବିପିନ ତାର ଜୀବନର ଭିନ୍ନମୋଡର ଉପଲବ୍ଧି ନିଆରା ଉନ୍ମାଦନା ସୃଷ୍ଟି କରିଥିଲା। ଶଶୀରେଖାର ସେହି ଅଶୁଭ ସ୍ୱପ୍ନ ସେହିଦିନ ପାଇଁ ତା ଭିତରେ ଆଶା ଓ ଆଶଙ୍କାର ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲା। ପରିସ୍ଥିତି ଓ ପରିବେଶ କିଭଳି ନାରୀକୁ ଭିନ୍ନରୂପ ଓ ଚରିତ୍ରରେ ଠିଆ କରାଇଥାଏ ତାହା ବିପିନ ଅତି ନିକଟରୁ ଅନୁଭବ କରୁଥିଲା। ହଁ ନାରୀ କାହିଁକି ପରିସ୍ଥିତି, ପରିବେଶ ଓ ସମୟ ପୁରୁଷର ବି ଚିତ୍ର ଓ ଚରିତ୍ରର ରଙ୍ଗ ଅନେକ କ୍ଷେତ୍ରରେ ବଦଳାଇ ଦିଏ।

ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର,
ମୋବାଇଲ୍: ୯୪୩୭୯୫୭୬୧୭



## ବ୍ୟଥା

ଡ.ଚନ୍ଦ୍ରକଳା ନାୟକ

କିଛି କଥା ଅଛି
ମୁଁ ତୁମକୁ ହିଁ କହିପାରେ
ଯାହା କହି ପାରେନା
ମୋ ନିଜର ମଣିଷମାନଙ୍କୁ
ଅବା ମୋ ଅନ୍ତରକୁ ।
ତୁମେ କଣ ଜାଣିଛ, କି କଥା ?
ସେ କଥା ମୋ ଅବ୍ୟକ୍ତର
ତାଳଗଛ ପରି ଖୁବ ବଜ୍ର
ନଦୀ ପରି ଗଭୀର
ଶ୍ରୋତ ପରି ତେଜ
ମା ପରି ଅତି କୋମଳ
ଅଥଚ ସେ ମୋର ସାଧା କାଗଜ ତଳର
ଅବ୍ୟକ୍ତ ଅନାଶକ୍ତ
କହି ପାରୁ ନଥିବା ବ୍ୟଥା ।
ବେଳେବେଳେ ସେ କହେ
ଖରାର କିରଣକୁ ଯିବାକୁ
ଶୀତର ପରଶକୁ ମାପିବାକୁ
ବସନ୍ତରେ ମହୁଆଲା ହେବାକୁ
ଝିପଝିପ ବର୍ଷାରେ ଭିଜିବାକୁ
ସବୁ କ୍ଳାନ୍ତି ପରେ ବି
ସମୟ ସହ ଏକଲା ଚାଲିବାକୁ ।
ଅନେକ ବେଳେ ମନର ବ୍ୟଥାଟା
ଦେବନାର ପରଶରେ ତରଳି ଯାଏ
ଆଗ୍ନେୟଗିରୀର ଲାଭା ପରି ନୁହେଁ
ଶିତଳ ସ୍ପର୍ଶର ଭାବରେ ନୁହେଁ
ଶୂନ୍ୟତାର ପଦଚିହ୍ନରେ
ପୁଣି ଉଲଗ୍ନ ଆଲିଙ୍ଗନର
ଶେଷ ପରଶର ଚୁମ୍ବନରେ ।
ସେ ବ୍ୟଥା କଥା ମୁଁ କାହାକୁ କହିପାରେନା
ତତେ ତାକୁ ସେମାନଙ୍କୁ
କହେ କେବଳ ସ୍ରଷ୍ଟାକୁ
ଗଢିଥିବା ପୃଥିବୀର ସୁପ୍ତ
ଚେତନାର ପଥିକ ଗୁଡାକୁ ।
ତୁ କିନ୍ତୁ ଆସୁ ବେଳ ଅବେଳରେ
ଆପଣାର ମାନଙ୍କର ଆକ୍ରୋଶରେ
ମୋ ଛାଇର ଶେଷଚିତ୍ର ପରି
ଭିଡ ଭିତରୁ ଧକ୍କା ଖାଇ
ଆଖିକୁ ମଳି ମଳି କାନ୍ଦିବା ପାଇଁ
ପୁଣି ଫେରାଇ ନେବାକୁ
ଭିନ୍ନ ଏକ ଦୁନିଆକୁ
ଯେଉଁଠି ଆଖିର ଲୁହଟାବି ପ୍ରତାରଣା କରି
ବ୍ୟଥାର ଶେଷ ସନ୍ତକଟିକକୁ
ଗୁଡେଇ ତୁଡେଇ ଖୋଜୁଥାଏ ଅନବରତ ।

ଅଧ୍ୟାପିକା, ମହାପୁରୁଷ ହାଡିଦାସ
ମହାବିଦ୍ୟାଳୟ, ଛତିଆ, ଯାଜପୁର,
ମୋବାଇଲ୍: ୯୪୩୭୯୫୭୬୧୭



## ପାଦସେବନ

ଶୋଭାମୟୀ ପତ୍ରୀ

ଲୋତକର ଅର୍ଘ୍ୟ ଢ଼ାଳି କରେ ଆଶ
ମାଗୁଣି ମୋ ଘେନା ହେଉ,,
ଦାସୀଟିଏ ହୋଇ ଚରଣ ସେବାର
ସୌଭାଗ୍ୟ ମୋ ଭାଲେ ଥାଉ
ଦୟାମୟ ମହାବାହୁ
ମୋର ଏ ଇତର ଜୀବେ ତବ ନାମ
ଗାଇଗାଇ ପ୍ରାଣ ଯାଉ ।।
ନାହିଁ ମୋର ଭକ୍ତି ନାହିଁ ମନ୍ତ୍ର ଶକ୍ତି
କି ଦେଇ ମୋହିବି ମନ,
ଅନ୍ତରର ଭାବ ଶୁଦ୍ଧ ଚିନ୍ତନର
ପୁଷ୍ପ ପଦେ ଅରପଣ,
କରୁ ଅଛି ଦୀନହୀନ
ତଓ୍ୱ ସିଂହଦ୍ୱାରେ ଭିକାରିଟେ ହୋଇ
କଟି ଯାଉ ମୋର ଦିନ ।।
ସଞ୍ଜସକାଳରେ କରିବି ଦର୍ଶନ
ତଓ୍ୱ ସେ କଳା ଶ୍ରୀମୁଖ,
ଭଜନ କୀର୍ତ୍ତନ ଶ୍ରବଣେ ମୋ ଆତ୍ମା
ହୋଇ ଯିବ ପାପ ମୁକ୍ତ,
ଏତିକି ସୌଭାଗ୍ୟ ଥାଉ
ତଓ୍ୱ ପଦସେବା ପାଇଁ ଜଗନ୍ନାଥ
ପୂଣ୍ୟ କିଛି କୃପା ହେଉ ।।

କେନ୍ଦ୍ରାପଡ଼ା





## ସେଇ ତ ମହତ ଜନ

ଡ଼ଃ ଅନୁପମା ବିଶ୍ୱାଳ

ସପନରେ ଥରେ ଆସିଲେ ଗୁରୁଜୀ
ଦେଖିଲେ ବିବେକାନନ୍ଦ
ସମ୍ମୁଖେ ଦେଖିଣ ଗୁରୁଙ୍କୁ ତାଙ୍କର
ହୋଇଲେ ଭାରି ଆନନ୍ଦ।

ଗୁରୁ ହାତେ ଥିଲା ଛୋଟ ପୋଥିଟିଏ
ଧରିଥିଲେ ଯତନରେ
ଶିଷ୍ୟ ପଚାରିଲେ ପୋଥି ବିଷୟରେ
କହିଲେ ଗୁରୁ ବିସ୍ତରେ।

ଈଶ୍ୱରଙ୍କୁ ଯେଉଁ ଶିଷ୍ୟ ଭଲପାଏ
ରହିଛି ପୁସ୍ତକେ ନାମ
ଦେଖିନିଅ ଥରେ ତୁମରି ନାମକୁ
ନ ଆଣି ମନରେ ଭ୍ରମ।

ସବୁଠାରୁ ତଳେ ଥିଲା ତାଙ୍କ ନାମ
ତେଣୁ କଲେ ମନ ଊଣା
ଗୁରୁଜୀ କହିଲେ ବ୍ୟସ୍ତ ହୁଅନାହିଁ
କର୍ମେ ହୁଅ ଦୃଢ଼ମନା।

ଅନ୍ୟ ଦିନେ ପୁଣି ଗୁରୁଜୀ ଆସିଲେ
ଧରିଥାନ୍ତି ପୋଥି କରେ
ମାନବକୁ ଯିଏ ବେଶି ଭଲପାଏ
ନାମ ତା' ଅଛି ଏଥିରେ।

ଦେଖିଲେ ସାଦରେ ବିବେକାନନ୍ଦ ଯେ
ନାମ ତାଙ୍କ ସର୍ବୋପରେ
ଆନନ୍ଦେ ବିଭୋର ହୋଇଲେ ସେଦିନ
ରହି ଆତ୍ମବିଶ୍ୱାସରେ।

ସେବା ଗୁଣ ଧର୍ମ ଚନ୍ଦନ ବନଟି
ଦିଏ ମନେ ଶୀତଳତା
ସୁଦିବ୍ୟ ଗୁଣର ଚାବିକାଠି ଏହା
ନରଖିଲେ ଆବିଳତା।

ଗୁରୁ ରାମକୃଷ୍ଣ କହିଲେ ବୁଝାଇ
ସେବା ହିଁ ଶ୍ରେଷ୍ଠ ରତନ
ନିଃସ୍ୱାର୍ଥ ଭାବରେ ଯେ ସେବା ଆଚରେ
ସେଇ ତ ମହତ ଜନ।

ସମ୍ବଲପୁର





## ଅପେକ୍ଷା

ସୌମ୍ୟା ସୁମନା ମହାନ୍ତି

ପ୍ରତି ପ୍ରଭାତେ ସୂର୍ଯ୍ୟ ଉଠେ,
ସୁନେଲି ରଙ୍ଗେ ହସେ ଗଗନ ।
ମୋ ଆଖି କିନ୍ତୁ ଖୋଜି ବୁଲେ,
ତୁମ ଆସିବାର ସେହି କ୍ଷଣ ।

ସଞ୍ଜ ନଇଁଲେ ଦୀପ ଜଳେ,
ପକ୍ଷୀ ଫେରେ ନିଜ ନୀଡ଼କୁ ।
ମୋର ମନ ତଥାପି ଚାହିଁ ରହେ,
ଅଜଣା ଗୋଟିଏ ପଦଧ୍ୱନିକୁ ।

ବର୍ଷା ଆସେ, ମେଘ ଭାସେ,
ଋତୁ ବଦଳେ ବାରମ୍ବାର ।
ଅପେକ୍ଷାର ଏହି ନୀରବ ଦୀପ,
ଜଳେ ହୃଦୟେ ଅନିବାର ।

ଚନ୍ଦ୍ର ଉଠିଲେ ରାତି କୋଳେ,
ତାରା ଝିଲିମିଲି ଗୀତ ଗାଏ ।
ନିଦ ଆସେନି ଦୁଇ ଆଖିକୁ,
ତୁମ ସ୍ମୃତି ମୋ ମନ ଛୁଏଁ ।
ଅପେକ୍ଷା କେବଳ ଦୁଃଖ ନୁହେଁ,

ଆଶାର ଏକ ମଧୁର ନାମ ।
ମିଳନ ଯଦି ଫୁଲର ସୁଗନ୍ଧ,
ବିରହ ତାହାର ସୁନ୍ଦର ଧାମ ।
ଦିନେ ନା ଦିନେ ପଥ ମିଶିବ,
ଏ ବିଶ୍ୱାସ ରହିଛି ହୃଦୟେ ।
ସେହି ବିଶ୍ୱାସର ଆଲୋକ ନେଇ,
ଅପେକ୍ଷା ହସେ ନୀରବତାରେ ।

ସହଦେବଖୁଣ୍ଟା, ବାଲେଶ୍ୱର





## ଷଷ୍ଠୀ ଘର

ପୁଷ୍ପଲତା ମିଶ୍ର

ଜନନୀ ଜଠରେ ସଂଚରିଲୁ ଯେବେ
ଷଷ୍ଠୀ ମାଆ ଗଢୁ ଥିଲା,
ସଂଚରିବା ଠାରୁ ଦଶ ମାସ ଯାଏ
ଷଷ୍ଠୀ ମାଆ ଜଗି ଥିଲା।।
ଅସ୍ଥି ମଜା,ମାଂସ ରକତ ର ସ୍ୱେଦେ
ଗଢ଼ିଲା ଯତନ କରି,
ବିଜ୍ଞାନ ତୂଳୀ ରେ ଜୀବ ଜଗତ କୁ
ଆଙ୍କିଲା ସହଜ କରି ।।
ପାଞ୍ଚ ମାସେ ଷଷ୍ଠୀ ଜୀବନ ଦେଇଣ
ଦେବ ମାତା ସେ ବୋଲାଇ,
ପ୍ରଥମ ଜନନୀ ଅଟେ ଷଷ୍ଠୀ ମାତା
ତାହାର ତୁଳନା ନାହିଁ ।।
ଷଷ୍ଠୀ ଘର କରି ପୁଜନ୍ତି ନାରୀ ଏ
କଳସ ସ୍ଥାପିଣ ଘରେ,
ତାଳ ପତ୍ର ଆଉ ଲେଖନୀ ଥୋଇଣ
ପୂଜନ୍ତି ହରଷ ଭରେ।।
ସେହି ଷଷ୍ଠୀ ଘର ଅଛି ଗ୍ରାମ ଘରେ
ଗାଆଁ କୁ ତ ଭୁଲି ଗଲେ,
ଗ୍ରାମ ରେ ରହିଲା ସବୁ ଷଷ୍ଠୀ ଘର
ସହରେ ଘର ତୋଳିଲେ ।।
ଷଷ୍ଠୀ ଘର କଥା ଭୁଲିନି କାଳିଆ
ଯାଏ ଗୁଣ୍ଡିଚା ମନ୍ଦିର,
ଗୁଣ୍ଡିଚା ମନ୍ଦିର ତାର ଷଷ୍ଠୀ ଘର
ନାହିଁ ତାର ପଟାନ୍ତର ।।
ରଥ ଯାତ୍ରା କରି ଦେଖାଏ କାଳିଆ
ଗୌରବ ମାଆ ମାଟିର,
ଆଜି ଯୁବ ପିଢ଼ି ଭୁଲି ଯାଉଛନ୍ତି
ସହରେ କରିଣ ଘର ।।

ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୯୪୬୫୭



## ମୁଁ, ତୁମେ ଓ ଶ୍ରାବଣ

ସ୍ୱାଗତିକା ସାହୁ

ଋତୁ ଆସୁଥିଲା ଓ ଯାଉଥିଲା
ମଗ୍ନ ଗଗନ,ମଗ୍ନ ପବନ,ମଗ୍ନ ଦିଗନ୍ତ....
ଋତୁ ମୁହୂର୍ତ୍ତକୁ ଡେଇଁଲା ବେଳେ
ଋତୁ କୁ ମାଗିଲି ବର୍ଷା ଛିଟା ଟିକେ
ବତୁରା ଖୁସିରେ ଉତୁରା ଜହ୍ନ ହସେ...!
ସିକ୍ତ ସିକତାରେ ଜଳ ସ୍ପର୍ଶରେ ନଇଁ...
ମୁଁ ଖୋଜି ବୁଲେ ମୋ ସମସ୍ତ ଆଳାପ
ସିକ୍ତ ହୁଏ ପ୍ରତିଟି ମୁହୂର୍ତ୍ତ
ସେଇ ଚିକ୍ ମିକ୍ ରୂପ ଶୃଙ୍ଗାରରେ...!

ରିମ୍ ଝିମ୍ ଶବ୍ଦ ସୁରରେ ସତେ ତୁମେ
କୋଳେଇ ନିଅ ଟାଙ୍ଗରା ଭୂଇଁ ବେଦନା
ଶବ୍ଦ ଶବ୍ଦରେ କିମ୍ବା ଭାବରେ...
ସେ କସ୍ତୁରୀ ବାସ୍ନାର ମାଟି ସୁଗନ୍ଧେ
ରାଗିଣୀ ସଜେ ନାଚିବାକୁ....!
ଓଦା ସମୟର ମହାବକ୍ଷେ ରଙ୍ଗମୟ
ମନ ପ୍ରଜାପତି ଉଡ଼ିବୁଲେ ସ୍ୱଚ୍ଛନ୍ଦେ
ଆବର୍ତ୍ତୀ ଅକ୍ଷ - କକ୍ଷ ପଥର
ଛାତି ତଳ ସୁଡ଼ଙ୍ଗରେ....
ଦେହେ କି ଶିହରଣ ନବୀନ ଠାଣି
ସର୍ବାଙ୍ଗ ଆଦରି ନିଏ......!
ହଁ ତୁମେ ଏକ ଅପ୍ରକାଶ୍ୟ ଅନୁଭବ
ଇହ ଜନ୍ମର ଆର୍ଦ୍ର ସ୍ୱପ୍ନର ନାୟକ
ଇଙ୍ଗିତ ତୁମ ନିଷ୍କ୍ରିୟ ହେବ ଶରୀର
ଆନତ ଅବନମିତ ଶ୍ରାବଣ ବର୍ଷାରେ...!
ହେଲ ବର୍ଷା ଆସିଲା କହି.....
ଅଜଣାରେ ହାତକୁ ଟାଣି ଧରେ
ତୁମ ଆଶଙ୍କାର ଅନୁଭୂତିକୁ
ଅନୁଭବ କରେ !
ଦେହ ଭିଜି ଓଧା ପଡ଼ିଯିବ...!

ସେ ଯାହା ବି ହେଉ.....
ତୁମ ପ୍ରୀତିର ଏ ଅଘୋଷିତ ସନ୍ତକେ
ମୋ ମନ ବେଳ ଭୁଇଁ କୁ
ଏମିତି ଚିହ୍ନାଏ....
ଆଉ ତୁମେ ମୁଁ ଭିଜିବାର ମଜା ନେବା
କି ,କାମିନୀ ନିଶା ସେ...
ମନ ମାଧୁରୀ ଝରୁଥିବା ଟପ୍ ଟପ୍ ଜଳ ବିନ୍ଦୁ
ତୁମ ଆପଦ ମସ୍ତକରୁ ପଡ଼ି
ମୋ ମଥା ଓଠ ସ୍ପର୍ଶ କରେ....
ଗୋଲାପୀ ଓଠରେ ଖିଲ ଖିଲ ହସ
ଚଦୁକିଙ୍ଗ ବ୍ୟାପିଯାଏ....
ଆଳସୀ ଆଖିରେ କାଚ କେନ୍ଦୁ ପାଣି
କେଜାଣି କିଜାଣୁ ଯାକୁ....
ଯେଉଁଠି ନଗନ ଛାତି ତଳ ଦରଜା
ଧାରା ଶ୍ରାବଣ ଜଳରେ
ଗଢ଼େ ଏକ ନୂତନ ସଂଯୋଗର ଉପନ୍ୟାସ....
ସେଠି ଥିବା ମୁଁ,ତୁମେ ଓ ଶ୍ରାବଣ...!!!
ଉମରକୋଟ, ନବରଙ୍ଗପୁର

## ଚିଚର୍ଲା ଉଦ୍ୟାନ ବିଭାଗରେ ନାହିଁ ପାଣି ସୁବିଧା

**କେସିଙ୍ଗା,୪।୮(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବୋରିଆ ପଞ୍ଚାୟତ ଚିଚର୍ଲା ଗାଁ ନିକଟରେ ଥିବା ଜାତୀୟ ରାଜପଥ ୨୬ ନିକଟରେ ଥିବା ଉଦ୍ୟାନ ବିଭାଗର ନର୍ସରି ଏବେ ଶ୍ରୀହୀନ ଅବସ୍ଥାରେ



ରହିଥିବା ଦେଖିବାକୁ ମିଳିଛି। ଦୀର୍ଘ ବର୍ଷ ହେଲା ଏହି ନର୍ସରିରେ ପାଣିର ସୁବିଧା ନ ଥିବାରୁ ବିଭିନ୍ନ ଚାରା ଉତ୍ପାଦନ କ୍ଷେତ୍ରରେ ଅସୁବିଧା ହେଉଛି। ସମଗ୍ର କେସିଙ୍ଗା ବ୍ଲକର ୨୬ଟି ଗ୍ରାମ ପଞ୍ଚାୟତର ଚାଷୀମାନଙ୍କୁ ପ୍ରୋତ୍ସାହନ ଯୋଗାଇଦେବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଚିଚର୍ଲା ନିକଟରେ ୨୦।୯।୧୯୯୫ ମସିହାରେ ଏକ ଅଫିସ କୋଠା ନିର୍ମାଣ କରାଯାଇଥିଲା। ଏହାକୁ ତତ୍କାଳୀନ ଜିଲାପାଳ ଜି. ସୁବର୍ଣ୍ଣ ରାଣୀ ଉଦଘାଟନ କରିଥିଲେ। ପରେ ଏହି ନର୍ସରୀ ମଧ୍ୟରେ ବିଭିନ୍ନ ପ୍ରକାରର ଫୁଲ, ଫଳ, ଚାରାରୋପଣ କରାଯାଉଥିଲା। ଏଠାରୁ ପଞ୍ଚାୟତ ଅଞ୍ଚଳ ତଥା ବ୍ଲକ ଓ ବ୍ଲକ ବାହାରକୁ ମଧ୍ୟ ଚାରାଗୁଡ଼ିକ ଚାଷୀମାନଙ୍କୁ ରିହାତି ଦରରେ ଯୋଗାଇ ଦିଆଯାଉଥିଲା। ସେ ସମୟରେ କିଛି ବର୍ଷ ଗଲାପରେ ନର୍ସରୀଟି ସୌନ୍ଦର୍ଯ୍ୟମୟ ପରିବେଶ ସୃଷ୍ଟି ହୋଇଥିଲା। ଏଣୁ ଅଞ୍ଚଳ ତଥା ଆଖପାଖ ଅଞ୍ଚଳରୁ ପ୍ରତ୍ୟେକ ଦିନ ଲୋକମାନେ ଫୁଲ ଫଳ ଗଛ କିଣି ଆସିବା ଏବଂ ପରିଭ୍ରମଣ ପାଇଁ ସକାଳ ସମୟ ଓ ସନ୍ଧ୍ୟାରେ ଆସୁଥିଲେ। ଏହି ନର୍ସରିଟି ଏଥିପାଇଁ ବ୍ଲକ ତଥା ଜିଲ୍ଲା ମଧ୍ୟରେ ଏକ ନନ୍ଦନକାନନ ନାମରେ ପରିଚିତ ହୋଇଥିଲା। କିନ୍ତୁ ଏହି ନନ୍ଦନକାନନ ଆଜି ଶ୍ରୀହୀନ ଅବସ୍ଥାରେ ପଡ଼ିରହିଛି। ହେଲେ କାଳକ୍ରମେ କଣ ହେଲା କେଜାଣି ଧୀରେ ଧୀରେ ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲି ଆସିଥିଲା। ଏଠାରେ ନିୟୋଜିତ କର୍ମଚାରୀଙ୍କ ଦେଖା ଦର୍ଶନ ମଧ୍ୟ ମିଳୁ ନାହିଁ।

# ଅନ୍ଧାରରେ ଏବେ ସ୍ମାର୍ଟ ସ୍କୁଲ୍

## କରେଣ୍ଟ ନାହିଁ, ପାଠ ପଢ଼ିବାକୁ ଆସୁନାହାନ୍ତି ପିଲା

**ସମ୍ବଲପୁର,୪।୮(ସଂଚାର ବ୍ୟୁରୋ):** ଜିଲ୍ଲା ଯୁଜୁମୁରା ବ୍ଲକରୁ ଶିକ୍ଷା ବ୍ୟବସ୍ଥାର ଏକ ବିକଳ ଚିତ୍ର ସାମ୍ନାକୁ ଆସିଛି। ସରକାର ସ୍କୁଲକୁ 'ସ୍ମାର୍ଟ' କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି କମ୍ପ୍ୟୁଟର, ସ୍ମାର୍ଟ ବୋର୍ଡ ଏବଂ ପ୍ରତି କ୍ଲାସରୁମରେ ୪ରୁ ୬ଟି ଫ୍ୟାନ୍ ଦେଇଛନ୍ତି, କିନ୍ତୁ ବିଜୁଳି ସଂଯୋଗ ନଥିବାରୁ ଏସବୁ ଏବେ କେବଳ ପ୍ରଦର୍ଶନୀ ବସ୍ତୁ ପାଲଟିଛି। ଖାଙ୍କରପାଲି ସ୍ଥିତ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ଗତ ଦୁଇ ବର୍ଷ ହେଲା ବିଦ୍ୟୁତ ସଂଯୋଗ କାଟି ଦିଆଯାଇଥିବାରୁ ପିଲାଙ୍କ ପାଠପଢ଼ା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ପ୍ରବଳ ଗରମ ଓ ଗୁଳୁଗୁଳି ଯୋଗୁଁ ପିଲାମାନେ ସ୍କୁଲ ଆସିବାକୁ ଅମଙ୍ଗ ହେଉଛନ୍ତି, ଯାହାଫଳରେ ଗୋଟିଏ




ବର୍ଷ ମଧ୍ୟରେ ଉପସ୍ଥାନ ପ୍ରାୟ ୩୦ ପ୍ରତିଶତ କମିଯାଇଛି। ପରିସ୍ଥିତି ଏପରି ହୋଇଛି ଯେ, ଶିକ୍ଷକମାନେ ଫୋନ୍ କଲେ ପିଲାମାନେ ଓଲଟା କହୁଛନ୍ତି, 'ଆଗ ଫ୍ୟାନ ଚଳାଅ, ତା'ପରେ ଆମେ ସ୍କୁଲ ଯିବୁ'। ଟାଟା ପାୱାରର ଜୁଲୁମ୍ ଯୋଗୁଁ ଏଭଳି ସ୍ଥିତି ଉପୁଜିଥିବା ସ୍କୁଲ କର୍ତ୍ତୃପକ୍ଷ ଅଭିଯୋଗ କରିଛନ୍ତି। ପ୍ରାୟ ଦୁଇ ବର୍ଷ ତଳେ ଟାଟା ପାୱାର କର୍ମଚାରୀମାନେ ହଠାତ୍ ସ୍କୁଲରେ ଚଢ଼ାଉ କରି ଛାତ ଉପରେ କିଛି ତାର ପଡ଼ିଥିବା ଦେଖି ବିଦ୍ୟୁତ ଚୋରିର ଅଭିଯୋଗ ଆଣିଥିଲେ। ଏଥିପାଇଁ ସ୍କୁଲ ଉପରେ ଦେଢ଼ ଲକ୍ଷ ଟଙ୍କାର ଜରିମାନା କରାଯିବା ସହ ବିଜୁଳି ସଂଯୋଗ କାଟି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ବାରମ୍ବାର ଆଲୋଚନା ପରେ ୩୦ ହଜାର ଟଙ୍କା ଦେଲେ ସମସ୍ୟାର ସମାଧାନ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଥିଲା। ସ୍କୁଲ ପକ୍ଷରୁ ୩୦ ହଜାର ଟଙ୍କା ପୈଠ କରାଯାଇଥିଲେ ମଧ୍ୟ କିଛି ଦିନ ବିଜୁଳି ଦେଇ ପୁଣି ଥରେ ସଂଯୋଗ ବିଚ୍ଛିନ୍ନ କରିଦେଇଛି ଟାଟା ପାୱାର। ବିଦ୍ୟୁତ ବିଚ୍ଛିନ୍ନ ଯୋଗୁଁ ସରକାର ଯୋଗାଇ ଦେଇଥିବା କମ୍ପ୍ୟୁଟର ଓ ସ୍ମାର୍ଟ ଏଲଇଡି ବ୍ୟବହାର ହୋଇନପାରି ଅଚଳ ହୋଇ ପଡ଼ିରହିଛି। ଏହି ହାଇସ୍କୁଲଟି ଏକ 'ନ୍ୟୁ ଆଡେଡ୍ ସ୍କୁଲ' ହୋଇଥିବାରୁ ବିଦ୍ୟୁତ ବିଲ୍ ବାବଦ ଅର୍ଥ ସରକାରଙ୍କ ପକ୍ଷରୁ ମିଳୁନାହିଁ। ପୂର୍ବରୁ ପିଲାଙ୍କ ନାମଲେଖା ଫି'ରୁ ବିଜୁଳି ଖର୍ଚ୍ଚ ବହନ କରାଯାଉଥିଲା, କିନ୍ତୁ ଏବେ ନାମଲେଖା ଫି' ନିଆଯାଉ ନଥିବାରୁ ବିଦ୍ୟୁତ ବିଲ୍ ବାବଦ ବକେୟା ଅର୍ଥ ଦେବା ପାଇଁ କଷ୍ଟକର ହୋଇପଡ଼ିଛି। ୫-ଟି ରୂପାନ୍ତରୀକରଣ ଅଧୀନରେ ସ୍ମାର୍ଟ ସ୍କୁଲର ମାନ୍ୟତା ପାଇଥିବା ଏହି ବିଦ୍ୟାଳୟରେ ପିଲାମାନେ ଝାଳନାଳ ହୋଇ ପାଠ ପଢୁଥିବା ବେଳେ ପ୍ରଶାସନିକ ଉଦାସୀନତାକୁ ନେଇ ଅଭିଭାବକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ କହିଛନ୍ତି ଯେ, ସେ ଘଟଣା ସମ୍ପର୍କରେ ଅବଗତ ଅଛନ୍ତି ଏବଂ ଖୁବଶୀଘ୍ର ସ୍କୁଲକୁ ବିଦ୍ୟୁତ ସଂଯୋଗ ଯୋଗାଇ ଦେବାକୁ ଚେଷ୍ଟା କରାଯିବ।

## ନିରାମୟରେ ଦିଆଯାଉଛି ଏକ୍ସପାୟରୀ ମେଡିସିନ୍




**ବରଗଡ଼,୪।୮(ସଂଚାର ବ୍ୟୁରୋ):** ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରହିଥିବା ନିରାମୟରେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଏଠାରେ ରୋଗୀଙ୍କୁ ଏକ୍ସପାୟାରୀ ମେଡିସିନ୍ ଦିଆଯାଇଥିବା ଅଭିଯୋଗ ହୋଇଛି। ଏଠାକୁ ଆସିଥିବା ଜଣେ ଆହତ ବାଳକଙ୍କୁ ସେଭଳି ମେଡିସିନ୍ ଦିଆଯିବା ଏବଂ ତାହା ଖାଇବା ପରେ ରୋଗୀଙ୍କ ମୁଣ୍ଡ ବୁଲାଇବା ଜଣାପଡିବା ପରେ ଜନ ଅସନ୍ତୋଷ ବଢ଼ି ଚାଲିଛି। ମେଡିସିନର ଏକ୍ସପାୟାରୀ ତାରିଖ ଗତ ମେ ମାସରେ ସରିଯାଇ ଥିବାବେଳେ ସେହି ମେଡିସିନ୍ ରୋଗୀଙ୍କୁ ଦିଆଯାଇଥିଲା ବୋଲି ରୋଗୀଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ବଜାରରେ ଖୋଲିଲା '୯୯-ବଜାର' ସପିଙ୍ଗ ମଲ୍



**ବୈଶିଙ୍ଗା,୪।୮(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ବଜାର ଉପକଣ୍ଠ ରଙ୍ଗାମାଟିଆ ଛକ ନିକଟରେ ୯୯-ବଜାର' ସପିଙ୍ଗ ମଲ ଉଦଘାଟିତ ହୋଇଛି। ସପିଙ୍ଗ ମଲ ମାଲିକ ତଥା ନଛିପୁରିଆ ଗ୍ରାମର ତୁଷାରକାନ୍ତ ସାହୁ ଏବଂ ସଞ୍ଜୁକ୍ତା ସାହୁଙ୍କ ପୁତ୍ର ବିନୋଦ ସାହୁ ଏବଂ ପୁତ୍ରବଧୂ ଦିବ୍ୟଜ୍ୟୋତି ସାହୁଙ୍କ ପ୍ରଚେଷ୍ଟାରେ ସୋମବାର ଏହାର ଭବ୍ୟ ଉଦଘାଟନ ହୋଇଯାଇଛି। ଏହି '୯୯-ବଜାର ' ରେ ୯ ଟଙ୍କାରୁ ଆରମ୍ଭ କରି ୯୯ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ସାମଗ୍ରୀ ବିକ୍ରୀ ହେଉଥିବାର ଦେଖିବାକୁ ମିଳିଛି। ଯୁଗପୋଯୋଗୀ ଚାଷ କାର୍ଯ୍ୟରେ ବ୍ୟବହୃତ କିଛି ସାମଗ୍ରୀ, ଗୃହିଣୀ ମାନଙ୍କର ବିଭିନ୍ନ ସାମଗ୍ରୀ, ପିଲାମାନଙ୍କ ପାଇଁ ମଧ୍ୟ ବହୁ ବିଭିନ୍ନ ପ୍ରକାରର ଆକର୍ଷଣୀୟ ଜିନିଷ ବିକ୍ରି ହେଉଅଛି। ଉଦଘାଟନ ଦିନ ଆକର୍ଷଣୀୟ ଉପହାର ଥିବାରୁ ବହୁ ସଂଖ୍ୟାରେ ଭିଡ ଦେଖିବାକୁ ମିଳିଥିଲା। ଗୋଟିଏ ଜାଗାରେ ବ୍ୟବହାରିକ ବିଭିନ୍ନ ଜିନିଷ ମିଳୁଥିବାରୁ ଗ୍ରାହକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## ଡେପୁଟେସନ ବିରୋଧରେ ବଡ଼କର୍ଲାକୋଟ ପିଏମଶ୍ରୀ ବିଦ୍ୟାଳୟରେ ତାଲା

**ମୁଖୀଗୁଡା,୪।୮(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧୀନରେ ଥିବା ବଡକର୍ଲାକୋଟ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁଇ ଶିକ୍ଷକଙ୍କ ଡେପୁଟେସନକୁ ବିରୋଧ କରି ବିଦ୍ୟାଳୟକୁ ତାଲା ପକାଇ ଛାତ୍ରଛାତ୍ରୀ, ଅଭିଭାବକ ଓ ଏସଏମସି ସଦସ୍ୟ ଧାରଣାରେ ବସିଛନ୍ତି। ଅଭିଯୋଗ ଅନୁସାରେ, ଜିଲ୍ଲା ଶିକ୍ଷା ଅଧିକାରୀ ଟିଜିଟି ସାଇନ୍ସ ଅବିରାମ ଭୋଇ ଓ ଟିଜିଟି ଆର୍ଟସ କୃଷ୍ଣଚନ୍ଦ୍ର କୁମାରଙ୍କୁ ଡେପୁଟେସନରେ ପଠାଇଛନ୍ତି।ପୂର୍ବରୁ ମଧ୍ୟ ଜଣେ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀଙ୍କୁ ଡେପୁଟେସନରେ ପଠାଯାଇଥିବା ବେଳେ ଉଭୟଙ୍କ ମଧ୍ୟରୁ ଜଣେ ଶିକ୍ଷକ ବିଦ୍ୟାଳୟ ଫେରିଛନ୍ତି।ପିଲାଙ୍କ ପାଠପଢ଼ା ବ୍ୟାହତ ହେବ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଶିଶୁବାଟିକାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୬୦୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାରୁ ତୁରନ୍ତ ଡେପୁଟେସନ୍ ବାତିଲ କରିବାକୁ ଦାବି କରାଯାଇଛି। ଦାବି ପୂରଣ ନହେଲେ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ବର୍ତ୍ତମାନ ଶିକ୍ଷା ବିଭାଗ କେଉଁ ପଦକ୍ଷେପ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଗାୟତ୍ରୀ ମହାଯଜ୍ଞ ନେଇ ପ୍ରସ୍ତୁତି ବୈଠକ

**ଜୟପୁର,୪।୮(ସଂଚାର ବ୍ୟୁରୋ):** ଗାୟତ୍ରୀ ଶକ୍ତି ପୀଠ ଠାରେ ୨୫୧ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅବିଭକ୍ତ କୋରାପୁଟ ଜିଲ୍ଲା ଗାୟତ୍ରୀ ପରିବାରର ଗୋଷ୍ଠି ସଭାପତି ପ୍ରକାଶ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ଏସପି, ଏସଡିପିଓ, ଅଗ୍ନିଶମ ବିଭାଗ, ବିଜୁଳି ବିଭାଗ, ଜଳ ସମ୍ପଦ ବିଭାଗ, ଟାଉନ ଆଇ.ଆଇ.ସି., ସଦର ଆଇ.ଆଇ.ସି., ସ୍ୱାସ୍ଥ୍ୟ ବିଭାଗ, ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ, ସମସ୍ତ ପ୍ରଶାସନିକ ବିଭାଗକୁ ସ୍ୱୀକୃତି ନିମନ୍ତେ ଦରଖାସ୍ତ ପ୍ରଦାନ କରାଯାଇଛି। ଏବଂ ସମସ୍ତ ବିଭାଗ ବହୁ ଉତ୍ସାହ ସହକାରେ ଭୂରି ଭୂରି ପ୍ରଶଂସା ସହ ସହଯୋଗର ହାତ ବଢ଼ାଇବା ନିମନ୍ତେ ସହମତି ପ୍ରକାଶ କରିଥିଲେ। ଶକ୍ତିପୀଠ ମୁଖ୍ୟ ଟ୍ରଷ୍ଟି ଋତୁମ୍ବରା ପାତ୍ର, ନିରଞ୍ଜନ ପାଣିଗ୍ରାହି, ଗଙ୍ଗାଧର ପାଣିଗ୍ରାହି, ଗୋପାଳ ପାତ୍ରଙ୍କ ପ୍ରତିନିଧିତ୍ୱରେ ୧୨୦ ଜଣ ହରିଦ୍ୱାର ଯାଇ ମହାଯଜ୍ଞର ଶୁଭାରମ୍ଭ ନିମନ୍ତେ ଦିବ୍ୟ ଶକ୍ତି କଳସ ଆଣିବା ନିମନ୍ତେ ସ୍ଥିର କରାଗଲା।

## ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

**ମାଲକାନଗିରି,୪।୮(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ୮୦ ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହର ସଫଳ ଆୟୋଜନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଆଗାମୀ ସ୍ୱାଧୀନତା ଦିବସକୁ କିଭଳି ଶୃଙ୍ଖଳିତ ଓ ଆଡମ୍ବରପୂର୍ଣ୍ଣ ଭାବେ ପାଳନ କରାଯିବ, ସେ ନେଇ ବ୍ୟାପକ ଆଲୋଚନା କରିଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥୀ ସରାବୁ, ଉପ ଜିଲ୍ଲାପାଳ ଦୂର୍ଯ୍ୟୋଧନ ଭୋଇ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆର କେ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକ ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ଚଳିତ ବର୍ଷର କାର୍ଯ୍ୟକ୍ରମ ରୂପରେଖ ଉପସ୍ଥାପନ କରିବା ସହ ବୈଠକରେ ଉପସ୍ଥିତ ସଭ୍ୟମାନଙ୍କର



ପ୍ରସ୍ତାବ ଲୋଡ଼ିଥିଲେ। ଏହି ବୈଠକର ନିଷ୍ପତ୍ତି ଅନୁଯାୟୀ, ୮୦ ତମ ସ୍ୱାଧୀନତା ଦିବସ ସକାଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହରରେ ସଂଗୀତମୟ ରାମଧୂନ ପରିବେଷଣ କରାଯିବ। ସକାଳ ୭.୩୦ ମିନିଟ୍ ଠାରୁ ୮.୦ ଟା ମଧ୍ୟରେ ଜିଲ୍ଲାର ପ୍ରତ୍ୟେକ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସ୍ଥାନୀୟ ଡି.ଏନ୍.କେ. ଖେଳ ପଡ଼ିଆଠାରେ ଆୟୋଜିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଉତ୍ସବରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବେ। ଏହା ସହିତ ସ୍କୁଲ ଓ କଲେଜ ସ୍ତରର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବା ସହ ଜିଲ୍ଲାରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଟପ୍ପର ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯିବାର ବ୍ୟବସ୍ଥା ହୋଇଛି। ଅଗଷ୍ଟ ମାସରେ ପଡୁଥିବା କ୍ରାନ୍ତି ଦିବସ ଓ ବିଶ୍ୱ ଜନଜାତି ଦିବସ ଅବସରରେ ଜିଲ୍ଲାର ସମସ୍ତ ବ୍ଲକ ଏବଂ ଗ୍ରାମ ପଞ୍ଚାୟତରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି।

● ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଆବେଦନ

## କୃଷି କାର୍ଯ୍ୟାଳୟରେ କୃଷକଙ୍କ ପ୍ରବଳ ଭିଡ଼

**ଦାରିଙ୍ଗବାଡ଼ି,୪।୮(ସଂଚାର ବ୍ୟୁରୋ):** କୃଷି କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ କୃଷକମାନଙ୍କୁ ବିଭିନ୍ନ ଯୋଜନାର ସୁଫଳ ଯୋଗାଇ ଦିଆଯାଉଛି। ବର୍ତ୍ତମାନ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ଧାନ, ମକା, ଅଦା ଓ ହଳଦୀ ଆଦି ଫସଲ ନଷ୍ଟ ହେବାର ଆଶଙ୍କା ଦେଖାଦେଇଥିବା ବେଳେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ବନ୍ୟପ୍ରାଣୀଙ୍କ ଦ୍ୱାରା ଫସଲ ନଷ୍ଟ ଚିନ୍ତାରୁ ମୁକ୍ତି ପାଇବା ପାଇଁ ସରକାର 'ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା' (ପି.ଏମ୍.ଏଫ୍.ବି.ୱାଇ.) ଜରିଆରେ ପଞ୍ଜିକରଣ କରିବାର ସହଜ ବ୍ୟବସ୍ଥା କରିଛନ୍ତି। ଦାରିଙ୍ଗବାଡ଼ି ଗୋଷ୍ଠୀ କୃଷି ଅଧିକାରୀ ସୀତାଂଶୁ କୁମାର ମଲିକଙ୍କ ସୂଚନା ଅନୁଯାୟୀ, କେବଳ ପ୍ରାକୃତିକ ବିପର୍ଯ୍ୟୟ ନୁହେଁ, ବନ୍ୟପ୍ରାଣୀଙ୍କ ଦ୍ୱାରା ଫସଲ ନଷ୍ଟ ହେଲେ ମଧ୍ୟ ବୀମା କରିଥିବା ଚାଷୀମାନେ ସହଜରେ କ୍ଷତିପୂରଣ ପାଇପାରିବେ। ଚାଷୀମାନେ ଧାନ, ମକା, ଅଦା ଓ ହଳଦୀ ଚାଷ ପାଇଁ ୫ ଏକର ପର୍ଯ୍ୟନ୍ତ ଜମିର ବୀମା ସମ୍ପୂର୍ଣ୍ଣ ମାଗଣାରେ କରିପାରିବେ। ଏଥିପାଇଁ ପଞ୍ଜିକରଣ ବାବଦକୁ କୃଷକଙ୍କୁ ପ୍ଲଟ୍ ପିଛା ମାତ୍ର ୧ ଟଙ୍କା ଟୋକନ୍




ମନି ଦେବାକୁ ପଡ଼ିବ। ଏହି ବୀମା ଆବେଦନ କରିବା ପାଇଁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରାଯାଇଛି। ଗୋଷ୍ଠୀ କୃଷି କାର୍ଯ୍ୟାଳୟ ସମେତ ନିକଟସ୍ଥ ଜନସେବା କେନ୍ଦ୍ର ବା ସମବାୟ ସମିତିକୁ ଯାଇ ନିଜ ଫସଲ ବୀମା କରାଇନେବା ପାଇଁ ସୁବିଧାଜନକ ବ୍ୟବସ୍ଥା କରାଯାଇଛି।

## ୨୦ ଦଫା ଦାବିରେ ଆରଓ ବଲାଙ୍ଗିର ସମ୍ମୁଖରେ ଏଓଜିବିଓ ଓ ଓଜିବିଇଏର ବିକ୍ଷୋଭ

**ବଲାଙ୍ଗିର,୪।୮(ସଂଚାର ବ୍ୟୁରୋ):** ଆସୋସିଏସନ ଅଫ୍ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଅଫିସର୍ସ ଏବଂ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଏମ୍ପ୍ଲଇଜ ଆସୋସିଏସନ ର ୨୦ ଦଫା ଦାବିପତ୍ର ପୂରଣ ପାଇଁ ବଲାଙ୍ଗିର ସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ



(ଆରଓ) ସମ୍ମୁଖରେ ଏକ ବିକ୍ଷୋଭ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ଆଖପାଖ ଅଞ୍ଚଳରୁ ପ୍ରାୟ ୫୦ ଜଣ କର୍ମଚାରୀ ଯୋଗ ଦେଇଥିଲେ। ଏହି ଆନ୍ଦୋଳନକୁ ଅବସରପ୍ରାପ୍ତ କର୍ମଚାରୀ ସଂଘ ପୂର୍ଣ୍ଣ ସମର୍ଥନ ଜଣାଇଥିବା ବେଳେ, ସଂଘର ସାଧାରଣ ସମ୍ପାଦକ କିଶୋର ପୁରୋହିତ ନିଜ ଅଭିଜ୍ଞତା ମାଧ୍ୟମରେ କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ। ସହକାରୀ ସାଧାରଣ ସମ୍ପାଦକ ହୃଦାନନ୍ଦ ମିଶ୍ର ୨୦ ଦଫା ଦାବି ଉପେ ଆଲୋକପାତ କରି ଲକ୍ଷ୍ୟ ହାସଲ ନ ହେବା ଯାଏଁ ଏକଜୁଟ ରହିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ରେଡ ପଲ୍ ଆଲେକ୍ସ ଏକ୍କା ମ୍ୟାନେଜମେଣ୍ଟ ସହ ବୈଠକରେ ଅଭିଜ୍ଞତା ବାଣ୍ଟିଥିବା ବେଳେ, କମ୍ରେଡ ଉତ୍କଳିକା ନାୟକ ମ୍ୟାନେଜମେଣ୍ଟର ନୀତି ଯୋଗୁଁ ମହିଳା କର୍ମଚାରୀମାନେ ଭୋଗୁଥିବା ସମସ୍ୟା ବିଷୟରେ ବକ୍ତବ୍ୟ ରଖିଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ଚେତାବନୀ ଦେଇଛି।

'ଓଏଚ୍' ନାମରେ ୫ କୋଟିର ବଜେଟ ଅନୁମୋଦିତ ହୋଇଥିଲା

## ବାକି ୨ କୋଟିର ଉନ୍ନତିମୂଳକ କାମ ହେବାର ଫିଟୁନି ବାଟ

**ବୈଶିଙ୍ଗା,୪।୮(ସଂଚାର ବ୍ୟୁରୋ):** ଶହେ ବର୍ଷର ବୈଶିଙ୍ଗୀ ଡାକ୍ତରଖାନା ର ଉନ୍ନତି ପାଇଁ କେତେ କେତେ ଲୋକ ପ୍ରତିନିଧି ସ୍ୱାଧୀନତା ପରେ ଶାସନ କରି ଗଲେଣି ସତ ମାତ୍ର ଏଥି ପ୍ରତି କାହାରି ନଜର ନଥିବା ପରିଲକ୍ଷିତ ହୁଏ। ତେବେ ୨୦୨୨ରୁ ୨୦୨୫ ଆର୍ଥିକ ବର୍ଷରେ 'ଓଏଚ୍' ନାମରେ ୫ କୋଟି



ଦୁଇ ଲକ୍ଷ ଟଙ୍କା ବଜେଟ ଅନୁମୋଦିତ ହୋଇ ଦୁଇ କୋଟି ବାଇଶ ଲକ୍ଷ ଟଙ୍କାର ଆଉଟଡୋର ବିଲ୍ଡିଂ, ୨୪ ଲକ୍ଷ ଟଙ୍କା ରେ ଆଶା ଗୃହ, ଶବ ଗୃହ ନିର୍ମାଣ କରାଯାଇଛି। ବାକି ଥିବା ଦୁଇ କୋଟି ୭୮ ଲକ୍ଷ ଟଙ୍କାର କାର୍ଯ୍ୟ କଣ ହେବ କାହାରି ପାଖରେ ହିସାବ ନଥିଲା। ଏଥପାଇଁ ବୈଶିଙ୍ଗା ଶିବାଜୀ ଯୁବକ ସଂଘ ଅଣ୍ଟା ଭିଡିଥିଲା। ସୂଚନା ଅଧିକାର ଆଇନ ବଳରେ ଏହି ଟଙ୍କାର ହିସାବ ଜାଣିବା ପାଇଁ ଆର .ଡି. ବିଭାଗରେ ଆବେଦନ କରାଯାଇଥିଲା। ଏହି ବିଭାଗର ସୁପରିଟେଣ୍ଡିଂ ଇଞ୍ଜିନିୟର ରାଜେଶ ପ୍ରଧାନ ଙ୍କୁ ସାକ୍ଷାତ କରାଯିବା ପରେ ସେ ସମସ୍ତ ବିଷୟ ଅବଗତ ହେବା ପରେ ଗୋଟିଏ ସପ୍ତାହ ମଧ୍ୟରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯାଇ ଖୁବ ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।ଏହା ଦ୍ୱାରା ବୈଶିଙ୍ଗା ଡାକ୍ତରଖାନାର ବହୁ ପରିମାଣରେ ଅବ୍ୟବସ୍ଥା ଦୂର ହୋଇପାରିବ। ମାତ୍ର ଏହା ଭିତରେ ୧୦ ମାସ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ କାର୍ଯ୍ୟ କରାଯିବାର କୌଣସି ପଦକ୍ଷେପ ନେଇଥିବାର ପରିଲକ୍ଷିତ ହୋଇଛି। ଏଥିପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ଅଧିକ୍ଷଣ ଯନ୍ତ୍ରୀ ଙ୍କୁ ଯୋଗା ଯୋଗ କରାଯିବା ପରେ ସେ କହିଲେ ଏହି ହେଡ଼ ରେ ଟଙ୍କା ଏବେ ନାହିଁ ପରବର୍ତ୍ତୀ ସମୟରେ କାର୍ଯ୍ୟ ଆରମ୍ଭ ହେଲେ ଜଣାଇ ଦିଆଯିବ।

## ନିଶାମୁକ୍ତି ଶପଥ ଅଭିଯାନର ଜିଲ୍ଲାସ୍ତରୀୟ ଶୁଭାରମ୍ଭ

**ନୂଆପଡ଼ା,୪।୮(ସଂଚାର ବ୍ୟୁରୋ):** ନିଶାମୁକ୍ତ ଭାରତ ଅଭିଯାନ ଓ ମିଶନ ସ୍ପନ୍ଦନ ଅନ୍ତର୍ଗତ ୧୦ କୋଟି ନିଶାମୁକ୍ତି ଶପଥ ମହାଅଭିଯାନର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ଆଜି ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ରାଜଯୋଗ ଏଜୁକେସନ ଆଣ୍ଡ ରିସର୍ଚ୍ଚ ଫାଉଣ୍ଡେସନର ମେଡିକାଲ ୱିଙ୍ଗ ପକ୍ଷରୁ ଆୟୋଜିତ ଏହି ଅଭିଯାନର ଲକ୍ଷ୍ୟ ହେଉଛି ଦେଶର ୧୦ କୋଟି ନାଗରିକଙ୍କୁ ନିଶାମୁକ୍ତ ଜୀବନଶୈଳୀ ଗ୍ରହଣ ପାଇଁ ପ୍ରେରିତ କରିବା। ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କ ସଚେତନ ଓ ସକ୍ରିୟ ଭୂମିକାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ରହ୍ମକୁମାରୀ ଅନୀତା ଓ ବ୍ରହ୍ମକୁମାରୀ ସୁମତୀ ନିଶା ସେବନର କୁପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ନିୟମିତ ରାଜଯୋଗ ଧ୍ୟାନ ଓ ଯୋଗାଭ୍ୟାସ ମାଧ୍ୟମରେ ଆତ୍ମଶକ୍ତି ବୃଦ୍ଧି ସହ ନିଶା ଅଭ୍ୟାସରୁ ମୁକ୍ତି ମିଳିପାରିବ ବୋଲି ସେମାନେ କହିଥିଲେ।

## ଲଗାଣ ବର୍ଷାରେ ଆଗଲପୁର ବ୍ଲକ୍ ପଲ୍‌ହାଘାରି ନଷ୍ଟ ଜମି ବାଲିଚର

**ବଲାଙ୍ଗୀର,୪।୮(ସଂଚାର ବ୍ୟୁରୋ):** ଗତ ଲଗାଣ ବର୍ଷାରେ ଆଗଲପୁର ବ୍ଲକରେ ଚାଷୀଙ୍କ ବହୁ କ୍ଷୟକ୍ଷତି ହୋଇଛି। ଅଙ୍ଗନଦୀ କୁଳିଆ ଅଞ୍ଚଳ ହୋଇଥିବାରୁ ୪ରୁ ୫ ଦିନ ଧରି ଚାଷ ଜମି ଜଳମଗ୍ନ ରହିଥିଲା ଫଳରେ ପଲ୍‌ହାଘାରି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପାଣିର ସ୍ରୋତ ଚାଲୁଥିବା ଜମିଗୁଡ଼ିକ ବାଲିଚର ହୋଇଛି। ଫଳରେ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଧାର କରଜ କରି ପୁଣି ଧାନ ବିହନ କିଣି ପଲ୍‌ହା ପକାଇବାକୁ ପ୍ରସ୍ତୁତି ଆରମ୍ଭ କରୁଥିବା ଜଣାପଡ଼ିଛି। ବିଶେଷ କରି କୁଟାସିଂହା ପଞ୍ଚାୟତର ଡୁଙ୍ଗୁରିପାଲି ଓ ତେନ୍ତୁଳିଗାଁର ଚାଷୀ ବଶିଷ୍ଠ ଛନ୍ଦ, ରାଧେ ବଢ଼େଇ, ବ୍ୟାସଦେବ ବଢ଼େଇ, ପ୍ରଫୁଲ୍ଲ ଛନ୍ଦ ଯୁବରାଜ ଧରୁଆ, ଶମ୍ଭୁ ମହାକୁର, କବିରାଜ କ୍ଷେତି, ଶୁକୃ ବିଶି, କବିରାଜ ପଧାନ, ଗଡ଼ଗଡୁ ସାହୁ, ବଳିଷ୍ଠ ସାହୁ, ରଞ୍ଜନ ସାହୁ, ଭୁତନାଥ ଛନ୍ଦ, ମହେନ୍ଦ୍ର ମହାକୁର, ଜନ୍ମେଜୟ ଛନ୍ଦ, ଚୈତନ୍ୟ ପଧାନ, ରାଧାକାନ୍ତ କଳତା, ବିଜୟ ପଧାନଙ୍କ ପଲ୍‌ହାଘାରି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଜଣେଇଛନ୍ତି ଓ ପ୍ରଶାସନ ଉଚିତ ତଦନ୍ତ କରି କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଛନ୍ତି।

## ବିଦ୍ୟାଳୟରେ ଶିକ୍ଷକ ଅଭିଭାବକ ସମ୍ମିଳନୀ



**ଲାଞ୍ଜିଗଡ଼,୪।୮(ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦ୍ମଲୋଚନ ସୁନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚାରୁଚନ୍ଦ୍ର ନାଗ ଯୋଗଦେଇ ଥିଲେ।ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ସହ ଶିକ୍ଷକ ଓ ଅଭିଭାବକଙ୍କ କର୍ତ୍ତବ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ।ଏହି ସମ୍ମିଳନୀର ମୁଖ୍ୟ ଉଦେଶ୍ୟ ଥିଲା ଛାତ୍ର ଛାତ୍ରୀଙ୍କ ଉତ୍ତମ ଶିକ୍ଷା, ପରିସ୍କାର ପରିଚ୍ଛନ୍ନତା ଓ ଉପସ୍ଥାନ ସମେତ ବିଦ୍ୟାଳୟର ଉନ୍ନତି କିପରି ହେବ ସେ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା। ଏଠାରେ ସୂଚନା ଯୋଗ୍ୟଯେ'ଏହି ବିଦ୍ୟାଳୟରେ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩୮୧ ଜଣ ଛାତ୍ରଛାତ୍ରୀ ପାଠପଢୁଥିବା ବେଳେ ବିଦ୍ୟାଳୟର ଭଲ କୋଠା ନାହିଁ ତେଣୁ ପିଲାମାନେ ବସି ପାଠ ପଢିବା ପାଇଁ ଶ୍ରେଣୀ ଗୃହ ନ' ଥିବା ବେଳେ ଏବିଷୟରେ ଜନପ୍ରତିନିଧି ତଥା ପ୍ରଶାସନ ପାଖରେ ଜଣାଇବା ପାଇଁ ଆଲୋଚନା ହୋଇଥିଲା।ଏହି ସମ୍ମିଳନୀରେ ଉପସ୍ଥିତ ଥିବା ୬୦ ରୁ ଊର୍ଦ୍ଧ୍ୱ ଅଭିଭାବକ ଯୋଗ ଦେଇଥିବା ସହ ବିଦ୍ୟାଳୟର ବିଭିନ୍ନ ଦିଗ ଉପରେ ବିଷଦ ଆଲୋଚନା ପର୍ଯ୍ୟାଲୋଚନା କରାଯାଇଥିଲା।

## 'ଆରୁ କେଭେଁ'ର ଲୋକାର୍ପଣ କାର୍ଯ୍ୟକ୍ରମ

**ନୂଆପଡ଼ା,୪।୮(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ନାଟ୍ୟକାର ତଥା ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ଼କ୍ଟର ଲିଙ୍ଗରାଜ ସାହୁଙ୍କ ରଚିତ ସମ୍ବଲପୁରୀ/କୋଶଳି ଭାଷାର ନାଟକ ସଂକଳନ ଆରୁ କେଭେଁର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମୀକ୍ଷକ ଭାବରେ ନେପାଳ ଚନ୍ଦନ ଯୋଗଦେଇ ନାଟକର ଆତ୍ମିକ ଓ ଆଙ୍ଗିକ ଦିଗ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ଇଂରାଜୀ ବିଭାଗର ମୁଖ୍ୟ ରାଜେଶ କୁମାର ପାତ୍ର ଓ ମାନବ ବିଜ୍ଞାନ ବିଭାଗର ବିଭାଗ ମୁଖ୍ୟ ଡକ୍ଟର ଶିବ କୁମାର ଯୋଗଦେଇ ନାଟକ ପୁସ୍ତକରେ ନିହିତ ଥିବା ସାମାଜ ସଚେତନର ବାର୍ତ୍ତା ଉପରେ ଆଲୋକପାତ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଜୟଶଙ୍କର ଭୋଇ ସାରସ୍ୱତ ସଭାର ଆଭିମୁଖ୍ୟ, ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ଡକ୍ଟର ଉତମ କୁମାର ମଣ୍ଡଳ, ଡକ୍ଟର ସୁବାସ ଚନ୍ଦ୍ର ବିଶ୍ୱାଳ, ପ୍ରହଲ୍ଲାଦ ମାଝି, ଡକ୍ଟର ପ୍ରଦୀପ କାମିଲା, ଆଧ୍ୟାପକ ମାଧବ ପଣ୍ଡା ପ୍ରମୁଖ ପୁସ୍ତକର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

# କଦଳୀ ଚାଷୀଙ୍କୁ ମିଳୁନି ସରକାରୀ ପ୍ରୋତ୍ସାହନ

**କେସିଙ୍ଗା,୪।୮(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବୋରିଆ ଗାଁରେ ପ୍ରାୟତଃ ଅଧିକାଂଶ ଲୋକ ଚାଷ ଉପରେ ସବୁବେଳେ ନିର୍ଭର କରନ୍ତି। ଏହି ଅଞ୍ଚଳ ରେତ ନଦୀ ପାର୍ଶ୍ୱବର୍ତ୍ତୀ ହୋଇଥିବାରୁ ପ୍ରାୟ ଚାଷୀମାନେ ପୂର୍ବରୁ ଧାନ ଚାଷ ଛଡା ବିଭିନ୍ନ ପ୍ରକାର ଫସଲ ଚାଷ କରୁଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ପ୍ରଥମେ ଗାଁର ଚାଷୀ ହରିଶ୍ଚନ୍ଦ୍ର ନାୟକ ୧୯୮୬ ମସିହାରେ କଦଳୀ ଚାରା ଆଣି ପରୀକ୍ଷା ମୂଳକ ଭାବେ ୫୦ ଡ଼ିସମିଲ ଜମିରେ ଚାଷ ଆରମ୍ଭ କରିଥିଲେ। ଏଥିରୁ ଲାଭବାନ ହେବାରୁ ଗାଁର ଅନ୍ୟ ଚାଷୀମାନେ ମଧ୍ୟ ତାଙ୍କ ଠାରୁ ପ୍ରେରଣା ପାଇ କଦଳୀ ଚାଷ କରିବା ପାଇଁ ମନ ବଳାଇଲେ। କଦଳୀ ଏକ ଲାଭଜନକ



ଫସଲ ହୋଇଥିବାରୁ ବର୍ତ୍ତମାନ ବୋରିଆ ଅଞ୍ଚଳରେ ପୂର୍ବ ବର୍ଷ ଅପେକ୍ଷା ଏବେ ୨୦ ଏକରରୁ ଊର୍ଦ୍ଧ୍ୱ ଜମିରେ ଚାଷୀ ହରିଶ୍ଚନ୍ଦ୍ର ନାୟକ, ଇନ୍ଦୁ ଭୂଷଣ ସ୍ୱାଇଁ, ସୁରେଶ

### ଶୀତଳ ଭଣ୍ଡାର ନିର୍ମାଣ ଦାବି

ନାୟକ, ଦୟାନିଧି ନାୟକ, ପଦ୍ମନାଭ ସ୍ୱାଇଁ, ପ୍ରଦୀପ ସ୍ୱାଇଁ, ମନୋରଞ୍ଜନ ନାୟକ, ଅଭିକ୍ଷିତ ନାୟକ, ଅଭିରାମ ନାଏକ, ଶ୍ରୀକାନ୍ତ ପ୍ରଧାନ, ଭାବ ମାଝୀ, ତୋଳାମଣି ମାଝୀ, ପ୍ରମୁଖ ଚାଷୀ କଦଳୀ ଚାଷ କରୁଛନ୍ତି। ୧ ଏକର ଜମିରେ କଦଳୀ ଚାଷ କଲେ ଚାଷୀଙ୍କୁ ୩୫ ରୁ ୪୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡିଥାଏ। ଚାଷୀର ମୂଳ ଧନକୁ ଛାଡିଦେଲେ ପ୍ରାୟ ୭୦ କିମ୍ବା ୮୦ ହଜାର ଟଙ୍କା ଲାଭ ହୋଇଥାଏ। ଏଣୁ ଏହି ଚାଷ ପ୍ରତି ଧୀରେ ଧୀରେ ଚାଷୀମାନେ ଆଗ୍ରହ ବଢ଼ାଉଛନ୍ତି। ଯେଉଁ ଚାଷୀମାନେ କଦଳୀ ଚାଷ ଠିକ ଭାବେ କରୁଛନ୍ତି ତାଙ୍କ ଆର୍ଥିକ ପରିସ୍ଥିତି ସୁଧୁରିବାରେ ଲାଗିଛି। ଏଣୁ ଧାନ ଚାଷ ତଥା ଅନ୍ୟାନ୍ୟ ଚାଷକୁ ପ୍ରାଧାନ୍ୟ ନ ଦେଇ କେବଳ କଦଳୀ ଚାଷ କରିବାରେ ଲାଗିଛନ୍ତି। ହେଲେ କେତେକ ଛୋଟ ବଡ଼ ଚାଷୀମାନେ ନିଜର ମୂଳ ଧନ ଲଗାଇ କଦଳୀ ଚାଷ କରୁଥିବାରୁ ନିକଟ ଉତ୍କଳ ଷ୍ଟେଟବ୍ୟାଙ୍କ ପକ୍ଷରୁ ଚାଷୀଙ୍କୁ ଏକର ପ୍ରତି ୨୫ ହଜାର ଟଙ୍କା ଋଣ ଯୋଗାଉଥିବା ଜଣାପଡିଛି। ଯାହା ଫଳରେ ଚାଷୀମାନେ ଆତ୍ମନିର୍ଭରଶୀଳ ହୋଇପାରୁଛନ୍ତି। ନିକଟ ରେତ ନଦୀରେ ବୋରିଆ ଗାଁ ଚାଷୀମାନଙ୍କ ସୁବିଧା ଲାଗି ସରକାରଙ୍କ ପକ୍ଷରୁ ୬ ଗୋଟି ଉଠା ଜଳସେଚନ ବ୍ୟବସ୍ଥା କରାଯାଇଛି।